ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁନ୍ ୨୦୨୬ ସଂସ୍କରଣ




ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



**ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା**

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍.ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ରଜ ପର୍ବ ଉପଲକ୍ଷେ**

**ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ**

**ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୦୯ |
| **ଗଳ୍ପ ବିଭାଗ** | | **୯୮** |
| ଅନେକ କଳାଛାଇ - ୪୦ | ଅଶୋକ ବିଶ୍ୱାଳ | ୯୯ |
| ବଡ଼ବାବୁ (ଧାରାବାହିକ କାହାଣୀ) | | ୧୧୧ |
| ପୁରୁଷ | ସୁକାନ୍ତ ଖଣ୍ଡା | ୧୧୯ |
| ଏମିତିକା ଜୀବନର ରଙ୍ଗ | ଆଶୁତୋଷ ମେହେର | ୧୨୪ |
| ଚାଳ ଘର | ଅନନ୍ତ କୁମାର | ୧୨୭ |
| ସଂଘର୍ଷର ସହଯାତ୍ରୀ | କୃଷ୍ଣାକାବେରୀ ଖଣ୍ଡାଇ | ୧୨୯ |
| ଗର୍ବ ଗଞ୍ଜନ୍ତି ନରହରି | ଆଶୁତୋଷ ନାୟକ | ୧୩୨ |
| ସତ୍ୟଯୁଗ ଆସି ସାରିଥିଲା | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୫ |
| ଜଗାଙ୍କୁ ମୋ ଚିଠି | ଗୌରୀ ପଣ୍ଡା | ୧୩୯ |
| ନିଶାଚର ବାନ୍ଧବୀ | ଜୟଦେବ ମାଝୀ | ୧୪୧ |
| ସଫଳତାର ନୂଆ ଅର୍ଥ | ନିତ୍ୟ ରଞ୍ଜନ ନନ୍ଦ | ୧୪୭ |
| ବିବାହ କଣ ଜରୂରୀ | ଦେବାଶିଷ ମାଇତି | ୧୫୫ |
| ଔଷଧ ପୁଡ଼ିଆ | ସରୋଜ କୁମାର ସାହୁ | ୧୫୯ |
| **କବିତା ବିଭାଗ** | | **୧୬୨** |
| ଯୌବନ ସମ୍ଭାଷଣ | ଶିବନାରାୟଣ ଦାସ | ୧୬୩ |
| ତାତି | ଶମ୍ଭୁନାଥ ନାୟକ | ୧୬୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଅସ୍ମିତାର କୋଣାର୍କ | ଅଶ୍ୱିନୀ କୁମାର ଦାଶ | ୧୬୭ |
| କଳା ଠାକୁର | ମନୀଷାଦେବୀ ପାତ୍ର | ୧୬୯ |
| ସ୍ୱପ୍ନରେ ଭିଜାଏ ବର୍ଷା | ଗୋଲୋକବିହାରୀ ବେହେରା | ୧୭୦ |
| ଦୂର ଅତୀତ | ନିରଞ୍ଜନ ସାହୁ | ୧୭୨ |
| କ୍ଷୁଧା | ସୁଭାଗିନୀ ସିଂହ | ୧୭୪ |
| ଋତୁରାଣୀ ବରଷା | ଆଶିଷ କୁମାର ସାହୁ | ୧୭୬ |
| ରଜପାଇଁ ଗୀତଟିଏ | ନୀଳମଣି ଚାନ୍ଦ | ୧୭୮ |
| ମମତାମୟୀ ମାଆ ସେ | ବିକାଶ କୁମାର ମହାନ୍ତ | ୧୮୦ |
| ଆଞ୍ଜୁଳାଏ ଗୀତିଫୁଲ | ଦେବାଶିଷ ଚକ୍ରବର୍ତ୍ତୀ | ୧୮୨ |
| ସତୀ | ସୁଷମା ହୋତା | ୧୮୨ |
| ବୋଉ | ସାଗର ଖରା | ୧୮୪ |
| ବାପା | ଅମରନାଥ ବାରିକ | ୧୮୬ |
| ଧୋକାଦିଏ ନିଜ ଜନ | ଅଲେଖ ମେହେର | ୧୮୮ |
| ଦରପୋଡ଼ା | କୃଷ୍ଣ ଚନ୍ଦ୍ର ବାରିକ | ୧୮୯ |
| ରାଜନୀତି | ସିଦ୍ଧେଶ୍ୱର ତ୍ରିପାଠୀ | ୧୯୦ |
| ବଗିଚା ରାଣୀ ମା | ଜସ୍ମିନ୍ ସାହୁ | ୧୯୧ |
| ସେବକଟିଏ ମୁଁ ହେବି | ଶାନ୍ତିଲତା ପଣ୍ଡା | ୧୯୨ |
| | ରମେଶ ଟାକ୍ରୀ | ୧୯୩ |
| | ସଂଯୁକ୍ତା ସାହୁ | ୧୯୪ |
| | କଳ୍ପନା ବିନ୍ଧାଣୀ | ୧୯୫ |
| | ଡଃ ଧନଞ୍ଜୟ ମିଶ୍ର | ୧୯୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| | ଶୁଭଶ୍ରୀ ଖୁଣ୍ଟିଆ | ୧୯୮ |
| | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୯୯ |
| | ଲତା ବେହେରା | ୨୦୦ |
| | ନଳିନୀ ପ୍ରଭା ମିଶ୍ର | ୨୦୨ |
| | ଡଃ ନାରାୟଣ ଚନ୍ଦ୍ର ସେନାପତି | ୨୦୩ |
| | ରୀତାରାଣୀ ଦାଶ | ୨୦୫ |
| | ଟି ରତ୍ନମାଳା ସୁବୁଦ୍ଧି | ୨୦୭ |
| | ଭାସ୍କର ରାଉତ | ୨୦୯ |
| | ହେମନ୍ତ କୁମାର ସାହୁ | ୨୧୦ |
| | ସୁନିତା ମହାନ୍ତି | ୨୧୧ |
| | ସଚିକାନ୍ତ ରଥ | ୨୧୩ |
| | ନରେନ୍ଦ୍ର କୁମାର ଦାସ | ୨୧୫ |
| | ବିଦ୍ୟୁତ ପ୍ରଭା ମିଶ୍ର | ୨୧୭ |
| | ଋତୁ ମହାନ୍ତି | ୨୧୮ |
| | ଶ୍ୟାମା ପ୍ରସାଦ ବୋଷ | ୨୧୯ |
| | ରୀତା ଅପରାଜିତା ମହାନ୍ତି | ୨୨୧ |
| | ମନ୍ଦାକିନୀ ପାଢ଼ୀ | ୨୨୨ |
| ବସନ୍ତ ଆସିଛି ଅନନ୍ୟା ବୁଲି | ହେମନ୍ତ କୁମାର ନାୟକ | ୨୨୩ |
| ମନ ମନ୍ଦିର | ବାସନ୍ତୀ ଲତା ଜେନା | ୨୨୪ |
| ବିଶ୍ୱାସ | ଲକ୍ଷ୍ମୀ ବିଶ୍ୱାଳ | ୨୨୬ |
| କଳା ବଦନ | ହରିହର ମହାନ୍ତ | ୨୨୮ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ତୁମକୁ ଭଲପାଏ ବୋଲି | ଜୟନ୍ତୀ ବେହେରା | ୨୨୯ |
| ମନ ମନ୍ଦିରେ | ଏଲିଜା ଜେନା | ୨୩୦ |
| ଅମଡ଼ା ବାଟ | ଡଃ ଶୋଭାଗିନୀ ନନ୍ଦ | ୨୩୧ |
| ଦୁଆରେ ଡାକିଲା ବନସ୍ତର ଗଜ | ସ୍ୱର୍ଣ୍ଣରଥ ମହାପାତ୍ର | ୨୩୨ |
| ହ୍ୱାଟସ୍ଆପ୍ | ବସନ୍ତ କୁମାର ମଲ୍ଲିକ | ୨୩୪ |
| ମୋ ସାହିତ୍ୟ ଜୀବନର ଆଦର୍ଶ | ନିବେଦିତା ପଣ୍ଡା | ୨୩୬ |
| କବିଟିଏ ସମାଜସେବୀଟିଏ | ଦେବେନ୍ଦ୍ର ନାୟକ | ୨୩୮ |
| ତୁମେ ନିଜର | ମଧୁସ୍ମିତା ସାହୁ | ୨୩୯ |
| ଫୁଲ ଝରିଯିବା ପଥେ | କିରନ୍ ସ୍ୱାଇଁ | ୨୪୦ |
| ତୁମେ ଗଲାଦିନୁ | ଅନସୂୟା ଲେଙ୍କା | ୨୪୧ |
| ଆସ ମୌସମୀ | ଆକୁଳାନନ୍ଦ ପୃଷ୍ଟି | ୨୪୨ |
| ତୁମେ ଓ ମୁଁ | ଚନ୍ଦ୍ରକାନ୍ତ ଜେନା | ୨୪୪ |
| ଅନ୍ତଃ କୁରୁକ୍ଷେତ୍ର | ବାସନ୍ତୀ ରଥ | ୨୪୫ |
| ଜଙ୍ଗଲ ଆମର ମିତ | ଅଭୟ କୁଣ୍ଡ | ୨୪୭ |
| ହତଭାଗା ପୁଅ | ସୁଶାନ୍ତ ବେହେରା | ୨୪୯ |
| ଦୁନିଆ ଏକ କାରା | କିଶୋର କୃଷ୍ଣ ଶେବଡ଼େ | ୨୫୨ |
| ଅସରପା | ଦେବାଶିଷ ଚକ୍ରବର୍ତ୍ତୀ | ୨୫୩ |
| ବଳିୟାନ ଆମ ଯୁବଶକ୍ତି | ସୁଶାନ୍ତ ଶେଖର ଦାଶ | ୨୫୭ |
| ନାରୀ... ଆଉ କାହାର ଅଧିକାର | ଶାଶ୍ୱତୀ ପତି | ୨୬୦ |
| ଅଙ୍କୁଶ | ଅମୃତନାରାୟଣ ଶତପଥୀ | ୨୬୩ |
| ସତ କହିଲୁ ! | ଜୟନ୍ତ ଦାସ ପ୍ରଫୁଲ୍ଲ | ୨୬୪ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ଉପହାର | ନିବେଦିତା ରଥ | ୨୬୬ |
| ରଜରେ ମଉଜ | ସଞ୍ଜୀବ କୁମାର ଦାସ | ୨୬୮ |
| ଅମାନିଆ ନଇ | ସୁଜିତ କୁମାର ମିଶ୍ର | ୨୭୦ |
| ରୂପସୀ ଉତ୍କଳର ରସରାଜି | ରତି ରଞ୍ଜନ ମହାପାତ୍ର | ୨୭୧ |
| ଘରୁ ଦୂରେ ଗୋଟେ ଘର | ସୁନୀନା ମିଶ୍ର | ୨୭୨ |
| ଅନନ୍ୟା ବଗିଚାକୁ ବୁଲି ଦେଖନ୍ତୁ | କ୍ରିଷ୍ଣା ସେନାପତି | ୨୭୫ |
| ବିରହ | ସୁସ୍ମିତା ପଣ୍ଡା | ୨୭୮ |
| ଚାନ୍ଦିନୀ ରାତି | ମାହେଶ୍ୱରୀ ଦାଶ | ୨୮୧ |
| ତୁମେ ମୋର ସରଳତା | ତାରା ପ୍ରସାଦ ଜେନା | ୨୮୨ |
| ବେଦରଦୀ ପ୍ରେମିକା | ଶିବରାମ ନାୟକ | ୨୮୪ |
| ଆଦର୍ଶ ମଶାଣୀ | ନିତ୍ୟ ରଞ୍ଜନ ନନ୍ଦ | ୨୮୭ |
| ରେଲୱେ କ୍ରିପର୍ | ଡଃ ଆଭାଞ୍ଜଳୀ ଶତପଥୀ | ୨୯୦ |
| କବି | ସୁନୀଲ କୁମାର ଅଗସ୍ତି | ୨୯୨ |
| ମୋର୍ ଗାଁ | ହରିଶ୍ ତାଣ୍ଡି | ୨୯୩ |
| **ପ୍ରବନ୍ଧ ବିଭାଗ** | | **୨୯୫** |
| ଇବୋଲା ସଂକ୍ରମଣ ଓ ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା | ଡା ରାଜକିଶୋର ପଣ୍ଡା | ୨୯୬ |
| ଓଜନ କମାଇବା ପାଇଁ ଶାକାହାରୀ ଖାଦ୍ୟ | ମଧୁସ୍ମିତା ସାହୁ | ୩୦୨ |
| **ବିଶେଷ ସୂଚନା** | | **୩୦୫** |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁନ ୨୦୨୬ ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଆପଣ ଲକ୍ଷ୍ୟ କରିଥିବେ ଏହି ସଂସ୍କରଣ ବହୁତ ବିଳମ୍ବରେ ପ୍ରକାଶିତ ହେଉଛି, ଏହାର କାରଣ ମୋର ଦୂର୍ବଳ ସ୍ୱାସ୍ଥ୍ୟ । ଗତ ମାସ ୨୭ ତାରିଖ ରାତିରେ ନିଜ ଘରକୁ ଫେରୁଥିବା ବେଳେ ରାସ୍ତାରେ ଗାଡ଼ିରୁ ପଡ଼ିଯାଇ ମୋର ଦକ୍ଷିଣ ହାତରେ ହାଡ଼ ଭାଙ୍ଗିଗଲା । ଏବଂ ଏହାକୁ ସୁସ୍ଥ କରିବା ପାଇଁ ମୋତେ ଅସ୍ତ୍ରୋପଚାରର ସହାୟତା ନେବାକୁ ପଡ଼ିଲା । ଯାହା ଫଳରେ ଅନ୍ୟୁନ ପନ୍ଦର ଦିନ ପର୍ଯ୍ୟନ୍ତ ମୋତେ ମୋର ସେହି ହାତରେ କୌଣସି କାର୍ଯ୍ୟ ନ କରିବା ପାଇଁ ନିର୍ଦ୍ଦେଶନାମା ଜାରୀ ହୋଇଗଲା । ଅବଶ୍ୟ ବର୍ତ୍ତମାନ ମଧ୍ୟ ମୋତେ କଠିନ ପରିଶ୍ରମ ନ କରିବା ପାଇଁ କୁହାଯାଇଛି, କିନ୍ତୁ ଅଧିକ ଦିନ ଘରେ ବସି ରହିଲେ ବି ଚଳିବ ନାହିଁ, ବୋଲି ମୋର କର୍ମକ୍ଷେତ୍ରରେ ଯୋଗ ଦେଇଛି । କିଛି କିଛି କାମ କରିବାକୁ ସକ୍ଷମ ହେଲିଣି । ତଥାପି ଏତେବଡ଼ କଳେବର ପତ୍ରିକା ସଂକଳନ ଭଳି ଗୁରୁ ଦାୟିତ୍ୱ ଗ୍ରହଣ କରିବା ମୋ ପକ୍ଷରେ ସମ୍ଭବପର ମନେ ହେଉନଥିଲା । ମନକୁ ଦୃଢ଼ କରି ଏହାକୁ ପ୍ରକାଶନ କରିବା ପାଇଁ ଆଜି ଚେଷ୍ଟା କରୁଛି ।

ଓଡ଼ିଆ ଭାଷାରେ ଟାଇପ୍ କରିବା କିମ୍ବା ଟାଇପ୍ ହୋଇଥିବା ଲେଖାକୁ ସମ୍ପାଦନ କରିବା ଭଳି କ୍ଷମତା ଥିବା ଡିଟିପି ଅପରେଟର୍ ମୋତେ କେହି ମିଳିଲେ ନାହିଁ । ଅଧିକାଂଶ ଡିଟିପି ଅପରେଟର୍ ୟୁନିକୋଡ୍ ଓଡ଼ିଆରେ କାମ କରୁନାହାନ୍ତି । ଆକୃତି, ଶ୍ରୀଲିପି, ଆଇଲିପି ଇତ୍ୟାଦି ଓଡ଼ିଆ ଅକ୍ଷରରେ ଅଧିକାଂଶ ଲୋକ କାମ କରନ୍ତି । ତେଣୁ ପତ୍ରିକା ସମ୍ପାଦନରେ ବିଳମ୍ବ ହେଲା । ପୁଣି ମୋର ହାତ କାମ କରୁନଥିବା ହେତୁ ଗାଡ଼ି ଚଳାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୌଣସି ସ୍ଥାନକୁ ଯିବା ବି ସମ୍ଭବ ହେଲାନାହିଁ । ତେଣୁ ବିଳମ୍ବ ହେଲା । ଆଜି ହଠାତ୍ ମନ ହେଲା, ଦେଖାଯାଉ ଅଳ୍ପ ଅଳ୍ପ କରି ଏହି ପତ୍ରିକାକୁ ପ୍ରକାଶନ କରିବାକୁ ଚେଷ୍ଟା କରିବି । ସେଇଥିପାଇଁ ଏବେ ହିଁ ଲାପଟପ୍ ଖୋଲି ବସିଲି । ଯଦି ଆପଣ ଏହି ସମ୍ପାଦକୀୟ ପଢୁଛନ୍ତି, ତା'ହେଲେ ମୁଁ ମୋ ପ୍ରଚେଷ୍ଟାରେ ସଫଳ ହୋଇଛି ବୋଲି ମନେ କରିବି ।

ଚଳିତ ମାସର କିଛି ଘଟଣାକୁ ଏଠାରେ ଉଲ୍ଲେଖ କରିବାକୁ ମନେ କରୁଛି । ସେଥିରେ ଓଡ଼ିଶାର ହାଲଚାଲ ବିଷୟରେ ଜଣାଇବା ଅତି ଜରୁରୀ ହୋଇ ପଡ଼ିଛି । ଦୁଇବର୍ଷ ହେବା ଓଡ଼ିଶା ସରକାର ଅନେକ ସ୍ଥଳରେ ବିଫଳ ହେବା ଭଳି ମନେ ହେଉଛନ୍ତି । ଆସନ୍ତୁ ଜାଣିବା ଏହି ମାସର କିଛି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ।

ବହୁ ଚର୍ଚ୍ଚିତ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ରାଜ୍ୟ ପୋଲିସ ବିଭାଗ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବରିଷ୍ଠ ଆଇପିଏସ (IPS) ଅଧିକାରୀ ଦୟାଳ ଗଙ୍ଗୱାରଙ୍କୁ ଚାକିରିରୁ ନିଲମ୍ବିତ (ସସପେଣ୍ଡ) କରାଯାଇଛି । ଏହି ବରିଷ୍ଠ ଅଧିକାରୀ ବିବାଦଘେରକୁ ଆସିବା ପରେ ତାଙ୍କୁ ଖୋଦ ମୁଖ୍ୟମନ୍ତ୍ରୀ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି ।

ବାଲିଅନ୍ତା ଅଞ୍ଚଳର ସୌମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲାରେ ଆଇପିଏସ୍ ଗଙ୍ଗୱାରଙ୍କ ନାମ ସାମ୍ନାକୁ ଆସିବା ପରେ ସେ ବିବାଦୀୟ ହୋଇପଡ଼ିଥିଲେ । ସୌମ୍ୟଙ୍କ ମୃତ୍ୟୁ ପାଇଁ ତାଙ୍କ ବାପା ଓ ମାଆ ସିଧାସଳଖ ଭାବେ ଏହି ଆଇପିଏସ ଅଧିକାରୀଙ୍କୁ ଦାୟୀ କରିଥିଲେ । ଉକ୍ତ ପୋଲିସ ଅଧିକାରୀ ସୌମ୍ୟଙ୍କୁ ଅତ୍ୟଧିକ ମାନସିକ ନିର୍ଯାତନା ଦେଉଥିଲେ, ଯାହା ଅସହ୍ୟ ହେବାରୁ ଏଭଳି ଅଘଟଣ ଘଟିଲା ବୋଲି ମୃତକଙ୍କ ପରିବାର ପକ୍ଷରୁ ଗୁରୁତର ଅଭିଯୋଗ ଆଣି ନ୍ୟାୟ ଦାବି କରାଯାଇଥିଲା ।

ପରିବାର ଲୋକଙ୍କ ଅଭିଯୋଗ ଏବଂ ମାମଲାର ଗୁରୁତ୍ୱକୁ ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ପ୍ରାଥମିକ ତଥ୍ୟକୁ ଆଧାର କରି ମୁଖ୍ୟମନ୍ତ୍ରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁରନ୍ତ ଗଙ୍ଗୱାରଙ୍କୁ ସସପେଣ୍ଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ଗଙ୍ଗଓ୍ୱାର ହେଉଛନ୍ତି ୧୯୯୮ ବ୍ୟାଚ୍‌ର ଆଇପିଏସ୍ ଅଫିସର । ନିକଟରେ ଗୃହ ବିଭାଗର ଓଏସ୍‌ଡି ଭାବେ ତାଙ୍କ ବଦଳି ହୋଇଥିଲା ।

କ୍ରାଇମବ୍ରାଞ୍ଚ ରିପୋର୍ଟରେ ଏକ ବଡ଼ ଖୁଲାସା ହୋଇଛି । ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗଓ୍ୱାର ପଦର ଅବବ୍ୟବହାର କରୁଥିଲେ । ଏପରିକି ଜଣେ କି ଦୁଇ ଜଣ ନୁହେଁ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସମେତ ୮ରୁ ଅଧିକ କନଷ୍ଟେବଲ ତାଙ୍କ ଘରୋଇ କାର୍ଯ୍ୟରେ ନିୟୋଜିତ ଥିଲେ । କିଏ ରୋଷେଇ କରିଦେଉଥିଲା ତ ଆଉ କିଏ କୁକୁରର ଖବର ବୁଝୁଥିଲା । ସୌମ୍ୟଙ୍କୁ ମାନସିକ ନିର୍ଯାତନା ନେଇ ମା' ବାପାଙ୍କ ଅଭିଯୋଗ ପରେ ତଦନ୍ତ ହୋଇଥିଲା । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଙ୍ଗଓ୍ୱାରଙ୍କୁ ଗୁରୁବାର ଚାକିରିରୁ ନିଲମ୍ବନ କରିଥିଲେ ।

ବାଲିଅନ୍ତା ଅଞ୍ଚଳର ସୌମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲାରେ ଆଇପିଏସ୍ ଗଙ୍ଗୱାରଙ୍କ ନାମ ସାମ୍ନାକୁ ଆସିବା ପରେ ସେ ବିବାଦୀୟ ହୋଇପଡ଼ିଥିଲେ । ସୌମ୍ୟଙ୍କ ମୃତ୍ୟୁ ପାଇଁ ତାଙ୍କ ବାପା ଓ ମାଆ ସିଧାସଳଖ ଭାବେ ଏହି ଆଇପିଏସ ଅଧିକାରୀଙ୍କୁ ଦାୟୀ କରିଥିଲେ । ଉକ୍ତ ପୋଲିସ ଅଧିକାରୀ ସୌମ୍ୟଙ୍କୁ ଅତ୍ୟଧିକ ମାନସିକ ନିର୍ଯାତନା ଦେଉଥିଲେ, ଯାହା ଅସହ୍ୟ ହେବାରୁ ଏଭଳି ଅଘଟଣ ଘଟିଲା ବୋଲି ମୃତକଙ୍କ ପରିବାର ପକ୍ଷରୁ ଗୁରୁତର ଅଭିଯୋଗ ଆଣି ନ୍ୟାୟ ଦାବି କରାଯାଇଥିଲା ।

ପରିବାର ଲୋକଙ୍କ ଅଭିଯୋଗ ଏବଂ ମାମଲାର ଗୁରୁତ୍ୱକୁ ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ପ୍ରାଥମିକ ତଥ୍ୟକୁ ଆଧାର କରି ମୁଖ୍ୟମନ୍ତ୍ରୀ ତୁରନ୍ତ ଗଙ୍ଗୱାରଙ୍କୁ ସସପେଣ୍ଡ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟର ଲୋକମାନେ ଭତ୍ତା ପାଇଁ ନୟାନ୍ତ ହେବା ଅତ୍ୟନ୍ତ ଦୁଃଖଦାୟକ । ୨ ବର୍ଷ ପୂରଣ କରିଥିବା ଭାଜପା ସରକାରର ଏଇଆ କ'ଣ ଫାଇଦା କି ବୋଲି ବିରୋଧୀ ଦଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନେତା ନବୀନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ନବୀନ ତାଙ୍କ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟକରି କହିଛନ୍ତି, ୩ ମାସରୁ ଅଧିକ ସମୟ ଧରି ରାଜ୍ୟର ଲକ୍ଷାଧିକ ସାମାଜିକ ସୁରକ୍ଷା ଅଧୀନରେ ହିତାଧିକାରୀ ଭତ୍ତା ନ ପାଇ ବ୍ୟାପକ ସମସ୍ୟାର ସାମ୍ନା କରୁଛନ୍ତି । ଭତ୍ତା ପାଇଁ ଲୋକେ ଜୀବନ ହାରିବା ପରି ଖବର ମଧ୍ୟ ଗଣମାଧ୍ୟମର ଶିରୋନାମା ପାଲଟିଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ନିର୍ବାଚନ ସମୟରେ ଭତ୍ତା ବଢ଼ାଇବାର ମିଛ ପ୍ରତିଶ୍ରୁତି ଦେଇ ଓଡ଼ିଶାରେ ଭାଜପା କ୍ଷମତାକୁ ଆସିଥିଲା । ମାତ୍ର ବର୍ତ୍ତମାନ ଯାଏ ଭତ୍ତା ବଢ଼ାଇବା ଦୂରେଥାଉ ହିତାଧିକାରୀଙ୍କୁ ପୂର୍ବରୁ ମିଳୁଥିବା ଭତ୍ତାକୁ ମଧ୍ୟ ସରକାର ପ୍ରଦାନ କରିବାରେ ଅସମର୍ଥ । ଏହା ଅନେକ ବୟସ୍କ ଲୋକ, ମହିଳାଙ୍କୁ ହତାଶ ଓ ଯନ୍ତ୍ରଣା ଭିତରକୁ ଠେଲିଦେଇଛି । ଭତ୍ତା ଉପରେ ନିର୍ଭରକରି ଜୀବନ ଅତିବାହିତ କରୁଥିବା ଲୋକ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କିଏ ଜୀବନ ରକ୍ଷାକାରୀ ଔଷଧ କିଣିପାରୁନାହାନ୍ତି ତ କିଏ ଭୋକଉପାସରେ ରହୁଛନ୍ତି । ଲୋକଙ୍କ ଦୁର୍ଦ୍ଦଶା ଜନମାନସକୁ ଆନ୍ଦୋଳିତ କରୁଥିବା ବେଳେ ସରକାର ଚୁପ୍ ବସିଛନ୍ତି । ଲୋକଙ୍କୁ ହତାଶ ଭିତରକୁ ଠେଲି ନ ଦେଇ ତୁରନ୍ତ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯାଉ । ମୁଖ୍ୟମନ୍ତ୍ରୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଲୋକଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ନବୀନ କହିଛନ୍ତି ।

ରାଜ୍ୟରେ ଜାତୀୟ ଶିକ୍ଷାନୀତି (ଏନ୍‌ଇପି)-୨୦୨୦ ଲାଗୁ ହେବା ପରେ ସେହି ଅନୁସାରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ହେଲେ ଏଥିରେ ଦେଖାଯାଇଥିବା ୧୬୭୮ ତ୍ରୁଟିକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ୱୀକାର କରିବା ସହ ଏହା ମୁଦ୍ରଣ ଜନିତ ତ୍ରୁଟି ବୋଲି କହିଛନ୍ତି । ନୂତନ ପାଠ୍ୟପୁସ୍ତକର କେଉଁ ବହିରେ ବନାନ ଭୁଲ୍ ତ ପୁଣି କେଉଁଥିରେ ନାମ ଭୁଲ୍ ରହିଛି । ସ୍ଥାନର ଚିତ୍ର ଓ ମହାପୁରୁଷଙ୍କ ନାମ ମଧ୍ୟ ଭୁଲ ଲେଖାହୋଇଛି । ଓଡ଼ିଶାର ବିଧାନସଭା ଲେଖା ହୋଇଥିବାବେଳେ ସେଠାରେ କର୍ଣ୍ଣାଟକ ବିଧାନସଭା ଚିତ୍ରକୁ ବହିରେ ଛପାଯାଇଛି । ଭୂଗୋଳ ବହିରେ ଓଡ଼ିଶାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିୟମଗିରିକୁ ଝାଡ଼ଖଣ୍ଡର ବୋଲି ଦର୍ଶାଯାଇଛି । ଗଞ୍ଜାମ ଜିଲାକୁ ବ୍ରହ୍ମପୁର ଜିଲ୍ଲା ବୋଲି ଲେଖାଯାଇଛି । ସେହିପରି ଡଙ୍ଗରିଆ ଜନଜାତିକୁ ଡୋଙ୍ଗରିଆ ହୋଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ଏଭଳି ମୋଟ ୧୬୭୮ଟି ଭୁଲ ରହିଥିବା ବେଳେ କେବଳ ଅଷ୍ଟମ ବହିରେ ସର୍ବାଧିକ ୭୦୫ଟି ଭୁଲ୍ ରହିଛି । ଛାତ୍ରୀଛାତ୍ରମାନେ ସରକାରୀ ବହିରୁ କେଉଁ ଶିକ୍ଷା ପାଇବେ ବୋଲି ଅଭିଭାବକ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଏସବୁ ତ୍ରୁଟି ସମ୍ପର୍କରେ ସରକାର ଅବଗତ ଅଛନ୍ତି । ଏହାକୁ ସଂଶୋଧନ କରାଯିବ । ସେପର୍ଯ୍ୟନ୍ତ ଶିକ୍ଷକମାନେ ଭୁଲ୍‌ଗୁଡିକୁ ସଂଶୋଧନ କରି ପିଲାଙ୍କୁ ପଢାଇବାକୁ କୁହାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

ନୂତନ ପାଠ୍ୟପୁସ୍ତକରେ ରହିଥିବା ତ୍ରୁଟିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧ୍ୟ ସ୍ୱୀକାର କରିଛି । ପୁସ୍ତକ ପ୍ରସ୍ତୁତ କରିଥିବା ଶିକ୍ଷକ ଶିକ୍ଷା ଓ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ତ୍ରୁଟିର ଏକ ତାଲିକା ପ୍ରସ୍ତୁତ କରାଯାଇଛି । ଏସବୁ ତ୍ରୁଟି ସମ୍ପର୍କରେ ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଅବଗତ ହେବାପରେ ସଂଶୋଧିତ ତାଲିକା ଅନୁଯାୟୀ ପଢ଼ାଇବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି । ଏହି ନିର୍ଦ୍ଦେଶନାମାରେ ମାଳମାଳ ସାଂଘାତିକ ତ୍ରୁଟିକୁ ଛୋଟିଆ ଭୁଲ୍ ବୋଲି ଦର୍ଶାଇଛି, ଯାହାକୁ ନେଇ ଶିକ୍ଷାବିତ୍ ଓ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି ।

ବହିରେ ମାଳମାଳ ତ୍ରୁଟି ବାହାରିବା ପରେ ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ ଏକ ପ୍ରେସ୍ ବିବୃତିରେ କହିଛନ୍ତି, ଏହା ଛୋଟିଆ ତ୍ରୁଟି ନୁହେଁ, ବରଂ ବୃହତ୍ ଅବହେଳା । ମୁଦ୍ରଣ ପୂର୍ବରୁ ପ୍ରୁଫ୍ ରିଡିଂ କରାଯାଇ ନାହିଁ । ପୂର୍ବରୁ ଏପରି ତ୍ରୁଟି ହୋଇଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ସଚେତନ ହୋଇପାରୁନାହିଁ । ବାରମ୍ବାର ଭୁଲ୍ ଦୋହରାଉ ଥିବାରୁ ପ୍ରଶାସନିକ ଓ ନେତୃତ୍ୱଜନିତ ଦୁର୍ବଳତା ପଦାରେ ପଡ଼ିଛି । ଏଣୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଣଶିକ୍ଷା ମନ୍ତ୍ରୀଙ୍କୁ ବରଖାସ୍ତ କରିବାକୁ ସେ ଦାବି କରିଛନ୍ତି ।

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ପାଠ୍ୟପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି ।

ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ କମିଟି ଗଠନ କରାଯାଇ ଏହି ତ୍ରୁଟି ପାଇଁ କେଉଁ ଅଧିକାରୀ/ସଂସ୍ଥା ଦାୟୀ ତାହା ନିର୍ଣ୍ଣନ କରିବା ପାଇଁ ବୈଠକରେ ମୁଖମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

୭ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ଦାଖଲ କରିବେ ଏବଂ କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ/ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ SCERT ନିର୍ଦ୍ଦେଶିକା କହିଛନ୍ତି ଏଥର ଭୁଲ୍ ହୋଇଯାଇଛି । ଆସନ୍ତା ବର୍ଷକୁ ଭୁଲ ହେବନି ବୋଲି ପ୍ରତିଶ୍ରୁତି ଦେଇଛନ୍ତି ନିର୍ଦ୍ଦେଶିକା । ଡିଇଓମାନଙ୍କୁ ଏ ବାବଦରେ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି । ଛୋଟ ପିଲାଙ୍କ ବହିରେ ଶିକ୍ଷକମାନଙ୍କୁ ସଂଶୋଧନ କରିବାକୁ କୁହାଯାଇଛି । ବଡ଼ ପିଲା ଶିକ୍ଷକଙ୍କ ସାହାଯ୍ୟରେ ବହିରେ ନିଜେ ତ୍ରୁଟି ସଂଶୋଧନ କରିବେ । ତେବେ ୨୦୨୭-୨୮ ଶିକ୍ଷା ବର୍ଷରୁ ନୂଆ ବହି ଛପା ହେଲେ ଆଉ ଭୁଲ୍ ରହିବନି ବୋଲି ନିର୍ଦ୍ଦେଶିକା କହିଛନ୍ତି ।

ବଲାଙ୍ଗୀର ଜିଲା ପାଟଣାଗଡ଼ ଡାକ୍ତରଖାନାରେ ବୁଧବାର ଏକ ଅଭାବନୀୟ ଘଟଣା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖିବାକୁ ମିଳିଛି । ଡାକ୍ତରଙ୍କ ଅବହେଳାରୁ ଜଣେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି । ଶିଶୁଙ୍କ ମୃତ୍ୟୁ ହେବା ପରେ କିଛି ସମୟ ପର୍ଯ୍ୟନ୍ତ ଡାକ୍ତରଖାନା ଭିତରେ ପରିବାର ଲୋକେ ଉତ୍ତେଜନା କରୁଥିବା ଦେଖାଯାଇଥିଲା ।

ଏଘଟଣା ସମ୍ପର୍କରେ ଖପର ପାଇଁ ଘଟଣାସ୍ଥଳକୁ ପାଟଣାଗଡ଼ ପୋଲିସ ପହଞ୍ଚି ପରିବାର ବର୍ଗଙ୍କୁ ବୁଝାସୁଝା କରିଥିଲା । ସୂଚନା ଅନୁସାରେ, ପାଟଣାଗଡ ଥାନା ଚିଙ୍ଗେରବନ୍ଦ ଗାଁର ଶରତ ମେହେରଙ୍କ ସ୍ତ୍ରୀ ଗର୍ଭ ବେଦନା ହେବାରୁ ମଙ୍ଗଳବାର ରାତ୍ରି ୮ଟା ସମୟରେ ପାଟଣାଗଡ ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ତାଙ୍କ ସ୍ତ୍ରୀ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ । କିନ୍ତୁ ଡାକ୍ତର ଖାନାରେ କୌଣସି ଡାକ୍ତର ନଥିବାରୁ ଶିଶୁଙ୍କର ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ । ଏନେଇ ନେଇ କିଛି ସମୟ ପର୍ଯ୍ୟନ୍ତ ଡାକ୍ତରଖାନା ଭିତରେ ପରିବାର ଲୋକେ ହୋହାଲ୍ଲା କରିଥିଲେ ।

ସକାଳ ପର୍ଯ୍ୟନ୍ତ ଡ଼ାକ୍ତରଙ୍କ ଦେଖାନଥିବାରୁ ଅବହେଳାରୁ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି । ଏଘଟଣା ସମ୍ପର୍କରେ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ମୁଁ ଆଜି ଏଘଟଣା ସମ୍ପର୍କରେ ଜାଣିବାକୁ ପାଇଲି । ନୂଆ ନୂଆ ଏହି ହସ୍ପିଟାଲ ହୋଇଛି ସେଥିପାଇଁ ଟିକେ ଡ୍ୟୁଟି ପାଇଁ ଅସୁବିଧା ହେଉଛି । ଆମେ ଦୁଇଜଣ ଡାକ୍ତରଙ୍କୁ ଦେବୁ ସେମାନେ ରେଗୁଲାର ଡ୍ୟୁଟି କରିବେ । ଆଜି ୫ ଟାରେ ଗୋଟିଏ ବୈଠକ ଅଛି ତାର ସମାଧାନ କରିବୁ ବୋଲି ତାଙ୍କର ପ୍ରତିକ୍ରିୟା ରଖିଥିଲେ ।

ମାଲକାନଗିରି ଜିଲା ସଦରମହକୁମା ମୁଖ୍ୟ ଚିକିତ୍ସାଳୟରେ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି । ଏଥିସହ ଉକ୍ତ ମହିଳାଙ୍କ ସମ୍ପର୍କୀୟମାନେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରି ଡାକ୍ତରଙ୍କ ଉପରେ ଆକ୍ରମଣ କରିଥିବା ଦେଖିବାକୁ ମିଳିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘଟଣାରୁ ପ୍ରକାଶ ଏମ୍.ଭି. ୪୩ ଗ୍ରାମର ବନ୍ଦନା ମଣ୍ଡଳ ନାମକ ଜଣେ ଗର୍ଭବତୀ ମହିଳାଙ୍କୁ ସାପ କାମୁଡ଼ିଥିବା ସନ୍ଦେହ କରି ପରିବାର ଲୋକେ ରାତି ୧ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ସିଦ୍ଧାର୍ଥ ଭୋଳ ଉକ୍ତ ମହିଳାଙ୍କ ଚିକିତ୍ସା କରିବା ସହ ତାଙ୍କ ଶରୀର ସୁସ୍ଥ ଥିବା କହିଥିଲେ ଏବଂ ତାଙ୍କୁ ଡାକ୍ତରଖାନାରେ ରହିବାକୁ କହିଥିଲ । କିନ୍ତୁ ପରିବାରବର୍ଗ ଡାକ୍ତରଙ୍କୁ ନ ଜଣାଇ ରୋଗୀଙ୍କୁ ଘରକୁ ନେଇ ଯାଇଥିବା ଡାକ୍ତର ଭୋଳ ପ୍ରକାଶ କରିଛନ୍ତି । ପୁନର୍ବାର ବୁଧବାର ସକାଳୁ ଉକ୍ତ ମହିଳାଙ୍କ ଶରୀର ପୁନର୍ବାର ଅସୁସ୍ଥ ହେବାରୁ ପରିବାର ଲୋକ ଡାକ୍ତରଖାନା ଆଣିଥିବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ଏହି ଘଟଣାକୁ ନେଇ ପରିବାର ଲୋକେ ଡାକ୍ତରଖାନା ଆସି ମହିଳାଙ୍କ ମୃତ୍ୟୁ ପାଇଁ ଡାକ୍ତରଙ୍କ ଅବହେଳା ବୋଲି ଦାୟୀ କରି ଡାକ୍ତରଙ୍କ ଉପରେ ଆକ୍ରମଣ କରିଥିଲେ । ଏ ସମ୍ବନ୍ଧରେ ପରିବାରବର୍ଗ ପ୍ରକାଶ କରିଛନ୍ତି ଯେ, ରାତି ୧ଟାର ମହିଳାଙ୍କୁ ଆଣି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା କିନ୍ତୁ ଡାକ୍ତର ସେ ସମ୍ପୂର୍ଣ୍ଣ ଠିକ୍ ଥିବା କହି ଘରକୁ ପଠାଇ ଦେଇଥିଲେ । ଫଳରେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି । ଘଟଣାସ୍ଥଳରେ ମାଲକାନଗିରି ପୋଲିସ ପହଞ୍ଚି ଗଣ୍ଡଗୋଳ ପରିସ୍ଥିତିକୁ ଆୟତ୍ତ କରିଥିଲେ । ଏ ସମ୍ବନ୍ଧରେ ଥାନାରେ ଅଭିଯୋଗ ପରେ ଏହାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

ପ୍ରଶାନ୍ତ ମହାସାଗରରେ ‘ଅଲ ନିନୋ’ ସକ୍ରିୟ ହୋଇଯାଇଛି । ବିଶ୍ୱ ପାଣିପାଗ ସଂଗଠନ (WMO) ଏବଂ ପାଣିପାଗ ଏଜେନ୍ସିଗୁଡ଼ିକ ଅନୁଯାୟୀ, ଏହାର ପ୍ରଭାବରେ ସାରା ବିଶ୍ୱରେ ତାପମାତ୍ରା ବୃଦ୍ଧି ଏବଂ ପାଣିପାଗ ଚକ୍ରରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିବ ।

ଏହା ବିଷୁବରେଖୀୟ ପ୍ରଶାନ୍ତ ମହାସାଗରର ପାଣି ଅସ୍ୱାଭାବିକ ଭାବେ ଗରମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବା ସହ ଜଡ଼ିତ ଏକ ପ୍ରାକୃତିକ ଜଳବାୟୁଗତ ଘଟଣା ଅଟେ । ଅଲ ନିନୋର ସକ୍ରିୟତା କାରଣରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବର୍ଷା, ତାପମାତ୍ରା ଏବଂ ପବନର ଶୈଳୀ ପ୍ରଭାବିତ ହୋଇଥାଏ ।

ଅଲ ନିନୋ ଭାରତୀୟ ମୌସୁମୀକୁ ଦୁର୍ବଳ କରିପାରେ, ଯାହାଦ୍ୱାରା ଭାରତ ଏବଂ ଏହାର ଆଖପାଖ ଅଞ୍ଚଳରେ ସାଧାରଣଠାରୁ କମ ବର୍ଷା ଏବଂ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ବଢ଼ିଯାଏ । ଏହାର ପ୍ରଭାବରେ ସାରା ବିଶ୍ୱରେ ପ୍ରଚଣ୍ଡ ଗରମ ଏବଂ ଗ୍ରୀଷ୍ମ ପ୍ରବାହ (Heatwave)ର ପ୍ରକୋପ ବଢ଼ିପାରେ । ଧାନ, ଗହମ, କପା ଏବଂ କଫି ଭଳି ମୁଖ୍ୟ ଫସଲର ଅମଳ ପ୍ରଭାବିତ ହୋଇପାରେ, ଯାହାଦ୍ୱାରା ଖାଦ୍ୟ ପଦାର୍ଥ ଏବଂ ଶକ୍ତି (energy) ର ମୂଲ୍ୟ ବୃଦ୍ଧି ହୋଇ ମହଙ୍ଗା ମାଡ଼ର ଚାପ ବଢ଼ିପାରେ । ଏହା ସହ ଓଡ଼ିଶାରେ ମୌସୁମୀ ଆସିବାରେ ବିଳମ୍ବ ଏବଂ ଅନାବୃଷ୍ଟି ପରିସ୍ଥିତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି ।

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ସମଲେଇପଦର ନର୍ସରୀ ପରିସରରେ ରହିଥିବା ଏକ ପରିତ୍ୟକ୍ତ କୂଅରୁ ଗୁରୁବାର ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି । ଯୁବକ ଜଣକ ପଦ୍ମପୁର ଉପଖଣ୍ଡ ପୁରେନା ଗ୍ରାମର ତୁଳସୀରାମ ଭୁଏ ବୋଲି ଜଣାପଡିଛି । ସେ ରବିବାରରୁ ନିଖୋଜ ଥିଲେ । ଅପହରଣ ପରେ ତାଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ଯୁବକଙ୍କୁ ମାଡ଼ ମାରି ମରିଯାଇଥିବା ସନ୍ଦେହ କରି କୂଅରେ ଫିଙ୍ଗି ଦେଇଥିଲେ । ହେଲେ ଚାରିଦିନ ପରେ ଯୁବକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି ।

ଭୋକ ଉପାସରେ ଛଟପଟ ହୋଇ ଜୀବନ ସହ ସଂଘର୍ଷ କରି ବଞ୍ଚିଛନ୍ତି ଯୁବକ । ଏହି ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଉଦ୍ଧାର ପରେ ଯୁବକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୋଲିସ ଏହାର ଅଧିକ ତଦନ୍ତ ଜାରି ରଖିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖବର ଅନୁସାରେ, ସ୍ଥାନୀୟ ଜଣେ ଗ୍ରାମବାସୀ ଚିତ୍କାର ଶୁଣି କୂଅ ପାଖକୁ ଆସିଥିଲେ । ଏହାପରେ ଯୁବକଙ୍କୁ ଜୀବନ୍ତ ଦେଖି ସେ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ଲୋକେ ଯୁବକଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତଦନ୍ତ ଶେଷ ହେବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିପାରିବ ।

ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ଦେବାଶିଷ ସାମନ୍ତରାୟ । ରାଜ୍ୟ ସଭା ଉପନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ଉପନିର୍ବାଚନ ଭୋଟିଂ ଦରକାର ପଡ଼ିଲାନି । ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଆଜି ଶେଷ ତାରିଖ ରହିଥିଲା । ରାଜ୍ୟ ସଭା ଉପନିର୍ବାଚନରେ ତାଙ୍କ ବିପକ୍ଷରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି ।

ପ୍ରକାଶଥାଉକି, ଗତ କିଛି ଦିନ ତଳେ ବିଜେଡି ଛାଡି ଭାଜପାରେ ଯୋଗଦେଇଥିଲେ ଦେବାଶିଷ । ଏହାପରେ ଦଳ ତାଙ୍କୁ ଭାଜପା ଉପନିର୍ବାଚନ ପାଇଁ ପ୍ରାର୍ଥୀ କରିଥିଲା । ଦେବାଶିଷ ସାମାନ୍ତରାୟ ରାଜ୍ୟ ସଭାକୁ ଯିବା ପରେ ଓଡ଼ିଶା ରାଜନୀତିରେ ସମୀକରଣ ବଦଳିବା ନେଇ ଚର୍ଚ୍ଚା ଜୋର୍ ଧରିଛି ।

କନ୍ଧମାଳ ଜଲେଶପେଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ଘଟଣାକୁ ନେଇ ଏ. ଏସ୍. ନାଇଡୁ କମିଶନ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ । ସେହିଭଳି ଭୁବନେଶ୍ୱର ସମ୍ ହସ୍ପିଟାଲ ଭୟଙ୍କର ଅଗ୍ନିକାଣ୍ଡ ସମ୍ପର୍କରେ ଆର୍‌ଡିସି ତଦନ୍ତ କରି ରିପୋର୍ଟ ଦେଇଥିଲେ । ହେଲେ ଏହି ୨ ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗାଏବ ହୋଇଯାଇଥିବା ନେଇ ବୁଧବାର କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଛି । ଗୃହ ବିଭାଗର ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡି ଏନେଇ ଅଭିଯୋଗ କରିଛନ୍ତି । ତଦନୁଯାୟୀ ଏକ ମାମଲା(ନଂ.୪୬୦/୨୦୨୬) ରୁଜୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଛି । ଏହାର ତଦନ୍ତ ଦାୟିତ୍ୱ ଆଡିସନାଲ ଆଇଆଇସି ବି.ବି. ହୋତାଙ୍କୁ ଦିଆଯାଇଛି । ତେବେ କେବଳ ଏହି ୨ତଦନ୍ତ ରିପୋର୍ଟ ନୁହେଁ ବରଂ ଅନେକ ଫାଇଲ ଗାଏବ ହୋଇଥିବା ଜଣେ ସରକାରୀ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ।

ଗତ ୬ ତାରିଖରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ତଦନ୍ତ କମିଶନ ରିପୋର୍ଟ ଚୋରି ହୋଇଥିବା କଥା କହିଥିଲେ । ହେଲେ କେଉଁ ୨ଟି ରିପୋର୍ଟ ଗାଏବ ହୋଇଛି, ସେ ସମ୍ପର୍କରେ ଆଉ ଅଧିକ କିଛି କହି ନ ଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧାଠାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମରୁ ବାହାରିବା ପରେ ଗଣମାଧ୍ୟମକୁ କହିଥିଲେ, କେଉଁ ବିଧାୟକ କ'ଣ କହୁଛନ୍ତି ସେଥିରେ କିଛି ନାହିଁ । ଏନେଇ ଅଭିଯୋଗ ଆସିଲେ ଘଟଣାର ତଦନ୍ତ କରାଯିବ । ମୁଖ୍ୟମନ୍ତ୍ରୀ କହିବାର ୨ଦିନ ପରେ ହଜିଥିବା ଫାଇଲ୍‌କୁ ନେଇ ସରକାର ତତ୍ପର ହୋଇଥିବାରୁ ମନ୍ତ୍ରୀ କହିଥିବା କଥା ସତ ବୋଲି ସ୍ପଷ୍ଟ ହୋଇଛି । ଗୃହ ବିଭାଗ ଯୁଗ୍ମ ସଚିବଙ୍କ ଅଭିଯୋଗ ଅନୁଯାୟୀ, ଏ.ଏସ୍. ନାଇଡୁ ରିପୋର୍ଟ (ଫାଇଲ ନଂ. ହୋମ୍-ଏସ୍‌ପିଏଲ୍୨-ଏଲ୍‌ଏଓସି-୦୦୧୭-୨୦୧୬) ୨୦୧୬ ସେପ୍ଟେମ୍ବର ୧୬ରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ ଦିଆଯାଇଥିଲା । ଏହାପରେ ସେହିଦିନ ଏହି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା । ସେହିପରି ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ସମ୍ପର୍କିତ ଆର୍‌ଡିସି ତଦନ୍ତ ରିପୋର୍ଟ (ଫାଇଲ୍ ନଂ. ହୋମ୍- ଏସ୍‌ପିଏଲ୍୨-ଏଲ୍‌ଏଓସି-୦୦୦୮-୨୦୧୮) ୨୦୧୮ ମେ ୨୩ରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ ଯାଇ ଏହାର ଦିନକ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିଥିଲା । ଆଶ୍ଚର୍ଯ୍ୟର ବିଷୟ, ଉପରୋକ୍ତ ୨ ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏବେ ମିଳୁ ନ ଥିବା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଠାରୁ ଜଣାପଡ଼ିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏତଲାରେ ଦର୍ଶାଯାଇଛି ୨୦୨୪ ଜୁନ ୪ରେ ବିଧାନସଭା ନିର୍ବାଚନ ଫଳାଫଳରୁ ଓଡ଼ିଶାରେ ସରକାର ପରିବର୍ତ୍ତନ ହେବାକୁ ଯାଉଥିବାବେଳେ ସେଦିନ ସ୍ୱାଭାବିକ ଭାବେ ଗୃହ ବିଭାଗରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିବା ସମସ୍ତ ରିପୋର୍ଟ ଏବଂ ଫାଇଲ୍ ଫେରିଆସିଥିଲା । ମାତ୍ର ହଜିଥିବା ୨ଟି ଯାକ ତଦନ୍ତ କମିଶନ ରିପୋର୍ଟ ଗୃହ ବିଭାଗକୁ ଫେରି ନ ଥିଲା । ଆଉ ସେହି ଫାଇଲ୍ ଏବେ ମିଳୁନାହିଁ । ଯେତେବେଳେ ଅନ୍ୟସବୁ ରିପୋର୍ଟ ବିଭାଗକୁ ସମୟ ଭିତରେ ଫେରି ଆସିଲା, ଉପରୋକ୍ତ ୨ଟି ଯାକ ରିପୋର୍ଟ ନ ମିଳିବା ସନ୍ଦେହ ସୃଷ୍ଟି କରୁଛି । ଏହାକୁ କେହି ଜାଣିଶୁଣି ନଷ୍ଟ, ହଜେଇ ଦେବା କିମ୍ବା ବେଆଇନ ଭାବରେ ବ୍ୟବହାର କରିଥାଇପାରନ୍ତି ବୋଲି ଏତଲାରେ ଦର୍ଶାଯାଇଛି । ତଦନ୍ତ କମିଶନଙ୍କ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟ ସରକାରଙ୍କ ହେପାଜତରୁ ଗାଏବ ହେବା ଏକ ଗୁରୁତର ତ୍ରୁଟି । ଏଭଳି ଏକ ଗୁରୁତର ମାମଲାକୁ ଠିକ୍ ଭାବେ ତଦନ୍ତ କରି, ଯିଏ ଏଥିରେ ସମ୍ପୃକ୍ତ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, କିଛିଦିନ ତଳେ ଝାରସୁଗୁଡ଼ା ଜିଲା ଭେଡେନ ନାଳର ଶାଖା ଖେରୁଆଲ ନାଳରୁ ବେଆଇନ ଭାବେ ଜଳ ଉଠାଇବା ନେଇ ବେଦାନ୍ତ ଆଲୁମିନାକୁ ୨୩୩ କୋଟିରୁ ଅଧିକ ଟଙ୍କାର ଜରିମାନା କରାଯାଇଥିଲା । ଏ ସମ୍ପର୍କିତ ରିପୋର୍ଟ ମଧ୍ୟ ଉପରୋକ୍ତ ୨ ଟି ତଦନ୍ତ କମିଶନ ରିପୋର୍ଟ ସାଙ୍ଗରେ ହଜିଯାଇଥିବା ଶୁଣିବାକୁ ମିଳୁଛି ।

ଏହି ଘଟଣାରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦିଷ୍ଟ ଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଫାଇଲ୍ ବ୍ୟବସ୍ଥିତ ଭାବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଛି । ଗୃହ ବିଭାଗ ଫାଇଲ୍ ନମ୍ବର ପକାଇ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇଛି । ସେଠାରୁ ଡେସ୍‌ପାଚ୍ ନମ୍ବର ପଡ଼ି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି । ଜଣେ ଅନୁ ସଚିବ ତାହାକୁ ଦସ୍ତଖତକରି ରିସିଭ୍ କରିଛନ୍ତି । ତେଣୁ ତା'ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫାଇଲ୍ ମିଳିଲାନି କହିଲେ ହେବନାହିଁ, ତାହା ଚୋରି ହୋଇଛି । ଏହି ଘଟଣା ୨୦୨୪ ନିର୍ବାଚନ ଫଳାଫଳ ବାହାରିବା ଦିନ ଘଟିଛି । ଏହି ବିଷୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜେରାର ସମ୍ମୁଖୀନ ହୋଇପାରନ୍ତି ବୋଲି ସେ କହିଛନ୍ତି ।

ବଡ଼ ଘୋଷଣା କଲେ ରାଜ୍ୟ ସରକାର । ମାଗଣା ବସ୍‌ରେ ଯିବେ ନିଟ୍ (UG) ପରୀକ୍ଷାର୍ଥୀ । ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ନିର୍ଦ୍ଦେଶ ଜାରି କରିଛି । ଆଡମିଟ୍ କାର୍ଡ ଦେଖାଇ ପରୀକ୍ଷାର୍ଥୀ OSRTC ବସ୍‌ରେ ମାଗଣାରେ ଯାଇପାରିବେ । ପରୀକ୍ଷା କେନ୍ଦ୍ରରେ ସହଜରେ ପହଞ୍ଚିବା ପାଇଁ ମାଗଣା ବସ୍ ସେବା ।  ଆସନ୍ତା ୨୧ ତାରିଖରେ ନିଟ (UG) ପୁନଃପରୀକ୍ଷା ହେବ।ରାଜ୍ୟର ୧୩୪ଟି ପରୀକ୍ଷା କେନ୍ଦ୍ରରେ ୫୬,୯୮୩ ଜଣ ପରୀକ୍ଷା ଦେବେ ଛାତ୍ରୀଛାତ୍ର । ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ଛାତ୍ରୀଛାତ୍ରମାନଙ୍କ ଅସୁବିଧାକୁ ହ୍ରାସ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ।

ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ଟ୍ରାକ୍‌ରେ ମୁହାଁମୁହିଁ ହୋଇଛି ଦୁଇ ଟ୍ରେନ୍ । ଗୋଟିଏ ଟ୍ରେନ୍ ମାଷ୍ଟରକ୍ୟାଣ୍ଟିନ୍‌ରୁ ମଞ୍ଚେଶ୍ୱର ସଫେଇ ପାଇଁ ଆସୁଥିବାବେଳେ ଆଉ ଗୋଟିଏ ଟ୍ରେନ୍ ମଞ୍ଚେଶ୍ୱରରୁ ମାଷ୍ଟରକ୍ୟାଣ୍ଟିନ୍ ଯାଉଥିଲା ।

ଝାରପଡ଼ା ବ୍ରିଜ୍ ନିକଟରେ ମୁହାଁମୁହିଁ ହୋଇଥିଲା । ଟ୍ରେନ୍‌ରେ କୌଣସି ଯାତ୍ରୀ ନ ଥିଲେ । ଉଭୟ ଟ୍ରେନ୍‌ର ଲୋକୋ ପାଇଲଟ ସୁରକ୍ଷିତ ଅଛନ୍ତି । ଗୋଟିଏ ଟ୍ରାକ୍‌ରେ ୨ଟି ଟ୍ରେନ୍ ଯିବା ନେଇ କେମିତି ସିଗ୍‌ନାଲ ମିଳିଲା ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା ଦିଗରେ ଓଡ଼ିଶା ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିକିତ୍ସା ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ଓ ରୋଗୀ ସେବାକୁ ଅଧିକ ବ୍ୟାପକ କରିବା ପାଇଁ ସରକାର ସମୁଦାୟ ୭୫୫ଟି ନୂଆ ପଦବୀ ମଞ୍ଜୁର କରିଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି କେବଳ ନୂତନ ପଦବୀ ସୃଷ୍ଟି କରିବା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ରାଜ୍ୟରେ ଚିକିତ୍ସା ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଦକ୍ଷ ଡାକ୍ତର ସୃଷ୍ଟି କରିବା ଏବଂ ରୋଗୀମାନଙ୍କୁ ତୁରନ୍ତ ତଥା ଉତ୍ତମ ସେବା ଯୋଗାଇଦେବା ଦିଗରେ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ।

ମଞ୍ଜୁର ହୋଇଥିବା ୭୫୫ଟି ପଦବୀ ମଧ୍ୟରେ ବିଭିନ୍ନ ବର୍ଗର ଶିକ୍ଷକ ଏବଂ ଡାକ୍ତର ସାମିଲ ଅଛନ୍ତି । ପ୍ରଫେସର (Professor)୦୭, ଆସୋସିଏଟ ପ୍ରଫେସର (Associate Professor)୩୫, ଆସିଷ୍ଟାଣ୍ଟ ପ୍ରଫେସର (Assistant Professor)୫୦, ଟ୍ୟୁଟର (Tutor) ୨୯, ସିନିୟର ରେସିଡେଣ୍ଟ (Senior Resident)୨୪୮, ଜୁନିୟର ରେସିଡେଣ୍ଟ (Junior Resident – MBBS)୧୯୦, କାଜୁଆଲଟି ମେଡିକାଲ ଅଫିସର (CMO)୧୧୨, ବ୍ଲଡ ବ୍ୟାଙ୍କ ଅଫିସର (BBO)୮୪ । ସମୁଦାୟ ୭୫୫ଟି ପଦବୀ ରହିଛି ।

ଦୀଘା ଜଗନ୍ନାଥ ମନ୍ଦିରର ନାମକରଣକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ବିବାଦ ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ବଡ଼ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, 'ଦୀଘା ଜଗନ୍ନାଥ ଧାମ' ନାମରୁ 'ଧାମ' ଶବ୍ଦ ହଟାଯିବ ଏବଂ ଏହାର ନୂତନ ନାମ 'ଦୀଘା ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର' ରଖାଯିବ ।

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀଘା ମନ୍ଦିର ନାମରୁ 'ଧାମ' ଶବ୍ଦ ହଟାଇବାକୁ ଅନୁରୋଧ କରି ଚିଠି ଲେଖିବା ପରେ ଶୁଭେନ୍ଦୁ ଅଧିକାରୀ ଏହି ପ୍ରତିକ୍ରିୟା ରଖିଛନ୍ତି । ମୋହନ ମାଝୀ ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ ଯେ, 'ଜଗନ୍ନାଥ ଧାମ' ଶବ୍ଦଟି ଐତିହାସିକ ଓ ଧାର୍ମିକ ଭାବେ କେବଳ ପୁରୀ ଶ୍ରୀକ୍ଷେତ୍ର ସହ ଜଡ଼ିତ ଏବଂ ଅନ୍ୟ କୌଣସି ମନ୍ଦିର ପାଇଁ ଏହାର ବ୍ୟବହାର ଭକ୍ତମାନଙ୍କ ଭାବାବେଗକୁ ଆଘାତ ଦେଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ପୂର୍ବ ସରକାର ଦୀଘା ମନ୍ଦିର ନାମ ସହ 'ଧାମ' ଶବ୍ଦ ଯୋଡ଼ିଥିଲେ, ଯାହା ସନାତନ ପରମ୍ପରା ଓ ଧାର୍ମିକ ଭାବନା ବିରୋଧୀ ଥିଲା । ସେ କହିଛନ୍ତି ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଚିଠି ସେ ପାଇଛନ୍ତି ଏବଂ ଏହି ପ୍ରସଙ୍ଗରେ ତୁରନ୍ତ ପଦକ୍ଷେପ ନିଆଯିବ ।

ସେ ଆହୁରି କହିଛନ୍ତି ଯେ, ଏହି ପ୍ରସଙ୍ଗରେ ପୁରୀ ଏମ୍ ପି ସମ୍ବିତ ପାତ୍ରଙ୍କ ସହ ମଧ୍ୟ ଆଲୋଚନା ହୋଇଛି । ଦୀଘା ମନ୍ଦିରର ନାମ ପରିବର୍ତ୍ତନ ପାଇଁ ପଶ୍ଚିମବଙ୍ଗ କ୍ୟାବିନେଟ୍‌ରେ ପ୍ରସ୍ତାବ ଆଣି ଅନୁମୋଦନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଦୀଘାରେ ନିର୍ମିତ ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ଭାବେ ନାମକରଣ କରାଯିବାକୁ ନେଇ ଓଡ଼ିଶାରେ ଦୀର୍ଘଦିନ ଧରି ବିରୋଧ ଦେଖାଯାଇଥିଲା । ବିଭିନ୍ନ ଧାର୍ମିକ ସଂଗଠନ, ଶ୍ରୀମନ୍ଦିର ସେବାୟତ ଓ ଜଗନ୍ନାଥପ୍ରେମୀମାନେ ପୁରୀକୁ ଏକମାତ୍ର 'ଜଗନ୍ନାଥ ଧାମ' ବୋଲି ଦର୍ଶାଇ ଏହି ନାମ ପରିବର୍ତ୍ତନ ଦାବି କରୁଥିଲେ ।

ଶୁଭେନ୍ଦୁ ଅଧିକାରୀଙ୍କ ଏହି ଘୋଷଣା ପରେ ଦୀଘା ମନ୍ଦିରର ନାମକରଣ ବିବାଦର ଅବସାନ ଘଟିବ ବୋଲି ଆଶା କରାଯାଉଛି । ତେବେ କ୍ୟାବିନେଟ୍‌ରେ ପ୍ରସ୍ତାବ ପାରିତ ହେବା ପରେ ଏହା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ସ୍ପଷ୍ଟ ହେବ ।

ପାକିସ୍ତାନଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ, ବିଶ୍ୱର ସମସ୍ତ ଦେଶରେ ପେଟ୍ରୋଲ-ଡିଜେଲ ଦର ଆକାଶଛୁଆଁ ହେବାରେ ଲାଗିଛି, କିନ୍ତୁ ଭାରତ ହେଉଛି ଏକମାତ୍ର ଦେଶ ଯେଉଁଠାରେ ଜାଳେଣି କିମ୍ବା ଇନ୍ଧନ ମୂଲ୍ୟରେ ୩.୧% ହ୍ରାସ ଘଟିଛି । କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ବୟାନ ଅନୁଯାୟୀ, ମେ ୨୦୨୨ ରୁ ମେ ୨୦୨୬ ମଧ୍ୟରେ ଭାରତରେ ଜାଳେଣି ଦରରେ ୩.୧% ହ୍ରାସ ରେକର୍ଡ କରାଯାଇଛି ।

କେନ୍ଦ୍ର ମନ୍ତ୍ରୀ ନିଜ ଦ୍ୱାରା ଜାରି କରାଯାଇଥିବା ସଂଖ୍ୟା ଓ ତଥ୍ୟ ଆଧାରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଝାଇଛନ୍ତି ଯେ, ଯେଉଁଠି ଗତ ଚାରି ବର୍ଷ ମଧ୍ୟରେ ପାକିସ୍ତାନରେ ପେଟ୍ରୋଲ-ଡିଜେଲ ମୂଲ୍ୟରେ ୭୦% ବୃଦ୍ଧି ଘଟିଛି, ସେହିପରି ଶ୍ରୀଲଙ୍କାରେ ଦାମ ୬୬% ପର୍ଯ୍ୟନ୍ତ ବଢ଼ିଛି । ଇଟାଲୀ ଏବଂ ଫ୍ରାନ୍ସରେ ମଧ୍ୟ ଜାଳେଣି ଦର ଯଥାକ୍ରମେ ୪୬% ଏବଂ ୪"୭% ବୃଦ୍ଧି ପାଇଛି। ଆମେରିକାରେ ମଧ୍ୟ ଇନ୍ଧନ ଦର ୩୫% ପର୍ଯ୍ୟନ୍ତ ବଢ଼ିଛି । ଅପରପକ୍ଷରେ, ଭାରତରେ କ୍ରମାଗତ ଭାବେ ଦାମ କମିଛି । ଏହି ଚାରି ବର୍ଷ ମଧ୍ୟରେ ଭାରତରେ ଜାଳେଣି ମୂଲ୍ୟରେ ୩.୧% ର ଶୁଦ୍ଧ (ନେଟ) ହ୍ରାସ ଘଟିଛି ।

ସରକାରଙ୍କ ତରଫରୁ କୁହାଯାଇଛି ଯେ, ନିକଟରେ ପଶ୍ଚିମ ଏସିଆରେ ଦେଖାଦେଇଥିବା ଉତ୍ତେଜନା ହେତୁ ଆନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ (କ୍ରୁଡ ଅଏଲ) ମୂଲ୍ୟ ବ୍ୟାରେଲ ପିଛା ୭୦ ଡଲାରରୁ ବୃଦ୍ଧି ପାଇ ୧୨୨ ଡଲାର ସ୍ତରରେ ପହଞ୍ଚିଛି । ସରକାର ଦେଶର ଜନସାଧାରଣଙ୍କୁ ଏହି ଦରବୃଦ୍ଧିର ପ୍ରଭାବରୁ ରକ୍ଷା କରିବା ପାଇଁ ସମୟ ସମୟରେ ଅନେକ ପଦକ୍ଷେପ ନେଇଛନ୍ତି; ଯେପରିକି ସରକାର ପେଟ୍ରୋଲ ଉପରୁ ଲିଟର ପିଛା ୩ ଟଙ୍କା ଏକ୍ସାଇଜ ଡ୍ୟୁଟି (ଅବକାରୀ ଶୁଳ୍କ) କାଟ କରିଛନ୍ତି ଏବଂ ଡିଜେଲ ଉପରେ ଏହାକୁ ଶୂନ୍ୟ (ଜିରୋ) କରିଦେଇଛନ୍ତି ।

ସାଧାରଣ ଜନତାଙ୍କୁ ବିଶ୍ୱସ୍ତରୀୟ ମୂଲ୍ୟ ବୃଦ୍ଧିରୁ ବଞ୍ଚାଇବା ପାଇଁ ସରକାର ଟିକସ ହ୍ରାସ ଆକାରରେ ବାର୍ଷିକ ପ୍ରାୟ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ବୋଝ ନିଜେ ବହନ କରିଛନ୍ତି । ସରକାରୀ ତୈଳ କମ୍ପାନୀଗୁଡ଼ିକ ମଧ୍ୟ ଆନ୍ତର୍ଜାତୀୟ ସ୍ତରରେ କ୍ରୁଡ ଅଏଲ ମୂଲ୍ୟର ଏହି ଅସ୍ଥିରତା ମଧ୍ୟରେ ବହୁ ପରିମାଣର 'ଅଣ୍ଡର ରିକଭରି' (Under re-covery) ସହିଛନ୍ତି, ଯଦ୍ୱାରା ଦେଶର ଖୁଚୁରା ବଜାରରେ ଜାଳେଣି ଦର ନ ବଢୁ । ନିକଟ ଅତୀତର କିଛି ସପ୍ତାହ ମଧ୍ୟରେ ଘରୋଇ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଯୋଗୁଁ ପେଟ୍ରୋଲ-ଡିଜେଲ ଦାମ ନିଶ୍ଚିତ ଭାବେ କିଛିଟା ବଢ଼ିଛି, କିନ୍ତୁ ୪ ବର୍ଷର ଦୀର୍ଘକାଳୀନ ଅବଧିକୁ ଦେଖିଲେ, ଏହା ୩% ରୁ ଅଧିକ ହ୍ରାସକୁ ଦର୍ଶାଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୁଚୁରା ପେଟ୍ରୋଲ ପମ୍ପଗୁଡ଼ିକରୁ ଶିଳ୍ପଭିତ୍ତିକ କିମ୍ବା ପାଇକାରୀ (ଥୋକ) କ୍ରେତାମାନଙ୍କ ଦ୍ୱାରା ଶସ୍ତା ଡିଜେଲ ଉଠାଇବା ଏବଂ ଏହାର କଳାବଜାରୀକୁ ରୋକିବା ପାଇଁ ସରକାର ଗାଡ଼ି ପିଛା ଦୈନିକ ୨୦୦ ଲିଟର ଡିଜେଲର ସୀମା ମଧ୍ୟ ସ୍ଥିର କରିଛନ୍ତି, ଯଦ୍ୱାରା ସାଧାରଣ ଗ୍ରାହକଙ୍କ ପାଇଁ ଜାଳେଣି ଷ୍ଟକରେ କୌଣସି ଅଭାବ ଦେଖା ନଦିଏ ।

ଭୁବନେଶ୍ୱରରେ ଆଜି ପେଟ୍ରୋଲ ରେଟ ୧୦୮.୮୯ ଟଙ୍କା ଥିବା ବେଳେ ଡିଜେଲ ରେଟ ୧୦୦.୬୦ ଟଙ୍କା ରହିଛି । ଗତକାଲି ତୁଳନାରେ ଦରରେ ସାମାନ୍ୟ ହ୍ରାସ ଘଟିଛି ।

ରାଜ୍ୟରେ ଘର ଭଡ଼ା ବ୍ୟବସ୍ଥାକୁ ଆଧୁନିକ ଓ ସ୍ୱଚ୍ଛ କରିବା ଲକ୍ଷ୍ୟରେ ରାଜ୍ୟ ସରକାର 'ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ, ୨୦୨୬'ର ଚିଠା ପ୍ରକାଶ କରିଛନ୍ତି । କେନ୍ଦ୍ରର ମଡେଲ ଟେନାନ୍‌ସି ଆକ୍ଟକୁ ଆଧାର କରି ପ୍ରସ୍ତୁତ ଏହି ଚିଠା ଆଇନରେ ଘରମାଲିକ ଓ ଭଡ଼ାଟିଆଙ୍କ ଅଧିକାର, ଦାୟିତ୍ୱ ଓ ବିବାଦ ସମାଧାନ ପାଇଁ ବ୍ୟାପକ ବ୍ୟବସ୍ଥା ରହିଛି ।

ଏଣିକି ମୌଖିକ ଚୁକ୍ତିରେ ଘର ଭଡ଼ା ଦେବା କିମ୍ବା ନେବା ସମ୍ଭବ ହେବ ନାହିଁ । ଘରମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଲିଖିତ ଚୁକ୍ତିନାମା ସ୍ୱାକ୍ଷର ହେବା ପରେ ତାହାକୁ ଦୁଇ ମାସ ମଧ୍ୟରେ ଭଡ଼ା ପ୍ରାଧିକରଣ ଓ ସ୍ଥାନୀୟ ଥାନାରେ ପଞ୍ଜୀକରଣ କରିବାକୁ ପଡ଼ିବ । ସରକାର ଏକ ଅନଲାଇନ୍ ପୋର୍ଟାଲ୍ ଖୋଲିବେ, ଯେଉଁଠାରେ ସମସ୍ତ ଭଡ଼ା ଚୁକ୍ତି ପଞ୍ଜୀକୃତ ହେବ । ପ୍ରତ୍ୟେକ ଚୁକ୍ତିକୁ ଏକ ୟୁନିକ୍ ଆଇଡି ନମ୍ବର ମିଳିବ । ଏହା ଦ୍ୱାରା ଭଡ଼ା ସମ୍ପର୍କିତ ବିବାଦରେ ତଥ୍ୟ ଯାଞ୍ଚ ସହଜ ହେବ ।

ଆଇନରେ ଉଭୟ ପକ୍ଷର ଅଧିକାର ଓ ଦାୟିତ୍ୱ ସ୍ପଷ୍ଟ କରାଯାଇଛି । ଘର ମାଲିକ ଭଡ଼ା ଆଦାୟ କରିବାର ଅଧିକାର ପାଇବେ, ସେହିପରି ଭଡ଼ାଟିଆ ମଧ୍ୟ ଚୁକ୍ତି ଅନୁଯାୟୀ ଘର ବ୍ୟବହାର କରିବାର ଅଧିକାର ପାଇବେ । ଘର ଭଡ଼ା ଘର ମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ପାରସ୍ପରିକ ସହମତିରେ ସ୍ଥିର ହେବ । ଭଡ଼ା ନିର୍ଦ୍ଧାରଣ ପାଇଁ ସରକାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୌଣସି ସୀମା ଧାର୍ଯ୍ୟ କରିବେ ନାହିଁ ।

ଚୁକ୍ତିରେ ଉଲ୍ଲେଖ ଥିଲେ ଘର ମାଲିକ ଭଡ଼ା ବଢ଼ାଇପାରିବେ । ଘରର ଉନ୍ନତିକରଣ, ନୂଆ ନିର୍ମାଣ କିମ୍ବା ଗଠନମୂଳକ ପରିବର୍ତ୍ତନ ପରେ ମଧ୍ୟ ଭଡ଼ା ବୃଦ୍ଧିର ବ୍ୟବସ୍ଥା ରହିଛି । ଘର ମାଲିକଙ୍କ ଲିଖିତ ଅନୁମତି ବିନା ଭଡ଼ାଟିଆ ଘରର କୌଣସି ଅଂଶ କିମ୍ବା ସମ୍ପୂର୍ଣ୍ଣ ଘର ଅନ୍ୟକୁ ଭଡ଼ାରେ ଦେଇପାରିବେ ନାହିଁ । ଏପରି ଚୁକ୍ତି ହେଲେ ତାହା ମଧ୍ୟ ପଞ୍ଜୀକୃତ କରିବାକୁ ପଡ଼ିବ ।

ଚିଠା ଆଇନରେ ଭଡ଼ା ଚୁକ୍ତି ସମୟରେ ନିଆଯାଉଥିବା ସୁରକ୍ଷା ଜମା ରାଶି (Security Deposit) ସମ୍ପର୍କରେ ମଧ୍ୟ ବ୍ୟବସ୍ଥା ରହିଛି । ଏହାକୁ ନେଇ ଭବିଷ୍ୟତରେ ବିବାଦ କମିବ ବୋଲି ଆଶା କରାଯାଉଛି । କେଉଁ କାମ ଘରମାଲିକ କରିବେ ଏବଂ କେଉଁ କାମ ଭଡ଼ାଟିଆ କରିବେ, ସେନେଇ ସ୍ପଷ୍ଟ ନିୟମ ରହିଛି । ଏହା ମରାମତିକୁ କେନ୍ଦ୍ର କରି ହେଉଥିବା ବିବାଦକୁ କମାଇବ । ଘରମାଲିକଙ୍କୁ ଭଡ଼ା ନେବା ପରେ ଭଡ଼ାଟିଆଙ୍କୁ ରସିଦ ପ୍ରଦାନ କରିବାକୁ ହେବ । ଏହା ଭଡ଼ା ଦେୟକୁ ନେଇ ଭବିଷ୍ୟତ ବିବାଦ ଏଡ଼ାଇବ ।

ଭଡ଼ା ସମ୍ବନ୍ଧୀୟ ମାମଲାର ତ୍ୱରିତ ଶୁଣାଣି ପାଇଁ ସ୍ୱତନ୍ତ୍ର ଭଡ଼ା ନ୍ୟାୟାଳୟ ଓ ଭଡ଼ା ନ୍ୟାୟାଧିକରଣ ଗଠନ ହେବ । ଏହା ଦ୍ୱାରା ବର୍ଷ ବର୍ଷ ଧରି ଅଦାଲତରେ ପଡ଼ି ରହୁଥିବା ମାମଲାର ଶୀଘ୍ର ସମାଧାନ ସମ୍ଭବ ହେବ । ଚୁକ୍ତିର ଅବଧି ଶେଷ ପରେ ଭଡ଼ାଟିଆ ଘର ଖାଲି ନକଲେ ତାଙ୍କ ଉପରେ ବର୍ଦ୍ଧିତ ଭଡ଼ା ଲାଗୁ ହେବ । ଏହା ଦ୍ୱାରା ଘରମାଲିକଙ୍କୁ ଘର ଫେରସ୍ତ ପାଇବା ସହଜ ହେବ । ଘର ମାଲିକ କିମ୍ବା ଭଡ଼ାଟିଆଙ୍କ ମୃତ୍ୟୁ ହେଲେ ତାଙ୍କ ଉତ୍ତରାଧିକାରୀମାନେ ଚୁକ୍ତିର ଅବଶିଷ୍ଟ ସମୟ ପାଇଁ ସମାନ ଅଧିକାର ଓ ଦାୟିତ୍ୱ ପାଇବେ ।

ମୋହନ ସରକାରକୁ ୨ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଡ଼ ଘୋଷଣା କରିଛନ୍ତି । ଆଜିଠୁ ରାଜ୍ୟରେ ଲାଗୁ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା । ଏହି ଯୋଜନାରେ ହିତାଧିକାରୀଙ୍କୁ ଆହୁରି ମାଗଣା ଚାଉଳ ମିଳିବ । ପୂର୍ବରୁ ସେମାନଙ୍କୁ ୫ କେଜି ମାଗଣା ଚାଉଳ ମିଳୁଥିବା ବେଳେ ଏବେ ୧୦ କେଜି ମିଳିବ ।

ସେହିପରି KGରୁ PG ଦେୟମୁକ୍ତ ଶିକ୍ଷା ମିଳିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଏହି ସୁବିଧା ମିଳିବ ।

ଖାଲି ସେତିକି ନୁହେଁ ଏକାସଙ୍ଗେ ୩ ମାସର ଭତ୍ତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି , ଭତ୍ତା ପ୍ରଦାନ ସମସ୍ୟା ରାଜ୍ୟର ନୁହେଁ, କେନ୍ଦ୍ରର । ବୈଷୟିକ ତ୍ରୁଟି ଯୋଗୁ ଭତ୍ତା ପ୍ରଦାନରେ ବିଳମ୍ବ ହୋଇଛି । ୧୦ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୨ ଲକ୍ଷ ଲୋକଙ୍କ ତ୍ରୁଟି ସୁଧୁରିଛି । ୨ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ଦେବା ଆରମ୍ଭ ହୋଇଯାଇଛି । ଯେଉଁମାନଙ୍କୁ ମିଳିନି ସେମାନଙ୍କୁ ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଗୋଟିଏ ମାସରେ ନ ହେଲେ ବି ୩ ମାସର ଭତ୍ତା ଏକାସଙ୍ଗେ ମିଳିବ ।

ଦୁଇ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ଦେଇ କହିଛନ୍ତି, ଠିକ ୨ ବର୍ଷ ତଳେ ଆଜିର ଦିନରେ ଆମ ସରକାର ଦାୟିତ୍ୱ ଗ୍ରହଣ କରିଥିଲା । ଏହା ପରଠୁ ଆରମ୍ଭ ହୋଇଥିଲା ଲୋକଙ୍କ ସରକାର, ଜନତାଙ୍କ ସହ ମିଶିଛୁ । ଓଡ଼ିଶାବାସୀଙ୍କ ଅଗ୍ରଗତି ପାଇଁ ଆମେ ଆଗକୁ ବଢ଼ିଛୁ । ଡବଲ ଇଞ୍ଜିନ ସରକାରର ଡବଲ ପ୍ରଭାବ ପଡ଼ିଛି । ୨ ବର୍ଷରେ ୧୨୧ଟି ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ସମୃଦ୍ଧ ଓଡ଼ିଶା ଗଠନରେ ପ୍ରଭାବ ପକାଇଛି । ପ୍ରତ୍ୟେକ ଗାଁକୁ ମୌଳିକ ସୁବିଧା ପହଞ୍ଚାଇ ପାରି ନଥିଲା ୨୪ ବର୍ଷିଆ ସରକାର । ବିଦ୍ୟୁତ, ପାନୀୟ ଜଳ, ଗାଁକୁ ରାସ୍ତାଟିଏ ଦେଇ ପାରିନ ଥିଲେ ପୂର୍ବ ସରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୋହନ ସରକାରକୁ ଶୁକ୍ରବାର ପୂରିଛି ୨ ବର୍ଷ । ଏହି ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣ ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଠିକ୍ ୨ ବର୍ଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଳେ ଆଜିର ଦିନରେ ଆମ ସରକାର ଦାୟିତ୍ୱ ଗ୍ରହଣ କରିଥିଲା । ଏହା ପରଠୁ ଆରମ୍ଭ ହୋଇଥିଲା ଲୋକଙ୍କ ସରକାର, ଜନତାଙ୍କ ସହ ମିଶିଛୁ । ଓଡ଼ିଶାବାସୀଙ୍କ ଅଗ୍ରଗତି ପାଇଁ ଆମେ ଆଗକୁ ବଢ଼ିଛୁ । ଡବଲ ଇଞ୍ଜିନ ସରକାରର ଡବଲ ପ୍ରଭାବ ପଡ଼ିଛି । ୨ ବର୍ଷରେ ୧୨୧ଟି ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ସମୃଦ୍ଧ ଓଡ଼ିଶା ଗଠନରେ ପ୍ରଭାବ ପକାଇଛି । ପ୍ରତ୍ୟେକ ଗାଁକୁ ମୌଳିକ ସୁବିଧା ପହଞ୍ଚାଇ ପାରି ନ ଥିଲା ୨୪ ବର୍ଷିଆ ସରକାର । ବିଦ୍ୟୁତ୍, ପାନୀୟ ଜଳ, ଗାଁକୁ ରାସ୍ତାଟିଏ ଦେଇ ପାରି ନ ଥିଲେ ପୂର୍ବ ସରକାର ।

ଏଥିସହିତ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, କେଜିରୁ ପିଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ପଢ଼ିବେ ଛାତ୍ରୀଛାତ୍ର । ରାଜ୍ୟର ଆର୍ଥିକ ଅନଗ୍ରସର ପିଲା ଏଥିରୁ ଉପକୃତ ହେବ । ପାଠପଢ଼ା ନିମନ୍ତେ ଖର୍ଚ୍ଚର ବୋଝ ଆଉ କାହା କାନ୍ଧରେ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

କେରଳରେ ମୌସୁମୀ ବାୟୁ ପ୍ରବେଶ କରିବା ପରେ ଓଡ଼ିଶାରେ ପ୍ରବେଶ କରିଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟରେ ଏବେ କାଳବୈଶାଖୀ ଜାରି ରହିଥିବାବେଳେ ଦିନବେଳା ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି । ମୌସୁମୀ ଆସିବା ପରେ ଲୋକେ ଏଥିରୁ ଟିକେ ଆଶ୍ୱସ୍ତି ପାଇବେ ବୋଲି ଆକଳନ କରାଯାଉଛି ।

ଶନିବାରଠାରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବା ନେଇ ପୂର୍ବାନୁମାନ କରାଯାଇଛି । ହେଲେ ୧୫ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ହେବା ନେଇ ସୂଚନା ଦିଆଯାଇଥିବା ବେଳେ ଶୁକ୍ରବାର ୧୧ ଜିଲାକୁ ଗରମ ଓ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଦିଆଯାଇଛି । ଏଥିସହ ଅଧିକାଂଶ ଜିଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ବିଶେଷକରି ଘଡ଼ଘଡ଼ି ବିଜୁଳି ସହ ପ୍ରବଳ ବର୍ଷା ଓ ପବନ ହେବା ନେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେନ୍ଦ୍ରାପଡ଼ା, କଟକ, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତ୍ସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ ଜିଲାକୁ ଅରେଞ୍ଜ ଓ୍ୱାର୍ନିଂ ଏବଂ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ ଏବଂ ପୁରୀ ଜିଲାକୁ ୟେଲୋ ଓ୍ୱାର୍ନିଂ ଦିଆଯାଇଛି । ଏଥିସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାକୁ ପ୍ରବଳ ଗରମ ଗୁଳୁଗୁଳି ନେଇ ୟେଲୋ ଓ୍ୱାର୍ନିଂ ଦିଆଯାଇଛି ।

ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗୁରୁବାର ୧୦ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଝାରସୁଗୁଡ଼ାରେ ସର୍ବାଧିକ ୪୨.୫ ଡିଗ୍ରୀ ରେକର୍ଡ ହୋଇଥିଲା । ଏହା ତଳକୁ ତାଳଚେରରେ ୪୧.୫ ଡିଗ୍ରୀ, ହୀରାକୁଦ ୪୧, ବଲାଙ୍ଗୀର ଓ ସମ୍ବଲପୁର ୪୦.୮, ଅନୁଗୋଳ ୪୦.୭, ବରଗଡ଼ ୪୦.୪, ଢେଙ୍କାନାଳ ୪୦.୩, ନୟାଗଡ଼ ଓ ବୌଦ୍ଧ ୪୦ ଏବଂ ଭୁବନେଶ୍ୱର ଓ କଟକରେ ତାପମାତ୍ରା ୩୯.୨ ଡିଗ୍ରୀ ଛୁଇଁଥିଲା ।

ପ୍ରସିଦ୍ଧ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଇତିହାସ ରଚିଛନ୍ତି । ସେ ରୁଷିଆନ ଗ୍ରାଣ୍ଡ ସ୍ୟାଣ୍ଡ ମାଷ୍ଟର କପ-୨୦୨୬ ବିଜେତା ହୋଇଛନ୍ତି । ପ୍ରଥମ ଭାରତୀୟ ବାଲୁକା ଶିଳ୍ପୀ ଭାବେ ଏହି ଉପଲବ୍ଧି ହାସଲ କରିଛନ୍ତି । ବାଲୁକା କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ଓ ଗ୍ଲୋବାଲ ୱାର୍ମିଂକୁ ନେଇ ସୁଦର୍ଶନ ନିର୍ମାଣ କରିଥିବା ପ୍ରଭାବଶାଳୀ ବାଲୁକା କଳା ଜୁରି ମେମ୍ବରଙ୍କ ହୃଦୟ ଜିଣିଥିଲା । ରୁଷିଆର କଲିନିନଗ୍ରାଡରେ ଆୟୋଜିତ ଦ୍ୱିତୀୟ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ୧୨ଟି ଦେଶ ସାମିଲ ହୋଇଥିଲେ ।

ନିଜ ସଫଳତାକୁ ନେଇ ସୁଦର୍ଶନ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଷ୍ଣତା ବୃଦ୍ଧିର ବିଶ୍ୱ ସମସ୍ୟାକୁ ଉଜାଗର କରି ମୋର କାର୍ଯ୍ୟ ପାଇଁ ରୁଷିଆର କାଲିନିନଗ୍ରାଡରେ ଦ୍ୱିତୀୟ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ରୁଷୀୟ ଗ୍ରାଣ୍ଡ ବାଲୁକା ମାଷ୍ଟର କପ୍ ୨୦୨୬ ପାଇବାକୁ ସମ୍ମାନିତ । ଏହି ସମ୍ମାନଜନକ ମାନ୍ୟତା ପାଇବାରେ ପ୍ରଥମ ଭାରତୀୟ ବାଲୁକା କଳାକାର ହୋଇଥିବାରୁ ମୁଁ ଗର୍ବିତ । ଆୟୋଜକ, ଜୁରି ସଦସ୍ୟ ଏବଂ ମୋର କଳା ଯାତ୍ରାକୁ ସମର୍ଥନ ଏବଂ ଉତ୍ସାହିତ କରିଥିବା ପ୍ରତ୍ୟେକଙ୍କ ପ୍ରତି ମୁଁ ଆନ୍ତରିକ ଭାବରେ କୃତଜ୍ଞ ।

ବାରମ୍ବାର ବାରଣ ଏବଂ ଅନୁରୋଧ କରିବା ପରେ ବି ନିଜ ଜିଦ୍‌ରେ ଅଟଳ ରହିଛି ଇସ୍କନ୍ । ବିଦେଶରେ ବର୍ଷର ବିଭିନ୍ନ ସମୟରେ ରଥଯାତ୍ରା ଏବଂ ସ୍ନାନଯାତ୍ରା ଆୟୋଜନ କରୁଛି । ଏହା ଶାସ୍ତ୍ର ଓ ପରମ୍ପରାର ସମ୍ପୂର୍ଣ୍ଣ ବିରୋଧ କରିବା ସହ ବହୁ କୋଟି ଜଗନ୍ନାଥପ୍ରେମୀ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଉଛି । ଇସ୍କନ୍ କର୍ତ୍ତୃପକ୍ଷ ବାରମ୍ବାର ଏଭଳି ଅବମାନନାକରି ଅଦିନରେ ରଥଯାତ୍ରା କରୁଥିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ଗଜପତି ମହାରାଜ ଦିବ୍ୟସିଂହ ଦେବ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ।

ଉକ୍ତ ପତ୍ରରେ ଗଜପତି ଉଲ୍ଲେଖ କରିଛନ୍ତି, ଅଦିନିଆ ରଥଯାତ୍ରାକୁ ନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଓ ଇସ୍କନ୍ ମଧ୍ୟରେ ଦୀର୍ଘବର୍ଷ ଧରି ଆଲୋଚନା ହୋଇଥିଲା । ଇସ୍କନ୍‌ର ଗଭର୍ନିଂ ବଡି କମିଶନ ଅଧ୍ୟକ୍ଷ ୨୦୨୫ ଅକ୍ଟୋବର ୧୯ରେ ଏକ ପତ୍ର ମାଧ୍ୟମରେ ଜଣାଇଥିଲେ ଯେ ଭାରତ ମଧ୍ୟରେ ଇସ୍କନ୍ ଶାସ୍ତ୍ର ଓ ପରମ୍ପରା ଅନୁଯାୟୀ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହେଉଥିବା ୯ଦିନିଆ ରଥଯାତ୍ରା ପାଳନ କରିବ । ମାତ୍ର ଭାରତ ବାହାରେ ସେମାନେ ବର୍ଷର ବିଭିନ୍ନ ସମୟରେ ରଥଯାତ୍ରା ପାଳନ ଜାରି ରଖିବେ । ସେହିପରି ଇସ୍କନ୍ ଅଧ୍ୟକ୍ଷ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରାକୁ ବିଶ୍ୱର ସମସ୍ତ ଇସ୍କନ୍ ମନ୍ଦିରରେ ଶାସ୍ତ୍ର ଓ ପରମ୍ପରା ଅନୁଯାୟୀ କେବଳ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଳନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ତେବେ ଚଳିତ ବର୍ଷରେ ଇସ୍କନ୍ ବିଶ୍ୱର ୭୦ରୁ ଅଧିକ ସହରରେ ଶାସ୍ତ୍ର ଓ ପରମ୍ପରାରେ ନିର୍ଦ୍ଦିଷ୍ଟ ନ ଥିବା ତାରିଖରେ ରଥଯାତ୍ରା ପାଳନ କରୁଥିବା ଦେଖାଯାଇଛି । ସେହିପରି ବିଭିନ୍ନ ଦେଶର ଅନ୍ତତଃ ୧୦ଟି ସହରରେ ଜ୍ୟେଷ୍ଠ ପୂର୍ଣ୍ଣିମା ବ୍ୟତୀତ ଅନ୍ୟ ତାରିଖରେ ସ୍ନାନଯାତ୍ରା ପାଳନ କରାଯାଇଛି । ତେଣୁ ଏଭଳି ଏକ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଷ୍ଟ୍ରପତି ହସ୍ତକ୍ଷେପ କରିବା ପାଇଁ ଗଜପତି ଅନୁରୋଧ କରିଛନ୍ତି । ୨୦୨୫ ଅକ୍ଟୋବର ୨୪ରେ ଗଜପତି ମହାରାଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଏକ ପତ୍ର ମାଧ୍ୟମରେ ଏହି ପ୍ରସଙ୍ଗରେ ଅବଗତ କରାଇଥିଲେ । ତେବେ ସ୍ଥିତିରେ କୌଣସି ସୁଧାର ନ ଆସିବାରୁ ପୁନର୍ବାର ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଥିବା ସୂଚନା ଦିଆଯାଇଛି ।

ଢେଙ୍କାନାଳ ଜିଲା ହିନ୍ଦୋଳ ଅଞ୍ଚଳରେ ଏକ ହାତୀ ମୃତଦେହକୁ ଫାର୍ମହାଉସ ଭିତରେ ପୋତି ଦେଇଥିବା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଜେଲ୍ ପଠାଇଛି । ଏହି ଘଟଣା ପ୍ରକାଶ ପାଇବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା ।

ଗିରଫ ହୋଇଥିବାମାନଙ୍କ ମଧ୍ୟରେ ଫାର୍ମହାଉସ ମାଲିକ, ଜେସିବି ଡ୍ରାଇଭର ଓ ଜଗୁଆଳି ରହିଛନ୍ତି । ସୂଚନା ଅନୁଯାୟୀ, ମୃତ ହାତୀକୁ ଲୁଚାଇବା ପାଇଁ ଫାର୍ମହାଉସ ଭିତରେ ଗାଡ଼ ଖୋଳି ପୋତିଦେଇଥିବା ଅଭିଯୋଗ ହୋଇଥିଲା ।

ଘଟଣା ସମ୍ପର୍କରେ ବନ ବିଭାଗ ଓ ପୋଲିସ ତଦନ୍ତ କରି ଘଟଣାର ସତ୍ୟତା ଜାଣିଥିଲେ । ପରେ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବା ପରେ ୩ ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣାକୁ ନେଇ ବନ ବିଭାଗ ଆହୁରି ତଦନ୍ତ ଜାରି ରଖିଛି ।

ବନବିଭାଗ ପକ୍ଷରୁ ମାଜିଷ୍ଟ୍ରେଟ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜେସିବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାହାଯ୍ୟରେ ଫାର୍ମ ହାଉସ ପରିସରରୁ ମାଟି ଖୋଳି ହାତୀର ମୃତଦେହ ଜବତ କରି ତଦନ୍ତ ଆରମ୍ଭ ହୋଇଛି । ଏହି ଘଟଣାରେ ଫାର୍ମ ହାଉସ ମାଲିକଙ୍କ ସମେତ ୩ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରହିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି ।

ଏପରିକି ଫାର୍ମ ହାଉସ ଚାରିପଟେ ବେଆଇନ ଭାବେ ବିଦ୍ୟୁତ୍‌କରଣ କରାଯାଇଥିବା ଜଣାପଡିଛି । ଏଭଳିସ୍ଥିତିରେ ହାତୀଟି ବିଦ୍ୟୁତ୍ ତାର ସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି ।

ଚାକିରି ଆରମ୍ଭ କରିଥିଲେ ୬ ହଜାର ଟଙ୍କାରେ । ହେଲେ ସେ କିଛି ଦିନ ପରେ ଆୟଠାରୁ ଢେର ପରିମାଣର ଅଧିକ ଟଙ୍କା ରୋଜଗାର କରିଥିଲେ । ଏହି ଟଙ୍କାରେ ବିଳାସବ୍ୟସନ ସାମଗ୍ରୀ କିଣିବା ଠାରୁ ଆରମ୍ଭ କରି ବିଦେଶ ଭ୍ରମଣ କରୁଥିଲେ । ଆଦିବାସୀ ଇଲାକାରେ ରହି ବେସ୍ ମଉଜ କରୁଥିଲେ ବାବୁ ଜଣଙ୍କ । ଶେଷରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲିଗୁଡ଼ାର ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଭିଜିଲାନ୍ସ ଶନିବାର ତାଙ୍କ ଘରେ ରେଡ କରିବା ପରେ କେବଳ ଭୁବନେଶ୍ୱରରେ ୪ଟି ବହୁତଳ କୋଠା ସହ ବାବୁଙ୍କର କୋଟି କୋଟି ଟଙ୍କାର ବିପୁଳ ସମ୍ପତ୍ତି ଠାବ କରିଛି ଭଜିଲାନ୍ସ । ସରକାରୀ ଦରମାରେ କେମିତି ଠିଆ କରିଥିଲେ ଏତେ ବଡ଼ ସାମ୍ରାଜ୍ୟ, ତାକୁ ନେଇ ଏବେ ଉଠିଛି ପ୍ରଶ୍ନ । ଏହି ସମ୍ପତ୍ତିର ଅଧିକାରୀ ହେଲେ ଆଇଟିଡିଏ ବାଲିଗୁଡ଼ା ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ବୈକୁଣ୍ଠନାଥ ବେହେରା । ବାବୁଙ୍କର ବିପୁଳ ସମ୍ପତ୍ତି ରହିଥିବା ବେଳେ ତାଙ୍କ ବ୍ୟାଙ୍କ୍ ଲକ୍‌ରରୁ ୨କୋଟି ଟଙ୍କା ନଗଦ ଠାବ ହୋଇଛି । ରାଜଧାନୀ ଭୁବନେଶ୍ୱରର ପ୍ରାଇମ ଏରିଆ କାନନ ବିହାର ଫେଜ-୧ର ଦୁଇ ମହଲା କୋଠା ଥିବା ବେଳେ ଶୈଳଶ୍ରୀବିହାର, କାନନ ବିହାରରେ ଥିବା ଦୁଇ ତାଲା କୋଠା, ଚନ୍ଦ୍ରଶେଖରପୁରେ ଥିବା ଦୁଇ ତାଲା କୋଠା, ଧର୍ମଶଳାରେ ଥିବା ଦୁଇ ତାଲା କୋଠା, ବାରିପଦାରେ ଥିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପର୍କୀୟ ଘର, ଯଜପୁରରେ ଥିବା ଅନ୍ୟ ଏକ ସମ୍ପର୍କୀୟ ଘର, ବାଲଗୁଡ଼ାରେ ଥିବା ସରକାରୀ ଅଫିସ ଏବଂ ବାଲିଗୁଡ଼ାରେ ଥିବା ସରକାରୀ କ୍ୱାର୍ଟସରେ ଚଢଉ କରାଯାଇଥିଲା । ବାଲିଗୁଡ଼ା ବ୍ୟାଙ୍କଲକରରୁ ନଗଦ ୨୦୦ କୋଟି ଟଙ୍କା ଜବତ ହୋଇଥିଲା । ତାଙ୍କ ନାମରେ ୪ଟି ବହୁତଳ କୋଠା, ୧୩ଟି ପ୍ଲଟ, ଘରୁ ଜବତ ହୋଇଛି୨.୬୬ ଲକ୍ଷ ଟଙ୍କା ।

୧୯୯୯ରେ ଆରମ୍ଭ ହୋଇଥିଲା ବାବୁଙ୍କ ସରକାରୀ ଚାକିରି । ଜୁନିୟର ଇଞ୍ଜିନିୟର ଭାବେ ନବରଙ୍ଗପୁରରେ ହୋଇଥିଲା ପୋଷ୍ଟିଂ । ମାସିକ ଦରମା ଥିଲା ୬ ହଜାର । ୨୦୦୧ ଯାଏଁ ବାବୁ ସେଠାରେ ଥିଲେ । ପରେ ଉଦଳା ଟ୍ରାନ୍ସଫର ହୋଇଥିଲା । ହେଲେ କିଛି ଦିନ ମଧ୍ୟରେ ପୁଣି ଫେରି ଆସିଥିଲେ ନବରଙ୍ଗପୁର । ଡାବୁଗାଁ ବ୍ଲକ କୁସୁମଗୁଡାରେ କନିଷ୍ଠ କିରାଣୀ ଭାବେ ୨୦୦୧ରୁ ୨୦୦୭ ଯାଏଁ ଆଇଟିଡିଏରେ ରହିବା ପରେ ୨୦୧୬ରେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଭାବେ ମିଳିଥିଲା ପଦୋନ୍ନତି । ଆଇଟିଡିଏ ନବରଙ୍ଗପୁରରେ ହିଁ ୨୦୨୨ ଯାଏଁ ରହିଥିଲେ । ଏ ବର୍ଷ ଫେବୃଆରୀରେ ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର ରାଙ୍କ ସହ ବାଲିଗୁଡାରେ ହୋଇଥିଲା ପୋଷ୍ଟିଂ । ବଡ କଥା ହେଉଛି ଯେ, ପୁରା ଚାକିରି କାଳ ନବରଙ୍ଗପୁରରେ ହିଁ ଆସ୍ଥାନ ଜମାଇଥିଲେ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରା । ଏଥିରୁ ଅନୁମାନ କରିହେଉଛି ଯେ, ପୂର୍ବ ସରକାରରେ କେମିତି ପ୍ରଭାବ ରହିଥିଲା ଇଞ୍ଜିନିୟର ବାବୁଙ୍କର । ହେଲେ ଏବେ ପଡିଛନ୍ତି ଭିଜିଲାନ୍ସ ଜାଲରେ । ୯ଟି ସ୍ଥାନରେ ଏକକାଳୀନ ରେଡ ବେଳେ ବୈକୁଣ୍ଠ ବାବୁଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି । ଚଢ଼ଉ ବେଳେ ବାବୁଙ୍କ ଘରୁ ୪ରୁ ଅଧିକ ହାଇଫାଇ ଆଇଫୋନ, ମୂଲ୍ୟବାନ ବ୍ରାଣ୍ଡେଡ ବ୍ୟାଗ ଓ ୩ଟି ଦାମୀ ହୀରା ମୁଦି ମିଳିଛି ।

ସବୁଠୁ ଆଶ୍ଚର୍ଯ୍ୟର କଥା, ତାଙ୍କ ସଉକ ପାଇଁ ସେ ୨୪ କ୍ୟାରେଟ ସୁନାରେ ୩ଟି ସୁନା ମୂର୍ତ୍ତି ତିଆରି କରି ରଖିଥିଲେ, ଯାହା ତାଙ୍କର ଅତ୍ୟଧିକ ବିଳାସମୟ ଜୀବନଶୈଳୀର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରମାଣ । ଯନ୍ତ୍ରୀ ବାବୁଙ୍କ ସାମ୍ରାଜ୍ୟ ଏତେ ବଡ଼ ଯେ ଭିଜିଲାନ୍ସ ବିଭାଗ ଗୋଟିଏ କି ଦୁଇଟି ନୁହେଁ, ବରଂ ଓଡ଼ିଶାର ମୋଟ ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା । ଚଢାଉରେ ୨ଜଣ ଅତିରିକ୍ତ ଏସିପି, ୫ଜଣ ଡିଏସ୍‌ପି, ୬ଜଣ ଇନ୍‌ସପେକ୍ଟର, ଏବଂ ଅନ୍ୟ ଅଧିକାରୀ ସାମିଲ ଥିଲେ । ଭୁବନେଶ୍ୱରରୁ ନେଇ ଯାଜପୁର ଓ ବାରିପଦା ପର୍ଯ୍ୟନ୍ତ ବୈକୁଣ୍ଠଙ୍କ ସମ୍ପର୍କୀୟ ଓ ତାଙ୍କ ସହ ଜଡ଼ିତ ଘରଗୁଡ଼ିକରେ ଖୋଳତାଡ଼ ଚାଲିଛି । ଭୁବନେଶ୍ୱରର କାନନ ବିହାରସ୍ଥିତ ବୈକୁଣ୍ଠଙ୍କ ଆଲିସାନ ବାସଭବନରେ ଭିଜିଲାନ୍ସ ଟିମ ପହଞ୍ଚିବା ପରେ ସେଠାରେ ଥିବା ଦାମୀ ସାମଗ୍ରୀ ଦେଖି ଅଧିକାରୀମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ।

କନ୍ଧମାଳ ଜିଲା ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ ବେକୁଣ୍ଠ ନାଥ ବେହେରାଙ୍କ ପଞ୍ଚମ ଲକରକୁ ଓଡ଼ିଶା ଭିଜିଲାନ୍ସ ଟିମ ସୋମବାର ଖୋଲିଛି । ସେଥିରୁ ୭୦୩ ଗ୍ରାମ ସୁନା ଠାବ ହୋଇଛି । ଏଯାଏ ମୋଟ ୧୨୫୫ ଗ୍ରାମ ସୁନା ମିଳିଛି । କୁବେର ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରାଙ୍କ ଘରେ ସୁନାର ଖଣି ଦେଖି ଭିଜିଲାନ୍ସ ଚକିତ ହୋଇଯାଇଛି । ବର୍ତ୍ତମାନ ସୁଦ୍ଧା ବାବୁଙ୍କ ଘରୁ ବାହାରିଲାଣି ୧ କେଜିରୁ ଅଧିକ ଓଜନର ସୁନା । ବେହେରାଙ୍କ ସରକାରୀ ବାସଗୃହରେ ଚଢାଉ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦଲିଲ ଓ କାଗଜପତ୍ର ଜବତ କରିଛି । ବିପୁଳ ପରିମାଣର ହିସାବ ବିହୀନ ସମ୍ପତ୍ତି ଠାବ ହେବା ପରେ ଏବଂ ସନ୍ତୋଷଜନକ ଉତ୍ତର ଦେବାରେ ବିଫଳ ହେବାରୁ ଗତ ରବିବାର ଓଡ଼ିଶା ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିଥିଲା । ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ଯେ, ବୈକୁଣ୍ଠନାଥ ବେହେରାଙ୍କ ନାମରେ ୫ଟି ବହୁମହଲା ବିଶିଷ୍ଟ କୋଠା ରହିଛି, ଯାହାର ମୋଟ ବିଲ୍ଟ-ଅପ ଏରିଆ ୨୦,୦୦୦ ବର୍ଗଫୁଟରୁ ଅଧିକ ହେବ । ଏହା ମଧ୍ୟରୁ କେବଳ ଭୁବନେଶ୍ୱରରେ ୪ଟି ବିଳାସପୂର୍ଣ୍ଣ କୋଠା ରହିଛି । ଏହା ସହିତ ତାଙ୍କର ୧୪ଟି ମୂଲ୍ୟବାନ ପ୍ଲଟ, ୨.୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନଗଦ ଅର୍ଥ ଏବଂ ୪୫ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଥିବା ଜଣାପଡ଼ିଛି । ତେବେ ସୋମବାର ସୁଦ୍ଧା ତଦନ୍ତ ମଧ୍ୟ ଜାରି ରହିଥିବା ଭିଜିଲାନ୍ସ ସୂଚନା ଦେଇଛି । ତଦନ୍ତ ଶେଷ ପରେ ଆହୁରି ସମ୍ପତ୍ତି ପରିମାଣ ବଢ଼ିବ ବୋଲି ଆଶଙ୍କା କରାଯାଉଛି । ଏହି ବଡ଼ ଚଢ଼ାଉରେ ଭିଜିଲାନ୍ସ ପୋଲିସର ୨ ଜଣ ଅତିରିକ୍ତ ଏସ୍ପି, ୫ ଜଣ ଡିଏସ୍ପି, ୬ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ଭିଜିଲାନ୍ସ ପୋଲିସ ସାମିଲ ଅଛନ୍ତି । ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡା ଆଇଟିଡିଏର ସହକାରୀ ବୈକୁଣ୍ଠନାଥ ଯନ୍ତ୍ରୀ ବେହେରାଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ ଜାରି ରହିଛି ।

କବିସୂର୍ଯ୍ୟନଗର ପୋଲିସ ନାଁରେ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଥାନା ଭିତରେ ଯୁବକଙ୍କୁ ଲହୁଲୁହାଣ କରିଥିବା ନେଇ ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ପୋଲିସ ସୁଶାନ୍ତ ସାହୁଙ୍କୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ତାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି ।

ତେବେ ପୋଲିସ ମୋ ସ୍ୱାମୀଙ୍କୁ ମାରିଦେଇଛି ବୋଲି ଅଭିଯୋଗ ଆଣିଛନ୍ତି ସୁଶାନ୍ତଙ୍କ ସ୍ତ୍ରୀ ମାମାଜିନ ପ୍ରଧାନ । ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳର ମୃତ ବ୍ୟକ୍ତି ସୁବୁଳିଆ ଗ୍ରାମର ୩୨ ବର୍ଷୀୟ ସୁଶାନ୍ତ ସାହୁ ବୋଲି ଜଣାପଡ଼ିଛି । ଗତ ୨୫ ତାରିଖରେ ସୁବୁଳିଆ ନିକଟ ପାହାଡ଼ରୁ ଗାଡ଼ିରେ ପଥର ଲୋଡ୍ ହେଉଥିବା ବେଳେ କବିସୂର୍ଯ୍ୟନଗର ପୋଲିସ ଚଢ଼ାଉ କରିଥିଲା । ଏହି ଚଢ଼ାଉ ସମୟରେ ଦୁଇଜଣଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ।

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସୁଶାନ୍ତ ସାହୁଙ୍କୁ ୨୫ ତାରିଖରୁ ଥାନାରେ ରଖିଥିଲେ । ଗତକାଲି ୩୧ ତାରିଖରେ ଅଣ୍ଡରଟେକିଂ ଲେଖେଇ ପରିବାରକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହସ୍ତାନ୍ତର କରାଯାଇଥିଲା । ଅସୁସ୍ଥ ହେବା ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଛି ।

ଥାନାରେ ନିର୍ଯାତନା ଓ ନିର୍ଧୁମ ମାଡ଼ ମାରିବା ସହ ଗରମ ପାଣି ଢାଳି ଲଙ୍କାଗୁଣ୍ଡ ପକାଇ ଦେଇଥିବା ନେଇ ଅଭିଯୋଗ ହୋଇଛି । ଏନେଇ ସୁଶାନ୍ତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।

ଆସିକା ଡାକ୍ତରଖାନାରେ ଚିକିତ୍ସା ପାଇଁ ସୁଶାନ୍ତ ସାହୁଙ୍କୁ ଭର୍ତ୍ତି ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସା ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା । ପୋଲିସ ମୋ ସ୍ୱାମୀଙ୍କୁ ମାରିଦେଇଛି ବୋଲି ଅଭିଯୋଗ ଆଣିଲେ ସ୍ତ୍ରୀ ମାମାଜିନ ପ୍ରଧାନ ।

କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀ ମାମଲା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବର୍ତ୍ତମାନ ବଡ଼ ଆକ୍ସନ ନିଆଯାଇଛି । କବିସୂର୍ଯ୍ୟନଗର ଥାନା ଓ ବାଲିଚାଇ ଫାଣ୍ଡିର ସବୁ ପୋଲିସଙ୍କ ବଦଳି ନିର୍ଦ୍ଦେଶ ଦିଆଯାଇଛି । ୩ଜଣଙ୍କୁ ନିଲମ୍ବନ କଲେ ଦକ୍ଷିଣାଞ୍ଚଳ IG । IPS ନିତୀଶ ମିଶ୍ରାଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି । ସେହିପରି SI ସମୀର ରାଉତ, ASI ବୈକୁଣ୍ଠନାଥ ଜେନା ଏବଂ କନେଷ୍ଟବଳ ସୁମନ ସାହୁଙ୍କୁ ସସପେଣ୍ଡ କରାଯାଇଛି । ଅନ୍ୟପଟେ ଡ୍ରାଇଭର କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କୁ ଦାୟିତ୍ୱ ମୁକ୍ତ କରାଯାଇଛି ।

କହିରଖୁଛୁ କି, ଥାନା ଭିତରେ ସୁଶାନ୍ତ ସାହୁଙ୍କୁ ନିର୍ଯାତନା ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ । ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଥାନାରେ ନିର୍ଯାତନା ଓ ନିର୍ଧୁମ ମାଡ଼ ମାରିବା ସହ ଗରମ ପାଣି ଢାଳି ଲଙ୍କାଗୁଣ୍ଡ ପକାଇଦେଇଥିବା ନେଇ ଶାନ୍ତଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ଘଟଣାରେ ବର୍ତ୍ତମାନ ବଡ଼ ଆକ୍ସନ ନିଆଯାଇଛି ।

ପୁଣିଥରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅପମାନ ହେଉଥିବା ସହ ଭକ୍ତମାନଙ୍କ ଭାବାବେଗ ସହିତ ଖେଳାଯାଉଥିବା ଘଟଣା ସାମ୍ନାକୁ ଆସିଛି । ଅନଲାଇନ ମାଧ୍ୟମରେ ଭକ୍ତମାନଙ୍କୁ ମହାପ୍ରସାଦ ବିକ୍ରି କରାଯାଉଥିବା ବିଜ୍ଞାପନ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି ।

ଶୁଖିଲା ମହାପ୍ରସାଦ ଓ ଖଜା ପ୍ରସାଦକୁ ଅନଲାଇନରେ ବିକ୍ରି କରିବା ପାଇଁ ବିଜ୍ଞାପନ ପ୍ରଚାର କରାଯାଇଥିବା ଦେଖାଯାଇଛି । ଏହାକୁ ନେଇ ଅଗଣିତ ଜଗନ୍ନାଥ ପ୍ରେମୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

'ବ୍ରଜ ମେଳା' ନାମକ ଏକ ସଂସ୍ଥା ଏହି ବିଜ୍ଞାପନ ଦେଇଥିବା ବେଳେ 'ହରେକୃଷ୍ଣ ଟେଲିଭିଜନ' ନାମକ ଏକ ଇନଷ୍ଟାଗ୍ରାମ ଆଇଡି ମାଧ୍ୟମରେ ଏହା ପ୍ରଚାର ହୋଇଥିବା ଜଣାପଡ଼ିଛି । ଏପରିକି ମହାପ୍ରସାଦ ଆର୍ଡର ପାଇଁ ଯୋଗାଯୋଗ ନମ୍ବର ମଧ୍ୟ ଦିଆଯାଇଛି ।

ମହାପ୍ରସାଦକୁ 'ଅନ୍ନ ବ୍ରହ୍ମ' ବୋଲି ମନାଯାଏ । ଏହିପରି ପବିତ୍ର ପ୍ରସାଦକୁ ବ୍ୟବସାୟିକ ଭାବେ ଅନଲାଇନରେ ବିକ୍ରି କରାଯାଇବାକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇଛି ।

ଏନେଇ ଶ୍ରୀମନ୍ଦିର ପ୍ରଶାସନ  ପଦକ୍ଷେପ ନେଇ ସଂପୃକ୍ତ ବ୍ୟକ୍ତି ଓ ସଂସ୍ଥାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଉଠିଛି ।

ଏହା ପ୍ରଥମ ଘଟଣା ନୁହେଁ; ପୂର୍ବରୁ ମଧ୍ୟ ଅନଲାଇନ ମାଧ୍ୟମରେ ମହାପ୍ରସାଦ ବିକ୍ରି ଘଟଣା ସାମ୍ନାକୁ ଆସିଥିଲା । ତେଣୁ ଏପରି କାର୍ଯ୍ୟକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନେବାକୁ ଜଗନ୍ନାଥ ପ୍ରେମୀମାନେ ଦାବି କରିଛନ୍ତି ।

ଅର୍ଥ ବିଭାଗ ପକ୍ଷରୁ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳି ଜାରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଇଛି । ସରକାରୀ କାର୍ଯ୍ୟରେ ଇଲେକ୍ଟ୍ରିକ ଯାନବାହନ (EV) ବ୍ୟବହାର ପାଇଁ ଅର୍ଥ ବିଭାଗ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି ।

ଅର୍ଥ ବିଭାଗର ନିର୍ଦ୍ଦେଶ ମୁତାବକ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟ ପାଇଁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଲେକ୍ଟ୍ରିକ ଯାନବାହନ(EV) କିଣିବା ନେଇ ଅନୁମୋଦନ କରାଯାଇଛି ।

ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ମନ୍ତ୍ରୀଙ୍କ ପାଇଁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ EV ଗାଡ଼ି କିଣା ଯାଇପାରିବ । ଏପରିକି ମୁଖ୍ୟ ସଚିବ, ଉନ୍ନୟନ କମିଶନର, ସଚିବସ୍ତରୀୟ ଅଧିକାରୀଙ୍କ ପାଇଁ ୨୫ ଲକ୍ଷ ପର୍ଯ୍ୟନ୍ତ EV ଯାନବାହନ କିଣିବା ନେଇ ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି । ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜିଲା ଜଜ୍, ଜିଲାପାଳ ଏବଂ ଏସ୍‌ପିଙ୍କ ଲାଗି EV ଯାନବାହନ କିଣାଯାଇପାରିବ । ଅର୍ଥ ବିଭାଗର ଅନୁମୋଦନ ପରେ EV କିଣିପାରିବେ ।

ପୁରାଣରେ ସର୍ପ ବନ୍ଧନ କଥା ଶୁଣାଯାଏ କିନ୍ତୁ ବାସ୍ତବରେ କେହି ଦେଖି ନ ଥିବେ । ହେଲେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଡେଣିଗଡ଼ ଗାଁରେ ଶନିବାର ବିଳମ୍ବିତ ରାତିରେ ଏଭଳି କିଛି ଘଟଣା ଘଟିଛି, ଯାହାକି ଶୁଣିଲେ ମଧ୍ୟ ଆଶ୍ଚର୍ଯ୍ୟ ପରି ଲାଗୁଛି । ପକ୍ଷାଘାତର ଶିକାର ହୋଇଥିବା କୃଷ୍ଣଚନ୍ଦ୍ର ସାହୁଙ୍କୁ ଏକ ସାପ ଦୁଇ ଘଣ୍ଟା ଧରି ଗୁଡାଇ ରଖିଥିଲା । ଜୀବନ ବଞ୍ଚାଇବା ପାଇଁ ରୋଗୀ ଜଣକ ନୀରବ ସଂଘର୍ଷ ଚଳାଇଥିଲେ । ଶେଷରେ ସାପଟି କିଛି କ୍ଷତି ନ କରି ଚାଲିଯିବା ଘଟଣା ପରିବାର ସଦସ୍ୟଙ୍କ ସମେତ ଅନ୍ୟମାନଙ୍କୁ ଚକିତ କରିଛି ।

ସୂଚନା ମୁତାବକ, ହରଭଙ୍ଗା ବ୍ଲକ ଅନ୍ତର୍ଗତ ଆଡେଣିଗଡ଼ ଗାଁର କୃଷ୍ଣଚନ୍ଦ୍ର ଜଣେ ପକ୍ଷାଘାତ ରୋଗୀ । ଶନିବାର ବିଳମ୍ବିତ ରାତିରେ ସେ ଘରେ ଶୋଇଥିବା ବେଳେ ଘର ଝରକା ଖୋଲା ଥିଲା । ଏହି ସମୟରେ ଝରକା ଦେଇ ଏକ ଛୋଟ ଅଜଗର ସାପ ଘର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିତରକୁ ପଶି ଆସିଥିଲା ଏବଂ ଶୋଇଥିବା କୃଷ୍ଣଙ୍କ ଶରୀର ଉପରକୁ ଚଢ଼ିଯାଇଥିଲା । କୃଷ୍ଣ ଯେତେବେଳେ ଏହା ଜାଣିବାକୁ ପାଇଲେ, ସେତେବେଳେ ସେ ହଠାତ୍ ଉଠି ପାରି ନ ଥିଲେ କି କାହାକୁ ଡାକି ପାରି ନ ଥିଲେ । କାରଣ ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିବାରୁ ତାଙ୍କ ଶରୀରର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଅଚଳ ରହିଛି । କିଛି ସମୟ ପରେ କୃଷ୍ଣ ଉଠିବା ପାଇଁ ଚେଷ୍ଟା କରିଥିଲେ କିନ୍ତୁ ସେତେବେଳକୁ ସାପଟି କୃଷ୍ଣଙ୍କ ହାତକୁ ଏକ ଚେୟାର ସହ ଜୋରରେ ଗୁଡ଼ାଇ ବାନ୍ଧି ସାରିଥିଲା । ପରେ କୃଷ୍ଣଙ୍କ ବିକଳ ପାଟି ଶୁଣି ଯେତେବେଳେ ପରିବାର ଲୋକେ ଏହା ଦେଖିଲେ ସେମାନେ ଆଶ୍ଚର୍ଯ୍ୟ ହେବା ସହ ଭୟଭୀତ ହୋଇପଡ଼ିଥିଲେ । ଶେଷରେ ପରିବାର ଲୋକଙ୍କ ପ୍ରାୟ ୨ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ସାପ କବଳରୁ କୃଷ୍ଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା । ଏହାପରେ ସାପଟିକୁ ଘର ବାହାରକୁ ସୁରକ୍ଷିତ ଛାଡି ଦିଆଯାଇଥିଲା । ଏବେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

କଟକ ପ୍ରେସ୍ ଛକ ମାଛ ମାର୍କେଟ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ନିଆଁ ଲାଗି ମାଛ ମାର୍କେଟ ଜଳି ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି । ତେବେ ଏହି ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି । ପାଖରେ ଥିବା ବ୍ୟାଙ୍କରେ ମଧ୍ୟ ନିଆଁ ବ୍ୟାପିଯାଇଛି । ନିଆଁକୁ ଆୟତ୍ତ କରିବା ପାଇଁ ରୋବୋଟିକ୍ ମେଶିନର ବ୍ୟବହାର କରାଯାଉଛି । ରବିବାର ବିଳମ୍ବିତ ରାତିରୁ ନିଆଁ ଲାଗିଥିବାବେଳେ ସୋମବାର ପୂର୍ବାହ୍ନ ସୁଦ୍ଧା ନିଆଁ ଲିଭିନାହିଁ । ଏବେବି ନିଆଁ ଲିଭାଇବାକୁ ଉଦ୍ୟମ ଜାରି ରହିଛି ।

ନାମକରଣ ଭାବେ ପ୍ରସ୍ତୁତ କରିଛନ୍ତି । ଏହା ଭିତରେ ଧାମ ଶବ୍ଦ ଭର୍ତ୍ତି କରିଦେଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏନେଇ ଯେଉଁ ଚିଠି ଲେଖିଛନ୍ତି, ତାକୁ ସ୍ୱୀକାର କରୁଛି । ତୁରନ୍ତ ଧାମ ଶବ୍ଦ ସେହି ନାମକରଣରୁ ହଟାଇଦିଆଯିବ । ମାତ୍ର ଜଗନ୍ନାଥଙ୍କ ପୂଜା ସନାତନ ଧର୍ମରେ ଯେଉଁଭଳି ହୁଏ ସେନେଇ ଯାହା ଉଲ୍ଲେଖ ଅଛି ସେହିଭଳି କରାଯିବ । ରିଜୋଲ୍ୟୁଶନ ଯେଉଁଭଳି ହୋଇଛି ସବୁ ସେମିତି ଚାଲିବ, ହେଲେ ଧାମ ଶବ୍ଦ ହଟାଇ ଦିଆଯିବ । ହେଲେ ମନ୍ଦିରରେ ପୂଜାପାଠ, ପ୍ରସାଦ ପ୍ରସ୍ତୁତିଠାରୁ ସବୁକିଛି ମନ୍ଦିରଗୁଡ଼ିକରେ ଯେଉଁଭଳି କରାଯାଏ ସେମିତି ଚାଲିବ । ପୂର୍ବ ସରକାର ରାଜନୀତି କରିବାକୁ ସନାତନ ଧର୍ମ ବିରୋଧୀ କାର୍ଯ୍ୟ କରିଥିଲେ, ତାକୁ ପରିବର୍ତ୍ତନ କରାଯିବ । ଏକଥା ତାଙ୍କ ମନରେ ମଧ୍ୟ ଥିଲା । ଜଗନ୍ନାଥଙ୍କ ପୃଥିବୀରେ ଅଗଣିତ ଭକ୍ତ ଅଛନ୍ତି, ସମସ୍ତଙ୍କୁ ଏକଥା କହୁଛୁ ଧାମ ଶବ୍ଦ ହଟାଯିବ । ଆଗକୁ ଦୀଘା ସ୍ଥିତ ମନ୍ଦିରର ନାମ ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ହେବ ।

ଦୁର୍ଘଟଣାରେ ଯେତେବେଳେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୁଏ, ସେତେବେଳେ ତାଙ୍କର ରୋଜଗାର କିମ୍ବା ଦରମା ହିସାବରେ କ୍ଷତିପୂରଣ ସ୍ଥିର କରାଯାଏ । କିନ୍ତୁ ହୋମ ମେକର୍ (ଗୃହିଣୀ) ମହିଳାମାନଙ୍କ ସହ ଜଡ଼ିତ ମାମଲାରେ ଏହି ବିଷୟଟି ଜଟିଳ ହୋଇଯାଏ, କାରଣ ଗୃହିଣୀମାନଙ୍କର କୌଣସି ନିର୍ଦ୍ଦିଷ୍ଟ ରୋଜଗାର ନଥାଏ । ଏବେ ସୁପ୍ରିମକୋର୍ଟ ଗୃହିଣୀମାନଙ୍କ କ୍ଷତିପୂରଣକୁ ନେଇ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି । ଅଦାଲତ କହିଛନ୍ତି ଯେ ଯେତେବେଳେ କୌଣସି ଦୁର୍ଘଟଣା ଯୋଗୁଁ ଜଣେ ଗୃହିଣୀଙ୍କର ମୃତ୍ୟୁ ହୋଇଯାଏ, ସେତେବେଳେ ତାଙ୍କର କ୍ଷତିପୂରଣ ସ୍ଥିର କରିବା ସମୟରେ ପରିବାର ପ୍ରତି ତାଙ୍କର ଅବଦାନର ଆକଳନ କରିବା ଆବଶ୍ୟକ । ଅଦାଲତ ଆହୁରି ମଧ୍ୟ କହିଛନ୍ତି ଯେ ଗୃହିଣୀମାନଙ୍କ ଅବଦାନ କେବଳ ପରିବାର ମଧ୍ୟରେ ସୀମିତ ନୁହେଁ, ବରଂ ସେମାନେ ମାନବ ସମ୍ବଳ ଏବଂ ରାଷ୍ଟ୍ର ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରନ୍ତି । ଏଭଳି ପରିସ୍ଥିତିରେ ସେମାନଙ୍କୁ କେବଳ "ହୋମ ମେକର୍" କହିବା ବଦଳରେ "ନେସନ ବିଲ୍ଡର" କୁହାଯିବା ଉଚିତ ।

ଅଦାଲତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଗୃହିଣୀଙ୍କ ଦ୍ୱାରା କରାଯାଉଥିବା ଘରକାମ ଏବଂ ଯତ୍ନ ନେବା ଭଳି ସେବାଗୁଡ଼ିକର ଏକ ଆର୍ଥିକ ମୂଲ୍ୟ ରହିଛି, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ । ଦୁର୍ଘଟଣାର ଶିକାର ହୋଇଥିବା ଗୃହିଣୀମାନଙ୍କ ମାମଲାରେ କ୍ଷତିପୂରଣକୁ ନେଇ ସୁପ୍ରିମକୋର୍ଟ ଏକ ନୂତନ ଗାଇଡଲାଇନ ଜାରି କରିଛନ୍ତି ଏବଂ ଗୃହିଣୀ ମହିଳାମାନଙ୍କ ମୃତ୍ୟୁରେ ମାସିକ ୩୦ ହଜାର ଟଙ୍କା ହିସାବରେ କ୍ଷତିପୂରଣ ସ୍ଥିର କରିବାକୁ କହିଛନ୍ତି ।

ଯାନବାହନ ଦୁର୍ଘଟଣା ଦାବି ସହ ଜଡ଼ିତ ଏକ ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ସଞ୍ଜୟ କରୋଲ ଏବଂ ଜଷ୍ଟିସ ଏନ.କେ. ସିଂହଙ୍କ ବେଞ୍ଚ କହିଛନ୍ତି ଯେ ଘର ସମ୍ଭାଳୁଥିବା ମହିଳା (ଗୃହିଣୀ)ଙ୍କ ଅବଦାନ କେବଳ ଘର ମଧ୍ୟରେ ସୀମିତ ନୁହେଁ, ବରଂ ଦେଶ ଗଠନରେ ମଧ୍ୟ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କୋର୍ଟ ଏହି କଥା ଉପରେ ଗୁରୁତ୍ୱ ଦେଇଛନ୍ତି ଯେ ମୋଟର ଯାନ ଅଧିନିୟମ (Motor Vehicles Act) ଅଧୀନରେ କ୍ଷତିପୂରଣ ସ୍ଥିର କରିବା ସମୟରେ, ଗୃହିଣୀଙ୍କ ମୃତ୍ୟୁ ଯୋଗୁଁ ପରିବାର ଘରୋଇ ଯତ୍ନ ବାବଦରେ ଯେଉଁ କ୍ଷତି ସହୁଛି, ତାହାକୁ ସ୍ୱତନ୍ତ୍ର ଭାବେ ମାନ୍ୟତା ଦିଆଯିବା ଉଚିତ ।

ଏହି ନିଷ୍ପତ୍ତି ପଞ୍ଜାବର ଏକ ମୋଟର ଦୁର୍ଘଟଣା ଦାବି ସହ ଜଡ଼ିତ ଆବେଦନ ଉପରେ ଆସିଛି, ଯେଉଁଥିରେ ନଭେମ୍ବର ୨୦୦୧ ମସିହାରେ ରେଶମା ନାମକ ଜଣେ ମହିଳାଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା । ତାଙ୍କ ସ୍ୱାମୀ ଏବଂ ତିନି ସନ୍ତାନ କ୍ଷତିପୂରଣ ପାଇଁ ମୋଟର ଏକ୍ସିଡେଣ୍ଟ କ୍ଲେମ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ । ଟ୍ରିବ୍ୟୁନାଲ ୨୦୦୩ ମସିହାରେ କ୍ଷତିପୂରଣ ପ୍ରଦାନ କରିଥିଲେ, କିନ୍ତୁ ଏହି ମାମଲା ବର୍ଷେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବର୍ଷ ଧରି ମକଦ୍ଦମାରେ ଛନ୍ଦି ହୋଇ ରହିଥିଲା ଏବଂ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏହି ଆବେଦନ ଉପରେ ଡିସେମ୍ବର ୨୦୨୪ ରେ ଯାଇ ନିଷ୍ପତ୍ତି ଶୁଣାଇଥିଲେ ।

ଦୁର୍ଘଟଣାର ଦୁଇ ଦଶନ୍ଧିରୁ ଅଧିକ ସମୟ ବିତିଯିବା ପରେ ଏଭଳି ବିଳମ୍ବକୁ ନେଇ ଚିନ୍ତା ପ୍ରକାଶ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ମୋଟର ଦୁର୍ଘଟଣା କ୍ଷତିପୂରଣ ଦାବି ଉପରେ ସାଧାରଣତଃ ଏକ ବର୍ଷ ମଧ୍ୟରେ ନିଷ୍ପତ୍ତି ହୋଇଯିବା ଉଚିତ । ବେଞ୍ଚ କହିଛନ୍ତି ଯେ ଏଭଳି ମାମଲାଗୁଡ଼ିକର ସମାଧାନ ସାଧାରଣତଃ ଏକ ବର୍ଷ ଭିତରେ କରାଯିବା ଆବଶ୍ୟକ ।

କେନ୍ଦ୍ରରେ ମୋଦି ସରକାର ଐତିହାସିକ ୧୨ ବର୍ଷ ଶାସନ ପୂରଣ କରିଛି । ଏହା ସହିତ ପ୍ରଧାନମନ୍ତ୍ରୀ ମୋଦି ପ୍ରଧାନମନ୍ତ୍ରୀ ଭାବରେ ସବୁଠାରୁ ଦୀର୍ଘ ଦିନ ପାଇଁ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି । ଏହି ଅବସରରେ ଦିଲ୍ଲୀରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (NDA) ର ଏକ ବୈଠକ ଡକାଯାଇଥିଲା । NDA ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀମାନେ ମଧ୍ୟ ବୈଠକରେ ଅଂଶଗ୍ରହଣ କରିବାକୁ ଆସିଥିଲେ ।

କାର୍ଯ୍ୟକ୍ରମ ସମୟରେ ଏକ ଆକର୍ଷଣୀୟ ଭିଡିଓ ପ୍ରକାଶ ପାଇଥିଲା । ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଝାଲମୁଢ଼ି' ପରିବେଷଣ କରୁଥିବାର ଦେଖାଯାଇଥିଲା । ଭିଡିଓରେ ପ୍ରଧାନମନ୍ତ୍ରୀଙ୍କ ସହିତ ଭାଜପା ସଭାପତି ନୀତିନ ନବୀନ, କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାମାନଙ୍କୁ ମଧ୍ୟ ଦେଖାଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଭିଡିଓଟି ଶେୟାର କରି କ୍ୟାପସନ ଦେଇଛନ୍ତି,ଆଜି NDA ବୈଠକରେ ସହଯୋଗୀ NDA ନେତାମାନଙ୍କ ସହିତ 'ଝାଲମୁଢ଼ି' ଖାଇଲି ।

'ଝାଲମୁଢ଼ି' ବଙ୍ଗଳା ବିଧାନସଭା ନିର୍ବାଚନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବିନ୍ଦୁ ଭାବରେ ଉଭା ହୋଇଥିଲା । ଏପ୍ରିଲ ୧୯ରେ ପ୍ରଧାନମନ୍ତ୍ରୀ ଏକ ନିର୍ବାଚନୀ ରାଲିକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ବୋଧିତ କରିବା ପାଇଁ ଝାରଗ୍ରାମ ଗସ୍ତରେ ଥିବା ସମୟରେ ଏକ 'ଝାଲମୁଢ଼ି' ଷ୍ଟଲରେ ହଠାତ୍ ଅଟକି ଯାଇ ଝାଲମୁଢ଼ି ଖାଇଥିଲେ ।

ସେହି ଘଟଣା ପରେ 'ଝାଲମୁଢ଼ି' ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କରିଥିଲା । ବଙ୍ଗଳା ନିର୍ବାଚନ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଭାଜପା ନେତା ଏବଂ କର୍ମୀମାନେ ସେମାନଙ୍କର ବିପୁଳ ବିଜୟରେ ଉଲ୍ଲସିତ ହୋଇ ପରସ୍ପର ଏବଂ ସାଧାରଣ ଲୋକଙ୍କ ସହିତ 'ଝାଲମୁଢ଼ି' ବାଣ୍ଟି ଉତ୍ସବ ପାଳନ କରିଥିଲେ ।

କେନ୍ଦ୍ର କ୍ୟାବିନେଟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରି ଏକ ପ୍ରସ୍ତାବ ପାରିତ କରିଥିଲେ । କ୍ୟାବିନେଟ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ଏହି ଐତିହାସିକ ମାଇଲଖୁଣ୍ଟ ପାଇଁ ଠିଆ ହୋଇ ପ୍ରଶଂସା କରି ସମ୍ମାନିତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ବୁଧବାର କେନ୍ଦ୍ର ସରକାରଙ୍କ ମୁଖ୍ୟ ଭାବରେ ୧୨ ବର୍ଷ ପୂରଣ କରିଛନ୍ତି । ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ୪,୩୯୯ ଦିନର କାର୍ଯ୍ୟକାଳ ସହିତ, ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ରେକର୍ଡ ଭାଙ୍ଗିଛନ୍ତି ।

ସୋସିଆଲ ମିଡିଆ ଦୁନିଆରେ ରାତାରାତି ପ୍ରସିଦ୍ଧି ପାଇବା ଯେତିକି ସହଜ, ବିବାଦ ଗଳିରେ ଫସିଯିବାର ବିପଦ ମଧ୍ୟ ସେତିକି ଅଧିକ ରହିଥାଏ । ଆଜିକାଲି ଷ୍ଟାଣ୍ଡଅପ କମେଡିଆନ ପ୍ରଣିତ ମୋରେ ନିଜର ଏକ ଶୋ'ର ଭାଇରାଲ ଭିଡିଓକୁ ନେଇ ଜୋରଦାର ବିବାଦ ଘେରରେ ରହିଛନ୍ତି । ଗୁରୁଗ୍ରାମର ଜଣେ ଯୁବକଙ୍କ ସହ ଶୋ' ମଧ୍ୟରେ ହୋଇଥିବା କଥାବାର୍ତ୍ତାର ଭିଡିଓ କ୍ଲିପ ଇଣ୍ଟରନେଟରେ ଆସିବା ମାତ୍ରେ ଲୋକଙ୍କ ଆକ୍ରୋଶ ଚରମ ସୀମାରେ ପହଞ୍ଚିଛି । ଏହି '୩୭୦ ଟଙ୍କାର ବିରିୟାନୀ' ବିବାଦ ପରେ ଗୋଟିଏ ପଟେ ସେହି ଦର୍ଶକଙ୍କ ଚାକିରି ଚାଲିଯାଇଥିବା ବେଳେ ଅନ୍ୟପଟେ କମେଡିଆନ ପ୍ରଣିତ ମୋରେଙ୍କ ବିରୋଧରେ ଏଫଆଇଆର୍ (FIR) ମଧ୍ୟ ରୁଜୁ ହୋଇଛି ।

ଏହି ସମ୍ପୂର୍ଣ୍ଣ ବିବାଦର ଆରମ୍ଭ ପ୍ରଣିତ ମୋରେଙ୍କ ଏକ ଲାଇଭ ଷ୍ଟାଣ୍ଡଅପ କମେଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୋ' ସମୟରେ ହୋଇଥିଲା । ଶୋ'ରେ ଉପସ୍ଥିତ ଥିବା ଗୁରୁଗ୍ରାମର ହିମାଂଶୁ ଜାଙ୍ଗଡ଼ା ନାମକ ଜଣେ ଯୁବକ କଥାବାର୍ତ୍ତା ବେଳେ କହିଥିଲେ ଯେ, ସେ ଜଣେ ଝିଅ ସହ ଡେଟରେ ଯାଇଥିଲେ । ସେଠାରେ ସେ ଝିଅର ବିରିୟାନୀ ବାବଦରେ ୩୭୦ ଟଙ୍କା ଖର୍ଚ୍ଚ କରିଥିଲେ ଏବଂ ଏହାର ବଦଳରେ ସେ ଝିଅ ସହ ଶାରୀରିକ ସମ୍ପର୍କ ରଖିବାକୁ ଆଶା କରୁଥିଲେ । ଯୁବକଜଣକ ସମସ୍ତଙ୍କ ସାମ୍ନାରେ ସ୍ୱୀକାର କରିଥିଲେ ଯେ, ଝିଅଟିର ସମ୍ମତି ନଥିବା ସତ୍ତ୍ୱେ ସେ ତାଙ୍କ ଉପରେ ଜୋର ଜବରଦସ୍ତ କରିବାକୁ ଚେଷ୍ଟା କରିଥିଲେ । ଏଭଳି ଏକ ଅଶ୍ଳୀଳ ଏବଂ ସମ୍ବେଦନଶୀଳ କଥା ଉପରେ ତୁରନ୍ତ ଆପତ୍ତି ପ୍ରକାଶ କରିବା ବା ତାଙ୍କୁ ଅଟକାଇବା ବଦଳରେ ଶୋ'ର ହୋଷ୍ଟ ପ୍ରଣିତ ମୋରେ ହସୁଥିଲେ ଏବଂ ଏହି କଥାକୁ ମଜାକରେ ଉଡ଼ାଇ ପ୍ରୋତ୍ସାହନ ଦେଇଥିଲେ ।

ପ୍ରଣୀତ ମୋରେଙ୍କ ଶୋ'ରେ ଉପସ୍ଥିତି ସମୟରେ MBBS ଛାତ୍ରୀ ସେଜଲ ପାୱାରଙ୍କ ଦ୍ୱାରା କରାଯାଇଥିବା ଏକ ବ୍ୟଙ୍ଗ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଷ୍ଟାଣ୍ଡ-ଅପ କମେଡି ଶୋ'ରେ, ସେଜଲ ପୁରୁଷ ମୃତଦେହ ସହିତ ହେରଫେର ବିଷୟରେ କହିଥିଲେ ।

ସମ୍ବାଦ ସରବରାହ ସଂସ୍ଥା ANIର ଏକ ରିପୋର୍ଟ ଅନୁଯାୟୀ, KEM ହସ୍ପିଟାଲ ଏବଂ ମେଡିକାଲ କଲେଜ MBBS ଛାତ୍ରୀ ସେଜଲ ପାୱାରଙ୍କୁ ବାଧ୍ୟତାମୂଳକ ୧୫ ଦିନର ଛୁଟିରେ ରଖିଛି ଏବଂ ତାଙ୍କୁ ହସ୍ପିଟାଲ, ମେଡିକାଲ କଲେଜ ଏବଂ ହଷ୍ଟେଲ ପରିସରରେ ପ୍ରବେଶ କରିବାକୁ ବାରଣ କରିଛି ।

ପ୍ରାରମ୍ଭିକ ତଦନ୍ତ ପରେ ଅନୁଷ୍ଠାନ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ଯାହା ନିଶ୍ଚିତ କରିଛି ଯେ ଭାଇରାଲ କ୍ଲିପରେ ଦେଖାଯାଉଥିବା ଝିଅଟି ପ୍ରକୃତରେ ସେଜଲ ପାୱାର ।

ଅଧିକାରୀମାନେ କହିଛନ୍ତି ଯେ ଭିଡିଓରେ ତାଙ୍କ ଦ୍ୱାରା ଦିଆଯାଇଥିବା ମନ୍ତବ୍ୟ ପ୍ରଥମ ନଜରରେ ଅନୁପଯୁକ୍ତ ମନେ ହେଉଥିଲା ଏବଂ ଏହାକୁ ଗ୍ରହଣୀୟ ନୁହେଁ ବୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିବେଚନା କରାଯାଇଥିଲା । ବର୍ତ୍ତମାନ ପାଇଁ, ସେଜଲଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି; ଏହି ୧୫ ଦିନର ଅବଧି ମଧ୍ୟରେ ତାଙ୍କୁ ଶିକ୍ଷାଗତ ଅଧ୍ୟୟନ କିମ୍ବା ଅନ୍ୟ କଲେଜ ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ ।

ସାମାଜିକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ଏବଂ ଆଲୋଚନା ମଧ୍ୟରେ ଅନୁଷ୍ଠାନ କହିଛି ଯେ ତାଙ୍କ ସୁରକ୍ଷା ଏବଂ ମଙ୍ଗଳକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ।

ହସ୍ପିଟାଲ ଅଧିକାରୀମାନେ ରିପୋର୍ଟ କରିଛନ୍ତି ଯେ ସେଜଲ ତଦନ୍ତ ସମୟରେ ଭାବପ୍ରବଣ ହୋଇଯାଇଥିଲେ ଏବଂ ଲଗାତାର କାନ୍ଦିଥିଲେ । ସେ ତାଙ୍କ ବୟାନରେ ଅନୁତାପ ମଧ୍ୟ ପ୍ରକାଶ କରିଥିଲେ । ବିବାଦର ଯୋଗୁ ତାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବକୁ ଦୃଷ୍ଟିରେ ରଖି, ଅନୁଷ୍ଠାନ ତାଙ୍କୁ ଡିପ୍ରେସନ କିମ୍ବା ଗୁରୁତର ମାନସିକ ଚାପକୁ ରୋକିବା ପାଇଁ ବୃତ୍ତିଗତ ପରାମର୍ଶ ନେବାକୁ ପରାମର୍ଶ ଦେଇଛି ।

ପ୍ରଣୀତ ମୋରେଙ୍କ ଶୋ'ର କ୍ଲିପ ଭାଇରାଲ ହେବା ପରେ, ସେଜଲ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଜନସାଧାରଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ଏକ ଭିଡିଓ ମଧ୍ୟ ଶେୟାର କରିଥିଲେ ।

KEM ହସ୍ପିଟାଲ ଏବଂ ମେଡିକାଲ କଲେଜ ଏହି ଘଟଣାର ବିସ୍ତୃତ ତଦନ୍ତ କରିବା ପାଇଁ ଏକ ପାଞ୍ଚ ଜଣିଆ କମିଟି ଗଠନ କରିବାକୁ ସୁପାରିଶ କରିଛି । ଏହି ପ୍ୟାନେଲରେ ଜଣେ ଅବସରପ୍ରାପ୍ତ ବରିଷ୍ଠ ପ୍ରଫେସର, ଜଣେ ବରିଷ୍ଠ ସାମ୍ବାଦିକ ଏବଂ ମେଡିକାଲ କଲେଜର ତିନି ଜଣ ଅଧ୍ୟାପକ ରହିବେ ।

କମିଟି ଭାଇରାଲ ଭିଡିଓର ତଦନ୍ତ କରିବ, ଘଟଣାର ତଥ୍ୟ ଯାଞ୍ଚ କରିବ ଏବଂ ବିବାଦର ପୂର୍ଣ୍ଣାଙ୍ଗ ଯାଞ୍ଚ କରିବ । ସାତ ଦିନ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି, ଯାହା ପରେ ଅନୁଷ୍ଠାନ ଏବଂ ପ୍ରାସଙ୍ଗିକ କର୍ତ୍ତୃପକ୍ଷ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିଷ୍ପତ୍ତି ନେବେ । ପ୍ରଶାସନ କହିଛି ଯେ ଏହା ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତଦନ୍ତ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାର କରିବାରୁ ନିବୃତ୍ତ ରହିବ । ସେମାନେ ମଧ୍ୟ ଆଶ୍ୱାସନା ଦେଇଛନ୍ତି ଯେ ତଦନ୍ତ ନିରପେକ୍ଷ ଏବଂ ସ୍ୱଚ୍ଛ ଭାବରେ କରାଯିବ ।

ସେଜଲ ପାଣ୍ଡାରଙ୍କୁ ନେଇ ବିବାଦ ହାସ୍ୟ ଅଭିନେତା ପ୍ରଣୀତ ମୋରେଙ୍କ ଷ୍ଟାଣ୍ଡ-ଅପ କମେଡି ଶୋ'ର ଏକ କ୍ଲିପରୁ ସୃଷ୍ଟି ହୋଇଛି । ଶନିବାର, ମୋରେ ଇନଷ୍ଟାଗ୍ରାମରେ ଶେୟାର କରାଯାଇଥିବା ଏକ ଭାବପ୍ରବଣ ଭିଡିଓରେ ଏହି ପ୍ରସଙ୍ଗକୁ ସମ୍ବୋଧିତ କରି ସ୍ୱୀକାର କରିଛନ୍ତି ଯେ ସେ 'ଭିଡ଼-କାର୍ଯ୍ୟ' ଆଲୋଚନା ସମୟରେ ଭୁଲ କରିଥିଲେ ।

ମୋରେ କହିଛନ୍ତି, 'ଆପଣମାନେ ସମସ୍ତେ ମୋର ଭିଡ଼-କାର୍ଯ୍ୟ ଭିଡିଓ ଦେଖିଥିବେ, ଯାହା ପାଇଁ ମୁଁ ବହୁତ ଘୃଣା ପାଉଛି – ଏବଂ ମୁଁ ଅନୁଭବ କରୁଛି ଯେ ମୁଁ ଏହାର ଯୋଗ୍ୟ । ଯେତେବେଳେ ମୁଁ ସେହି ବ୍ୟକ୍ତିଙ୍କ ସହିତ ଆଲୋଚନା କରୁଥିଲି, ସେମାନେ ଅନେକ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ; ତଥାପି, ସମସ୍ତେ ହସୁଥିବାରୁ, ମୁଁ ଭାସି ଯାଇଥିଲି ।'

ଏହାକୁ ବିଚାରରେ ଏକ ତ୍ରୁଟି ଭାବରେ ବର୍ଣ୍ଣନା କରି, ହାସ୍ୟ ଅଭିନେତା ଆହୁରି ମଧ୍ୟ କହିଛନ୍ତି, 'ମୁଁ ସେମାନଙ୍କୁ ସେଠାରେ ଅଟକାଇ ପାରିଥାନ୍ତି କିମ୍ବା ଏକ ମତ ନେଇପାରିଥାନ୍ତି, କିନ୍ତୁ ମୁଁ ତାହା କରିପାରି ନଥିଲି । ମୁଁ ସେମାନଙ୍କୁ ଏକ ପ୍ଲାଟଫର୍ମ ଦେଇଥିଲି, ଯାହା ପରିସ୍ଥିତିକୁ ଆହୁରି ତୀବ୍ରତର କରିଥିଲା । ତେଣୁ, ମୁଁ ଏହା ଦ୍ୱାରା ଆଘାତ ପାଇଥିବା ପ୍ରତ୍ୟେକଙ୍କୁ କ୍ଷମା ମାଗିବାକୁ ଚାହୁଁଛି ।'

ରନ୍ଧନ ଗ୍ୟାସ (ଏଲ୍‌ପିଜି), ପେଟ୍ରୋଲ ଓ ଡିଜେଲ ପରେ ଏବେ ଜୀବନ ରକ୍ଷାକାରୀ ଜରୁରିକାଳୀନ ଔଷଧ ଉପରେ ପଶ୍ଚିମ ଏସିଆ ଯୁଦ୍ଧର ସାଙ୍ଘାତିକ ପ୍ରଭାବ ଦେଖିବାକୁ ମିଳିଛି । ଅନ୍ତର୍ଜାତୀୟ ସ୍ତରରେ ଯୋଗାଣ ଶୃଙ୍ଖଳ ବିପର୍ଯ୍ୟସ୍ତ ହେବା ଯୋଗୁ କ୍ୟାନ୍‌ସର ରୋଗ ଚିକିତ୍ସାରେ ବ୍ୟବହୃତ ପ୍ରମୁଖ କେମୋଥେରାପି ଔଷଧ 'ସିସ୍‌ପ୍ଲାଟିନ୍', 'କାର୍ବୋପ୍ଲାଟିନ୍' ଏବଂ ଧନୁଷ୍ଟଙ୍କାର ରୋଗର ପ୍ରତିଷେଧକ 'ଟିଟାନସ୍' ଇଞ୍ଜେକ୍ସନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୂଲ୍ୟରେ ବ୍ୟାପକ ବୃଦ୍ଧି ଘଟିଛି । କଞ୍ଚାମାଲ ଆମଦାନୀ ଖର୍ଚ୍ଚ ଏବଂ ବିମାନ ଓ ସାମୁଦ୍ରିକ ପରିବହନ ଭଡ଼ା ଅହେତୁକ ଭାବେ ବଢ଼ିଯିବା ଯୋଗୁ ମେଡିକାଲ ବଜାରରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି, ଯାହା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ରୋଗୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି । ବଜାରରେ ଏହି ସାଙ୍ଘାତିକ ସଙ୍କଟ ଓ କ୍ୟାନସର ଔଷଧର କୃତ୍ରିମ କଳାବଜାରୀକୁ ରୋକିବା ପାଇଁ କେନ୍ଦ୍ର ସରକାର ଡ୍ରଗ୍ ପ୍ରାଇସ୍ କଣ୍ଟ୍ରୋଲ ଅର୍ଡର (ଡିପିସିଓ, ୨୦୧୩) ର ଜରୁରିକାଳୀନ 'ପାରା ୧୯' ର ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ଜନସ୍ୱାର୍ଥରେ ୪ଟି ଜୀବନ ରକ୍ଷାକାରୀ ଔଷଧର ସର୍ବୋଚ୍ଚ ସିଲିଂ ମୂଲ୍ୟକୁ ୫୦ ପ୍ରତିଶତ ଯାଏ ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି ।

ସରକାରୀ ଗେଜେଟ ବିଜ୍ଞପ୍ତି ଏବଂ ରଏଟର୍ସର ଆର୍ଥିକ ବିଶ୍ଳେଷଣ ଅନୁଯାୟୀ, କ୍ୟାନସର ଚିକିତ୍ସାର ପ୍ରଥମ ଧାଡ଼ିର କେମୋଥେରାପି ଇଞ୍ଜେକ୍ସନ 'ସିସ୍ପ୍ଲାଟିନ' (୧ ଏମ୍‌ଜି/ଏମ୍‌ଏଲ୍) ର ସରକାରୀ ସିଲିଂ ମୂଲ୍ୟ ପୂର୍ବରୁ ପ୍ରତି ମିଲିଲିଟର ପିଛା ୭ ଟଙ୍କା ୨୬ ପଇସା ରହିଥିବା ବେଳେ ଏବେ ତାହା ୫୦ ପ୍ରତିଶତ ବୃଦ୍ଧି ପାଇ ୧୦ ଟଙ୍କା ୮୯ ପଇସାରେ ପହଞ୍ଚିଛି । ସେହିପରି ଡିମ୍ବାଶୟ, ଫୁସ୍‌ଫୁସ୍ ଏବଂ ମୂତ୍ରାଶୟ କର୍କଟ ପାଇଁ ବ୍ୟବହୃତ ଅନ୍ୟତମ ପ୍ରମୁଖ ଔଷଧ 'କାର୍ବୋପ୍ଲାଟିନ୍' (୧୦ ଏମ୍‌ଜି/ଏମ୍‌ଏଲ୍)ର ମୂଲ୍ୟ ପୂର୍ବରୁ ପ୍ରତି ମିଲିଲିଟର ପିଛା ୬୦ ଟଙ୍କା ୪୯ ପଇସା ଥିବା ବେଳେ ସରକାର ଏହାକୁ ବଢ଼ାଇ ୯୦ ଟଙ୍କା ୭୪ ପଇସା ନିର୍ଦ୍ଧାରଣ କରିଛନ୍ତି ।

ମେଡିକାଲ ବିଶେଷଜ୍ଞ ଏବଂ ରାଜନୈତିକ ସମୀକ୍ଷକମାନେ ସରକାରଙ୍କ ଏହି ଅନିୟନ୍ତ୍ରିତ ମୂଲ୍ୟ ବୃଦ୍ଧି ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି । ଗୋଟିଏ ପଟେ ଲୋକେ କ୍ରମାଗତ ତୈଳ ଓ ଗ୍ୟାସ ମହଙ୍ଗା ମାଡ଼ରେ ଛଟପଟ ହେଉଥିବାବେଳେ ଏବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରୀ ନିୟନ୍ତ୍ରଣ ଶିଥିଳ ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ ବୋଲି ସେମାନେ କହିଛନ୍ତି । ଦୁରାରୋଗ୍ୟ କ୍ୟାନସରର ଚିକିତ୍ସା ପାଇଁ ଏହି ଔଷଧଗୁଡ଼ିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତ୍ୟନ୍ତ ଜରୁରୀ ଉପାଦାନ ହୋଇଥିବାବେଳେ ଏହାର ଦର ବଢ଼ିବା ଦ୍ୱାରା ଦେଶର ବହୁ ଲକ୍ଷ ରୋଗୀ ଜୀବନ ମରଣ ସହ ସଂଗ୍ରାମ କରିବାକୁ ବାଧ୍ୟ ହେବେ । ବିଶ୍ୱବ୍ୟାପୀ ସଙ୍କଟର ଆଳ ଦେଖାଇ ଜୀବନ ରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧିକୁ ରୋକିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ବିରୋଧୀ କଟାକ୍ଷ କରିଛନ୍ତି ।

ଭାରତୀୟ ଔଷଧ ଶିଳ୍ପ (ଫାର୍ମା ସେକ୍ଟର) ଅନେକ ଜୀବନ ରକ୍ଷାକାରୀ ଔଷଧର ସକ୍ରିୟ ଉପାଦାନ ବା ଏପିଆଇ ଆମଦାନୀ ପାଇଁ ଅନ୍ତର୍ଜାତୀୟ ରୁଟ୍ ଉପରେ ନିର୍ଭର କରିଥାଏ । ପଶ୍ଚିମ ଏସିଆର 'ଷ୍ଟ୍ରେଟ୍ ଅଫ୍ ହୁର୍ମଜ' ଅଞ୍ଚଳରେ ଚାଲିଥିବା ସାମରିକ ତିକ୍ତତା ଯୋଗୁ ମାଲବାହୀ ଜାହାଜଗୁଡ଼ିକର ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଏହି କାରଣରୁ କେମୋଥେରାପି ପାଇଁ ଆବଶ୍ୟକ ହେଉଥିବା ପ୍ଲାଟିନମ୍ ଧାତୁର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ବହୁ ଗୁଣ ବଢ଼ିଯାଇଛି । ଯୋଗାଣରେ ବିଳମ୍ବ ଏବଂ ବୀମା ପ୍ରିମିୟମ ବୃଦ୍ଧି ଯୋଗୁ ଦେଶର ଫାର୍ମା କମ୍ପାନୀଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବହୁ ମାତ୍ରାରେ ବଢ଼ିଯାଇଛି, ଯାହାର ସିଧାସଳଖ ଆର୍ଥିକ ବୋଝ ଏବେ ସାଧାରଣ ଗ୍ରାହକ ଏବଂ ରୋଗୀଙ୍କ ଉପରେ ଲଦି ଦିଆଯାଉଛି । କମ୍ପାନୀଗୁଡ଼ିକ ଉତ୍ପାଦନ ବନ୍ଦ କରିଦେବା ଯୋଗୁ ଏମ୍ସ ଏବଂ ଟାଟା ମେମୋରିଆଲ ଭଳି ପ୍ରମୁଖ ହସ୍ପିଟାଲରେ ଔଷଧର ଘୋର ଅଭାବ ଦେଖାଦେଇଥିଲା, ଯାହାକୁ ସୁଧାରିବା ପାଇଁ ସରକାର ଏହି ମୂଲ୍ୟ ବୃଦ୍ଧିକୁ ମଞ୍ଜୁରୀ ଦେଇଛନ୍ତି ।

କେବଳ କ୍ୟାନ୍ସର ଔଷଧ ନୁହେଁ, ବରଂ ଦେଶର ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠାରୁ ଅଧିକ ବ୍ୟବହୃତ ଜରୁରିକାଳୀନ ପ୍ରାଥମିକ ଇଞ୍ଜେକ୍ସନ 'ଟିଟାନସ୍' ର ମୂଲ୍ୟ ବୃଦ୍ଧି ସମସ୍ତଙ୍କୁ ଚକିତ କରିଛି । ଦୁର୍ଘଟଣା କିମ୍ବା ଆଘାତ ସମୟରେ ସଂକ୍ରମଣରୁ ରକ୍ଷା ପାଇଁ ଏହି ଇଞ୍ଜେକ୍ସନ ସର୍ବପ୍ରଥମେ ଆବଶ୍ୟକ ହୋଇଥାଏ । ସରକାରୀ ନିଷ୍ପତ୍ତି ଅନୁଯାୟୀ, 'ଆଣ୍ଟି-ଟିଟାନସ୍ ଇମ୍ୟୁନୋଗ୍ଲୋବୁଲିନ'ର ୨୫୦ ଆଇୟୁ ବିଶିଷ୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାଏଲ୍‌ର ମୂଲ୍ୟ ୧,୨୬୬ ଟଙ୍କା ୪୫ ପଇସାରୁ ବୃଦ୍ଧି ପାଇ ୧,୯୧୨ ଟଙ୍କା ୦୨ ପଇସା ହୋଇଛି । ସେହିପରି ୫୦୦ ଆଇୟୁ ବିଶିଷ୍ଟ ଭାଏଲ୍‌ର ସରକାରୀ ଦର ପୂର୍ବରୁ ୧,୯୨୦ ଟଙ୍କା ୭୯ ପଇସା ଥିବା ବେଳେ ବର୍ତ୍ତମାନ ଏହା ୨,୮୮୧ ଟଙ୍କା ୧୯ ପଇସାକୁ ବୃଦ୍ଧି ପାଇଛି (ଏଥିରେ ସ୍ଥାନୀୟ ଟ୍ୟାକ୍ସ ବା ଜିଏସ୍‌ଟି ସାମିଲ ନାହିଁ) । ଏଭଳି ଅତ୍ୟାବଶ୍ୟକ ଇଞ୍ଜେକ୍ସନ ମହଙ୍ଗା ହେବା ଫଳରେ ସରକାରୀ ଓ ବେସରକାରୀ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ପାଇବ, ଯାହାଦ୍ୱାରା ନିମ୍ନ ଆୟକାରୀ ପରିବାରଗୁଡ଼ିକ ସବୁଠାରୁ ଅଧିକ ଆର୍ଥିକ ସଙ୍କଟର ସାମ୍ନା କରିବେ ବୋଲି ସ୍ୱାସ୍ଥ୍ୟ କର୍ମୀମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । କେନ୍ଦ୍ର ଫାର୍ମାସ୍ୟୁଟିକାଲ୍ସ ବିଭାଗ ଅନୁଯାୟୀ, ବଜାରରେ ଏହି ଔଷଧର ନିରନ୍ତର ଯୋଗାଣ ବଜାୟ ରଖିବାକୁ ଏହି ଅସ୍ଥାୟୀ ମୂଲ୍ୟ ବୃଦ୍ଧି ଆଗାମୀ ୬ ମାସ ପାଇଁ ଲାଗୁ କରାଯାଇଛି ।

ସିନ୍ଧୁ ଜଳ ଚୁକ୍ତିନାମାକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଏବେ ପାକିସ୍ତାନର ଅନେକ ସ୍ଥାନରେ ସ୍ପଷ୍ଟ ହେବାରେ ଲାଗିଛି । ସାମ୍ପ୍ରତିକ ରିପୋର୍ଟରୁ ଜଣାପଡୁଛି ଯେ ପାକିସ୍ତାନର ସିନ୍ଧୁ ଏବଂ ବେଲୁଚିସ୍ତାନ ପ୍ରଦେଶଗୁଡ଼ିକ ଏକ ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ପରିସ୍ଥିତି ଏପରି ଯେ ଦେଶର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା ଜଳ ଅଭାବ ସହିତ ଜଡ଼ିତ ହେଉଛନ୍ତି । ଏହି ଅଭାବର ପ୍ରଭାବ କୃଷି ଉପରେ ପଡୁଛି; ସିନ୍ଧୁ ପ୍ରଦେଶର ଅନେକ ପ୍ରମୁଖ କେନାଲରେ ଜଳସ୍ତର ବହୁତ ହ୍ରାସ ପାଇଛି, ଯାହା ଫଳରେ ଚାଷୀମାନେ ସେମାନଙ୍କର ଫସଲକୁ ଜଳସେଚନ କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଅଞ୍ଚଳରେ କ୍ଷେତ ଶୁଖିବା ଆରମ୍ଭ ହୋଇଛି, ଏବଂ ଚାଷୀମାନେ ସମ୍ଭାବ୍ୟ ଆର୍ଥିକ କ୍ଷତି ବିଷୟରେ ଚିନ୍ତିତ ହେଉଛନ୍ତି ।

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା । ପରବର୍ତ୍ତୀ ସମୟରେ, ଦୁଇ ଦେଶ ମଧ୍ୟରେ ଜଳ ସମ୍ପଦକୁ ନେଇ ବିବାଦ ତୀବ୍ର ହୋଇଥିଲା । ଭାରତ ସରକାର ନିରନ୍ତର ଭାବରେ ବଜାୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖିଛନ୍ତି ଯେ ଆତଙ୍କବାଦକୁ ସମର୍ଥନ କରୁଥିବା ରାଷ୍ଟ୍ରକୁ ପାଣି ଯୋଗାଇ ଦିଆଯିବ ନାହିଁ । ସମ୍ପ୍ରତି, କେନ୍ଦ୍ରୀୟ ନେତୃତ୍ୱ ଏହି ପ୍ରସଙ୍ଗରେ ତାଙ୍କର ଦୃଢ଼ ମନୋଭାବକୁ ଦୋହରାଇଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସ୍ପଷ୍ଟ କରିଛନ୍ତି ଯେ ଭାରତର ନିଜ ସ୍ଥିତିକୁ ନରମ କରିବାର କୌଣସି ଉଦ୍ଦେଶ୍ୟ ନାହିଁ । ସେ କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଚୁକ୍ତିନାମାକୁ ସ୍ଥଗିତ କରିବା ସହିତ, ଭାରତ ବାର୍ତ୍ତା ଦେଇଛି ଯେ ଯେଉଁମାନଙ୍କର ଲୁହ ଶୁଖିଯାଇଛି ସେମାନେ ପାଣି ଆଶା କରିବା ଉଚିତ୍ ନୁହେଁ । ପ୍ରତିରକ୍ଷା ମନ୍ତ୍ରୀ ଆହୁରି ଦୃଢ଼ତାର ସହିତ କହିଛନ୍ତି ଯେ ଭାରତ ଆତଙ୍କବାଦୀଙ୍କ ପୃଷ୍ଠପୋଷକ ଏବଂ ମାନବତାର ଶତ୍ରୁଙ୍କ ପାଖରେ ସିନ୍ଧୁ ନଦୀର ଜଳ ପହଞ୍ଚିବାକୁ ଦେବ ନାହିଁ ।

ଏହା ଉଲ୍ଲେଖନୀୟ ଯେ ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ୧୯୬୦ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସିନ୍ଧୁ ଜଳ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଦଶନ୍ଧି ଧରି, ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ଜଳ ବଣ୍ଟନର ମୂଳଦୁଆ ଭାବରେ କାର୍ଯ୍ୟ କରିଥିଲା । ତଥାପି, ସାମ୍ପ୍ରତିକ ବର୍ଷଗୁଡ଼ିକରେ, ବଢୁଥିବା ଉତ୍ତେଜନା ଏବଂ ସୁରକ୍ଷା ଚିନ୍ତା ଯୋଗୁଁ ଏହି ଚୁକ୍ତିନାମା ପୁଣି ଚର୍ଚ୍ଚାକୁ ଆସିଛି । ଏହି ସମୟରେ, ପାକିସ୍ତାନରେ ଚାଲିଥିବା ଜଳ ସଙ୍କଟ ରାଜନୈତିକ ବିବାଦକୁ ମଧ୍ୟ ଖୋରାକ ଯୋଗାଇଛି, ବିଭିନ୍ନ ରାଜନୈତିକ ଦଳ ପରସ୍ପରକୁ ପରିସ୍ଥିତିକୁ ଆହୁରି ଖରାପ କରୁଥିବା ଅଭିଯୋଗ କରୁଛନ୍ତି । ଜମାତ-ଏ-ଇସଲାମି ମୁଖ୍ୟ ହାଫିଜ ନଇମ-ଉର-ରେହମାନ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ନେତୃତ୍ୱାଧୀନ ସିନ୍ଧ ସରକାର ବର୍ଷ ବର୍ଷ ଧରି କ୍ଷମତାରେ ରହିବା ସତ୍ତ୍ୱେ କରାଚୀର ଦୀର୍ଘକାଳୀନ ଜଳ ଅଭାବ ସମାଧାନ କରିବାରେ ବିଫଳ ହୋଇଥିବା ଅଭିଯୋଗ କରିଛନ୍ତି । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ମାସଗୁଡ଼ିକରେ ପର୍ଯ୍ୟାପ୍ତ ବର୍ଷା ହେଲେ ପରିସ୍ଥିତି ଆହୁରି ଖରାପ ହୋଇପାରେ । ପାକିସ୍ତାନର ଅର୍ଥନୀତି ପୂର୍ବରୁ ଅନେକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚ୍ୟାଲେଞ୍ଜ ସହିତ ସଂଘର୍ଷ କରୁଛି, ଏବଂ ଜଳ ସଙ୍କଟ କୃଷି ଉତ୍ପାଦନକୁ ଆହୁରି ହ୍ରାସ କରିପାରେ । ଏହା ଖାଦ୍ୟ ସୁରକ୍ଷା ଏବଂ ଗ୍ରାମୀଣ ନିଯୁକ୍ତିକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ରହିଛି ।

ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ନିଯୁକ୍ତି ମାମଲାରେ କୋଲକାତା ହାଇକୋର୍ଟ କୌଣସି ବି ଅନ୍ତରୀଣ ନିର୍ଦ୍ଦେଶ ଜାରି କରିବାକୁ ମନା କରିଦେଇଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଚସ୍ପତି (ସ୍ପିକର)ଙ୍କ ନିଷ୍ପତ୍ତି ବଳବତ୍ତର ରହିବ । ତୃଣମୂଳ କଂଗ୍ରେସ (ଟିଏମସି) ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟ, ବିରୋଧୀ ଦଳ ନେତା ଭାବେ ଟିଏମସିର ବିଦ୍ରୋହୀ ବିଧାୟକ ଋତବ୍ରତ ବାନାର୍ଜୀଙ୍କ ନିଯୁକ୍ତିକୁ ଚ୍ୟାଲେଞ୍ଜ କରିଛନ୍ତି ।

ଟିଏମସି ପକ୍ଷରୁ ବିରୋଧୀ ଦଳ ନେତା ପଦ ପାଇଁ ଦୁଇଟି ନାମ ପଠାଯାଇଥିଲା । ଟିଏମସି ନେତୃତ୍ୱ ଗୋଷ୍ଠୀ ପକ୍ଷରୁ ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ନାମ ପ୍ରସ୍ତାବ କରାଯାଇଥିବା ବେଳେ, ଦଳର ବିଦ୍ରୋହୀ ବିଧାୟକ ଗୋଷ୍ଠୀ ଋତବ୍ରତ ବାନାର୍ଜୀଙ୍କ ନାମ ପଠାଇଥିଲେ । ଏହାକୁ ପଶ୍ଚିମବଙ୍ଗ ବିଧାନସଭା ବାଚସ୍ପତି ରଥୀନ୍ଦ୍ର ବସୁ ଗ୍ରହଣ କରିବା ସହ ତାଙ୍କୁ ବିରୋଧୀ ଦଳ ନେତା ଭାବେ ନିଯୁକ୍ତ କରିଥିଲେ ।

କୋଲକାତା ହାଇକୋର୍ଟ ଗୁରୁବାର ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ଆବେଦନ ଉପରେ ଶୁଣାଣି କରି କହିଛନ୍ତି ଯେ, ସେ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଜାରି କରୁନାହାନ୍ତି । ଜଷ୍ଟିସ କୃଷ୍ଣ ରାଓ ସବୁ ପକ୍ଷଙ୍କୁ ବିରୋଧରେ ସତ୍ୟପାଠ ଦାଖଲ କରିବାକୁ ଏବଂ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। । ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ ରେ ହେବ ।

ବିଦ୍ରୋହୀ ଟିଏମସି ଏମପିମାନେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ରିପୋର୍ଟ ଅନୁସାରେ, ମିଶ୍ରଣ ପରେ ସେମାନେ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟିରେ ଯୋଗଦେବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ଏନଡିଏକୁ ସମର୍ଥନ କରିବେ । ଏହି ସମ୍ପର୍କରେ କାକୋଲି ଘୋଷ ନିଜେ ଘୋଷଣା କରିଛନ୍ତି ।

ଏହି ପ୍ରସଙ୍ଗରେ କାକୋଲି ଘୋଷଙ୍କ ବିବୃତ୍ତି ସାମ୍ନାକୁ ଆସିଛି । କାକୋଲି ଘୋଷ କହିଛନ୍ତି ଯେ ଆମେ ଜାତୀୟତାବାଦୀ ନାଗରିକ ପାର୍ଟି ସହିତ ମିଶ୍ରଣ କରିବୁ । ଆମେ NDA କୁ ସମର୍ଥନ କରିବୁ । ୨୦ ଟିଏମସି ଏମପି ବାଚସ୍ପତିଙ୍କୁ ଏକ ଚିଠି ଦାଖଲ କରି ସଂସଦରେ ପୃଥକ ଭାବରେ ବସିବାକୁ ଦାବି କରିଛନ୍ତି । କାକୋଲି ଘୋଷ ସ୍ପଷ୍ଟ ଭାବେ କହିଛନ୍ତି ଯେ ଆମେ ଏନଡିଏର ଏକ ଅଂଶ ହେବା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କାର୍ଯ୍ୟ କରିବୁ ।

ସୁଦୀପ ବାନାର୍ଜୀ ମଧ୍ୟ ଏହି ପ୍ରସଙ୍ଗରେ ଏକ ବିବୃତ୍ତି ଜାରି କରିଛନ୍ତି । ସେ କହିଛନ୍ତି ଯେ ସେମାନେ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ସହିତ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି କିନ୍ତୁ ଏହା ମଧ୍ୟ ଦାବି କରିବେ ଯେ ସେମାନେ ପ୍ରକୃତ ଟିଏମସି । ସେମାନେ ଏହି ମାମଲାକୁ କୋର୍ଟକୁ ମଧ୍ୟ ନେବାକୁ ଚାହୁଁଛନ୍ତି । ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟିର ଆସାମ, ତ୍ରିପୁରା, ବଙ୍ଗଳା ଏବଂ ଉତ୍ତର-ପୂର୍ବରେ ଉପସ୍ଥିତି ଅଛି । ଦଳ ତ୍ରିପୁରାରେ ନିର୍ବାଚନ ଲଢ଼ିଛି । ୨୦୨୩ ତ୍ରିପୁରା ବିଧାନସଭା ନିର୍ବାଚନରେ, ଜାହାଙ୍ଗୀର ଅଲି ଦଳର ଟିକେଟରେ କୈଳାସହର (ଉନାକୋଟୀ) ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ।

ଭାରତୀୟ ରେଳବାଇ (Indian Railways) ଦେଶର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଯାତ୍ରାକୁ ସହଜ, ସୁରକ୍ଷିତ ଏବଂ ଶସ୍ତା କରିବା ପାଇଁ କ୍ରମାଗତ ଭାବେ ପ୍ରୟାସ କରୁଛି । ଏହି କ୍ରମରେ, ପଶ୍ଚିମ ମଧ୍ୟ ରେଳବାଇର ଭୋପାଳ ମଣ୍ଡଳ ଦିବ୍ୟାଙ୍ଗ ଯାତ୍ରୀମାନଙ୍କୁ ଯାତ୍ରା ସମୟରେ ସମ୍ମାନଜନକ ଏବଂ ଶସ୍ତା ଯାତ୍ରା ସୁବିଧା ଯୋଗାଇଦେବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ଏହା ଅଧୀନରେ ଦିବ୍ୟାଙ୍ଗ ଯାତ୍ରୀମାନଙ୍କୁ ଟ୍ରେନ ଟିକେଟ ଭଡ଼ାରେ ୨୫% ରୁ ୭୫% ପର୍ଯ୍ୟନ୍ତ ବଡ଼ ରିହାତି ଦିଆଯାଉଛି । ବିଶେଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥା ହେଉଛି, ଯାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ସାଙ୍ଗରେ ଯାଉଥିବା ସହଯୋଗୀ (Escort) ଙ୍କୁ ମଧ୍ୟ ସମାନ ପରିମାଣର ରିହାତି ମିଳିବ । ଆସନ୍ତୁ ଜାଣିବା, ଏହି ରିହାତିର ଲାଭ ଉଠାଇବା ପାଇଁ ଘରେ ବସି କିପରି ଅନଲାଇନ ଡିଜିଟାଲ କାର୍ଡ ତିଆରି କରାଯାଇପାରିବ ।

ରେଳବାଇର ଏହି ବିଶେଷ ରିହାତି ଯୋଜନା ଅଧୀନରେ, ଦିବ୍ୟାଙ୍ଗ ଯାତ୍ରୀମାନଙ୍କୁ ବିଭିନ୍ନ ଶ୍ରେଣୀର ଭଡ଼ାରେ ବଡ଼ ଆଶ୍ୱସ୍ତି ଦିଆଯାଉଛି । ଏହି ବିଶେଷ ରିହାତି ମୁଖ୍ୟତଃ ଦୃଷ୍ଟିହୀନ (Visually Impaired), ମାନସିକ ବିକଳାଙ୍ଗ (Mentally Challenged), ମୂକ-ବଧିର (Hearing and Speech Impaired) ଏବଂ ଚଳନ ଅକ୍ଷମତା ଥିବା ବା ଲୋକୋମୋଟର ଦିବ୍ୟାଙ୍ଗ (Orthopedically Handicapped) ଯାତ୍ରୀମାନଙ୍କୁ ଦିଆଯାଏ । ଯଦି ଦିବ୍ୟାଙ୍ଗ ଯାତ୍ରୀଙ୍କ ସହ କୌଣସି ସହଯୋଗୀ ବା ଏସକର୍ଟ ମଧ୍ୟ ଯାତ୍ରା କରୁଛନ୍ତି, ତେବେ ଟିକେଟ ବୁକିଂ ସମୟରେ ସେମାନଙ୍କୁ ମଧ୍ୟ ଠିକ ସେତିକି ପ୍ରତିଶତର ରିହାତି ପ୍ରଦାନ କରାଯିବ ।

ଏହି ରିହାତିର ସିଧାସଳଖ ଏବଂ ସହଜ ଲାଭ ଉଠାଇବା ପାଇଁ ଯାତ୍ରୀମାନଙ୍କ ପାଖରେ ଏକ ଆଧିକାରିକ କାର୍ଡ ରହିବା ବାଧ୍ୟତାମୂଳକ । ପଶ୍ଚିମ ମଧ୍ୟ ରେଳବାଇର ଭୋପାଳ ମଣ୍ଡଳ ଏହି ଦିଗରେ ଦ୍ରୁତ ଗତିରେ କାର୍ଯ୍ୟ କରି ୧୭ ଜୁନ ୨୦୨୬ ସୁଦ୍ଧା ରେକର୍ଡ ସଂଖ୍ୟକ ୬୫୧ ଟି 'ଦିବ୍ୟାଙ୍ଗଜନ କନସେସନ କାର୍ଡ' (Disability Concession Cards) ଜାରି କରିସାରିଛି । ଥରେ ଏହି କାର୍ଡ ତିଆରି ହୋଇଗଲେ, ଯାତ୍ରୀମାନେ ରେଳ ଷ୍ଟେସନର ଟିକେଟ କାଉଣ୍ଟରକୁ ଯାଇ କିମ୍ବା ଘରେ ବସି ଆଇଆରସିଟିସି (IRCTC) ୱେବସାଇଟ ମାଧ୍ୟମରେ ଅନଲାଇନ ଟିକେଟ ବୁକ କରିବା ସମୟରେ ଏହି ରିହାତିର ସିଧାସଳଖ ଲାଭ ଉଠାଇପାରିବେ ।

ଏବେ ଏହି କନସେସନ କାର୍ଡ ତିଆରି କରିବା ପାଇଁ ସରକାରୀ ଅଫିସ ଚକ୍କର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଟିବାର ଆଦୌ ଆବଶ୍ୟକତା ନାହିଁ, ସମ୍ପୂର୍ଣ୍ଣ ପ୍ରକ୍ରିୟା ଏବେ ଡିଜିଟାଲ ହୋଇଯାଇଛି । ଆବେଦନ ପାଇଁ ଆପଣଙ୍କୁ ନିମ୍ନଲିଖିତ ପ୍ରମାଣପତ୍ରଗୁଡ଼ିକର ଆବଶ୍ୟକତା ହେବ:

୧. ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦ୍ୱାରା ଜାରି କରାଯାଇଥିବା ଦିବ୍ୟାଙ୍ଗ ପ୍ରମାଣପତ୍ର (Disability Certificate)

୨. ରେଳବାଇ ରିହାତି ପ୍ରମାଣପତ୍ର (Railway Concession Certificate)

୩. ପରିଚୟ ଏବଂ ଠିକଣା ପ୍ରମାଣ ପାଇଁ ପରିଚୟ ଦସ୍ତାବିଜ (ID and Address Proof)

୪. ଜନ୍ମ ପ୍ରମାଣପତ୍ର (Birth Certificate)

୫. ଏକ ପାସପୋର୍ଟ ସାଇଜ ଫଟୋ

ଏହି ସମସ୍ତ ଦସ୍ତାବେଜକୁ ଭାରତୀୟ ରେଳବାଇର ଆଧିକାରିକ ପୋର୍ଟାଲ divyangjanid.indianrail.gov.in କୁ ଯାଇ ଅନଲାଇନ ଅପଲୋଡ କରିବାକୁ ହେବ ।

କାର୍ଡ ପ୍ରସ୍ତୁତିର ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଏବଂ ଏହାର ପ୍ରତିଟି ଅପଡେଟ ଆପଣ ଘରେ ବସି ପାଇପାରିବେ । ଆପଣଙ୍କ ଦ୍ୱାରା ଅନଲାଇନରେ ଦାଖଲ କରାଯାଇଥିବା ଦସ୍ତାବେଜଗୁଡ଼ିକୁ ରେଳ ଅଧିକାରୀମାନଙ୍କ ଦ୍ୱାରା ଯାଞ୍ଚ (Verification) କରାଯିବ । ଆପଣଙ୍କର ଡିଜିଟାଲ କାର୍ଡ ମଞ୍ଜୁର (Approve) ହେବା ମାତ୍ରେ, ଆପଣଙ୍କର ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏସଏମଏସ (SMS) ମାଧ୍ୟମରେ ସୂଚନା ପଠାଇ ଦିଆଯିବ ।

ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ପଢୁଥିବା ଛାତ୍ରୀମାନଙ୍କ ପାଇଁ ଏକ ବହୁତ ବଡ଼ ଖୁସି ଖବର ଆସୁଛି । ରାଜ୍ୟର ପ୍ରାୟ ୫୦ ହଜାର ମେଧାବୀ ଛାତ୍ରୀଙ୍କୁ 'ରାଣୀ ଲକ୍ଷ୍ମୀବାଇ ସ୍କୁଟି ଯୋଜନା' ଅଧୀନରେ ମାଗଣା ସ୍କୁଟି ଦେବା ପାଇଁ ବଡ଼ ଘୋଷଣା କରିଛନ୍ତି ସରକାର । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କଡ଼ା ନିର୍ଦ୍ଦେଶ ପରେ ଉଚ୍ଚ ଶିକ୍ଷା ବିଭାଗ ଏହି ଯୋଜନାର ସମ୍ପୂର୍ଣ୍ଣ ପ୍ରସ୍ତାବ ପ୍ରସ୍ତୁତ କରି ସାରିଛି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟର ପ୍ରତିଭାବାନ ଝିଅମାନଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଗକୁ ପାଠ ପଢ଼ିବା ପାଇଁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କର ପଥକୁ ସହଜ କରିବା । ସରକାରଙ୍କ ଏହି ପଦକ୍ଷେପ ଯୋଗୁଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଛାତ୍ରୀମାନଙ୍କର ଅଂଶଗ୍ରହଣ ଏବଂ ମନୋବଳ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

ଉଚ୍ଚ ଶିକ୍ଷା ବିଭାଗ ଏହି ଯୋଜନାର ଲାଭ ଦେବା ପାଇଁ କିଛି ଜରୁରୀ ନିୟମ ଓ ସର୍ତ୍ତ ସ୍ଥିର କରିଛି । ଏହି ଯୋଜନାରେ କେବଳ ସେହି ଛାତ୍ରୀମାନଙ୍କୁ ସାମିଲ କରାଯିବ, ଯେଉଁମାନଙ୍କ ପରିବାରର ବାର୍ଷିକ ଆୟ ୧୦ ରୁ ୧୨ ଲକ୍ଷ ଟଙ୍କାରୁ କମ ହୋଇଥିବ । ଏହା ସହିତ ଯୋଗ୍ୟତା ପରଖିବା ପାଇଁ ମାର୍କର ଏକ ସୀମା ମଧ୍ୟ ନିର୍ଦ୍ଧାରଣ କରାଯାଇଛି । ଉଚ୍ଚ ଶିକ୍ଷା ମନ୍ତ୍ରୀ ଯୋଗେନ୍ଦ୍ର ଉପାଧ୍ୟାୟଙ୍କ ସୂଚନା ଅନୁଯାୟୀ, ଗ୍ରାଜୁଏସନ (ସ୍ନାତକ) ପ୍ରଥମ ବର୍ଷରେ ୮୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ମାର୍କ ରଖିଥିବା ଛାତ୍ରୀମାନଙ୍କୁ ହିଁ ଏହି ଯୋଜନାର ଯୋଗ୍ୟ ବିବେଚିତ କରାଯିବ । ଏହି ସମ୍ବନ୍ଧରେ ବିଭାଗ ସମସ୍ତ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ୮୦, ୮୫ ଏବଂ ୯୦ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ପ୍ରଥମ ବର୍ଷର ଛାତ୍ରୀମାନଙ୍କର ସମ୍ପୂର୍ଣ୍ଣ ଡାଟା ମଧ୍ୟ ସଂଗ୍ରହ କରିସାରିଛି ।

ଏହି ଯୋଜନା ଅଧୀନରେ ଛାତ୍ରୀମାନଙ୍କୁ ପେଟ୍ରୋଲ ଚାଳିତ ସ୍କୁଟି ପ୍ରଦାନ କରାଯିବ । ଉଚ୍ଚ ଶିକ୍ଷା ମନ୍ତ୍ରୀ ସ୍ୱଷ୍ଟ କରିଛନ୍ତି ଯେ, ସ୍କୁଟି ବଣ୍ଟନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ବ୍ୟବସ୍ଥିତ କରିବା ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ବା ଗାଇଡଲାଇନ ପ୍ରସ୍ତୁତ କରାଯାଉଛି । ଏହି ଗାଇଡଲାଇନ ଚୂଡ଼ାନ୍ତ ହେବା ମାତ୍ରେ ସ୍କୁଟି ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଯିବ । ସରକାରଙ୍କ ବିଶ୍ୱାସ ଯେ, ପେଟ୍ରୋଲ ସ୍କୁଟି ମିଳିବା ଦ୍ୱାରା ଛାତ୍ରୀମାନଙ୍କୁ କଲେଜ ଯାତାୟାତରେ ସୁବିଧା ହେବ ଏବଂ ସେମାନେ କୌଣସି ପରିବହନ ସମସ୍ୟା ବିନା ନିଜର ପାଠପଢ଼ା ଜାରି ରଖିପାରିବେ । ଡାଟା ଆଧାରରେ ଖୁବଶୀଘ୍ର ଯୋଗ୍ୟ ଛାତ୍ରୀମାନଙ୍କର ଚୂଡ଼ାନ୍ତ ତାଲିକା (Final List) ପ୍ରକାଶ ପାଇବ ।

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(ୟୁବିଟି)କୁ ବଡ଼ ଝଟ୍‌କା ଲାଗିଛି । ଡେପୁଟି ସିଏମ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନାକୁ ଦଳର ୬ ଜଣ ଏମ୍‌ପି ସମର୍ଥନ ଜଣାଇଛନ୍ତି । ଏକନାଥ ଶିନ୍ଦେରେ ଯୋଗଦେବାକୁ ଥିବା ଏମ୍‌ପିମାନଙ୍କ ମଧ୍ୟରେ ସଞ୍ଜୟ ଯାଦବ, ସଞ୍ଜୟ ଦେଶମୁଖ, ନାଗେଶ ପାଟିଲ ଅଷ୍ଟିକର, ଓମ୍ରାଜେ ନିମ୍ବଲକର, ଭାଉସାହେବ ଭାକଚୌରେ ଏବଂ ସଞ୍ଜୟ ଦିନା ପାଟିଲ ଅଛନ୍ତି ।

୨୦୨୨ରେ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ଶିବସେନାର ଗୋଟିଏ ଗୋଷ୍ଠୀ ଦଳରୁ ବାହାରିଯିବାରୁ ମହାରାଷ୍ଟ୍ରର ରାଜନୈତିକ ସମୀକରଣ ବଦଳିଯାଇଥିଲା । ଏବେ ଶିବସେନା (ୟୁବିଟି)ରୁ ସାଂସଦମାନଙ୍କୁ ଅନ୍ୟ ଦଳକୁ ନେଇଯିବା ପାଇଁ ଉଦ୍ୟମ ଚାଲିଥିବାବେଳେ ଏକନାଥ ଶିନ୍ଦେଙ୍କ ନେତୃତ୍ୱ ଉପରେ ବିଶ୍ୱାସ ରଖୁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଦଳର ଦ୍ୱାର ଖୋଲା ରହିଛି ବୋଲି ମଙ୍ଗଳବାର ଶିବସେନା ନେତା ପ୍ରତାପ ସରନାଏକ କହିଛନ୍ତି ।

ଶିବସେନା(ୟୁବିଟି) ଏମ୍‌ପି ସଞ୍ଜୟ ଦେଶମୁଖ ସୋମବାର କେନ୍ଦ୍ରମନ୍ତ୍ରୀ ତଥା ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ନେତା ପ୍ରତାପରାଓ ଯାଦବଙ୍କୁ ଭେଟିଥିଲେ । ଏହାର ଦିନକ ପୂର୍ବରୁ ଉଦ୍ଧବ ଡାକିଥିବା ବୈଠକରେ ଶିବସେନା (ୟୁବିଟି)ର ୯ ଜଣ ଲୋକ ସଭା ସଦସ୍ୟଙ୍କ ମଧ୍ୟରୁ ମାତ୍ର ୪ ଜଣ ଯୋଗ ଦେଇଥିଲେ । ଯେଉଁମାନେ ଶିବସେନାର ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ଆଦର୍ଶ ଏବଂ ଉପମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କ ନେତୃତ୍ୱ ଉପରେ ବିଶ୍ୱାସ କରନ୍ତି, ସେମାନଙ୍କୁ ଦଳରେ ସ୍ୱାଗତ କରାଯିବ । ଆଗାମୀ ଦିନରେ ଯଦି ସେମାନେ ଏକନାଥ ଶିନ୍ଦେଙ୍କ ଦଳରେ ସାମିଲ ହେବାକୁ ଚାହାନ୍ତି, ତେବେ ସେମାନଙ୍କୁ ପ୍ରାଥମିକତା ଦିଆଯିବ ବୋଲି ସରନାଏକ କହିଛନ୍ତି ।

ଯେତେବେଳେ ଆମ ଦିନ ଆସିବ, ଦଳ କିପରି ଭାଙ୍ଗେ, ତାହା ଦେଖାଇଦେବୁ ବୋଲି ଦଳ ଭାଙ୍ଗିବା ଚର୍ଚ୍ଚାକୁ ନେଇ ଶିବସେନା(ୟୁବିଟି) ନେତା ସଞ୍ଜୟ ରାଉତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଛନ୍ତି । ଦଳର କେତେଜଣ ଲୋକ ସଭା ସଦସ୍ୟ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ଯିବା କଳ୍ପନାଜଳ୍ପନାକୁ ରାଉତ ଖଣ୍ଡନ କରିଛନ୍ତି । ଦଳରେ ଏବେ କୌଣସି ସଙ୍କଟ ନାହିଁ । ଯଦି କୌଣସି ସଙ୍କଟ ଆସେ ତାହାର ସମାଧାନ କରାଯିବ ବୋଲି ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ ରାଉତ ଖବରଦାତାମାନଙ୍କୁ କହିଛନ୍ତି ।

ଦେଶବ୍ୟାପୀ ଟୋଲ୍ ପ୍ଲାଜାରେ ଲମ୍ବା ଧାଡ଼ି ଏବଂ ବାରମ୍ବାର ଟୋଲ୍ ଦେୟ ଦେବାର ଅସୁବିଧାରୁ ମୁକ୍ତି ପାଇବାକୁ ଯାଉଛି । କେନ୍ଦ୍ର ସରକାର ଉନ୍ନତ ପ୍ରଯୁକ୍ତିବିଦ୍ୟା ସହିତ ଟୋଲ୍ ପ୍ଲାଜା ବ୍ୟବସ୍ଥାକୁ ଅପଗ୍ରେଡ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏହି ପଦକ୍ଷେପର ଏକ ଅଂଶ ଭାବରେ, ଟୋଲ୍ ପ୍ଲାଜା ନିକଟରେ ରହୁଥିବା ବାସିନ୍ଦାଙ୍କ ପାଇଁ ଏକ ଡିଜିଟାଲ୍ ଇ-ପାସ୍ ସେବା ପ୍ରଚଳନ କରାଯାଇପାରେ, ଯାହା ଦ୍ୱାରା ସେମାନଙ୍କୁ ବାରମ୍ବାର ଟୋଲ୍ ଦେୟ କରିବାର ଆବଶ୍ୟକତା ଦୂର ହୋଇପାରିବ ।

ସରକାର ଟୋଲ୍ ଆଦାୟକୁ ଦ୍ରୁତ, ସ୍ୱଚ୍ଛ ଏବଂ ସମ୍ପୂର୍ଣ୍ଣ ଡିଜିଟାଲ୍ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହା ସହିତ, ବାଧାମୁକ୍ତ ଟୋଲ୍ ବ୍ୟବସ୍ଥାକୁ ଦ୍ରୁତ ଗତିରେ ବିସ୍ତାର କରାଯାଉଛି । ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ, ଯାନବାହାନଗୁଡ଼ିକୁ ଆଉ ଟୋଲ୍ ପ୍ଲାଜାରେ ଅଟକିବାକୁ ପଡିବ ନାହିଁ, ଯାହା ଫଳରେ ଯାତ୍ରା ଅଧିକ ସୁଗମ ଏବଂ ସୁବିଧାଜନକ ହେବ ।

ଟୋଲ୍ ପ୍ଲାଜାର ୨୦ କିଲୋମିଟର ପରିଧି ମଧ୍ୟରେ ରହୁଥିବା ବାସିନ୍ଦାଙ୍କ ପାଇଁ ସରକାର ସ୍ୱତନ୍ତ୍ର ଡିଜିଟାଲ୍ ପାସ୍ ଜାରି କରିବାକୁ ଯୋଜନା କରୁଛନ୍ତି । ଏହି ପାସ୍ ଗୁଡ଼ିକ ସିଧାସଳଖ FASTag ସହିତ ସଂଯୋଗ ହେବ, ଯାହା ଫଳରେ ସ୍ଥାନୀୟ ବାସିନ୍ଦାମାନେ ବିନା ବାଧାରେ ଟୋଲ୍ ପ୍ଲାଜା ଦେଇ ପାରିବେ । ଆଶା କରାଯାଉଛି ଯେ ମାସିକ ଏବଂ ବାର୍ଷିକ ପାସ୍ ଉପଲବ୍ଧ କରାଯିବ ଏବଂ ମୂଲ୍ୟ ସୁଲଭ ରଖିବା ଉପରେ ବିଚାର କରାଯାଉଛି । ଏହି ପଦକ୍ଷେପ ପ୍ରତିଦିନ ଟୋଲ୍ ପ୍ଲାଜା ଦେଇ ଯାତାୟାତ କରୁଥିବା ହଜାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଜାର ଲୋକଙ୍କୁ ଯଥେଷ୍ଟ ଆଶ୍ୱସ୍ତି ପ୍ରଦାନ କରିପାରିବ ।

ମଲ୍ଟି-ଲେନ୍ ଫ୍ରି-ଫ୍ଲୋ (MLFF) ପ୍ରଯୁକ୍ତିବିଦ୍ୟା ଟୋଲ୍ ପ୍ଲାଜାରେ ପାରମ୍ପରିକ ପ୍ରତିବନ୍ଧକର ଆବଶ୍ୟକତାକୁ ଦୂର କରେ । ରାସ୍ତା ପାର୍ଶ୍ୱ କ୍ୟାମେରା ଏବଂ ସେନ୍ସରଗୁଡ଼ିକ ଗାଡ଼ିର FASTag ପଢ଼ି ସ୍ୱୟଂଚାଳିତ ଭାବରେ ଟୋଲ୍ ଟ୍ୟାକ୍ସ କାଟି ଦିଅନ୍ତି । ସମ୍ପୂର୍ଣ୍ଣ ପ୍ରକ୍ରିୟା କିଛି ସେକେଣ୍ଡ ମଧ୍ୟରେ ସମାପ୍ତ ହୁଏ, ଏବଂ ଗାଡ଼ିକୁ ଅଟକିବାର ଆବଶ୍ୟକତା ନାହିଁ । ଯଦି କୌଣସି ଗାଡ଼ି ଟୋଲ୍ ପେମେଣ୍ଟ କରିବାରେ ବିଫଳ ହୁଏ, ତେବେ ବ୍ୟବସ୍ଥା ସ୍ୱୟଂଚାଳିତ ଭାବରେ ଏକ ନୋଟିସ୍ ଜାରି କରିପାରିବ । ଏହି ପ୍ରଯୁକ୍ତିର ଉଦ୍ଦେଶ୍ୟ ହେଉଛି ଟ୍ରାଫିକ୍ ଭିଡ଼ ହ୍ରାସ କରିବା ଏବଂ ଯାତ୍ରା ସମୟ ବଞ୍ଚାଇବା । ବର୍ତ୍ତମାନ, ଏହି ବ୍ୟବସ୍ଥା ଦେଶର କିଛି ଚୟନିତ ଟୋଲ୍ ପ୍ଲାଜାରେ କାର୍ଯ୍ୟକ୍ଷମ ଏବଂ ଏହାକୁ ବଡ଼ ପରିମାଣରେ ବିସ୍ତାର କରିବା ପାଇଁ ପ୍ରସ୍ତୁତି ଚାଲିଛି ।

କାଶ ସିରପ ସମେତ ବିଭିନ୍ନ ଔଷଧୀୟ ସିରପ କିଣିବା ପାଇଁ ଏବେ ସାରା ଦେଶରେ ଡାକ୍ତରଙ୍କ ପ୍ରେସକ୍ରିପସନ ବାଧ୍ୟତାମୂଳକ ହେବ । ଔଷଧ ନିୟମ, ୧୯୪୫ ସଂଶୋଧନ କରି, କେନ୍ଦ୍ର ସରକାର ସିରପର ଓଭର-ଦି-କାଉଣ୍ଟର (OTC) ବିକ୍ରୟକୁ ନିଷେଧ କରିବାକୁ ନିଷ୍ପତ୍ତି ନେଇଛନ୍ତି । ନୂତନ ନିୟମ କାର୍ଯ୍ୟକାରୀ ହେବା ପରେ, ଫାର୍ମାସିରୁ ସିରପ କିଣିବା ପାଇଁ ଜଣେ ପଞ୍ଜିକୃତ ଡାକ୍ତରଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ପ୍ରେସକ୍ରିପସନ ଦେବା ଆବଶ୍ୟକ ହେବ ।

କେନ୍ଦ୍ର ସରକାର ଜୁନ ୯, ୨୦୨୬ ରେ ଜାରି ଏକ ବିଜ୍ଞପ୍ତି ମାଧ୍ୟମରେ ଔଷଧ (ପଞ୍ଚମ ସଂଶୋଧନ) ନିୟମ, ୨୦୨୬ କାର୍ଯ୍ୟକାରୀ କରିଥିଲେ । ଏହି ସଂଶୋଧନ ଔଷଧ ଏବଂ ପ୍ରସାଧନ ଆଇନ, ୧୯୪୦ ର ଧାରା ୧୨ ଏବଂ ୩୩ ଅନୁଯାୟୀ କରାଯାଇଥିଲା ଏବଂ ସରକାରୀ ଗେଜେଟରେ ପ୍ରକାଶନ ପରେ କାର୍ଯ୍ୟକାରୀ ହୋଇଥିଲା ।

ସରକାର ଔଷଧ ନିୟମ, ୧୯୪୫ ର ସୂଚୀ K ରେ ତାଲିକାଭୁକ୍ତ ଔଷଧ ବର୍ଗରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

'ସିରପ' ଶବ୍ଦକୁ ହଟାଇ ଦେଇଛନ୍ତି । ଫଳରେ, ସିରପ ଆଉ ଓଭର-ଦି-କାଉଣ୍ଟର ଔଷଧ ବର୍ଗରେ ଆସିବ ନାହିଁ, ଏବଂ ସେମାନଙ୍କର ବିକ୍ରୟ କଠୋର ନିୟାମକ ନିୟନ୍ତ୍ରଣ ଅଧୀନରେ ରହିବ ।

ନୂତନ ନିୟମ ଅନୁଯାୟୀ, ଗ୍ରାହକମାନଙ୍କୁ କଫ ସିରପ ସମେତ ଔଷଧୀୟ ସିରପ କିଣିବା ପାଇଁ ଜଣେ ପଞ୍ଜିକୃତ ଡାକ୍ତରଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ପ୍ରେସକ୍ରିପସନ ଉପସ୍ଥାପନ କରିବାକୁ ପଡିବ । ଏହା ପୂର୍ବରୁ ଲୋକମାନେ ସିଧାସଳଖ ମେଡିକାଲ ଷ୍ଟୋରରୁ କିଣିଥିବା ସିରପର ନିୟମିତ କ୍ରୟକୁ ପ୍ରଭାବିତ କରିବ ।

ଏହି ସରକାରୀ ପଦକ୍ଷେପ ଏପରି ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଦୂଷିତ କଫ ସିରପ ସେବନ ସହିତ ଜଡିତ ଶିଶୁ ମୃତ୍ୟୁ ଘଟଣା ଔଷଧର ଗୁଣବତ୍ତା ଏବଂ ତଦାରଖ ସମ୍ପର୍କରେ ଗମ୍ଭୀର ପ୍ରଶ୍ନ ଉଠାଇଥିଲା । ଏହି ଘଟଣାଗୁଡ଼ିକ ପରେ, ସିରପ ଉତ୍ପାଦନ ଏବଂ ବିକ୍ରୟ ଉପରେ କଠୋର ନିୟନ୍ତ୍ରଣ ପାଇଁ ଦାବି ତୀବ୍ର ହୋଇଥିଲା ।

ଏହି ସଂଶୋଧନର ଡ୍ରାଫ୍ଟ ଡିସେମ୍ବର ୩୦, ୨୦୨୫ ରେ ଜାରି କରାଯାଇଥିଲା, ଯେଉଁଥିରେ ସାଧାରଣ ଲୋକଙ୍କଠାରୁ ଆପତ୍ତି ଏବଂ ପରାମର୍ଶ ଆମନ୍ତ୍ରଣ କରାଯାଇଥିଲା । ସରକାର କହିଥିଲେ ଯେ ପ୍ରାପ୍ତ ପରାମର୍ଶଗୁଡ଼ିକୁ ବିଚାର କରିବା ପରେ ଚୂଡ଼ାନ୍ତ ସଂଶୋଧନକୁ ସୂଚିତ କରାଯାଇଥିଲା ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ସଚିବ ହର୍ଷ ମଙ୍ଗଳାଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ, ଦେଶବ୍ୟାପୀ ଔଷଧ ଦୋକାନଗୁଡ଼ିକୁ ଏବେ ସିରପ ଏବଂ ସମ୍ବନ୍ଧିତ ଔଷଧୀୟ ଫର୍ମୁଲେସନ ବିକ୍ରୟ ପାଇଁ ସଂଶୋଧିତ ନିୟମ ପାଳନ କରିବାକୁ ପଡିବ । ଏହି ନିୟମ ଅନୁଯାୟୀ, ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ଏପରି ଔଷଧ ବିକ୍ରୟ କରିବା ଅନୁମତିପ୍ରାପ୍ତ ହେବ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତ ଓ ବ୍ରିଟେନ୍ ମଧ୍ୟରେ ବିସ୍ତୃତ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଜୁଲାଇ ୧୫ରୁ କାର୍ଯ୍ୟକାରୀ ହେବ । ଏହି ଐତିହାସିକ ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ବର୍ଷେ ପରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ କିର୍ ଷ୍ଟାର୍ମର ଏହା ଘୋଷଣା କରିଛନ୍ତି । ଜି-୭ ସମିଟ୍ ଅବସରରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦି ଫ୍ରାନ୍ସର ଏଭିଆନ୍-ଲେସ୍-ବାଏନ୍ସରେ ଷ୍ଟାର୍ମରଙ୍କ ସହ ଆଲୋଚନା କରିଥିଲେ । ଜୁଲାଇ ୧୫ରୁ ଭାରତ-ବ୍ରିଟେନ୍ ବିସ୍ତୃତ ଅର୍ଥନୈତିକ ଓ ବାଣିଜ୍ୟ ରାଜିନାମା କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ଏହା ୨ ଦେଶର ସମ୍ପର୍କରେ ଏକ ଐତିହାସିକ ସଫଳତା ବୋଲି ମୋଦି ସୋସିଆଲ ମିଡିଆରେ ଲେଖିଛନ୍ତି । ଏହା ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶରେ ଉଲ୍ଲେଖନୀୟ ବୃଦ୍ଧି କରିବ ବୋଲି ସେ କହିଛନ୍ତି । ଗତବର୍ଷ ଜୁଲାଇରେ ପ୍ରଧାନମନ୍ତ୍ରୀଙ୍କ ଲଣ୍ଡନ ଗସ୍ତ ଅବସରରେ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ହୋଇଥିଲା ।

ମାସ ମାସ ଧରି ଚାଲିଥିବା ଦୀର୍ଘ ଅଚଳାବସ୍ଥା ପରେ, ଶେଷରେ ଆମେରିକା ଏବଂ ଇରାନ ମଧ୍ୟରେ ଏକ ଚୁକ୍ତି ହୋଇଛି । ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଆନୁଷ୍ଠାନିକ ଭାବରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି । ଆମେରିକା ଏବଂ ଇରାନ ଅଧିକାରୀଙ୍କ ଅନୁଯାୟୀ, ଉଭୟ ଦେଶର ରାଷ୍ଟ୍ରପତି ବୁଧବାର ଏମଓୟୁରେ ସ୍ୱାକ୍ଷର କରିଛନ୍ତି ଏବଂ ଏହି ଚୁକ୍ତିନାମା ତୁରନ୍ତ କାର୍ଯ୍ୟକାରୀ ହୋଇଛି ।

ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି ଯେ ରାଷ୍ଟ୍ରପତି ଟ୍ରମ୍ପ ଫ୍ରାନ୍ସର ଭର୍ସେଲ୍ସ ପ୍ୟାଲେସରେ ମାକ୍ରନଙ୍କ ସହ ଏକ ରାତ୍ରୀଭୋଜନ ସମୟରେ ଆମେରିକା-ଇରାନ ଚୁକ୍ତିନାମାର ହାର୍ଡ କପିରେ ଆନୁଷ୍ଠାନିକ ଭାବରେ ସ୍ୱାକ୍ଷର ମଧ୍ୟ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍ୱାକ୍ଷରିତ ଚୁକ୍ତିନାମାର କପି ଇରାନ ଏବଂ ମଧ୍ୟସ୍ଥତାକାରୀ ରାଷ୍ଟ୍ରଗୁଡ଼ିକୁ ପଠାଯାଇଛି ।

ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ମୁଖ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଲୋଚନାକାରୀ ମହମ୍ମଦ ବାଘେର ଗାଲିବାଫ ରବିବାର ଇଲେକ୍ଟ୍ରୋନିକ୍ ଭାବରେ ଏମଓୟୁରେ ସ୍ୱାକ୍ଷର କରିଛନ୍ତି । ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଏମଓୟୁ ସ୍ୱାକ୍ଷର କରିବା ଦ୍ୱାରା ପ୍ରାୟ ଚାରି ମାସ ଧରି ଚାଲିଥିବା ଦୁଇ ଦେଶ ମଧ୍ୟରେ ଥିବା ଅଚଳାର ଅନ୍ତ ଘଟିବ ।

ଚୁକ୍ତିନାମା ସ୍ୱାକ୍ଷର ହେବା ସତ୍ତ୍ୱେ, ଶୁକ୍ରବାର ଜେନେଭାରେ ଆମେରିକା ଏବଂ ଇରାନ ଅଧିକାରୀମାନେ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ଇରାନୀ ଅଧିକାରୀମାନେ କହିଛନ୍ତି ଯେ ଶୁକ୍ରବାର ସ୍ୱିଜରଲ୍ୟାଣ୍ଡରେ ହେବାକୁ ଥିବା ବୈଠକର ଉଦ୍ଦେଶ୍ୟ ଚୁକ୍ତିନାମା ସ୍ୱାକ୍ଷର କରିବା ନୁହେଁ । ତଥାପି, ବୈଠକ ପ୍ରକୃତରେ ହେବ କି ନାହିଁ ସେ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ଆଗାମୀ କିଛି ଘଣ୍ଟା ମଧ୍ୟରେ ନିଆଯିବ ବୋଲି ଆଶା କରାଯାଉଛି ।

ଫ୍ରାନ୍ସର ଏଭିଆନଠାରେ ଅନୁଷ୍ଠିତ ଜି-୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା । ଦ୍ୱିପାକ୍ଷିକ ବୈଠକ ଅବସରରେ ଟ୍ରମ୍ପ ପିଏମ ମୋଦିଙ୍କର ପ୍ରଶଂସା କରିଥିଲେ । ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଖିବାକୁ ଜଣେ ଦେବଦୂତ ପରି ଭଲ ବୋଲି କହିଥିଲେ, କିନ୍ତୁ ବ୍ୟାପାରିକ ମାମଲାରେ ତାଙ୍କୁ ଜଣେ 'କଠୋର ବ୍ୟବସାୟୀ' ଭାବେ ଅଭିହିତ କରିଥିଲେ । ପ୍ରାୟ ଏକ ବର୍ଷ ପରେ ଦୁଇ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଏହି ସାକ୍ଷାତକାରରେ ଦେଖାଦେଇଥିବା ଉଷ୍ମତା ଏଥିପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ କିଛି ସମୟ ପୂର୍ବରୁ ଟ୍ରମ୍ପ ଭାରତକୁ ଏକ 'ବୁଡ଼ି ଯାଉଥିବା ଅର୍ଥବ୍ୟବସ୍ଥା' ଏବଂ 'ନର୍କ ଭଳି ସ୍ଥାନ' ବୋଲି କହିଦେଇଥିଲେ ।

ପ୍ରେସ କନଫରେନ୍ସ ସମୟରେ ଟ୍ରମ୍ପ ମଜାଳିଆ ଅନ୍ଦାଜରେ କହିଥିଲେ, "ଆପଣ ଏହି ବ୍ୟକ୍ତିଙ୍କୁ ଦେଖନ୍ତୁ, ସେ ଖୁବ ସୁନ୍ଦର ଦେଖାଯାଉଛନ୍ତି, ବିଲକୁଲ ଜଣେ ଫରିସ୍ତାଙ୍କ ପରି, କିନ୍ତୁ ତାଙ୍କର ଏହି ସରଳତାକୁ କେବେ ହେଲେ ଦୁର୍ବଳ ବୋଲି ଭାବିବେ ନାହିଁ, ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥାବାର୍ତ୍ତା ମାମଲାରେ ସେତିକି ହିଁ 'କିଲର୍' (ଧୁରନ୍ଧର), ସେ ଜଣେ ଖୁବ କଠୋର ବ୍ୟବସାୟୀ (ଟଫ ଟ୍ରେଡର) ।" ଆମେରିକା ରାଷ୍ଟ୍ରପତିଙ୍କ ଏହି କଥା ଶୁଣି ପ୍ରଧାନମନ୍ତ୍ରୀ ମୋଦି ହସୁଥିବାର ନଜର ଆସିଥିଲେ ।

ଟ୍ରମ୍ପ କହିଛନ୍ତି ଯେ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କ ବହୁତ ମଜବୁତ । "ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାରତ ସହିତ ଆମର ବହୁତ ଭଲ ଆଲୋଚନା ହୋଇଥିଲା। । ଆମେରିକା ଏବଂ ଭାରତ ମଧ୍ୟରେ ବହୁତ କିଛି ଆଗକୁ ବଢୁଛି ।" ଆମେରିକା ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ଏବଂ ଆଲୋଚନା ଦକ୍ଷତାର ମଧ୍ୟ ପ୍ରଶଂସା କରିଥିଲେ । ସେ କହିଛନ୍ତି ଯେ ସେ ଜଣେ ବହୁତ ଦୃଢ଼ ଆଲୋଚନାକାରୀ । ପ୍ରକୃତରେ, ସେ ସର୍ବୋତ୍ତମ ଆଲୋଚନାକାରୀଙ୍କ ମଧ୍ୟରୁ ଜଣେ ।

ଘଟଣାବହୁଳ ବିଶ୍ୱରେ ମନକୁ ଶାନ୍ତି ଆଣିଦେଉଥିବା ସାହିତ୍ୟର ସୂର ନେଇ ଆପଣଙ୍କ ପାଇଁ ପ୍ରସ୍ତୁତ ହୋଇଛି ଆହ୍ୱାନ ଇ-ପତ୍ରିକାର, ଜୁନ ୨୦୨୬ ସଂସ୍କରଣ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସଦିଚ୍ଛା ଓ ସହାୟତା ଯୋଗୁଁ ହିଁ ଏହା ସମ୍ଭବ ହୋଇ ପାରିଛି । ଆଶା କରୁଛି ଏହା ଆପଣମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

# ଗଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

# ଅନେକ କଳାଛାଇ - ୪୦

ଅଶୋକ ବିଶ୍ୱାଳ



ଏ.ଟି.ଆର. ରାସ୍ତାରେ ଆଜିର ସାଧାରଣ ଜୀବନ-୨

ଅବିନାଶ ଭିତରକୁ ଗଲା । ଭିତରେ କେତେଟା ପ୍ଲାଷ୍ଟିକ ଚୌକି ପଡିଥିଲା ଆଉ କେତେଟା ପ୍ଲାଷ୍ଟିକ ଟେବୁଲ । ନିଜ ହିସାବରେ ଲୋକେ ବସି ଖାଇବେ । କେତେଜଣ ଲୋକ ଟେବୁଲ ଉପରେ ହାମୁଡି ପଡି ଭାତ ଖାଉଥିଲେ । ଖାଇବା ସାଧାରଣ । ପ୍ଲେଟରେ ଭାତ, ମାଛ, ସମ୍ବର ଆଉ କଛି ଭଜା ଥିଲା । ଥାଳି ହିସାବରେ ପଇସା । ସାଧା ଭାତ ଆଉ ମାଛ । ପାଖରେ ଏକ ଲୋକ ତଙ୍କି ଲାଗିଥିବା ପରଷା ପାତ୍ର ଧରି କାହାର କିଛି ଦରକାର ହେଲେ ପରଷି ଦେଉଥିଲା । ଏଇ ଛୋଟ ହୋଟେଲରେ ମଧ୍ୟ ସେଲଫ ସର୍ଭିସ । ଭିତରେ ଯାଇ ପଇସା ଦିଅ ଆଉ ନିଜର ପ୍ରଥମ ଖାଇବା ଥାଳି ନେଇଆସି ଉପଯୁକ୍ତ ସ୍ଥାନରେ ବସି ଖାଇବା ଖାଅ । କଥାଟା ସରଳ । ଟୋକେନ ନିଅ, ଲାଇନ ଦିଅ, ତା'ପରେ ଥାଳି ଆଣ ପୁଣି ଖାଅ, ଏତେ ଝିଂଝଟ ନାହିଁ । ଭିତରେ ଅବିନାଶ ପଇସା ଦେଇ ଏକ ଥାଳି ବରାଦ କଲା ।

ଏକ ପତଳା କଳା ରଙ୍ଗର ଝିଅଟିଏ ବସି ଲୋକଙ୍କଠାରୁ ପଇସା ନେଉଥିଲା । ତା'ର ପାଖରେ ଅନେକ ଖାଇବା ଜିନିଷ, ପକୁଡି ଗୁଲଗୁଲା ଆଉ କୋଲ୍ଡ ଡ୍ରିଙ୍କସ ଆଦି । କିଛି ବିସ୍କୁଟ ମଧ୍ୟ ଥିଲା । ଅବିନାଶ ଏପଟ ସେପଟ ଅନାଇଲା । ସେ କିଛି କୋଲ୍ଡ ଡ୍ରିଙ୍କସ ନେବାକୁ ଚାହୁଁଥିଲା । କିଛି ଜଣା କୋଲ୍ଡ ଡ୍ରିଙ୍କସ ଥିଲା ଭଳି ଲାଗୁନଥିଲା । ତଥାପି ସେ ଏକ କଳା ରଙ୍ଗର କୋଲ୍ଡ ଡ୍ରିଙ୍କସ ବରାଦ କଲା । ନାଁଟା ସଂମ୍ପୂର୍ଣ ଅଜଣା ବାହାରେ, ଖାଇବା ସମୟରେ ଏ କୋଲ୍ଡ ଡ୍ରିଙ୍କସ ପିଇଲେ ଖାଇବାରେ ଅମ୍ଳ ହେବିନି.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗ୍ୟାସ ମଧ୍ୟ ହୁଏନା । ତେଣୁ ଏ ଲମ୍ବା ରାସ୍ତରେ ଖାଇବା ହଜମ ହୋଇଯିବ । ଅନେକ ଆଗକୁ ଯାତ୍ରା କରିବାକୁ ଅଛି ।

ତୁମ ନାଁ ?- ଝିଅଟିକୁ ପଇସା ଦେଉଦେଉ ଅବିନାଶ ପଚାରିଲା । ଝିଅଟି ବହୁତ ବ୍ୟସ୍ତ ଥିଲା ତଥାପି ଅବିନାଶକୁ ଅନାଇ ଟିକିଏ ହସିଦେଲା ।

ସରସ୍ୱତୀ ।- ଏକ ସରଳ ହସ ସହ ଝିଅଟି ଉତ୍ତର ଦେଉଥିଲା । ଝିଅଟି ଅତି ତନୁପାତେଳୀ । ଦେହରେ ରୂପପାଇଁ ସେମିତି ମାଂସ ମଧ୍ୟ ନାହିଁ । କିନ୍ତୁ ହାତ ଅତି ଚଞ୍ଚଳ ଥିଲା । ଏକ ମେସିନ ଭଳି ସେ କାମ କରୁଥିଲା । ପାଖରେ ଏକ ମହିଳା ବସିଥିଲେ । ସେ ବେଶ ମୋଟୀ କିନ୍ତୁ ଘୋର କାଳୀ । ସରସ୍ୱତୀର ସମ୍ବନ୍ଧୀ ହେବେ । ଝିଅ ବି ହୋଇପାରେ । ଅବିନାଶ ଭାବିଲା ଏଠି ତାମିଲ ମହିଳାମାନେ ଦୋକାନରେ ବସି ବେପାର କରନ୍ତି । ତେଣୁ ଏକ ଦୋକାନରେ ଏକ ଝିଅ ବିକାବିକି କରୁଥିବ, ଆଉ ଏକ ମଧ୍ୟ ବୟସ୍କା ମହିଳା ବସି ତା'କୁ ଅନାଇଥିବ । ତା'ହେଲେ ଝିଅଟି ନିଶ୍ଚିତ ଭାବେ ସେହି ମହିଳାର କିଛି ରକ୍ତ ସଂମ୍ପର୍କୀୟ ହୋଇଥିବ । ନା, ସିଧା ପଚାରି ନିଜ ଭିତର ଭାବନାକୁ ଠିକ କି ଭୂଲ ଜାଣିନେବା ଭଲ ।

ତୁମ ମା ?- ଝିଅକୁ ପଚାରିଲା ଓ ସରସ୍ୱତୀ ମୁଣ୍ଡ ହଲାଇଲା ।

ତୁମେ ବହୁତ ପତଳୀ ହୋଇଗଲ ।-ଅବିନାଶ କହିଲା । ଝିଅଟି ହସିଲା । ମହିଳାଟି ଅବିନାଶ ଆଡକୁ ଅନାଉଥିଲେ ।

ମୁଁ ବି ଦିନେ ଏମିତି ପତଳା ଥିଲି ।- ସେ କହିଲେ । ତାଙ୍କ ମୋଟା ଶରୀର ଟିକେ ହଲିଲା ନାହିଁ । ଏକ କଣ୍ଢେଇ କହିଲା ଭଳି ସେ ଲାଗୁଥିଲେ । ମା ଆଉ ଝିଅ ଅଲଗା ଅଲଗା ଜିନିଷ ବିକୁଥିଲେ । କିଛି କିଛି ଅପେକ୍ଷା କରିଥିବା ଗ୍ରାହକ ବିସ୍କୁଟ ଆଦି କିଣୁଥିଲେ । ଅବିନାଶର ଆଖି ଖାଇବା ପଦାର୍ଥମାନଙ୍କ ଉପରେ ବୁଲିଗଲା । ଏକ ବଡ଼ ଥାଳିରେ ଗୋଲ ଗୋଲ କିଛି ଜମା ରଖାଯାଇଥିଲା । ଏମିତିଆ ଜିନିଷ ସେ ଆଉ କେଉଁଠି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖିଛି ବୋଲି ଭାବି ପାରୁ ନଥିଲା ।

ଏ ଗୋଲଗୋଲ କ'ଣ ?- ଅବିନାଶ ପଚାରିଲା ପାଖରେ ମୁଥୁ ଠିଆ ହୋଇଥିଲା

ଏଇଟା ଗୋଲା ।- ମୁଥୁ ଝିଅଟି କହିବା ଆଗରୁ କହିଲା

ଗୋଲା !- ଅବିନାଶ କିଛି ବୁଝିପାରୁ ନଥିଲା । ଜିନିଷଟା ଗୁଲୁଗୁଲାଠାରୁ ବଡ, ଆଳୁଚପଠାରୁ ବଡ଼ । ତା' ଭିତରେ କ'ଣ ଅଛି କେଜାଣି ?

ମଇଦାରେ ତିଆରି ଏକ ଗୋଲା ।- ମୁଥୁ କହିଲା ।

ଓଃ, ତା'ହେଲେ ଗୁଲୁଗୁଲାର ଏକ ସଂସ୍କରଣ ।- ଅବିନାଶ ମନକୁ ମନ କହିଲା । ଏଠି ଅଟା ଜାଗାରେ ମାଇଦାରୁ ଗୁଲୁଗୁଲା ତିଆରି ହୁଏ । ଲୋକେ ଖାଇବାକୁ ପସନ୍ଦ କରନ୍ତି । ଅନେକ ଗୋଲା ଏକ ବଡ଼ ଥାଳିରେ ରଖାଯାଇଥିଲା । ଏଇଟା ତା'ହେଲେ ଏଠାକାର ଲୋକମାନଙ୍କର ଏକ ପ୍ରିୟ ଖାଦ୍ୟ ।

ଆମେ ପରା ଏହି ଗୋଲା ଖାଇ ସ୍କୁଲ ଯାଉଥିଲୁ । ମା ଦୁଇଟଙ୍କା ଦେଇଦେବ । ପାଖ ଠେଲା ଦୋକାନରୁ ଗୋଲା ଖାଇ ଆମେ ସ୍କୁଲ ଚାଲିଯାଉ ।- ମୁଥୁ ନିଜର ସାନ ଦିନମାନଙ୍କ କଥା ମନେ ପକାଉଥିଲା । ଛୋଟ ଦିନମାନଙ୍କରେ ସବୁ ଜିନିଷ କେତେ ଭଲ ଲାଗେ । ମା ଦେଇଥିବା ଛୋଟ ଜିନିଷ କେତେ ବଡ଼ ଲାଗେ । ମା'ର ସ୍ନେହ ଯେ ବୋଳା ହୋଇଛି ।

ଖାଇପାରନ୍ତି । ଭଲ ଲାଗିବ ।- ମୁଥୁ କହିଲା । ଅବିନାଶ ଟିକିଏ ଦୋଦୋ ପାଞ୍ଚ ହେଉଥିଲା । ଭାତ ଆଗରୁ ଏହି ଗୁଲୁଗଲାକୁ ଖିଆଯାଇପାରେ । ସେମିତି କିଛି ବେଶିବଡ ନୁହେଁ । ଭିତରଟା ଫମ୍ପା । ତେଣୁ ପେଟରେ ବେଶି ସ୍ଥାନ ନେବନି ।

ଅବିନାଶ ଏକ ଥାଳିରେ ଗୋଟାଏ ଗୋଲା ଉଠାଇ ନେଲା, ଆଉ ସାଙ୍ଗରେ କିଛି ଘୁଘୁନି ନେଲା । ପାଖରେ ଏକ କଂସାରେ ରଖାଯାଇଥିଲା । ନିଜ ହିସାବରେ ଘୁଘୁନି ନେଇ ଖାଇବା ଜାଗାରେ ବସ ଖାଅ । ଅବିନାଶ ନିଜ ଚେଆରକୁ ଝରକା ଧାରକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଟାଣିନେଲା । ସେପଟେ ପାଣି ଦେଖାଯାଉଥିଲା । ଗାଢ ନୀଳ ସବୁଜ ପାଣି ଧାରରେ ବସି ଗୋଲା ଖାଇବାକୁ ଅବିନାଶକୁ ଭଲ ଲାଗୁଥିଲା ।

ପାଖରେ ଏକ ଝିଅ ଗୋଡ ଲମ୍ବେଇ ବସିଥିଲା । ଏଠାକାର ଅଧିକାଂଶ ଝିଅ କଳା ରଙ୍ଗର । ମୁହଁର ଗଠଣ ଭଲ, ମସୃଣ ସ୍କିନ, କିନ୍ତୁ କଳା । ସୌନ୍ଦର୍ଯ୍ୟପାଇଁ ସବୁବେଳେ ଗୋରା ହେବା କ'ଣ ଦରକାର ? ସ୍କିନ ଚମକୁଥିବା ଦରକାର, ଶରୀର ପୂର୍ଣ୍ଣ ହବା ଦରକାର । ସେମିତି ଏକ ତରୁଣୀ ଆଖିରେ ସ୍ୱପ୍ନ ଭରା ରହୁଥିବା ଦରକାର ।

ତୁମକୁ ଅସୁବିଧା ହେବନି ତ ?- ଅବିନାଶ ପଚାରିଲା ।

ନା– ଏକ ସାଧାରଣ ଉତ୍ତର ଥିଲା । ସେ ଝିଅଟି ସାମାନ୍ୟ ହସିଦେଲା ଆଉ ବାହାରକୁ ଅନାଇ ରହିଲା । ସେପଟେ ପାଣିରେ ସାମାନ୍ୟ ତରଙ୍ଗ । ଦୁଇକୂଳ ମଧ୍ୟରେ ବେଶି ଦୂରତା ନାହିଁ ତେଣୁ ପାଣିରେ ଢେଉ ହୁଏନା । ମଝିରେ କିଛି ଖୁଣ୍ଟ ଉଠାଯାଉଛି । ପରେ ଏହି କ୍ରିକ ଉପରେ ଏକ ସିମେଣ୍ଟ ବ୍ରିଜ ତିଆରି ହେବ । ଲୋକମାନେ ସହଜରେ ନାଳ ଅତିକ୍ରମ କରିବେ । ଆଉ କେହି ଖାଇବାପାଇଁ ଜେଟିରେ ଅପେକ୍ଷା କରିବେ ନାହିଁ । ଜେଟି ନିଜର ରୂପ ହରାଇ ବସିବ ।

ଅବିନାଶ ସେହି ଝିଅଟି କଥା ଭାବୁଥିଲା । ବୋଧହୁଏ ଅନ୍ୟ ଦ୍ୱୀପରୁ ଆସିଥିବ ଆଉ ବସ ପାଇଁ ଅପେକ୍ଷା କରିଥିବା । ବସ ଆସିବା ପାଇଁ କିଛି ସମୟ ଅଛି । ସେପଟୁ ବସ ଆସି ପାରି ହେଲାପରେ ନିମ୍ବୁତାଲା ଜେଟିକୁ ଯିବ । ତେଣି ତା'ର କିଛି କରିବାର ନାହିଁ । ଏମିତି ବସି ପାଣିକୁ ଦେଖିହେବ । ହୋଟେଲ ଭିତରେ ବସି ପାଣିକୁ ଦେଖିବାକୁ ବହୁତ ଭଲ ଲାଗୁଥିଲା, ଆଉ ମନ ଭିତରେ କେତେ ଯେ ଭାବନା ଖେଳିଯାଉଥିଲା । ଝିଅଟି ସେମିତି ଅବିନାଶର ଆଗରେ ବସି ପାଣିକୁ ଅନାଇ ରହିଥିଲା । ସମସ୍ତେ କିଛି ସମୟ ନିଜ ଦୁନିଆରେ ଥିଲେ ।

ବହୁତ ବେଳୁ ଆସିଲଣି ବୋଧହୁଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ମୁଣ୍ଡ ହଲାଇଲା କିନ୍ତୁ କିଛି ଶବ୍ଦ କହିଲାନି। କିଛି କଥାହେବାପାଇଁ ଆଉ ଶବ୍ଦ ନଥିଲା । ଅବିନାଶର ଗୋଲା ଖାଇବା ସରିଗଲା । ସେ ଭାତ ଆଣିବା ପାଇଁ ଭିତରକୁ ଗଲା । ସେଠୁ ଭାତ ଆଉ ମାଛ ଆଣି ସାଙ୍ଗରେ ସେହି କଳା ରଙ୍ଗର କୋଲ୍ଡ ଡ୍ରିଙ୍କସ ଧରି ସେଇ ଜାଗାକୁ ଫେରି ଆସିଲା । ଝିଅଟି ସେମିତରି ଚୁପଚାପ ବସିଥିଲା କିଛି ଖାଉ ନଥିଲା ଆଉ ମଝିରେ ମଝିରେ ପାଣିକୁ ଅନାଇ ରହୁଥିଲା ।

ଅବିନାଶର ଭୋକ ବଢିଗଲା ଭଳି ଲାଗୁଥିଲା । ଏକଦମ ସକାଳୁ କିଛି ଖିଆଯାଇନି ଆଉ ତା ଉପରେ ସେ ଗୋଲା ଖାଇଲାପରେ ତା'ର ଭୋକ ମରିବ କ'ଣ ବଢିଗଲା । ସେ ଭାତ ଆଉ ମାଛକୁ ଆରାମରେ ହାତରେ ଖାଇବାକୁ ଲାଗିଲେ । ଭାତ ମୋଟା, ଆଉ ସମ୍ବର ବେଶ ଖଟା । କିନ୍ତୁ ମାଛ ତରକାରୀଟା ସୁଆଦିଆ ଥିଲା । ବହୁତ ଦିନ ହେଲା ସେ ନଡିଆ ରସ ଦିଆ ମାଛ ତରକାରୀ ଖାଇ ନଥିଲେ । ଏ ମାଛ ତରକାରୀରରେ ନଡିଆ ଦୁଧ ବାହାରକରି ଖଟା ଦେଇ ରାନ୍ଧନ୍ତି । ବେଶ ସୁଆଦିଆ ଲାଗେ । ଟ୍ରାଡିସନାଲ ଡିସ୍କ । କୋଲ୍ଡ ଡ୍ରିଙ୍କ୍ସ କିନ୍ତୁ ଅଦ୍ଭୁତ । ପ୍ରାୟ କାଶ ଓ÷ାଷଧ ଭଳିଆ ଲାଗୁଥିଲା । କି ଡ୍ରିଙ୍କସ କେଜାଣି ? କିନ୍ତୁ ସାମାନ୍ୟ ମିଠାଳିଆ ପାନୀୟ ଯୋଗୁ ଭାତ ସହ ଖାଇବାକୁ ଭଲ ଲାଗୁଥିଲା । ପରଷୁଣିଆ ମଝିରେ ମଝିରେ ଆସି ଆଉ ସମ୍ବର ବା ଅନ୍ୟ କିଛି ପରଶୁଥିଲା । ଏହି ଥାଳି ହିସାବରେ ଖାଇବାଟା ଭଲ । ପେଟ ପୂରେ ।

ଆଗର ଝିଅଟା ସେମିତି ଚୁପଚାପ ବସିଥିଲା । ତା' ବସ ଆସିନି । ସେପଟୁ ଫେରି ଆସିଲେ ବସ ଆସିବ । ଏପଟୁ ଫେରି ଯାଇ ଆସିବାକୁ ପ୍ରାୟ ଏକ ଘଣ୍ଟା ଲାଗିବ । ତା'ର ସୁନ୍ଦର କଳା ଆଖି ମଝିରେ ମଝିରେ ଖାଉଥିବା ଲୋକମାନଙ୍କ ଉପରେ ବୁଲିଯାଉଥିଲା । ଗେଟ ମୁହଁରେ ଏକ ଲୋକ ଏକ ବ୍ୟାଗ ଧରି ଠିଆ ହୋଇଥିଲା । କ'ଣ ପାଇଁ ସେ ଠିଆ ହୋଇଥିଲା କେଜାଣି ? ପରେ ଜଣା ପଡିଲା ଲୋକଟା ହୋଟେଲର ଚୌକିଦାର, ଭିତରକୁ ଆସୁଥିବା ଲୋକଙ୍କୁ ଲକ୍ଷ୍ୟ ରଖିଛି । ସେ ବୋବା । ହାତ ହଲେଇ ଆଉ ଗଁ ଗଁ କରି କିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥା ହେଉଥିଲା । ବୋବା ଲୋକଙ୍କ ସହ କଥା ହେବା କେତେ କଷ୍ଟ. ଠାରରେ କଥା ହେବ । ସେ ଝିଅଟା ଅବିନାଶ ଆଡକୁ ଟିକେ ବୁଲି ଚାହିଁଲା । ଅବିନାଶ ତା'କୁ ଅନାଇ ହସିଦେଲା । ସାଧାରଣ ହସ । ସେଥିରେ କିଛି ଇଙ୍ଗିତ ନଥିଲା । ହସ ମଣିଷକୁ କେତେ ସହଜ କରିଦିଏ । ଅବିନାଶ ବାହାରକୁ ଅନାଇଲା । ସେପଟେ ଅନେକ ଦୂରରେ ଝାପସା ଝାପସା ହୋଇ ଫେରି ଦେଖାଯାଉଥିଲ । ଆଉ ପନ୍ଦର କୋଡିଏ ମିନିଟ ଭିତରେ ଫେରି ଲାଗିବ । ସେ ତରତର ହୋଇ ଖାଇବାକୁ ଲାଗିଲା ।

ଆଉ ଫେରି ବୋଟଲାଗୁଲାଗୁ ହୋଟେଲର ଲୋକମାନେ ତରତର ହୋଇଗଲେ । ଦରଢ୍ୱାନ ଯେମିତି ସାବଧାନରେ ଠିଆ ହୋଇଗଲା । ସଫା କରୁଥିବା ଲୋକ ସବୁ କିଛି ପରିଷ୍କାର କରିନେଲା । ଯେତେ ସଫା ଦେଖାଯିବ ଲୋକେ ସେତେ ଅଧିକା ଖାଇବେ । ତେଣୁ ଜାଗା ପରିଷ୍କା ଦେଖାଯିବା ଦରକାର । ତଳର ଚଟାଣ ଝାଡୁ ହୋଇଗଲା । ଏଇ ଯେମିତି ହୋଟେଲ ସଜେଇ ହୋଇ ଯାଇଛି । ଅବିନାଶ ପାଖରେ ବସିଥିବା ଝିଅଟି କେତେବେଳୁ ବାହାରକୁ ଚାଲିଗଲାଣି । ସେ ଗଲାବେଳେ ଅବିନାଶକୁ ଅନାଇଦେଇ ଯାଇଛି । ଅବିନାଶ ଆଗରେ ଏକ ଶାନ୍ତ ଶ୍ୟାମାଙ୍ଗୀର ମୁହଁ କିଛି ସମୟପାଇଁ ଭାସି ରହିଲା । ସେ ଜଲଦି ଉଠି ହାତ ଧୋଇ ବାହାରକୁ ଚାଲିଗଲା । ବୋବା ଦରଢ୍ୱାନ ହାତ ଉପରକୁ ଉଠାଇଦେଲା । ଆଉଥରେ ଆସନ୍ତୁ । ଲୋକମାନେ ଓହ୍ଲାଇବା ଆଗରୁ ବସ ଆଉ ଅନ୍ୟଗାଡି ସବୁ ଫେରିରୁ ଓହ୍ଲାଉଥିଲା ।ତା'ପରେ ଲୋକମାନେ ଧାଡିକରି ଓହ୍ଲାଇଲେ । କିଛି ଲୋକେ ହୋଟେଲରେ ପଶିଗଲେ ଆଉ ଭିତରଟା ଚଞ୍ଚଳ ହୋଇଉଠିଲା । ସରସ୍ୱତୀ ଲୋକଙ୍କୁ ହସି କଥା କହୁଥିଲା । ଅନେକ ଲୋକ ଖାଇବାକୁ ବସିଗଲେ ।

ଅବିନାଶ ଆଉ ତାଙ୍କର ଦଳର ଅନ୍ୟଲୋକମାନେ ଫେରି ଉପରକୁ ଚଢ଼ିଗଲେ । ବାହାରେ ହାଲୁକା ବର୍ଷା ଆରମ୍ଭ ହୋଇଯାଇଥିଲା । ସେ ଇଂଜିନ ପାଖରେ ଥିବା ଛୋଟ ଖାଲି ଜାଗାକୁ ଚାଲିଗଲା । ସେଇଠି ବର୍ଷା କମ ହେବ, କିଛି ପାଣି ଛିଟିକା ମାରିପାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖୁଦେଖୁ ପାଞ୍ଚ ମିନିଟ ଭିତରେ ଫେରି ଭରିଗଲା ଆଉ ଫେରି ବୁଲିପଡି ରଙ୍ଗତର ବକୁମତଳା ଜେଟି ଆଡକୁ ମୁହାଁଇଲା । ଗାଢ ସବୁଜ ନୀଳ ପାଣି । କେଉଁଠି କିଛି ମଇଳା ନଥିଲା । ମଝିରେ ମଝିରେ କିଛି ବଡ଼ ଖୁଣ୍ଟ ଉପରକୁ ଉଠଥିଲା । ସେ ଖୁଣ୍ଟମାନଙ୍କରେ ଦପ୍‌ଦପ୍ କରୁଥିବା ଆଲୋକମାନ ଲଗାଯାଇଥିଲା । ସହଜରେ ଦୂରତା ଜାଣିହେବ । ଅବଶ୍ୟ ଦିନରେ କିଛି ଅସୁବିଧା ନାହିଁ କିନ୍ତୁ ରାତିରେ ଏ ଆଲୋକ ଛୋଟ ବୋଟ ଆଉ ଡଙ୍ଗାମାନକୁ ଦୂର ଜଣାଇଦେବ । ଏଇଆଉ କେତେଟା ମାସ । ଉପରେ ପୋଲ ତିଆରି ହୋଇଯିବ ଆଉ ଏ ହୋଟେଲଗୁଡାକୁ ସମସ୍ତେ ଭୁଲିଯିବେ । ଅପେକ୍ଷା କରିବାକୁ କାହାରି ବେଳ ନଥିବ । ଅବିନାଶ ଜେଟିର ହୋଟେଲକୁ ଅନାଇଲା । ଝରକା ଦେଇ କିଛି ଲୋକ ଦେଖାଯାଉଥିଲେ । ସରସ୍ୱତୀ ସେପଟେ ଗରାଖମାନଙ୍କୁ ଜିନିଷ ବିକିବାରେ ବ୍ୟସ୍ତ ଥିବ । ଅବିନାଶର ମନ ହେଉଥିଲା ସେ କାଳି ତନୁପାତେଳୀ ଝିଅଟାକୁ ଟିକେ ଦେଖନ୍ତା । କିନ୍ତୁ କିଛି ମୁହଁ ଆଗକୁ ଆସିଲା ନାହିଁ । ସେ ବୋବା ଲୋକଟା ଯାହା ଦେଖାଯାଉଥିଲା ।

୩-

ସେପଟେ କଦମତାଲା ଜେଟି ପାଖରେ ଅନେକ କଟେଜ ପାଣି ଭିତରେ ଥିଲା । ସେପଟେ ଅଧିକ ଲୋକ । ଏ ପାଣି ଭିତରେ ଥିବା କଟେଜମାନଙ୍କରେ ବସିବାକୁ ମଜା ଲାଗିବ । ପାଣି ସବୁବେଳେ ମଣିଷକୁ ଆକର୍ଷଣ କରେ, ନିଜ ପାଖକୁ ଟାଣିଆଣେ । ମଣିଷ ଭିତରେ ଯେ ଅଧିକାଂଶ ଅଂଶ ପାଣି । ଏଣୁ ଲାଇକ ଆଟ୍ରାକ୍ଟ ଲାଇକ । ଅବିନାଶକୁ ସେ କଟେଜମାନ ଭଲ ଲାଗୁଥିଲା । ଠିକ ପଛରେ ଲୁଣାଗଛମାନ ଚେର ଉପରେ ନିଜକୁ ଟେକି ଧରିଛି । ଏ ଲୁଣା ଜଙ୍ଗଲ କେତେ ଭିନ୍ନ ଲାଗେ । ପତ୍ର କେବେ ଝଡେନି ଆଉ ସବୁବେଳେ ସବୁଜ ଦେଖାଯାଉଥାଏ । ଲୁଣା ପାଣି ଭିତରେ କୁମ୍ଭୀରମାନେ କୁଆଡେ ବୋଝାଇହୋଇ ରହିଛନ୍ତି । ଅନେକ ଲୋକଙ୍କୁ କୁମ୍ଭୀର ଟାଣି ନେଲାଣି । ଜାରଵାମାନେ କାଳେ କୁମ୍ଭୀର ସହ ପହଁରନ୍ତି । ସେମାନଙ୍କୁ କ'ଣ କୁମ୍ଭୀର ଖାଏ ନାହିଁ ନା କ'ଣ ? ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜିକାଲି କୁମ୍ଭୀର ସଂଖ୍ୟା ବହୁତ ବଢିଗଲାଣି । କୁମ୍ଭୀରମାନେ ଖୋଲା ସମୁଦ୍ରକୁ ବାହାରିଯାଇ ଅନ୍ୟ ଦ୍ୱୀପରେ ପହଞ୍ଚିଯାଉଛନ୍ତି । ଏ ବଡ଼ ଲୁଣା କୁମ୍ଭୀରମାନେ କିଛି ମାତ୍ରାରେ ଖୋଲା ପାଣିକୁ ଆରେଇ ନେଲେଣି । କିନ୍ତୁ ସେମାନେ ଖୋଲା ସମୁଦ୍ରରେ ରହିପାରିବେ ନାହିଁ । ସମୁଦ୍ରରେ ପରା ବଡ଼ ଶାର୍କ ଅଛନ୍ତି । ଶାର୍କର କ୍ଷିପ୍ରତା ଆଗରେ କୁମ୍ଭୀର କେତେ ?

କଦମତାଲା ଜେଟି ଆଗରେ ଏକ କଳା ରାସ୍ତା ଥିଲା । ରାସ୍ତା ଟିକେ ଭଲ ଲାଗୁଥିଲା, ଆଗକୁ ଭଲ ରାସ୍ତା ଥାଉ । ବାରାଟାଙ୍ଗର ଖାଲୁଆ ରାସ୍ତାରେ ଆସି ପିଚା ପିଠି ଦରଜ ହୋଇଗଲାଣି । ଆଉ ଆଗକୁ ଯାତ୍ରା ସୁଖଦ ହେଉ । ପାଣିରେ ଅନେକ କାଠଗର ଭାସୁଥିଲା । ଏ ଜେଟିଦେଇ ଭେଳାକରି କାଠ ବାହାରକୁ ରପ୍ତାନୀ ହୁଏ । ଆଗରୁ ଭାରତର ମୁଖ୍ୟ ଭୂମିକୁ କାଠ ଯାଉଥିଲା । ଆଜିକାଲି କାଠ କେବଳ ପୋର୍ଟବ୍ଲେଆର ଯାଉଛି । ଦ୍ୱୀପର ଲୋକମାନଙ୍କ ଆବଶ୍ୟକତା ପୂରଣ ହେବ । କାଠ କିନ୍ତୁ ବହୁତ ଭଲ । ପାଡକ କାଠ ପରା ବିଶ୍ୱ ବିଖ୍ୟାତ । ଆଣ୍ଡାମାନ ପାଡକ କାଠ କୁଆଡେ କାହିଁ ସୁଦୂର ଲଣ୍ଡନର ବକିଂଙ୍ଗହାମ ପ୍ୟାଲେସରେ ଲାଗିଛି । ଲାଲ କାଠ ଉପରେ ପଲିସ ଲାଗିଗଲେ ସବୁବେଳେ ଚମକୁଥାଏ । ଏତେ କାଠ ପାଣିରେ ଭାସୁଛି । କାଠ ଦର କୁଆଡେ ସୁନା ହୋଇଗଲାଣି । ଅବିନାଶ ଆଗକୁ ଅନାଇଲା ।

ଜାରୱା ଚେକପୋଷ୍ଟ ଆସିଗଲା । କିଛି ଗାଡି ଆଗରେ ନଥିଲା । ମୁଧୁ ନିଜ ଗାଡିର ନମ୍ବର ଆଉ ଯାତ୍ରୀମାନଙ୍କ ବିବରଣୀ ଦେଇଦେଲା । ତା'ପରେ ଦୌଡି ଆସି ଡ୍ରାଇଭର ସିଟରେ ବସିଗଲା । ବର୍ଷା ଆରମ୍ଭ ହୋଇଗଲାଣି । ମୁଧୁ ଆଉଥରେ ସେମିତି ପ୍ରଗଳଭ ହୋଇଉଠିଲା । ଜାରୱାମାନଙ୍କ ଉପରେ ଅନେକ କଥା କହିବାକୁ ଲାଗିଲା । ସବୁ ତା'ର ଅଙ୍ଗନିଭା କଥା । କେମିତି ଜାରୱାମାନେ ରାସ୍ତାକୁ ଆସିଯାଆନ୍ତି । ସେମାନେ କେମିତି ଗାଡି ଭିତରକୁ ହାତ ପୁରାଇ ଜିନିଷ ଖୋଜନ୍ତି । କିଛି ଦେବାକୁ ହେବ । ଉତ୍ତମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିହରି ଗଲା । ପାଖରେ କିଛି ବିସ୍କୁଟ ମଧ୍ୟ ନାହିଁ । ଯଦି ଜାରୱା ଆସନ୍ତି ତେବେ କ'ଣ ହେବ ? କିନ୍ତୁ ଏପଟେ ତ କନଭେୟ କଥା କେହି କହି ନାହାନ୍ତି । କେହି ଡରିବା କଥା କହି ନାହାନ୍ତି । ସବୁ ଯାହାକିଛି କଥା ଅଛି ତାହା ସେପଟ ଦୂର ଜିରକାଟାଙ୍ଗ ଅଞ୍ଚଳର । କିନ୍ତୁ ଯାହାହେଲେ ମଧ୍ୟ ଅଜଣା ଜନଜାତି । ସାବଧାନ ହେବାକୁ ପଡ଼ିବ ।

ସରି ସାର । ମୋ କଥାଟା ମୋଟେ ମାଇଣ୍ଡ କରିବେନି । ମୋର ସେମିତି ବକ୍ୱାକ୍ କରିବା ଅଭ୍ୟାସ – ମୁଥୁ କହିଲା । ଏଇଟା ତା'ର ସବୁବେଳର ଏକ ବାକ୍ୟ । ବହୁତ କିଛି କହିଦେବ ଆଉ ତା'ପରେ ସରି ସାର୍ କହିବ । ଅବିନାଶକୁ ଭଲ ଲାଗୁଥିଲା । ଅନ୍ୟମାନେ ମଧ୍ୟ ମୁଥୁ କଥାକୁ ଉପଭୋଗ କରୁଥିଲେ । ମୋଟା ଲୋକଟାର କଥା ମଝିରେ ଥଙ୍ଗେଇ ଯାଉଥିଲା ।

ତୁମ କଥାକୁ ମାଇଣ୍ଡ କରିବାର କ'ଣ ଅଛି ? ଆମକୁ ଭଲ ଲାଗୁଛି ।- ଅବିନାଶ କହିଲା । ଏମିତି ଲମ୍ବା ଯାତ୍ରାରେ କିଛି କଥା ନହେଲେ ମୋଟେ ଭଲ ଲାଗେନ । କିଛି କଥା ହେବା ଆବଶ୍ୟକ ।

କନଭୟ ଥିଲେ ଭଲ ହୋଇଥାନ୍ତା ।- ମୁଥୁ ଆଉ ଥରେ କହିଲା । ସେ କଥାଟା ଏଭିତରେ କେତେବାର କହି ସାରିଲାଣି । ଜାରୱା ଅଞ୍ଚଳ କିଛି ଅଛି ।ଏକୁଟିଆ ଗାଡି । ଯଦି ସେମାନେ ଅଟକାନ୍ତି ତେବେ ବଡ଼ ଅସୁବିଧା ହେବ । କଥାର କିଛି ଗୁରୁତ୍ୱ ଅଛି ।

ମୁଁ ଅନ୍ୟ ଗୀତ ଲଗାଇ ଦେଉଛି ।- ମୁଥୁ ଆଉ ଏକ ପେନ ଡ୍ରାଇଭ ବାହାର କରି ଲଗାଇଲା ଆଉ ଇଂରାଜୀ ଗୀତ ଜୋରରେ ବାଜି ଉଠିଲା ।

ଆରେ ତୁମେ ତା'ହେଲେ ଇଂରାଜୀ ଗୀତ ବହୁତ ଶୁଣ । ଏତେବେଳ ପର୍ଯ୍ୟନ୍ତ ଖାଲି କିଶୋର କୁମାର ଗୀତ ଶୁଣାଇ ଆସିଛ ।- ଉତ୍ତମ କହିଲା । କିଶୋର କୁମାରଙ୍କ ସ୍ୱର ଅତି ମଧୁର । କିନ୍ତୁ କ'ଣ ପାଇଁ ମୁଥୁ ଏମିତିଆ ଜୋରରେ ବାଜୁଥିବା ଆଉ ମୋଟେ ବୁଝିହେଉ ନଥିବା ଇଂରାଜୀ ପପ୍ ଗୀତ ଲଗାଇଲା ? ଅବିନାଶ ଭାବୁଥିଲା ମୁଥୁ ନିଜର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉତ୍ତେଜନାକୁ କମାଇବା ପାଇଁ ସେମିତି ଗୀତ ଲଗାଇଛି । ଜୋରରେ ଗୀତ ବାଜିଲେ ମନକୁ ସାହାସ ଆସେ ।

ଏ ଗୀତ କେଉଁଠୁ ଆଣିଲ ?- ଉତ୍ତମ ପଚାରିଲା । ମୁଥୁ ଏକ ଦଶମ ପର୍ଯ୍ୟନ୍ତ ପଢିଥିବା ଡ୍ରାଇଭର । ସେ ଇଂରାଜୀ ଗୀତ ଶୁଣିବା କଥା ନୁହେଁ । ଏ ଭିତରେ ମୁଥୁ ନିଜ ବିଷୟରେ ଅନେକ କଥା କହି ସାରିଛି । ତା'ର ବାପା ଏବେ ବି ସରକାରୀ ଚାକିରୀରେ ଅଛନ୍ତି ଆଉ ସେ ବିବାହିତ । ସ୍ତ୍ରୀ କେଉଁଠି ସରକାରୀ ଚାକିରୀ କରେ । ମୁଥୁ ପାଇଁ ଏକ ଗାଡି କିଣା ଯାଇଛି । ତା'ର ବ୍ୟାଙ୍କ ଲୋନ ଶୁଝିନି । ଆଉ ବର୍ଷେ ଦୁଇବର୍ଷ ଭିତରେ ଋଣ ପରିଶୋଧ ହୋଇଯିବ ବୋଲି ତା'ର ଆଶା । ସେ ସରକାରୀ ଲାଲ ବସ ଦେଖିଲେ ବଡ଼ ସାବଧାନତାର ସହ ଗାଡି ଚଲାଏ । ଏ ଗାଡିଗୁଡା ତା' ପାଇଁ ଯମଦୂତ । ଏଗୁଡାକ କେଉଁ ବି ଗାଡିକୁ ବାଡେଇ ଦେଇ ପାରନ୍ତି । ତେଣୁ ସାବଧାନ ହେବା କଥା । ଆଣ୍ଡାମାନରେ ଇନ୍ସ୍ୟୁରାନ୍ସ ଇତ୍ୟାଦି ବଡ଼ ଅଜୀବ ଜିନିଷ । ତେଣୁ ମୁଥୁ ନିଜ ଗାଡିକୁ ବଡ଼ ସାବଧାନତାର ସହ ଚଲାଏ । ଗାଡି ଚଲାଉ ଚଲାଉ ଲୋକମାନଙ୍କ ସହ ଭଲ ବ୍ୟବହାର କରିବା ସେ ଶିଖିଯାଇଛି । ସେମାନଙ୍କ ମନ ଜାଣି କଥା କହେ । ଜାରଵା କଥା ଶୁଣିବାପାଇଁ ଯାତ୍ରୀମାନେ ଯେମିତି ଚାତକ ପରି ଅନାଇ ରହିଥାନ୍ତି । ସେ କଥା ଶୁଣିଲେ ଦୂର ଜଣା ପଡେନି । ଯାତ୍ରୀମାନଙ୍କ ମନୋଭାବ ଦେଖି ନିଜ ଗୀତ ପରିବର୍ତ୍ତନ କରିନିଏ ।

ଏ ଗୀତସବୁ କେଉଁଠୁ ଆଣିଲ ?- ଉତ୍ତମ ଆଉଥରେ ପଚାରିଲା ।

ଦୁଇଜଣ ଝିଅ ମୋତେ ଏ ଗୀତ ଦେଇଥିଲେ ।- ମୁଥୁ ଟିକିଏ ହସିଲା ।

ସେମାନେ ନିଜ ବାପା ମା'ଙ୍କ ସାଙ୍ଗରେ ମୋ ଗାଡିରେ ଯାଉଥିଲେ । ବୋଧହୁଏ ଦିଲ୍ଲୀର ଲୋକହେବେ । ଦୁଇ ଝିଅ ଏଇ ଦଶ ବାର ବର୍ଷର ହେବେ । ସେ ଝିଅ ଦୁହେଁ ଖାଲି ଇଂରାଜୀ ଗୀତ ଶୁଣୁଥିଲେ । ମୋତେ ବଡ଼ ମଜା ଲଗୁଥିଲା । ସେମାନେ ଆଉ କିଛି ଗୀତ ଶୁଣିଲେନି ଆଉ ବିଦାୟବେଳେ ମୋତେ ଏ ପେନ ଡ୍ରାଇଭ ଦେଲେ ।- ମୁଥୁ କହିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

। ତା'ର ଆଖି ରାସ୍ତା ଉପରେ ଲାଗି ରହିଥିଲା । ଅବିନାଶ ମୁଥୁ କଥା ଭାବୁଥିଲା । ଭଲ ଲୋକଟା । ସମସ୍ତଙ୍କୁ ଖୁସି କରିବା ଜାଣେ । ସେ ବାହାରାକୁ ଅନାଇଲା । ବହୁତ ବର୍ଷା ହେଉଥିଲା । ରାସ୍ତାଧୂଆଁଳିଆ ଦେଖାଯାଉଥିଲା । ଗାଡିରେ ୱାଇପର ବହୁତ ଜୋରରେ ବୁଲୁଥିଲା ।

ରାସ୍ତାରେ ଏକ ଗାଡି ଠିଆ ହୋଇଥିଲା । ନିରିଖେଇ ଦେଖିଲାରୁ ଜଣାଗଲା ସେଇଟା ଏକ ଟ୍ରାକ୍ଟର । ରାସ୍ତା କାମ ହେଉଛି । କିଛି ଜିନିଷ ଆଣିଥିବ । ବର୍ଷା ଯୋଗୁ ଲୋଡିଙ୍ଗ ଅନଲୋଡିଙ୍ଗରେ ଅସୁବିଧା ହେଉଥିବ । ସେଥିରେ ଦୁଇ ଜଣଲୋକ କୁଙ୍କୁରି କାଙ୍କୁରି ହୋଇ ବସିଥିଲେ । ଆଗରେ ଟିକିଏ ଦୂରରେ ଏକ ଟ୍ରକ ଦେଖାଯାଉଥିଲା । ବର୍ଷା ଯୋଗୁ କିଛି ସ୍ପଷ୍ଟ ଜଣା ପଡୁନଥିଲା ।

ସେମାନେ ଜାରଵା ।- ମୁଥୁ କହିଲା । ସମସ୍ତଙ୍କର ଆଖି ରାସ୍ତା ଉପରେ ଠିଆ ହୋଇଥିବା ଟ୍ରକ ଉପରେ ଥିଲା । ନିଜ ଭିତରେ ସମସ୍ତେ ଶାଙ୍କୁଡି ହୋଇଗଲେ । ସମସ୍ତେ କାଚକୁ ଉପରକୁ କରିଦେଲେ । ଜାରଵା ଲୋକମାନେ ଗାଡି ଅଟକାଇ କିଛି ନଖୋଜନ୍ତୁ । ମୁଥୁ କଥା ହିସାବରେ ଜାରଵାମାନେ ତା'ର ଗାଡିରୁ ଦୁଇଟା ଝିଅଙ୍କର ପର୍ସ ଲୁଟି ନେଇଥିଲେ । ଝିଅ ଦୁହେଁ ଓହ୍ଲାଇ କିଛି କଦମ ଚାଲିଲେ । କିନ୍ତୁ ଜାରଵା ଲୋକଟା କୁଆଡେ ଅଦୃଶ୍ୟ ହୋଇଗଲା । କିଛି ଖାଇବା ଜିନିଷ ନପାଇ ଜାରଵା ଲୋକଟା ପର୍ସକୁ କାଦୁଅକୁ ଫିଙ୍ଗି ଦେଇଥିବ ।

ଆଠ ଦଶ ଜଣ ବା ତା' ଠାରୁ ଅଧିକା ହେବେ । ଆଗରୁ ଗାଡି ଆସିଥିବାର ଦେଖି ସେମାନେ ରାସ୍ତା ଉପରୁ ହଟିଗଲେ । ଗାଡି ଏକଦମ ପାଖକୁ ଆସିବାରୁ ଜଣାଗଲା ସେମାନେ ଜାରଵା ଛୁଆ । ଠିଆ ହୋଇଥିବା ଗାଡି ପାଖରେ ଏକତ୍ରିତ ହୋଇଛନ୍ତି । ଗାଡି ଉପରେ ବସି ଏଇ ପାଖକୁ କେଉଁଠିକୁ ଯିବେ । କାମ କରୁଥିବା ଗାଡିମାନ ବେଳେବେଳେ ସେମାନଙ୍କୁ ଉଠାଇ ନେଇଥାନ୍ତି । ଅଳ୍ପ ଉଚ୍ଚ ପିଲାମାନେ । ସେମାନେ ରାସ୍ତା ଧାରରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜୋରରେ ଯାଉଥିବା ମୁଥୁର ଗାଡିକୁ ଆନଇ ରହିଥିଲେ ।

ଆଗରେ କିଛି ଘର ଦେଖାଗଲା । ସେଠି ସାଧାରଣ ଲୋକମାନେ ରହୁଛନ୍ତି । କିଛି ଗୁଆ ଆଉ କଦଳୀ ବା ନଡିଆ ଗଛ । କିଏ ରାଞ୍ଚିବାଲା, ବା ବଙ୍ଗାଳୀ ବା ତାମିଲ ଏଠି ଘରକରି ରହିଲାଣି । ସମସ୍ତେ ସାଧାରଣ ଶ୍ୱାସ ନେଲେ । ଆଉ କିଛି ଡରିବାର ନାହିଁ । ଜାରଖ୍ୱା ଅଞ୍ଚଳ ସରଗଲାଣି ।

√

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ ବାବୁ

## ଧାରାବାହିକ କାହାଣୀ - ଭାଗ ୬

ଅଫିସରେ ସମସ୍ତେ ଏକାଠି ବସି କଥା ହେଉଥାନ୍ତି । ମଧ୍ୟାହ୍ନ ଭୋଜନ ସମୟ ହୋଇଥାଏ । ପ୍ରାୟତଃ ଏହି ସମୟରେ କେହି ଆସନ୍ତି ନାହିଁ । ଆଜି ଚର୍ଚ୍ଚାର ବିଷୟ ବସ୍ତୁ ହେଉଛି, ନିର୍ବାଚନ । ଶୁଣାଯାଉଛି ଯେ ରାଜ୍ୟରେ କାଳେ ଶାସକ ଦଳଙ୍କ ବିପକ୍ଷରେ ପବନ ବହୁଛି ବୋଲି କେହି କେହି କହୁଛନ୍ତି । ଅଫିସରେ ଅନେକେ କିନ୍ତୁ ଏହି ମତ ଦେଉଥିଲେ ଯେ ଯାହା ଯେମିତି ଚାଲିଛି ସେମିତି ଚାଲିଲେ ଭଲ । ନୁଆ ସରକାର ଆସିଲେ ଅନେକ ପରିବର୍ତ୍ତନ ହେବ । କିଛି ନହେଲେ ମଧ୍ୟ ଆଗ ଅଫିସର ମାନଙ୍କୁ ବଦଳି କରାଯିବ । ସେ କଷ୍ଟ ବହୁତ ଅଧିକ ହେଇଯିବ । ରମେଶ କହିଲା, ଆମେ ତ ଚାକିରୀ କରିଛେ ମାନେ, ଯେତେବେଳେ ଯେଉଁଠି ଦାୟିତ୍ୱ ମିଳିବ ଆମେ ଯିବାକୁ ବାଧ୍ୟ । ପୁଣି ସରକାର ନିୟମ ଅଛି, କୌଣସି କର୍ମଚାରୀ ଗୋଟିଏ ସ୍ଥାନରେ ଛଅ ବର୍ଷରୁ ଅଧିକ ରହିବା ଉଚିତ ନାହିଁ ।

ନିଜ କୋଠରୀରେ ବସି କିଛି କାମ କରୁଥିବା ବଡ଼ବାବୁ ଏ ସବୁ ବିଷୟକୁ କାନ ଦେଇଥିଲେ କିନ୍ତୁ ନିରବ ଥିଲେ । କର୍ମଚାରୀମାନେ ତଥାପି ଏହି ବିଷୟକୁ ନେଇ ଚର୍ଚ୍ଚା ଜାରୀ ରଖିଥିଲେ ଯେ ଯଦି ନୁଆ ସରକାର ଆସେ ତା ହେଲେ ଅଫିସରେ ବହୁତ କିଛି ବଦଳିବ । ସୁବାସ ବାବୁ ଆସ୍ତେ କରି କହିଲେ, ନୁଆ ସରକାର ଆସିଲେ ଆମ ବଡ଼ବାବୁଙ୍କ ବଦଳି ହେଇଯିବ । ଗତ କୋଡ଼ିଏ ବର୍ଷ ହେଲା ବଡ଼ବାବୁ ଏଇ ଅଫିସରେ ଅଛନ୍ତି । କେମିତି ? କାରଣ ପୁରୁଣା ସରକାରଙ୍କ ସହ ତାଙ୍କର କିଛି ଗୋଟାଏ ବୁଝାମଣା ନିଶ୍ଚୟ ହେଇଥିବ । ଏଇ କଥା ଶୁଣି ରମେଶ ଚିଡ଼ିଯାଇ କହିଲା, "ଏମିତି କଣ କହୁଛନ୍ତି ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ବଡ଼ବାବୁଙ୍କ ଭଳି ଅଫିସର କୋଉଠି ମିଳିବ ? ଆମେ ଭାଗ୍ୟବାନ ଯେ ସେ ଆମ ସମସ୍ତଙ୍କ ଉପରେ ଅଛନ୍ତି ।" ସୁବାସ କହିଲା, "ମୁଁ କଣ ଭୁଲ କଥା କହିଲି କି ? ଆପଣ ହିଁ ତ କହିଲେ ନା, ଯେ କୌଣସି ଅଧିକାରୀ ଗୋଟିଏ ସ୍ଥାନରେ ଛଅ ବର୍ଷରୁ ଅଧିକ ରହିବ ନାହିଁ । ସେମିତି ହେଲେ ଆମ ବଡ଼ବାବୁ ଗୋଟିଏ ଅଫିସରେ କୋଡ଼ିଏ ବର୍ଷ କେମିତି ରହିଲେ ?" ଉଭୟଙ୍କ ଭିତରେ କଥା କଟାକଟି ପର୍ଯ୍ୟନ୍ତ ଗଲା । ସେତେବେଳେ କେହିଜଣେ ଆସ୍ତେ କରି କହିଲା, ବଡ଼ବାବୁ ଅଫିସରେ ଅଛନ୍ତି । ସବୁ ନିରବ ହୋଇଗଲେ ଆଉ ନିଜ ନିଜ ସ୍ଥାନକୁ ଚାଲିଗଲେ ।

ସୁବାସ ବାବୁଙ୍କ କଥା ରମେଶର ମନ ଉପରେ ପ୍ରଭାବ ପଡ଼ିଲା । ସେ ଜାଣେ ବଡ଼ବାବୁ ଜଣେ ଦେବତା ସ୍ୱରୂପ ବ୍ୟକ୍ତି । ସେ କେବେ ବି ଅନୈତିକ କାମ କରିବେ ନାହିଁ । ସେଦିନ ସେ ବିଚଳିତ ରହିଲେ ।

ସନ୍ଧ୍ୟାରେ ଅଫିସରୁ ବାହାରିବା ବେଳକୁ ସମସ୍ତେ ଚାଲିଯାଇଥିଲେ, ରମେଶ ନିଜ ଚେୟାରରେ ବସିଥିଲେ । ବଡ଼ବାବୁ ତାଙ୍କୁ ଭିତରକୁ ଡକାଇଲେ । ପାଖରେ ବସାଇ କହିଲେ, "କଣ ହେଲା ରମେଶ ? ଭାରି ଚିନ୍ତିତ ଲାଗୁଛ ?" ରମେଶ ପ୍ରଶ୍ନକୁ ଏଡ଼ାଇ ଦେବାକୁ ଚେଷ୍ଟା କରୁଥିଲା, କିନ୍ତୁ ବଡ଼ବାବୁ ବୋଧହୁଏ ସବୁ କିଛି ଶୁଣି ସାରିଥିଲେ । ସେ କହିଲେ, "ସୁବାସ କଥାରେ ଚିନ୍ତା କରୁଛ କି ?"

ରମେଶ ମୁହଁ ଉଠେଇ ବଡ଼ବାବୁଙ୍କୁ ଚାହିଁଲା । ତା ମୁହଁରେ କରୁଣା ଦେଖାଯାଉଥିଲା । ବଡ଼ବାବୁ ହସିଦେଇ କହିଲେ, "ସେ କିଛି ଭୁଲ କହିନି । ନିୟମ ରହିଛି ଅଧିକାରୀ କୌଣସି ସ୍ଥାନରେ ଛଅ ବର୍ଷ ରହିବେ ନାହିଁ । ମୁଁ ଏହି ଅଫିସରେ କୋଡ଼ିଏ ବର୍ଷ ହେଲା ରହିଛି । ତେଣୁ ସେ ସନ୍ଦେହ କରିବା ସ୍ୱାଭାବିକ ।"

ରମେଶ ବଡ଼ବାବୁଙ୍କୁ ଚାହିଁ କହିଲା, "ଆପଣଙ୍କୁ କଣ କେବେ ବି ବଦଳି ହୋଇନଥିଲା ?" ବଡ଼ବାବୁ ଆଖିରୁ ଚଷମା ବାହାର କରି କହିଲେ, "ହେଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେବେଳେ ମୁଁ ଏହି ଅଫିସରେ ନୂଆ ନୂଆ ଜଏନ୍ କରିଥିଲି, ପ୍ରାୟ ତିନିବର୍ଷ ପରେ ମୋତେ ବଦଳି କରାଯାଇଥିଲା । ସେତେବେଳେ ଏଇ ଅଫିସରେ ଜଣେ ବଡ଼ବାବୁ ଥିଲେ । ସେ ମୋତେ ଭାରି ଭଲ ପାଉଥିଲେ । ଯେତେବେଳେ ମୋର ବଦଳି ହୋଇଗଲା, ସେତେବେଳେ ସେ ଭୁବନେଶ୍ୱର ଯାଇ ତତ୍କାଳୀନ ମନ୍ତ୍ରୀଙ୍କୁ ଅନୁରୋଧ କରି ମୋ ବଦଳି ବାତିଲ କରିଦେଲେ । କାରଣ, ସେତେବେଳେ ଏହି ଅଫିସ ନୂଆ ନୂଆ କାର୍ଯ୍ୟକ୍ଷମ ହୋଇଥିଲା । ବହୁତ ଅଧିକ କାମ ହେଉଥିଲା । ଆମେ ସବୁ ନୂଆ ନୂଆ କର୍ମଚାରୀ ଯୋଗ ଦେଇଥିଲୁ । କମ୍ପ୍ୟୁଟର ବ୍ୟବହାର କରିବା କେବଳ ମୋତେ ହିଁ ଆସୁଥିଲା । ତେଣୁ ମନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ମୋର ବଦଳି ବାରିକ ହୋଇଗଲା । ଏଇଠି ରହିବା ଭିତରେ ସାତ ଆଠଥର ଭୁବନେଶ୍ୱର ଯାଇ ଟ୍ରେନିଂ ନେବା ପରେ ମୋ ଭଳି ଦକ୍ଷତା ଅନ୍ୟମାନଙ୍କ ଭିତରେ ନଥିବା ଦେଖି ଏହି ଅଫିସରେ ମୋତେ ରହିବାକୁ ପଡ଼ିଲା । ଆମ ବଡ଼ବାବୁ ଯିଏ ଥିଲେ ସେ ବାରମ୍ବାର ସ୍ୱାସ୍ଥ୍ୟ ଖରାପ ରହିବା ସମୟରେ ମୁଁ ପୁରା ଅଫିସ କାମ ବୁଝୁଥିଲି । ଏହି ସବୁ ଜିନିଷ ଦେଖିବା ପରେ ମୁଁ ଆଉ ଏ ଜାଗାରୁ ବଦଳି ହୋଇ ଯାଇ ପାରିଲିନି । ଏଠି କାମର ବୋଝ ବହୁତ ଅଧିକ ।"

ରମେଶ ମୁଣ୍ଡରୁ ବଡ଼ ବୋଝ ବାହାରିଗଲା ।

ପରଦିନ ଅଫିସରେ ପହଞ୍ଚିବା ପରେ ପରେ ସବୁ କଥା ସେ ସମସ୍ତଙ୍କୁ ବୁଝେଇ ସାରିଥିଲା । ହେଲେ ନିର୍ବାଚନ ବିଷୟରେ ଚର୍ଚ୍ଚା ଲାଗି ରହିଥିଲା । ସେଦିନ ଅପରାହ୍ନରେ ବଡ଼ବାବୁ ଅଫିସରେ ମିଟିଂ ଡକାଇଲେ । ସମସ୍ତେ ଏକାଠି ବସିଲେ । ଚା ପାଣି ପରେ ବଡ଼ବାବୁ କହିଲେ ଯେ ଆଗାମୀ ଦୁଇ ମାସରେ ଆମ ରାଜ୍ୟରେ ନିର୍ବାଚନ ହେବ । ଯାହା ଲାଗୁଛି, ବର୍ତ୍ତମାନର ସରକାର ପରିବର୍ତ୍ତନ ହୋଇପାରେ । କାରଣ ଅନେକ ବର୍ଷ ହୋଇଗଲାଣି କେବଳ ଗୋଟିଏ ଦଳ ଶାସନରେ ରହିବା ପରେ ଲୋକମାନେ ମଧ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ଚାହୁଁଛନ୍ତି । ଯେତେବେଳେ କୌଣସି ରାଜନୈତିକ ଦଳ ଗୋଟିଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜ୍ୟରେ ଅନେକ ବର୍ଷ ରହିଯାଏ ସେତେବେଳେ ଏକଛତ୍ରବାଦୀ ଶାସନ ହୋଇଯାଏ । ଏହା ଅନେକ ଦେଶରେ ଦେଖାଯାଇଛି । ଆହୁରି ମଧ୍ୟ ଅନ୍ୟ ଦଳ ଶାସନକୁ ଆସିଲେ ହୁଏତ ରାଜ୍ୟରେ କିଛି ବ୍ୟାପକ ପରିବର୍ତ୍ତନ ଦେଖା ଦେଇପାରେ ।

ଆମେ ତ କହି ପାରିବା ନାହିଁ, କେଉଁ ରାଜନୈତିକ ଦଳ ଭଲ ବା ଖରାପ । ତେଣୁ ଦଳ ମାନଙ୍କ ନିର୍ବାଚନୀ ଇସ୍ତାହାର ଦେଖିବା ପରେ ହିଁ ଜଣା ପଡ଼ିବ । କିନ୍ତୁ ଯଦି କେନ୍ଦ୍ରରେ ଥିବା ଦଳ ଯଦି ରାଜ୍ୟରେ ବି ରହେ ତା ହେଲେ ଉଭୟ ପକ୍ଷ ମଧ୍ୟରେ ସମନ୍ୱୟ ଭଲ ରହିବ ଏବଂ ଉନ୍ନତିମୂଳକ କାର୍ଯ୍ୟ ଭଲ ହେବ । ତଥାପି ଆମେ ନିଜର ବୁଦ୍ଧିମତାକୁ ବ୍ୟବହାର କରି ଦେଖିବା ଆଉ ଯାହା ଆମକୁ ଉଚିତ ମନେ ହେବ ତାହା ଆମେ କରିବା ।

ନିର୍ବାଚନ ଆସିଲେ ଆମ ଅଫିସର କାର୍ଯ୍ୟ ବୃଦ୍ଧି ପାଇବ । ଯେମିତି ଆପଣ ସମସ୍ତେ ଜାଣିଛନ୍ତି ଆମେ ହିଁ ଅର୍ଥ ଦେଣନେଣର ସବୁ କାର୍ଯ୍ୟ କରିଥାଉ । ତେଣୁ ଜିଲ୍ଲାବାରୀ ଯାହା ବି ନିର୍ଦ୍ଦେଶ ଆସିବ ସେ ସବୁ ଆମକୁ ମାନିବାକୁ ପଡିବ । ତେଣୁ ଆମ ଉପରେ ରାଜନୈତିକ ଚାପ ଅଧିକ ରହିବ । ଅନେକ ଏହି ଚାପକୁ ଗତ ନିର୍ବାଚନ ସମୟରେ ଅନୁଭବ କରିଥିବେ । ସେ ଯା'ହେଉ ଆଉ ଅଳ୍ପଦିନ ପରେ ଆମର ଅଫିସ ସାମନାରେ ଗୋଟିଏ ଉଠା ପୋଲିସ ଫାଣ୍ଡି ତିଆରି ହେବ ବୋଲି ସୂଚନା ମିଳିଛି । ଆପଣମାନେ ଟିକେ ସାବଧାନ ରହିବେ । କାରଣ ଚଳିତ ବର୍ଷ ଅନେକ ରାଜନୈତିକ ଦଳ ନୁଆ ନୁଆ ଆମ ରାଜ୍ୟରେ ନିର୍ବାଚନ ରଣାଙ୍ଗନରେ ଓହ୍ଲେଇଛନ୍ତି । ତେଣୁ ସେମାନଙ୍କ କର୍ମୀମାନେ ଅଧିକ ଉତ୍ପାତ କରି ପାରନ୍ତି । ମୁଁ କହିବି ଆପଣମାନେ ସଠିକ୍ ସମୟରେ ଅଫିସ ଆସିବେ ଓ ଯିବେ । ମଧ୍ୟାହ୍ନରେ ଯେତେଦୂର ସମ୍ଭବ ଅଫିସ ବାହାରକୁ ଯିବେ ନାହିଁ । ଯଦି ଅତି ଆବଶ୍ୟକ ହୁଏ ଆପଣ ମୋତେ ଜଣାଇଲେ ମୁଁ ପୋଲିସକୁ ଜଣାଇବି । ସମସ୍ତେ ବୁଝିଗଲେ ଯେ ଏକ ଗୁରୁ ଦାୟିତ୍ୱ ସମସ୍ତଙ୍କୁ କରିବାକୁ ହେବ । ସେଦିନ ମିଟିଂ ସରିବା ପରେ ସମସ୍ତେ ଘରକୁ ଯିବାକୁ ବାହାରିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁ ଯିବାପରେ ରମେଶ ଆଉ ବଡ଼ବାବୁ ବାହାରିଲେ । ରମେଶ ପଚାରିଲା, "ଆମେ ନୁଆ ଦଳ ଉପରେ ଭରସା କରି ପାରିବାକି ? ନା ପୁରୁଣା ହିଁ ଭଲ ?"

ବଡ଼ବାବୁ କହିଲେ, "ଏଇଟା ବଡ଼ ଚିନ୍ତାର ବିଷୟ । କାରଣ ନୁଆ ଦଳ କେବେ ବି ଆମ ରାଜ୍ୟରେ ଶାସନ କରିନାହିଁ । ତେଣୁ ସେମାନଙ୍କୁ ଏହି ରାଜ୍ୟର ଇତିହାସ ଭୂଗୋଳ ବିଷୟରେ କିଛି ବି ଜଣାନାହିଁ । ଯଦି ବି ସେମାନେ ଶାସନ କୁ ଆସନ୍ତି ତା ହେଲେ ଦେଖିବ, ପ୍ରଥମ ବର୍ଷେ ଦୁଇବର୍ଷ କେବଳ ଭୁଲ ଭଟକା ସବୁ ହେବ । ଅବଶ୍ୟ ନେତା ମନ୍ତ୍ରୀମାନେ କୋଉ ଶାସନ କରନ୍ତି ? ଶାସନ କରିବା ଦାୟିତ୍ୱ ଅମଲାତନ୍ତ୍ରଙ୍କ ଉପରେ । ସେମାନେ ଯାହା କହିଲେ ସେଇୟା ହେବ । ଦେଖାଯାଉ, କଣ ହେଉଛି ?"

ରମେଶ ମୁଣ୍ଡ ଟୁଙ୍ଗାରି ହୁଁ ବୋଲି କହିଦେଉ ଦେଉ ପଚାରିଲା, " ବଡ଼ ବିଚିତ୍ର ସମସ୍ୟା । କାହାକୁ ତା ହେଲେ ଭୋଟ ଦେବା ?"

ବଡ଼ବାବୁ ହସିଦେଇ କହିଲେ, "ସମୟ ଆସିଲେ ସବୁ ନିଜେ ବୁଝିଯିବ । ଆହୁରି ଦୁଇମାସ ଅଛି । ଏବେ ତ କେବଳ ନୋଟିଫିକେସନ୍ ଆସିଛି । ନିର୍ବାଚନୀ ଇସ୍ତାହାର ଆସୁ ସବୁ ସ୍ୱଷ୍ଟ ହୋଇଯିବନି ?"

ଦୁହେଁ କଥା ସମାପନ କରି ଘରକୁ ଯିବାକୁ ବାହାରିଲେ । ବଡ଼ବାବୁ ଚାବି ପକାଇବା ପରେ ଚାବି ରମେଶକୁ ଦେଇ କହିଲେ, ଆସନ୍ତା କାଲି ରବିବାର ଅଛି । ମୁଁ ଟିକେ ବାହାରକୁ ଯିବି ବୋଲି ଯୋଜନା କରିଛି । ସୋମବାର ଫେରିବା ବେଳକୁ ଟିକେ ବିଳମ୍ବ ହୋଇପାରେ । ଆପଣ ଚାବି ନିଅନ୍ତୁ । ଆପଣ ଆସି ଅଫିସ ଖୋଲିବେ ।

ସୋମବାର ସକାଳୁ ସକାଳୁ ଅଫିସରେ ପହଞ୍ଚିବା ବେଳକୁ ଘନ ଅଫିସ ବାହାରେ ବସିଥିଲା । ସେ ରମେଶ ପାଖରୁ ଚାବି ନେଇ ଅଫିସ ଖୋଲିବା ପରେ ବଡ଼ବାବୁଙ୍କ ଟେବୁଲ ଉପରଟା ଝାଡ଼ିଝୁଡ଼ି ଦେଲା । ଅଫିସ ଝାଡୁଦାର ଆସିଯାଇଥିଲା । ସେ ସବୁ କୋଠରୀ ସଫା କରିଦେଲା । ସମସ୍ତ କର୍ମଚାରୀ ଆସି ପହଞ୍ଚିବା ବେଳକୁ ବଡ଼ବାବୁଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନୁପସ୍ଥିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା । ରମେଶ ଜଣାଇ ଦେଲା ଯେ ବଡ଼ବାବୁ ନିଜ ଗାଁକୁ ଯାଇଛନ୍ତି, ଫେରିବାକୁ ସମୟ ଲାଗିପାରେ । ସମସ୍ତେ ନିଜ କାମରେ ଲାଗିଗଲେ ।

ସ୍ଥାନୀୟ ପୋଲିସ ଷ୍ଟେସନରୁ ସନ୍ତ୍ରୀ ଜଣେ ଚିଠି ନେଇ ଆସିଥିଲା ଆଉ ରମେଶ ବାବୁ ତାକୁ ପଢ଼ିବା ପରେ ସେଥିରେ ଦସ୍ତଖତ କରି ପଠାଇ ଦେଲେ । ଅପରାହ୍ନ ବେଳକୁ ଅଫିସ ସାମନାରେ ଗୋଟିଏ ଉଠା ଟେଣ୍ଟ ପଡ଼ିଗଲା । ସେଠାରେ ଗୋଟିଏ ବେଞ୍ଚ ଆଉ ଟେବୁଲ୍ ସମେତ ପାଣି ବୋତଲ ଆଉ ୱାଇରଲେସ୍ ଫୋନ୍ ସବୁ ରଖାହେଲା । ଜଣେ ଉଚ୍ଚପଦସ୍ତ ଅଧିକାରୀ ସମେତ ଚାରିଜଣ କନେଷ୍ଟବଳ ଦାୟିତ୍ୱରେ ରହିଲେ ।

ଅଫିସ ବନ୍ଦ କରିବା ସମୟ ହେଲା । ବଡ଼ବାବୁ ଆସିଲେନି । ରମେଶ ଚିନ୍ତା କରିନାହିଁ । କାରଣ ବଡ଼ବାବୁ କୌଣସି କାମରେ ବାହାରକୁ ଯାଇଛନ୍ତି ଯେତେବେଳେ ସେ ନିଜ ଦାୟିତ୍ୱ ପ୍ରତି ସଜାଗ ରହିଥିବେ । ଠିକ୍ ପାଞ୍ଚଟା ବେଳେ ସ୍ଥାନୀୟ ପୋଲିସ ସୁପରିଟେଣ୍ଡେଣ୍ଟ ଆସିଥିଲେ । ସେ ଟେଣ୍ଟକୁ ଅନୁଧ୍ୟାନ କରିବା ପରେ ଅଫିସ ଭିତରକୁ ଆସିଲେ । ସେତେବେଳକୁ ପ୍ରାୟ ସମସ୍ତ କର୍ମଚାରୀ ଚାଲି ଯାଇଥିଲେ । ରମେଶ ବାବୁ ଏକା ବସିଥିଲେ । ଏସପିଙ୍କୁ ଦେଖି ସେମାନେ ବସିଲେ ଆଉ କଥା ହେଉ ହେଉ ଏସପି ବାବୁ ବଡ଼ବାବୁଙ୍କ ବିଷୟରେ ପ୍ରଶ୍ନ କରିଲେ । ରମେଶ ଜଣାଇଲେ ଯେ ସେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଭୁବନେଶ୍ୱର ଯାଇଛନ୍ତି । ହୁଏତ କାଲି ଫେରିବେ । ଏସପି କହିଲେ ବଡ଼ବାବୁ ନଥିଲେ ଆପଣ ସବୁ ଦାୟିତ୍ୱ ବୁଝନ୍ତି କି ? ରମେଶ ମୁଣ୍ଡ ହଲେଇ ହଁ ବୋଲି କହିବା ପରେ ସେ ନିଜ ମୋବାଇଲ୍ ନମ୍ବର ଦେଇ କହିଲେ ମୋ ନମ୍ବର ରଖନ୍ତୁ । ଆଗାମୀ ଦୁଇମାସ ଆମକୁ ମିଳିମିଶି କାମ କରିବାକୁ ପଡ଼ିବ । ଆପଣଙ୍କ ଟ୍ରେଜେରୀ ଅଫିସ । ଏଠି ସବୁ ଟଙ୍କାପଇସା ଦେଣନେଣ ହେବ । ତେଣୁ ବିପଦ ରହିଛି ।

ରମେଶ କହିଲେ, ହଁ ଆମ ବଡ଼ବାବୁ ଆମକୁ ଏହି ବିଷୟରେ ଜଣାଇଛନ୍ତି । ଗତ ଥର ନିର୍ବାଚନ ସମୟରେ ମୁଁ ଏଠାରେ ହିଁ ଥିଲି । ବଡ଼ବାବୁଙ୍କୁ ସହାୟତା କରୁଥିଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନେ ଏମିତି କଥା ହେଉଥିବା ବେଳେ ବାହାରେ ବଡ଼ବାବୁଙ୍କ ଗାଡ଼ି ଲାଗିଲା । ବଡ଼ବାବୁ ଗାଡ଼ିରୁ ଓହ୍ଲେଇ ଭିତରକୁ ପଶି ଆସିବା ବେଳକୁ ଏସପିଙ୍କୁ ଦେଖି ଅଟକି ଗଲେ । ଏସପି ବାବୁ ବଡ଼ବାବୁଙ୍କୁ ଚାହିଁଲେ ଆଉ ପାଖକୁ ଆସି ନିଜର ଟୋପି ଓହ୍ଲେଇ ପାଦଛୁଇଁ ମୁଣ୍ଡିଆ ମାରିଲେ । ରମେଶ ଆଶ୍ଚର୍ଯ୍ୟ ହୋଇଯାଇଥିଲା । ବଡ଼ବାବୁ ନିଜ କୋଠରୀରେ ପଶି ଯାଉ ଯାଉ ରମେଶକୁ ବି ନିମନ୍ତ୍ରଣ ଦେଲେ ।

ବଡ଼ବାବୁଙ୍କୁ କୋଠରୀରେ ଏସପି ସାହେବ ଅତି ପରିଚିତଙ୍କ ଭଳି କଥା ହେଉଥିଲେ । ସେମାନଙ୍କ କଥାବାର୍ତ୍ତାରୁ ଜଣା ପଡୁଥିଲା ଯେ ସେମାନେ ପରସ୍ପରକୁ ଅନେକ ଦିନରୁ ଚିହ୍ନିଛନ୍ତି । ରମେଶଙ୍କୁ ଦେଖି ବଡ଼ବାବୁ ଚିହ୍ନେଇ ଦେଲେ ଯେ ଏସପି ସାହେବ ପିଲାଦିନେ ବଡ଼ବାବୁଙ୍କ ଘର ପାଖରେ ରହୁଥିଲେ ଆଉ ତାଙ୍କ ପାଖରୁ ଗଣିତ ଓ ବିଜ୍ଞାନ ପଢୁଥିଲେ । ସେମାନଙ୍କ କଥାବାର୍ତ୍ତା ସରିବା ପରେ ବଡ଼ବାବୁ ଏସପି ସାହେବଙ୍କୁ କହିଲେ, "ରମେଶବାବୁ ଆମ ଅଫିସର ସବୁ କଥା ବୁଝିବେ । ତୁମେ ତାଙ୍କ ସହ ଯୋଗାଯୋଗ କରି ସବୁ କରିବ ।" ରମେଶ କିଛି ବୁଝିପାରିଲାନି । ବଡ଼ବାବୁଙ୍କୁ ଚାହିଁଲା ବେଳେ ସେ କହିଲେ, "ଭୁବନେଶ୍ୱରରୁ ମୋତେ ଖବର ଆସିଛି, ମୋତେ ସେଇଠିକୁ ଯିବାକୁ ହେବ । ରାଜ୍ୟସ୍ତରୀୟ କାର୍ଯ୍ୟ ବୁଝିବା ଦାୟିତ୍ୱ ମୋତେ ମିଳିଛି । ଭାବୁଥିଲି ତୁମକୁ ପଠେଇ ଦେବି, ପରେ ମନେ ପଡ଼ିଲା ଯେ ତୁମ ପିଲାମାନଙ୍କ ପାଠପଢ଼ା ପରୀକ୍ଷା ସବୁ ଥିବ । ତେଣୁ ନିଜେ ମୁଁ ଡେପୁଟେସନରେ ଚାଲିଯିବି । ଏହି ଜିଲ୍ଲାର ସମସ୍ତ ଦାୟିତ୍ୱ ତୁମ ଅଧୀନରେ ରହିବ । ଏସପିଙ୍କ ସହ ଯୋଗାଯୋଗ କରି ସବୁ କରିପାରିବ ।"

ସେତେବେଳକୁ ବହୁତ ବିଳମ୍ବ ହେଲାଣି । ସେମାନେ ଅଫିସରୁ ବାହାରି ଆସୁଥିଲେ । ନୁଆ ଦାୟିତ୍ୱକୁ କିଭଳି ତୁଲେଇବ ବୋଲି ରମେଶ ଚିନ୍ତା କରୁଥିବା ବେଳେ ବଡ଼ବାବୁ ଅଫିସ ଚାବି ତା ହାତରେ ମୁଠେଇ ଧରେଇ ଦେଇ କହିଲେ, "ଚିନ୍ତା କର ନାହିଁ । ମୁଁ ଅଛି । ଅସୁବିଧା ହେଲେ ମୋତେ କଲ୍ କରିଦେବ ।" ରମେଶ ମୁଣ୍ଡ ହଲେଇ ହଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଲି କହୁଥିଲା ଏଇ ସମୟରେ ବଡ଼ବାବୁ କହିଲେ, "କାଲିଠୁ ତମେ ନିଜ ଗାଡ଼ିରେ ଆସିବନି । ଅଫିସ ଗାଡ଼ି ଯାଇ ତୁମକୁ ନେଇ ଆସିବ । ମୁଁ ଡ୍ରାଇଭରକୁ କହିଦେଉଛି ରାତିରେ ସେ ଗାଡ଼ି ଆପଣଙ୍କ ଘର ପାଖରେ ରଖିବା ବ୍ୟବସ୍ଥା କରିବ ।"

ଏ ସବୁ କଥା ଶୁଣି ରମେଶ ମନେ ମନେ ଭାରି ଖୁସି ହେଉଥିଲା । ଅବଶ୍ୟ ବହୁତ ବଡ଼ ଦାୟିତ୍ୱ କିପରି ତୁଲାଇବ ସେହି ଚିନ୍ତା ମଧ୍ୟ କରୁଥିଲା ।

କ୍ରମଶଃ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୁରୁଷ

ସୁକାନ୍ତ ଖଣ୍ଡା



ବାଲ୍ୟ ଓ କୈଶୋର ଅତିକ୍ରାନ୍ତ ହେବା ପରେ ପ୍ରାପ୍ତ ବୟସ୍କ ହୋଇଗଲି । କେତେ ଶୀଘ୍ର ମୋତେ ବାଲ୍ୟ, କୈଶୋର ଓ ଯୌବନରେ ପଦାର୍ପଣ କରିବାକୁ ହେଲା ନିଜେ ମଧ୍ୟ ଜାଣି ପାରିଲି ନାହିଁ । ଏବେ ମୋତେ ବିବାହ କରିବାକୁ ପଡ଼ିବ । କାରଣ ବଂଶ ରକ୍ଷା ପାଇଁ ସଭିଏଁ ଚାହିଁ ବସିଲେଣି । ବିବାହର ପୂର୍ବ ଦିନ ମୋର ସାଙ୍ଗ ସୁମନ କହିଲା, "ଚିକୁ ! ବିବାହ ତ କରୁଛୁ ଦେଖ ଆଗକୁ କ'ଣ କ'ଣ ହେବାକୁ ଯାଉଛି ? ବିବାହ କଲେ କେତେ ମଜା ଅବଶ୍ୟ ଜାଣିବୁ ।" ମୁଁ ତାର ମଜ୍ଜା କଥାକୁ କୌଣସି ଗୁରୁତ୍ୱ ଦେଲି ନାହିଁ । ଆଗକୁ ଆସୁଥିବା ବିବାହ ପାଇଁ ଆନନ୍ଦରେ ହସିହସି କାମରେ ଲାଗି ପଡ଼ିଲି ।

ବିବାହ ଦିନ ଦେଖିଲି କେତେ ସାଙ୍ଗ, ବନ୍ଧୁ ପରିଜନ ଓ ଆତ୍ମୀୟ ସ୍ୱଜନ ମୋର ବର ଯାତ୍ରୀ ଶୋଭା ଯାତ୍ରାର ଆଗରେ ଥାଇ ପ୍ରେମରେ ନାଚୁଥିଲେ । କେତେ ମଜା ସତରେ ଲାଗୁଥିଲା ସେ ସମୟ । ମନଟା ଯେମିତି ଆକାଶରେ ଉଡୁଥିଲା । ନିଜକୁ ଭାବୁଥିଲି କି ଜୀବନ ଆଜି ଧନ୍ୟ ହେବାକୁ ଯାଉଛି । କିଛି ବାଟ ଅତିକ୍ରମ ଗଲାପରେ ଦେଖିଲି ସାମ୍ନାରେ ମୃତ ବ୍ୟକ୍ତିକୁ ମଶାଣି ଭୂମିକୁ ଶୋଭା ଯାତ୍ରାରେ କେତେ ଲୋକ ନେଇ ଯାଉଥିଲେ । ଯଦିଓ ନାଚ ଓ ଗୀତ ବିଲକୁଲ ହେଉ ନ ଥିଲା କିନ୍ତୁ ରାମ ନାମ ସତ୍ୟ ହେ କହିବା ସହିତ ଖଇ ଓ କଉଡ଼ି ବିଂଛାଡି ପକାଉଥିଲେ । ଏ ଦୃଶ୍ୟ ଦେଖି ନିଜକୁ ଭାବୁଥିଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କି ମଣିଷ ଜୀବନର ଏ ରହସ୍ୟ ସତ୍ୟ ଅଥଚ କେତେ ଗଭୀର ।

ବିବାହ ସରିଗଲା । ଚତୁର୍ଥୀ ରାତ୍ରୀରେ ନିଜକୁ ପୂର୍ଣ୍ଣାଙ୍ଗ ପୁରୁଷ ବୋଲି ନିଜକୁ ଭାବିଲି ଆଉ କୋଟି ଧନ୍ୟବାଦ ଦେଲି ଈଶ୍ୱରଙ୍କୁ । ସତରେ ! ସେହିଦିନ ଠାରୁ ହିଁ ନିଜର କର୍ତ୍ତବ୍ୟ କରିବି ବୋଲି ମନ ଓ ହୃଦୟ ମଧ୍ୟରେ ସଂକଳ୍ପ କଲି । ଘରର ଆବଶ୍ୟକ ଚିଜ ନିତି ବୋହିଲି । ପତ୍ନୀ କଥାରେ ଓ ମାଆ କଥାରେ ହଁ ମାରିବା ବାଧ୍ୟ ହେଲି । ପ୍ରତିଦିନ ଏଇଟା ନାହିଁ ସେଇଟା ନାହିଁ ବୋଲି ସାରା ଘର ପରିବାର କହିବାକୁ ଲାଗିଲେ ।

ସେ ଦିନ ସାବିତ୍ରୀ ଅମାବାସ୍ୟା ଥିଲା । ସଭିଙ୍କ ପରି ମୋତେ ପତ୍ନୀ ପାଇଁ ନୂଆ ଲୁଗା ଖଣ୍ଡିଏ କିଣି ଆଣିଲି । ଯେବେ ଘରେ ପହଞ୍ଚି ଦେଖିଲି ଦୁଇ ଶାଶୂ ଓ ବୋହୂ ପରସ୍ପର ଆଳାପ ଆଲୋଚନା କରୁଛନ୍ତି । ମୁଁ ଆନନ୍ଦ ମନରେ କହିଲି, "ପ୍ରିୟେ ! ଦେଖ ତୁମ ପାଇଁ ନୂଆ ଲୁଗା ଖଣ୍ଡିଏ କିଣି ଆଣିଛି ।" ମୁଁ ବଢାଇ ଦେବା ସମୟରେ ମାଆ ଝିଙ୍କି ନେଇ ନିଜର କାନ୍ଧରେ ପକାଇ ଦେଇ କହିଲେ, "ଚିକୁ ! ଏ ଲୁଗାଟା କେତେ ସୁନ୍ଦର ଶିଶୁଛି । ମୋତେ ଖୁବ୍ ମାନିବ, ନୁହେଁ ? ତା'ଛଡ଼ା ଦେଖିନୁ ପିନ୍ଧିଥିବା ଏ ଲୁଗାଟା ଛିଣ୍ଡି ଗଲାଣି ?" ମାଆ ନିଜର ପିନ୍ଧା ଲୁଗାଟା ଦେଖେଇଲେ ।

ବିବାହର ମାତ୍ର ଗୋଟିଏ ସପ୍ତାହ ହୋଇନି । ଘରେ ଯେମିତି ଲାଗିଗଲା ନିଆଁ । ଆଜିକାଲି ଶାଶୂ ଓ ବୋହୂ ପରସ୍ପର ମଧ୍ୟରେ ଘୋର ଶତ୍ରୁତା । ଶାଶୂ ଦେଖି ସହି ପାରୁନାହିଁ କି ବୋହୂ ଶାଶୂଙ୍କୁ ଦେଖିଲେ ନାହି ଡେଉଁଛି । ସେ ଦିନ ମୁଁ ଗେହ୍ଲେଇ ହୋଇ କହିଲି, "ପ୍ରିୟେ ! କ'ଣ କରୁଛ ?" ସେ ମୁହଁ ଛିଞ୍ଚାଡି କହିଲା, "ଦେଖୁନ ! ଘରଟା ଯାକର ସବୁ କାମ କରିବି । ଲୁଗା ଧୋଇବା, ଘର ସଫା କରିବା, ରୋଷେଇ କରିବା ଓ ଆହୁରି ଅନେକ ।" ମୁଁ କିଛି ବି ନ କହି ମାଆଙ୍କ ପାଖକୁ ଚାଲିଗଲି । ସତ୍ୟାସତ୍ୟ କେତେ ଜାଣିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଁ । ସତରେ ! ମାଆ କ'ଣ କିଛି ବି କରୁ ନାହାନ୍ତି ? ମୁଁ ଘର ଭିତରକୁ ପ୍ରବେଶ କରି ଦେଖିଲି ମାଆ ରୋଷେଇ କରୁଛନ୍ତି । ଗେହ୍ଲେଇ ହୋଇ କହିଲି, "ମାଆ ! କ'ଣ କରୁଛନ୍ତି କି ?" ମାଆ ତ ରାଗି ଯାଇଛନ୍ତି ଖାସ ସେଇ ସାବିତ୍ରୀ ଅମାବାସ୍ୟା ପୂର୍ବଦିନ ଠାରୁ । ସେ ମୁହଁ ଛିଞ୍ଚାଡି କହିଲେ, "ଦେଖ ! ଆସିଗଲା ମାଇପ ବୋଲକରା ।"

ସେଠାରେ ଦଣ୍ଡେ ରହିବା କାଠିକର ହେଲା । ତାଙ୍କ ପାଖରୁ ଫେରିଆସି ନିଜର କକ୍ଷକୁ ଚାଲିଗଲି । ମୁଣ୍ଡରେ ହାତ ଥୋଇ ବସିଗଲି ଦଉଡ଼ିଆ ଖଟରେ । ହଠାତ୍ ଫୋନ୍ ଆସିଲା, ବଡ଼ ଭଉଣୀ କହିଲା, "ଚିକୁ ! ତୋ' ଭିଣୋଇଙ୍କ ଦେହ ଖରାପ ଯଥାଶୀଘ୍ର ଆସି ପହଞ୍ଚିବାକୁ ଅନୁରୋଧ ରହିଲା, ହଁ ଆସିବା ସମୟରେ ହାତରେ ଟଙ୍କା ନେଇକି ଆସିବୁ । ତାଙ୍କର ଅପରେସନ ହେବାର ଅଛି ।" ମୁଣ୍ଡ ମୋର ଟିଣ ହୋଇଗଲା । "କାହାକୁ ସମ୍ଭାଳିବୁ, ସମ୍ଭାଳ ଏଥର । ବିବେକ ଚେତେଇ ଦେଇ କହିଲା, "ଚିକୁ ! ତୋର ସାଙ୍ଗ ସୁମନ କ'ଣ କହୁଥିଲାଟି । ହଁ, ବିବାହ ପରର ମଜ୍ଜା କେତେ ?"

ମୋର ଦେହ ଓ ମୁଣ୍ଡ ଝାଇଁ ମାରିନେଲା । କ'ଣ କରିବି ନିଜକୁ ବୁଝିବାକୁ ଚେଷ୍ଟା କରିବା ବେଳେ ସାନ ଭାଇ ନରେନ୍ଦ୍ର ଆସି କହିଲା, "ଭାଇ ! ଆମେ ପୁରୀ ଯିବାକୁ ବାହାରିଛୁ । ମୋର ପାଞ୍ଚ ହଜାର ଟଙ୍କା ଦରକାର । ବାପା ସେପଟ ଘରେ ଭୀଷଣ ଭାବରେ କାଶୁଥିଲେ । ସେ ଡାକ ଛାଡ଼ିଲେ, "ଚିକୁ ! ଔଷଧ ସରିଗଲା । ବଜାର ଗଲେ ନେଇ କି ଆସିବୁ ।"

ଜୀବନର ଦୋ'ଛକି ରାସ୍ତାରେ ଆଜି ଠିଆ । ମୋତେ ଚାରିଆଡୁ ଆହ୍ୱାନ କି ଯାହାର ଯାହା ଦରକାର ମୋତେ ହିଁ ସମ୍ଭାଳିବାକୁ ହେବ । କାରଣ ମୁଁ ଏ ଘରର ବଡ ପୁଅ/ପୁରୁଷ । ସତରେ ! ପୁଅ/ପୁରୁଷ ହୋଇ ଜନ୍ମ ନେବା କେତେ କଷ୍ଟକର ଏବେ ହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଝୁଛି । ମୁଁ ଆଜି ହୃଦୟହୀନ ପୁରୁଷଟିଏ । ମାଆ ଓ ବାପାଙ୍କର ସେବାରେ ତ୍ରୁଟି ଓ ଅବହେଳା କଲେ ଅପାରଗ ଓ ପତ୍ନୀ ବୋଲକରା ପୁତ୍ର । ପତ୍ନୀ କଥାରେ ପରିଚାଳିତ ନ ହେଲେ ସ୍ୱାମୀ ଖରାପ ଓ ମାଇଚିଆ । ଭାଇ ଓ ଭଉଣୀର ଭଲ କି ମନ୍ଦରେ ଠିଆ ନ ହେଲେ ଭାଇ ଖରାପ । ଏ ଦୁନିଆ କହେ ପୁରୁଷର କୁଆଡେ ହୃଦୟ ନ ଥାଏ । ସବୁ ଦେଖୁଥିବୁ କିନ୍ତୁ ପାଟିରେ ଚାବି ପକାଇ ଆଖିରେ ଲୁହ ଜକେଇ ବସି କାନ୍ଦିବାକୁ ହେବ । ସାମାନ୍ୟ ତୁଣ୍ଡ ଖୋଲିବୁ ତ ମହାଭାରତ ଯୁଦ୍ଧ ହେବାକୁ ବେଶୀ ସମୟ ଲାଗିବ ନାହିଁ ।

ଆଜି ମୁଁ ବାପା ହୋଇ ନାହିଁ ଆସନ୍ତାକାଲି କି ସମ୍ଭାବନା ଅଛି । ସେମାନେ ଯେବେ କୋଳକୁ ଆସିବେ ଓ ତାଙ୍କର ଆବଶ୍ୟକତା ପୂରଣ କରି ନ ପାରିଲେ ବାପା ଖରାପ ହୋଇଯିବି । ସତରେ ! ମୋର ପରି ପୁରୁଷଙ୍କର ବିଲକୁଲ ହୃଦୟ ହିଁ ନାହିଁ । ଜୀବନ ଯାତ୍ରାରେ ଚାଲୁଚାଲୁ ଥକି ପଡ଼ିଲିଣି । ଏ ପ୍ରେମ କି ପ୍ରଣୟ ହେଉ ଅବା ସଂସାର ବନ୍ଧନ ସବୁ ମାୟାର ଭେଳିକି ନୁହେଁ ତ ଆଉ କ'ଣ ?

ଦିନେ ସଂସାରକୁ ଆସିଥିଲି ଏକା ହୋଇ । ଦିନେ ଏକା ବି ଚାଲିଯିବି । ସାଙ୍ଗ ସୁମନ କଥା ମନେ ପଡ଼ିଲା କି ବିବାହ ପରେ କେତେ ମଜ୍ଜା ଜାଣିବୁ । ସତରେ ! ବିବାହ ପରେ ହିଁ ଚାଖିକି ଜାଣିଲି । ଆଖି ଆଗରେ ସେ ଦିନର ଦୃଶ୍ୟ ଭାସି ଆସିଲା । ବିବାହ ପାଇଁ ବର ରୋଷଣୀ ସଜେଇ ଯିବା ବାଟରେ ଲୋକେ କାହିଁକି ଆଗରେ ନାଚୁଥିଲେ । ଆଉ ବାଟରେ ଯେଉଁ ମଲା ଶବର ଶୋଭାଯାତ୍ରା ଦେଖିଲି ଆଗରେ ନୁହେଁ, ପଛରେ ରହି କାହିଁକି ଖଇ କଉଡ଼ି ବିଂଛାଡ଼ି ପକାଉଥିଲେ ।

ଆଖିରେ ଲୁହ ଝରି ପଡ଼ିଲା । ମୁଣ୍ଡରେ ହାତକୁ ଥୋଇ କଚାଡି ହୋଇ ବସି ପଡ଼ିଲି । ଆଖି ସାମ୍ନାରେ ଭାସି ଯାଇଥିଲା କି ଏ ଦୁନିଆ ଆଖି ସାମ୍ନାରେ ଯାହା ଦିଶୁଛି । ଅସଲରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଇଆ ହିଁ ନୁହଁ ।

ଧିକ୍ ! ମୋର ପୁରୁଷ ଜନ୍ମ ହୋଇ ଏ ସଂସାରକୁ ଆସିବା । କେବଳ କଲବଲ ହୋଇ ମରିବାକୁ । ନିତି ମରି ବଞ୍ଚି ରହିବାକୁ । ହେ ଈଶ୍ୱର ! କାହିଁକି ଏତେ ହିଁ ଚକ୍ରାନ୍ତ ଏ ପୁରୁଷଙ୍କ ପାଇଁ ? ସୁମନ ପାଖରେ ଥାଇ କହିଲା, ଚିକୁ ! ନିଜକୁ ସମ୍ଭାଳ । ଏହା ହିଁ ତ ପୁରୁଷ ଜୀବନର ସ୍ୱାର୍ଥକତା, ଯେଉଁଠି ଦୁଃଖ ନାହିଁ ସୁଖ ଆସିବ କେଉଁଠି ? ଯେଉଁଠି ସୁଖ ଅଛି ଦୁଃଖ ତ ଅବଶ୍ୟ ଆସିବ ହିଁ ଆସିବ । କାରଣ ଚକୁଳି ପିଠା ଅଣ ଲେଉଟା ହୁଏ କି ?"

ମୁଁ ସୁମନ ଛାତିରେ ଢଳି ପଡ଼ିଲି । ମେଞ୍ଚାଏ ଗରମ ଲୁହକୁ ପିଇ । ସୁମନ ମୋର ପିଠି ଥପୁଡାଇ ଆଶ୍ୱାସନା ଦେଉଥିଲା । ମୋର ଲୁହ ସହ ତାଳ ଦେଇ ।

ଶିକ୍ଷକ ଟାଙ୍ଗରତଳି ମଣତା

ଘଟଗାଁ କେନ୍ଦୁଝର ମୋ : ୯୯୩୮୭୮୯୬୭୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏମିତିକା ଜୀବନର ରଙ୍ଗ, ପ୍ରେମ

ଆଶୁତୋଷ ମେହେର



ସୂର୍ଯ୍ୟାସ୍ତ ହେଲାଣି କେତେ ବେଳରୁ । ରାତିର ଅନ୍ଧକାର ଭେଦ କରି ସେଇ ଛୋଟ ଘରର ଝରକା ଦାଢରେ ଜଳୁଥିଲା ଗୋଟାଏ ମହମବତୀ । ସେଇ ବତୀର ଆଲୋକରେ ରଙ୍ଗ ଲାଗୁଥିଲା କୋଠରୀର ଆଖପାଖ ସମସ୍ତ ଜିନିଷ ଉପରେ । ସୁନୀତା, ସେଇ ଆଲୋକରେ ଝରକ ପାଖ ଟେବୁଲରେ ବସି ଖଣ୍ଡେ ଛୋଟିଆ କାଗଜରେ କିଛି ଲେଖି ଚାଲିଥିଲା ।

ତା' ଚେହେରାରେ ଥିଲା ଧାରେ ମହକ ଭରା ହସ । ଲାଗୁଥିଲା, ସତେ ଯେମିତିକା ସେ ନିଜର ସମସ୍ତ ଦୁଃଖକୁ ସେଇ କାଗଜରେ ଲେଖି ଦେଇ ଖୁସି ହୋଇଯାଉଛି ।

ବାହାରେ ବର୍ଷା ପଡ଼ୁଥିଲା । ସେଇ ବର୍ଷାର ଝିପିଝିପି ଶବ୍ଦ ସହିତ ଦୂରରୁ ଶୁଣାଗଲା ଏକ ପରିଚିତ ପାଦଧ୍ୱନି । ସୁନୀତା ମୁଣ୍ଡ ଉଠାଇ ଦେଖିଲା । ଦ୍ୱାର ଖୋଲା ଥିଲା । ବର୍ଷାରେ ଭିଜି ଆସୁଥିଲା ରାଜୁ, ତା'ସ୍ୱାମୀ । ହାତରେ ଏକ ଛୋଟ ପ୍ଲାଷ୍ଟିକ୍ ବ୍ୟାଗ୍ । ସବୁଦିନ ପରି ସକାଳୁ କାମକୁ ଯାଇ ଏମିତି ସଂଜ ନଇଁଲେ ଫେରିବା ରାଜୁର ନିୟମିତ କାମ । ଏଇଟା ସୁନୀତା ଦେଖିଆସିଛି ଗତ ଏକ ମାସ ଧରି । ଗୋଟାଏ ମାସ ପୂର୍ବରୁ ସେ ଦୁହିଁଙ୍କ ବିବାହ ହୋଇଥିଲା ଯେ !!! ବାହାଘର ପରେ ନୂଆଁ ନୂଆଁ ଏଇ ଭଡାଘରେ ରହୁଛନ୍ତି ଦୁହେଁ ।

ରାଜୁ ଭିଜାମୁଣ୍ଡ ଝାଡି ଝାଡି ଘର ଭିତରକୁ ଆସି ଟେବୁଲ ଉପରେ ସେ ବ୍ୟାଗଟା ରଖିଲା । ସୁନୀତା ବ୍ୟାକୁ ଅଣ୍ଡଳି ଦେଖିଲା ତା ଭିତରେ ଅଛି କିଛି ରଙ୍ଗୀନ ଫୁଲ ଓ କିଛି ଚକୋଲେଟ୍ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ଆଜି ମୋର ଜନ୍ମଦିନ ନୁହେଁ ତ ? ଏତେ ଜିନିଷ ଧରି ଆସିଛ ଯେ ?" ସୁନୀତା ହସି ପଚାରିଲା ।

ରାଜୁ ଭିଜା ଜାମାଟା ଦେହରୁ ଓତାରୁ ଓତାରୁ କହିଲା "ଜନ୍ମଦିନ ନୁହେଁ ମୁଁ ଜାଣିଛି, ତଥାପି ମନ ହେଲା । ଏବେ ଏବେ ତ ମୋ ଜୀବନର ଏକ ନୂଆ ରଙ୍ଗ ଲାଗିଛି ଯେ ।"

ସେ ସୁନୀତା ପାଖରେ ବସିଲା ଓ ତା' ହାତକୁ ଧରିଲା, କହିଲା "ତୁମେ ଜାଣ ସୁନୀତା, ମୋର ଜୀବନ ବହୁତ କଳା-ଧଳା ଥିଲା । କାମ, ଟଙ୍କା, ଚିନ୍ତା... ସବୁ ଧୂସର ରଙ୍ଗ ବୋଲି ହୋଇ ରହିଥିଲା ମୋ ଜୀବନରେ । କିନ୍ତୁ ଯେତେବେଳେ ତୁମେ ଆସିଲ, ସବୁ ରଙ୍ଗ ବଦଳିଗଲା । ତୁମେ ହେଉଛ ମୋ ଜୀବନରେ ଇନ୍ଦ୍ରଧନୁର ରଙ୍ଗ ।"

ସୁନୀତାର ଆଖିରେ ଖୁସିର ଲୁହ ଆସିଲା, "ମୁଁ ତ କେବଳ ଏକ ସାଧାରଣ ଝିଅ । କେଉଁ ରଙ୍ଗ ଦେଇପାରିବି ମୁଁ, ତୁମକୁ ?"

ରାଜୁ ତା'ର କପାଳରେ ଗୋଟାଏ କଅଁଳ ଚୁମ୍ବନ ଦେଇ କହିଲା, "ତୁମେ ମୋ ଜୀବନକୁ ଲାଲ୍ ରଙ୍ଗ ଦେଇଛ, ଯାହା ପ୍ରେମ, ହଳଦିଆ ରଙ୍ଗ ଦେଇଛ, ଯାହା ଖୁସି, ନୀଳ ରଙ୍ଗ ଦେଇଛ, ଯାହା ଶାନ୍ତି । ଆଉ ସବୁଠୁ ସୁନ୍ଦର କଥା ହେଉଛି... ତୁମେ ମୋ ଜୀବନରେ ଏମିତି ଅନେକ ରଙ୍ଗକୁ ଏକାଠି କରି ଗୋଟାଏ ଇନ୍ଦ୍ରଧନୁ ଭରି ଦେଇଛ ।"

ଝର୍କା ବାହାରେ ବର୍ଷା ବଢୁଥିଲା । ମହମବତୀ ତରଳି ଯାଇ ତା'ର ଆଲୋକ କମିକମି ହୋଇ ଆସୁଥିଲା, କିନ୍ତୁ ସେ ପ୍ରେମୀଯୁଗଳଙ୍କ ଆଖିରେ ଭରିଥିଲା ସପ୍ତରଙ୍ଗୀ ନୂଆ ଆଲୋକର ଫୁଆରା ।

ରାଜୁ ସୁନୀତାକୁ ଆଲିଙ୍ଗନ କଲା, କୋଳେଇ ଧରି ଆସ୍ତେ କରି ତା କାନରେ କହିଲା, "ଏଇତ ଜୀବନର ରଙ୍ଗ... ଜଣେ ଆରଜଣକ ବିନା କେବେ ପୂର୍ଣ୍ଣ କରିପାରିବା ନାହିଁ ।"

ସୁନୀତା ରାଜୁର ଛାତିରେ ମୁଣ୍ଡ ରଖି ଧୀରେ ଧୀରେ କହିଲା, "ତୁମେ ମୋର ସବୁ

Listen to Odia Podcast Original at https://youtube.com/@drjyotiprasad

ରଙ୍ଗର ଆଧାର ... ଆଉ ମୁଁ ତୁମର । ଏହା ହିଁ ପ୍ରେମ ।”

ବାହାରେ ବର୍ଷା ସେମିତି ଗୀତ ଗାଉଥିଲା, କିନ୍ତୁ ଘର ଭିତରେ ଦୁଇଟା ହୃଦୟ ଏକାଠି ହୋଇ ଏକ ଅନନ୍ୟ ରଙ୍ଗରେ ଭିଜିଭିଜି ସମଗୁଲ ହେଉଥିଲେ । ଝୁପଝୁପ ବର୍ଷା ସତେ ଯେମିତେ କହୁଥିଲା ସେଇ ରଙ୍ଗର ନାଁ...

କୁଆଡେ ଦୁଇ ଅକ୍ଷରେ ଗଢା.....ପ୍ରେମ ! ! ! !

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚାଳ ଘର

ଅନନ୍ତ କୁମାର



ଚାଳ ଘର ଶବ୍ଦ ଶୁଣିବାକୁ ପଢିବାକୁ ୪ ଅକ୍ଷର କିନ୍ତୁ ବାସ୍ତବରେ ଏ ଘର ସ୍ୱର୍ଗ ଠାରୁ ଆହୁରି ସୁନ୍ଦର । ଆଦିମ ମଣିଷରୁ ଆଜି ଆଧୁନିକ ମଣିଷରେ ମନୁଷ୍ୟ ପହଞ୍ଛିଛି ସତ ଅନେକ ପରିବର୍ତ୍ତନ ହେଇଛି ସତ କିନ୍ତୁ ଲୋପ ପାଇଯାଇଛି ସେହି ସ୍ୱର୍ଗର ଘର । ପଶ୍ଚ୍ୟାତ୍ ସଭ୍ୟତା ଅବଶ୍ୟ କଷ୍ଟ ଥିଲା କିନ୍ତୁ ଅନେକ ଆନନ୍ଦ ଥିଲା । ସମୟ ଥିଲା ଗାଁ ର ସେହି ନଡ଼ା କୁଟା କେଇ ଖଣ୍ଡ ବାଉଁଶ ଏବଂ ମାଟି କାନ୍ଥରେ ତିଆରି ହେଉଥିଲା ଘର ସେ ତ ଘର ନ ଥିଲା ସ୍ୱର୍ଗ ପୁର । ନାଁ ଥିଲା ବିଜୁଳି ଲାଇଟ ନା ବିଜୁଳି ପଙ୍ଖା ଥିଲା କେବଳ ଡିବିରି ଆଲୁଅ ଏବଂ ଲଣ୍ଠନ । କିନ୍ତୁ ସେହି ଆଲୁଅ ଚାଳ ଘରକୁ ପୁରା ଆଲୋକିତ କରି ଯେଉଁ ଶାନ୍ତି ଦେଉଥିଲା କିନ୍ତୁ ବର୍ତ୍ତମାନ ଆଧୁନିକ ଯୁଗରେ ସବୁ ସୁବିଧା ଥିବା ସତ୍ତ୍ୱେ ବି ମନୁଷ୍ୟ ଶାନ୍ତି ଖୋଜି ପାଉନି । ମନେ ପଡ଼ୁଚି ସେହି ଚାଳ ଘରେ ଥିବା ହାଣ୍ଡି ଶାଳ ଯେଉଁଠି ମାଟି ଚୁଲିରେ ରୋଷେଇ ହେଉଥିଲା ଆଉ ମାଟି ଗରାରେ ହାଣ୍ଡିଶାଳ କୋଣରେ ରହୁଥିଲା ପାଣି ଯେଉଁ ପାଣି ଥରେ ପିଇ ଦେଲେ ଆତ୍ମ ତୃପ୍ତି ମିଳିଯାଏ । କି ସୁନ୍ଦର୍ ଥିଲା ସେ ଝୋଟି ଚିତା ଅଙ୍କା ଯାଇଥିବା ସେହି ମାଟି କାନ୍ଥ । ଚାଳ ଘରେ ଯେମିତି ବାଉଁଶ ବତାକୁ ନଡ଼ା ବାନ୍ଧି ରଖିଥିଲା ଠିକ୍ ପରିବାରର ସମସ୍ତଙ୍କୁ ଭଲ ସମ୍ପର୍କରେ ବାନ୍ଧି ରଖିଥିଲା କିନ୍ତୁ ବର୍ତ୍ତମାନ ଆଧୁନିକ କରଣ ଆସିବା ପରେ ବଡ଼ ବଡ କୋଠା ବାଡି ହେଇଛି ସତ କିନ୍ତୁ ସେହି ଗାଁର ସମ୍ପର୍କ ବାନ୍ଧି ରଖି ପାରିନାହିଁ । ନାଁ ଆଗ ଭଳି ପଡ଼ୋଶୀ କେହି କାହା ଘରକୁ ଯାଉଛନ୍ତି ନା ଆଗ ଭଳି ସ୍ନେହ ଅଛି । ଆଜି କୋଠା ବାଡି ହେଉଛି ରୋଜଗାର ବଢ଼ିଛି କିନ୍ତୁ ଭାଇ ଭାଇ ଭିତରେ ଗୋଟିଏ ଘରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଚେରୀ ଉଠିଛି । ଶିକ୍ଷାର ଅଗ୍ରଗତି ହେଇଛି କିନ୍ତୁ ବିବେକଶୂନ୍ୟ ଭଳି ବ୍ୟବହାର ମଣିଷ କରୁଛି । କି ଝଡି କି ବାତ୍ୟା କି ବତାସ ଭୟ ଭିତରେ ରାତି କଟିଯାଏ ଲଣ୍ଠନର ମିଞ୍ଜି ମିଞ୍ଜି ଆଲୁଅରେ ସେହି ଝାଟି ମାଟି ଚାଳ ଘରେ । ନା ଖରାର ପ୍ରକୋପ ନା ଶୀତର ବାଧା କିଛି ଜଣା ପଡୁନଥିଲା, ଗ୍ରୀଷ୍ମରେ ତାଳ ପତ୍ରର ହାତ ବିଞ୍ଚଣା ସାହା ଭରଷା ଆଉ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହେଂସୁଆତିରେ ବୁଣା ଯାଇଥିବା ହେଂଶ ଘୋଡ଼ିବା ଆହା କି ଆନନ୍ଦ ଥିଲା ସେ ଦିନ । ଆଜି ଆଧୁନିକରଣ ଲୋକଙ୍କୁ ସହରୀ ମୁଁହା କରିବା ସହ ଗାଁ ବି ସହର ସହର ଲାଗିଲାଣି । ଗାଁରେ ଚାଳ ଘର ବିଲୁପ୍ତ ପ୍ରାୟ କହିଲେ ଚଳେ । ସତରେ ସେ ପିଲା ବେଳରେ ଖରା ବେଳେ ସେହି ଚାଳଘରେ ପୁରୁଣା ଟିଭିରେ ସବୁ ସାଙ୍ଗ ହେଇ ପୁରୁଣା ଚଳଚିତ୍ର ଦେଖିବା କେତେ ଆନନ୍ଦ ଭାଇ ଭଉଣୀ ସପରିବାର ସହ ଯାହା ଆଜି ଅଧା ଅଧୁରା । ମନେ ପଡୁଛି ସେହି ମାଟି ଘରେ ଥିବା ମାଟି ପିଣ୍ଡା ଆଉ କାନ୍ଥ ଗୁଡ଼ିକ ଯେଉଁଠି ସବୁ ପର୍ବପର୍ବାଣୀରେ ଝୋଟି ଚିତାରେ ଝଟକୁ ଥିଲା । ମନ ପଡୁଛି ସଂକ୍ରାନ୍ତିରେ ମାଟି ଚୁଲିରେ ପୋଡ଼ା ପିଠା କି ମିଠା । ସବୁର ଆଜି ଚିହ୍ନ ବର୍ଣ୍ଣ ନାହିଁ ଆଗକୁ କୋକେଇରେ ଲାଗିବା ପାଇଁ ଚାଳ ଘରର ଖଣ୍ଡେ ବାଉଁଶ ବି ମିଳିବ ନାହିଁ । ଗାଁରେ ସେହି ଦିନକୁ ଫେରିଯିବାକୁ ଭାରି ମନେ ହେଉଛି କିନ୍ତୁ ବୟସ ଆଉ ସଭ୍ୟତା କଣ ସବୁ ପଛକୁ ଫେରି ପାରିବ ? ? ? କେବଳ ଆଜି ସବୁ ସ୍ମୃତି ହେଇ ରହି ଯାଇଛି ହୃଦୟ ଭିତରେ ।

ତିହିଡି, ଭଦ୍ରକ

ଭ୍ରାମ୍ୟଭାଷ : ୮୩୩୯୯୩୯୯୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଂଘର୍ଷର ସହଯାତ୍ରୀ

କୃଷ୍ଣ କାବେରୀ ଖଣ୍ଡାଇ



ସହରର ସବୁଠାରୁ ପ୍ରତିଷ୍ଠିତ ବ୍ୟବସାୟିକ ପତ୍ରିକା 'ପ୍ରଗତି'ର କଭର୍ ପେଜ୍‌ରେ ଆଜି ଆକାଶଙ୍କ ଚେହେରା । ଚକ୍‌ଚକ୍ କରୁଥିବା ସେହି ଫଟୋ ତଳେ ବଡ଼ ଅକ୍ଷରରେ ଲେଖାହୋଇଛି, "ବର୍ଷର ଶ୍ରେଷ୍ଠ ଯୁବ ଉଦ୍ୟୋଗୀ: ଆକାଶ ମହାପାତ୍ର ।" ଆଜି ଆକାଶଙ୍କ ନାଁ ସମସ୍ତଙ୍କ ମୁହଁରେ । ଆଧୁନିକ ଜୀବନଶୈଳୀ, ଆକର୍ଷଣୀୟ ବ୍ୟକ୍ତିତ୍ୱ ଆଉ ପ୍ରତିପତ୍ତି ଯୋଗୁଁ ଆଜି ହଜାର ହଜାର ଯୁବତୀ ତାଙ୍କ ସହ ବନ୍ଧୁତା କରିବାକୁ ବ୍ୟାକୁଳ । ସୋସିଆଲ ମିଡିଆରେ ଅନୁରୋଧର ବନ୍ୟା ଛୁଟିଛି । କିନ୍ତୁ ଏସବୁ ଚମକ ଭିତରେ ଏୟାରକଣ୍ଡିସନର ରୁମ୍‌ରେ ବସି ଆକାଶ ଅତୀତର ସେହି ଅନ୍ଧାର ସମୟକୁ ମନେ ପକାଉଥିଲେ, ଯାହାକୁ ଆଜିର ଏହି ସଫଳ ଦୁନିଆ ଦେଖିନାହିଁ । ଅତୀତର ସେହି କଳା ବାଦଲପାଞ୍ଚ ବର୍ଷ ତଳେ ଆକାଶଙ୍କ ପାଖରେ କିଛି ନଥିଲା । ଏକ ଛୋଟ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ ସେ ନିଜର ସବୁ ସମ୍ବଳ ଲଗାଇ ଦେଇଥିଲେ । କିନ୍ତୁ ବ୍ୟବସାୟ ବୁଡ଼ିଗଲା । ଧାର କରଜରେ ସେ ବୁଡ଼ି ରହିଥିଲେ । ସେତେବେଳେ ତାଙ୍କ ସୁନ୍ଦର ଚେହେରା କିମ୍ବା ଶିକ୍ଷା କାହାକୁ ଦେଖାଯାଉ ନଥିଲା । ସାଙ୍ଗସାଥୀମାନେ ଦୂରେଇ ଯାଇଥିଲେ । ସେହି ନିଷ୍ଠୁର ସମୟରେ ତାଙ୍କ ହାତ ଧରିଥିଲା ଅନନ୍ୟା । ଅନନ୍ୟା କୌଣସି ଧନୀ ଘରର ଝିଅ ନଥିଲା, କିନ୍ତୁ ତା'ର ମନ ଥିଲା ଆକାଶ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳ । ପାଦରେ ପାଦ ମିଶାଇ ଚାଲିବାର ପ୍ରେମସେହି ଦୁର୍ଦ୍ଦିନରେ ଅନନ୍ୟା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆକାଶଙ୍କୁ କେବେ ମାନସିକ ସ୍ତରରେ ଭାଙ୍ଗିବାକୁ ଦେଇନଥିଲା । ସହରର ଗରମ ଖରାରେ ଯେତେବେଳେ ଆକାଶ କ୍ଲାଏଣ୍ଟମାନଙ୍କ ଅଫିସ୍ ବାହାରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିଲେ, ଅନନ୍ୟା ସେତେବେଳେ ଛତାଟିଏ ଧରି ତାଙ୍କ ସହ ଛିଡ଼ା ହେଉଥିଲା । ରେଷ୍ଟୁରାଣ୍ଟରେ ବସି ଖାଇବାକୁ ପଇସା ନଥିବା ବେଳେ, ରାସ୍ତା କଡ଼ରେ ଦୁଇଟଙ୍କିଆ ଚା' କପ୍‌କୁ ବାଣ୍ଟି ପିଇବାରେ ସେ ଯେଉଁ ଖୁସି ପାଉଥିଲା, ତାହା କୌଣସି ରାଜକୁମାରୀଠାରୁ କମ୍ ନଥିଲା । ଥରେ ଆକାଶ ନିରାଶ ହୋଇ କହିଥିଲେ, "ଅନନ୍ୟା, ମୋ ଭାଗ୍ୟ ଖରାପ । ତୁମେ ଜଣେ ସଫଳ ପୁଅ ସହ ରହିବା କଥା ।" ଅନନ୍ୟା ଆକାଶଙ୍କ ଆଖିରୁ ଲୁହ ପୋଛି କହିଥିଲା, "ପ୍ରକୃତ ପ୍ରେମ ସଫଳତା ଦେଖି ଆସେନି ଆକାଶ । ମୁଁ ତୁମ ସଫଳତାର ଚମକକୁ ନୁହେଁ, ତୁମ ଭିତରେ ଥିବା ସଂଘର୍ଷର ସେହି ସାହସକୁ ଭଲପାଏ । ତୁମେ ଦିନେ ନିଶ୍ଚୟ ଜିତିବ ।" ସବୁଠାରୁ ବଡ଼ ଉପହାର, ଆଜି ସେହି ସଂଘର୍ଷ ଶେଷ ହୋଇଛି । ଆକାଶଙ୍କ ପାଖରେ ଗାଡ଼ି, ବଙ୍ଗଳା ଏବଂ ପ୍ରଶଂସକଙ୍କ ଅଭାବ ନାହିଁ । କିନ୍ତୁ ଆକାଶ ଜାଣନ୍ତି, ସଫଳତା ମିଳିଗଲା ପରେ ପ୍ରଶଂସା କରୁଥିବା ଝିଅମାନଙ୍କ ଅଭାବ ହୁଏନି ସତ, ହେଲେ କଷ୍ଟ ସମୟରେ ସାହସ ସାଜିଥିବା ଝିଅ ଜୀବନରେ ଜଣେ ହିଁ ଥାଏ । ପତ୍ରିକାଟିକୁ ବନ୍ଦ କରି ଆକାଶ ନିଜ କ୍ୟାବିନ୍ ବାହାରକୁ ଆସିଲେ । ସାମ୍ନା ଚେୟାରରେ ଅନନ୍ୟା ବସି କିଛି କାମ କରୁଥିଲା । ଆକାଶ ତାଙ୍କ ପାଖକୁ ଯାଇ ସେହି କଭର୍ ପେଜ୍ ମାଗାଜିନ୍‌ଟିକୁ ତାଙ୍କ ହାତରେ ଦେଲା । ଅନନ୍ୟା ଆଶ୍ଚର୍ଯ୍ୟ ହୋଇ ଚାହିଁଲା । ଆକାଶ ତାଙ୍କ ହାତକୁ ନିଜ ହାତ ମୁଠାକୁ ନେଇ କହିଲେ, "ଏହି ଫଟୋ ଏବଂ ସଫଳତା ପଛରେ ଥିବା ପ୍ରକୃତ ଚେହେରା ହେଉଛୁ ତୁ । ଜଣେ ସଫଳ ପୁଅ ପଛରେ ଅନେକ ଝିଅ ଥାଇପାରନ୍ତି, କିନ୍ତୁ ମୋ ସଂଘର୍ଷ ସମୟରେ ତୁ ଯେଉଁ ସାହସ ଦେଇଛୁ, ସିଏ ହିଁ ମୋ ଜୀବନର ସବୁଠାରୁ ବଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପହାର । ତୋତେ ହରାଇବା ମାନେ ମୋ ନିଜ ଭାଗ୍ୟକୁ ହରାଇବା" ଅନନ୍ୟାଙ୍କ ଆଖିରେ ଖୁସିର ଲୁହ ଝଲସି ଉଠିଲା । ସହରର ସବୁଠାରୁ ବଡ଼ ଧନୀ ଆଜି ସେହି ସଂଘର୍ଷର ସହଯାତ୍ରୀ ଆଗରେ ନିଜ ଭାଗ୍ୟର କୃତଜ୍ଞତା ଜଣାଉଥିଲା ।

"ଚେହେରା ଦେଖି ଆକର୍ଷିତ ହେଉଥିବା ହଜାରେ ମିଳିପାରନ୍ତି, ହେଲେ କଷ୍ଟ ସମୟରେ ସାହସ ସାଜୁଥିବା ଜଣେ ହିଁ ମିଳେ । ସେଇ ଜଣକ ହିଁ ଈଶ୍ୱରଙ୍କ ସବୁଠାରୁ ବଡ଼ ଉପହାର । ଆଉ ତାକୁ ହରାଇବା ମାନେ ନିଜ ଭାଗ୍ୟକୁ ହରାଇବା ।"

ଜିଲ୍ଲା - ଭଦ୍ରକ, ବ୍ଲକ - ବନ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗର୍ବ ଗଞ୍ଜନ୍ତି ନରହରି

ଆଶୁତୋଷ ନାୟକ



ଏ ବିଶ୍ୱବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ । ମନୁଷ୍ୟ ନିଜର ବୃଦ୍ଧି, ବିବେକ, ଜ୍ଞାନ ପାଇଁ ସର୍ବଶେଷ୍ଠ ଆସନ ଅଳଙ୍କୃତ କରିଛି । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛି, ଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ । କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ପରମଶାସ୍ତ୍ର ଭାଗବତରେ ଏହା ଉଲ୍ଲେଖ ଅଛି ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ଗାଳି, ନିନ୍ଦା, ଅପମାନ ହସିହସି ସହ୍ୟ କରନ୍ତି କିନ୍ତୁ କାହାରି ଅହଂକାର, ଗର୍ବ, ଅହମିକା ସହ୍ୟ କରନ୍ତି ନାହିଁ । ସେଥିପାଇଁ ପରମଶାସ୍ତ୍ର ଭାଗବତରେ କୁହାଯାଇଛି ।

"ଗାଳି ମୁଁ ସହଇ, ଗର୍ବ ନ ସହଇ, ତଟକି ଚୂର୍ଣ୍ଣ କରଇ"

ଆହୁରି ମଧ୍ୟ କୁହାଯାଇଛି " ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି"

ପରମଶାସ୍ତ୍ର ଭାଗବତ, ଭଗବତ ଗୀତାରେ ଏପରି ଅନେକ ଦୃଷ୍ଟାନ୍ତ ଅଛି ଯେପରିକି ମହାଜ୍ଞାନୀ ଦେବଦେବ ମହାଦେବଙ୍କ ପରମଭକ୍ତ ଦଶାନନ ଅହଂକାରୀ ରାବଣ, ଅତ୍ୟାଚାରୀ କଂସ, ଭଗବାନ ବିଷ୍ଣୁଙ୍କ ବାହାନ ଗରୁଡ଼, ରାଣୀ ସତ୍ୟଭାମା, ମହାବୀର ରାଜା ବାଳି, ଦେବତାଙ୍କ ରାଜା ଇନ୍ଦ୍ର, ସୁଦର୍ଶନ, ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଦେବର୍ଷି ନାରଦ, ମହାଦାନୀ କର୍ଣ୍ଣ, ରାଜା ବଳି, ଏପରି ଅନେକଙ୍କ ଗର୍ବ ମହାପ୍ରଭୁ କାଳିଆ ସାଆନ୍ତ ଚୂର୍ଣ୍ଣ କରିଛନ୍ତି । ସୋମରସ ସେବନ କରି ନିଜର ଅହମିକା ପାଇଁ ନିଜ ନିଜ ମଧ୍ୟରେ ଲଢେଇ କରୁଥିବା ନନ୍ଦବଂଶକୁ ଭଗବାନ ଶ୍ରୀକୃଷ୍ଣ ନିଜେ ନିଜର ବଂଶକୁ ନିପାତ କରିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟିଏ ଗଳ୍ପ ମାଧ୍ୟମରେ ଏହି ବିଷୟବସ୍ତୁକୁ ମୁଁ ଉପସ୍ଥାପନା କରିବି । ଗୋଟିଏ ରାଜ୍ୟରେ ଜଣେ ମହାପରାକ୍ରମୀ, ମହାବଳଶାଳୀ, ମହାଜ୍ଞାନୀ, ଆକର୍ଷଣୀୟ ଅତି ସୁନ୍ଦର ହୃଷ୍ଟପୃଷ୍ଟ ଚେହେରା ଥିବା ବିଶ୍ୱବିଜୟୀ ରାଜା ଥିଲେ । ସେ ଏତେ ପରାକ୍ରମୀ ସାହସୀ, ବଳଶାଳୀ ଥିଲେ କି ତାଙ୍କ ନାଁ ଶୁଣି ଅନେକ ରାଜ୍ୟର ରାଜା ବିନା ଯୁଦ୍ଧରେ ପରାଜୟ ସ୍ୱୀକାର କରି ତାଙ୍କର ରାଜ୍ୟକୁ ସ୍ୱହସ୍ତରେ ଟେକିଦେଉଥିଲେ । ରାଜା ଏତେ ପରାକ୍ରମୀ ଥିଲେ କି ୧୦୦୦ରୁ ଅଧିକ ରାଜ୍ୟରେ ସେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ତାଙ୍କର ଅନେକ ସୈନ୍ୟ ସାମନ୍ତ, ଅଜସ୍ର ଧନସମ୍ପତ୍ତି, ହୀରା, ନୀଳା, ମୋତି, ମାଣିକରେ ଭରପୁର ଥିଲା ତାଙ୍କର ଭଣ୍ଡାର । ସେ ରାଜାଙ୍କର ଏତେ ଅହଂକାର ଓ ଅହମିକା ଥିଲା କି ରାଜ୍ୟର ମନ୍ତ୍ରୀ, ସୈନ୍ୟ ସାମନ୍ତ, ପଡୋଶୀ ରାଜ୍ୟର ରାଜା, ଋଷିମୁନି, ପଣ୍ଡିତ ମାନଙ୍କୁ ପଶୁଠାରୁ ଭି ହୀନ ଚକ୍ଷୁରେ ଦେଖୁଥିଲେ । ସେ ରାଜାଙ୍କର ଯେତେବେଳେ ଯାହାଭି ମନରେ ଅଭିଳାଷା ଜାଗ୍ରତ ହେଉଥିଲା ସେ ଅବିଳମ୍ୱେ ନିଜର ଅର୍ଥ ବଳ, ବାହୁ ବଳ, କୁଟନୀତି ପ୍ରୟୋଗ କରି ତାକୁ ହାସଲ କରୁଥିଲେ । ରାଜାଙ୍କର ମୃଗ ଶିକାର କରିବା ସଉକ ଥିଲା । ଦିନେ ସେ ନିଜର ସୈନ୍ୟସାମନ୍ତଙ୍କ ସହ ମୃଗ ଶିକାର କରିବାକୁ ବାହାରିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ମୃଗ ପଛରେ ଧାବମାନ ପଥଭ୍ରଷ୍ଟ ହୋଇ ଘଞ୍ଚ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ ଆଉ ତାଙ୍କର ସୈନ୍ୟ ସାମନ୍ତଙ୍କ ସହ ଭେଟ ହୋଇନଥିଲା । ସେହି ଘଞ୍ଚ ଅରଣ୍ୟ ମଧ୍ୟରେ ଦୀର୍ଘ ଦିନରୁ ଭୋକିଲା ଥିବା ଏକ ମହାବଳ ବାଘ ରାଜାଙ୍କୁ ଆକ୍ରମଣ କରିବା ପାଇଁ କ୍ଷିପ୍ର ଗତିରେ ଅଗ୍ରସର ହେଲା । ମହାବଳ ବାଘଠାରୁ ରକ୍ଷା ପାଇବା ପାଇଁ ଅନ୍ୟ କୌଣସି ଉପାୟ ନପାଇ ରାଜା । "ରକ୍ଷା କର ରକ୍ଷା କର" ବୋଲି ଚିତ୍କାର କରିଥିଲେ । ରାଜାଙ୍କର ଚିତ୍କାର ଶୁଣି ତାଙ୍କର ମନ୍ତ୍ରୀ, କିଛି ସୈନ୍ୟ ସାମନ୍ତ ରାଜାଙ୍କର ସମ୍ମୁଖକୁ ଆସିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର ନକରି ଭୟରେ ପଳାୟନ କରିଥିଲେ । ରାଜା ଯେତେ ନେହୁରା ହେଲେ ମଧ୍ୟ ସେମାନେ

Listen to Odia Podcast Original at https://youtube.com/@drjyotiprasad

କୌଣସି କଥା କର୍ଣ୍ଣପାତ କରିନଥିଲେ ।

ପରିଶେଷରେ ମହାବଳ ବାଘର ଆକ୍ରମଣରେ ମାତ୍ର କିଛି ସମୟ ମଧ୍ୟରେ ନିଜକୁ ମହାପରାକ୍ରମୀ, ବଳଶାଳୀ, ମହାଜ୍ଞାନୀ ମନେ କରୁଥିବା ରାଜାଙ୍କର ଜୀବନ ଦୀପ ଲିଭିଯାଇଥିଲା । ସେ ଅର୍ଜନ କରିଥିବା ଅମାପ ସମ୍ପତ୍ତି, ପୁଳା ପୁଳା ଟଙ୍କା, ହୀରା, ନୀଳା, ମୋତି, ମାଣିକ ତାଙ୍କର ସନ୍ତାନ, ସନ୍ତତି ଭୋଗ କରିଥିଲେ କିନ୍ତୁ ସେ ନିଜେ ଉପଭୋଗ କରିପାରିଲେ ନାହିଁ । ତାଙ୍କର ଅଧୁରା ସ୍ୱପ୍ନ ସ୍ୱପ୍ନରେ ରହିଗଲା ।

ଗୋପାଳପୁର,ବାଲେଶ୍ୱର

ମୋବାଇଲ-୭୦୨୦୭୧୧୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତ୍ୟଯୁଗ ଆସି ସାରିଥିଲା

ସୁଧାଂଶୁ ଶେଖର ଦ୍ୱିବେଦୀ



ମୂଳ ହିନ୍ଦୀ- ବିଷ୍ଣୁ ନାଗର

ଅନୁବାଦ- ସୁଧାଂଶୁ ଶେଖର ଦ୍ୱିବେଦୀ

ଏହା ସେଇ ସମୟର କଥା ଯେବେ ସମସ୍ତ ପ୍ରକାର ବିରୋଧ ଅନ୍ତର୍ବିରୋଧ ରହସ୍ୟପୂର୍ଣ୍ଣ ରୂପେ ସମାଧୀ ନେଇସାରିଥିଲା । ପୁଞ୍ଜିପତିମାନେ କେବେ କେମିତି ମୂଳ ମଜୁରିଆଙ୍କୁ ଆପଣାର ଭାବରେ ନିଜର କରି ନେଉଥିଲେ । ସେମାନଙ୍କ ସହିତ ଚାହା ପିଉଥିଲେ, ବିସ୍କୁଟ ଖୋଇ ଦେଉଥିଲେ । ସେମାନଙ୍କର ଭଲ-ମନ୍ଦ, ସୁଖ-ଦୁଃଖ ବିଷୟରେ ପଚାରି ନେଉଥିଲେ । କାହାକୁ ବି ହଜାରେ-ଦି'ହଜାର ଟଙ୍କା ସାହାଯ୍ୟ କରି ଦେଉଥିଲେ । ତେବେ କୌଣସି ଯୁଗରେ କି କୌଣସି ମସିହାରେ ପୁଞ୍ଜିପତିମାନେ ଗରିବ ଖଟିଖିଆଙ୍କୁ କେବେ ୫୦ ହଜାର ଟଙ୍କା ସାହାଯ୍ୟ କରି ଥିବା ନଜିର ନାହିଁ କି ରେକର୍ଡ ନାହିଁ । ତଥାପି ମଜୁରିଆମାନେ ସେମାନଙ୍କ ଉପରେ ଏତେ ପ୍ରଭାବିତ ଥିଲେ ଯେ ସବୁକିଛି ପାଶୋରି ଦେଉଥିଲେ । ସେମାନେ ଯେତେ ପରିମାଣ ଶ୍ରମଦାନ କରୁଥିଲେ ତାଠାରୁ କମ୍ ମଜୁରୀ ମିଳିଲେ ବି ସ୍ୱୀକାର କରି ଧନ୍ୟବାଦ ଜଣାଉଥିଲେ ।

ସେମାନେ ଏତିକି ବୁଝିଥିଲେ ଟଙ୍କା ପଇସାରେ କେବେ ଖୁସି କିଣି ହୁଏନାହିଁ । ମନର ଖୁସି ହିଁ ଅସଲ ଖୁସି । ପୁଞ୍ଜିପତି ନିଜ ଉଦାହରଣ ଦେଇ କୁହନ୍ତି-ତୁମେମାନେ କଣ ଭାବିଛ ଆମେସବୁ ଖୁସିରେ ଅଛୁ ? ଆରେ ଆମ ଭିତରୁ କାହାକୁ ବି.ପି ତ କାହାକୁ ଡାଇବେଟିସ୍ ପୁଣି କାହାକୁ କ୍ୟାନ୍ସର । ପ୍ରତିମାସ ଶରୀର ଚେକ୍ ଅପ୍, ମେଡ଼ିସିନ୍ ରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ସେଥିପାଇଁ ତୁମମାନଙ୍କର ଆଶୀର୍ବାଦ ସକାଶେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମମାନଙ୍କ ହିତାର୍ଥେ କିଛି ସାହାଯ୍ୟ କରି ଚାଲିଛୁ ।

ଏ ପ୍ରକାର ଭାଷଣ ଶୁଣି ମୂଲିଆ ଖଟିଖିଆମାନେ ଖୁବ୍ ତାଳି ମାଡ଼ ଦେଇ ପାପୁଲି ଲାଲ କରିଦିଅନ୍ତି । ଜୟ ଜୟକାର ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଯାଏ । ପୁଞ୍ଜିପତି ପୂର୍ବପରି ଭାଷଣ ଦେଇ ଚାଲନ୍ତି-ଆଜି ଆମେ ମନ ଖୁସିରେ ଦୁଇ ପଟ ରୁଟି କି ଚଳୁଏ ଭାତ ଖାଇପାରୁ ନାହୁଁ । ଶରୀରର ଧର୍ମ ରକ୍ଷା ନିମନ୍ତେ ଖାଇବା ବି ଆମପାଇଁ ବିବିଶତା ହୋଇପଡିଛି । ଶରୀର ଏତେ ସୁବିଧାବାଦୀରେ ଅଭ୍ୟସ୍ତ ହୋଇଯାଇଛି ଯେ ଇଛା ଥିଲେ ବି ପଟେ କି ଦୁଇପଟ ରୁଟିରୁ ବେଶୀ ଖାଇହେଉ ନାହିଁ । ଏବେ ବୁଝିପାରୁଥିବ ତୁମ୍ଭମାନଙ୍କ ଭଳି ସୁଖଶାନ୍ତି ଆମମାନଙ୍କ ଭାଗ୍ୟରେ ନାହିଁ କି କେବେ ହେବ ନାହିଁ । ପୁଞ୍ଜିପତିଙ୍କର ଦୁଃଖରେ ମଜୁରିଆଙ୍କର ହୃଦୟ ତରଳି ଯାଏ । ପୁଞ୍ଜିପତି ମାନଙ୍କର ଏଭଳି ବାତାବରଣ ସୃଷ୍ଟିରେ ଶ୍ରମିକ ମାନଙ୍କ ଧର୍ମଘଟ, ତାଲାବନ୍ଦର ଯୁଗ ସମାପ୍ତ ହେଇଗଲା । ଟ୍ରେଡ୍ ୟୁନିୟନ୍ ର ଆବଶ୍ୟକତା ଶେଷ ହେଲା ।

ମରଦ କୌଣସି ପ୍ରକାରେ ସ୍ତ୍ରୀକୁ ସୂତା ଭଳି ଦଳିଦିଏ । ପୁଣି କିଛି ସମୟ ପରେ ତା'ର ସେବା ଶୁଶ୍ରୁଷା କରେ । ତା' ଗାଲରେ ଚୁମା ଦିଏ । ତା' ସୁନ୍ଦରତା ଓ ସ୍ୱାମୀଭକ୍ତିରେ ପ୍ରୀତ ହୋଇ ପ୍ରଶଂସା କରେ । ତାପରେ ଦୁହେଁ ଏକାକାର ହୋଇ ମହମ୍ମଦ ରଫି ଓ ଲତା ମଙ୍ଗେସକରଙ୍କ ଗୀତରୁ ତୁ ମେରା ମେ ତେରା ଗୀତ ଗାଇ ନାଚନ୍ତି । ଆଖ ପାଖର ସମସ୍ତ ମରଦ ଓ ସ୍ତ୍ରୀ ଏଭଳି ଉପାୟ କରି ସୁଖୀ ଓ ସନ୍ତୁଷ୍ଟ ଥାଆନ୍ତି । ନେତା ଜୋରରେ ଝଟକା ଦିଏ ପୁଣି ଧୀରେ ଧୀରେ ପିଚା ହଲେଇ ନାଚେ ।

ପ୍ରଥମେ ସତ୍ୟକୁ ଅସତ୍ୟ କହି ବହୁତ ସଙ୍ଘର୍ଷ କରିବାକୁ ପଡୁଥିଲା । ତଥାପି ସତ୍ୟ ଉପରେ ଅସତ୍ୟର ବିଜୟ ହୁଏ । କେହି ବି ଆଶ୍ଚର୍ଯ୍ୟ ହେଉନଥାନ୍ତି ବିପରୀତ ହେବା ପରେ ବି ସମସ୍ତେ ଚୁପ୍ ଚାପ୍ । ତାପଛରେ କିଛି ଷଡ଼ଯନ୍ତ୍ର ଥାଏ । ସେପାଇଁ ସରକାର ଗୋଇନ୍ଦାଗିରି କରେ ସତ୍ୟ ପ୍ରତି ଅସତ୍ୟର ବିଜୟ ପାଇଁ ମାଷ୍ଟର ମାଇଣ୍ଡ କୁ ଖୋଜା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୁଏ ।

ସମୟ ବଦଳିଲା । ରଣନୀତି ଆଗକୁ ବଢ଼ିଲା । ସତ୍ୟ ଓ ଅସତ୍ୟର ଘନିଷ୍ଠ ମିତ୍ରତାର ଅଭୂତପୂର୍ବ ଯୁଗ ଆରମ୍ଭ ହେଲା । ଯାହାକୁ ଆମ ସଂସ୍କୃତିର ବିଜୟୀ ରୂପେ ନିର୍ବାଚିତ କରାଗଲା । ଏବେ ଯେଉଁଠି ଅସତ୍ୟ ସଙ୍କଟରେ ପଡେ ସତ୍ୟ ତାକୁ ସାହାଯ୍ୟ କରିବା ଲାଗି ଅତର୍କିଆ ଦୌଡିଯାଏ । ଜାତିପ୍ରଥା, ସାଂପ୍ରଦାୟିକତା ବନ୍ଦହୋଇ ସାରିଥାଏ । କିନ୍ତୁ ବ୍ୟାପକ ସହମତି ଥାଏ ଉକ୍ତ ଦୁଇଟି ରହିବା ନିହାତି ଆବଶ୍ୟକ । ନହେଲେ ଦେଶ ପ୍ରଗତି ପଥରେ ଆଗେଇ ପାରିବ ନାହିଁ । ବିଶ୍ୱର ତୃତୀୟ ବୃହତ୍ ରାଷ୍ଟ୍ର ରୂପେ ଗଣା ହେଇପାରିବ ନାହିଁ । ତାହା ଏତେ ପରିମାଣରେ ଆବଶ୍ୟକ ହୋଇପଡ଼ିଥାଏ କି ଯାହାଦ୍ୱାରା ଜାତିପ୍ରଥା ଓ ସାଂପ୍ରଦାୟକତାକୁ ସ୍ୱଜନମାନେ ଆପଣେଇ ନେଲେ । ଅର୍ଥାତ୍ ବିରୋଧ ଏବଂ ଅନ୍ତର୍ବିରୋଧ ସମାପ୍ତ ହୋଇ ସାରିଥାଏ । କୌଣସି ବିଚାରଧାରା ଅନ୍ୟ ବିଚାରଧାରା ସହିତ ବିରୋଧି ହେଲା ନାହିଁ । ସର୍ବତ୍ର ସର୍ବ ସମ୍ମତିର ବାତାବରଣ ସୃଷ୍ଟି ହେଲା । କୌଣସି ରାଜନୈତିକ ଦଳ ଅନ୍ୟ ଦଳ ସହିତ ବିରୋଧ ହେଲାନାହିଁ । ଚୋର ପୋଲିସ୍ ସହିତ, ପୋଲିସ୍ ଚୋର ସହିତ ଥିବା ଛକା ପଞ୍ଝାର ବି ବିରିଧ ସମାପ୍ତ ହେଇଗଲା । ଫେସନ୍ ମଲ୍ଟିକଲର ରୂପେ ରାଷ୍ଟ୍ରବାଦର ମାନ୍ୟତା ପାଇଲା । ଦୋକାନ ବଜାରରେ ପସନ୍ଦ ଅନୁଯାୟୀ ମଲ୍ଟି କଲର ରାଷ୍ଟ୍ରବାଦ ସୁଲଭ ମୂଲ୍ୟରେ ବିକ୍ରି ହେଲା । ଗରିବ ଖଟିଖିଆ ଯଦି ମଲ୍ଟିକଲର ରାଷ୍ଟ୍ରବାଦ ପସନ୍ଦ କରିନିଏ ସରକାର ତା'ପାଇଁ ସବ୍ ସିଡିର ବ୍ୟବସ୍ଥା କରିଦେଲେ ।

ଏତେ ପରିବର୍ତ୍ତନ ପରେ ଘୋଷଣା ହେଲା କଳିଯୁଗ ସରି ଯାଇଛି । ସତ୍ୟଯୁଗ ଆସି ସାରିଛି । ସାଧୁ ସନ୍ଥଙ୍କ ମୁହଁରୁ ସେଇୟା ଶୁଣିବାକୁ ମିଳିଲା । ମୌଲବୀମାନଙ୍କୁ ପଚାରିବାରୁ ସେମାନେ ଅସହମତି ପ୍ରକଟ କଲେ ନାହିଁ । ଯିଏ ଯେଉଁଠି ଥିଲା ସମସ୍ତେ ଏକ ସ୍ୱରରେ କହିଲେ କଳିଯୁଗ ସରି ଯାଇଛି । ସତ୍ୟଯୁଗ ଆସି ସାରିଛି । ଟିଭିରେ, ଖବର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଗଜରେ, ଚଳଚିତ୍ରରେ ସୋସିଆଲ ମେଡିଆରେ ବି ପ୍ରଚାରିତ ହେଲା କଳିଯୁଗ ସାରି ଯାଇଛି । ସତ୍ୟଯୁଗ ଆସି ସାରିଛି । ସହର-ବଜାର, କାନ୍ଥ-ବାଡ଼ରେ ପୋଷ୍ଟର ମରାଗଲା । ସତ୍ୟଯୁଗ ଆସି ସାରିଛି ବୋଲି ବ୍ୟାନର ଟଙ୍ଗାଗଲା । ସରକାରୀ ଦଫ୍ତରରେ ସତ୍ୟଯୁଗ ଆସି ସାରିଛି ବୋଲି ବଜେଟ୍ ଛପା ସାରିଥାଏ । ସ୍ଥାନ ବିଶେଷରେ ସତ୍ୟଯୁଗ ମହୋତ୍ସବ, ସତ୍ୟଯୁଗ ମହା ମହୋତ୍ସବ, ସତ୍ୟଯୁଗ ମହାମହା ମହୋତ୍ସବ ପାଳନ ନିମନ୍ତେ ଆୟୋଜନ କରାଗଲା ।

ବାସ୍ ! ଏକ ଅବିଶ୍ୱାସନୀୟ ଘଟଣା ଘଟିଲା । ଜଣେ ୭-୮ ବର୍ଷର ବାଳକ ଅସତ୍ୟକୁ ସତ୍ୟରେ ପରିବର୍ତ୍ତିତ କରିବା ପାଇଁ ଟିଭି ଭାଙ୍ଗିଦେଲା, ମୋବାଇଲ୍ ଭାଙ୍ଗିଦେଲା, ଇଣ୍ଟରନେଟ୍ ତାର ଛିଣ୍ଡେଇ ଦେଲା । କାନ୍ଥ-ବାଡ଼ରେ ଚିପିକା ହୋଇଥିବା ପୋଷ୍ଟର ଚିରି ଫୋପାଡ଼ି ଦେଲା । ତାପରେ ସେ ଘରୁ ନିଖୋଜ ହୋଇଗଲା । ପୁଣି ଦିନେ ସେ ଘରେ ଥିବା ପ୍ରାଣୀମାନେ ମଧ୍ୟ ନିଖୋଜ ହୋଇଗଲେ । ଏଭଳି ମାମୁଲି ଘଟଣା ପରେ ଆଉ କେବେ ବି ଗଛର ପତ୍ରଟିଏ ହଲିନାହିଁ । କୁକୁର ଭୋକି ନାହିଁ । ଗୋରୁ-ଗାଈ ହମା ରଡି କରିନାହାନ୍ତି । କାହାକୁ କିଛି ଦୁଃଖ ନଥିଲା। । ସତ୍ୟ ଏହା ହିଁ ଥିଲା କଳିଯୁଗ ସାରି ଯାଇଛି । ସତ୍ୟଯୁଗ ଆସି ସାରିଥିଲା ।

ବିସି-୭୪,ସେକ୍ଟର -୧,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଗାଙ୍କୁ ମୋ ଚିଠି

ଗୌରୀ ପଣ୍ଡା



ପୂଜ୍ୟାସ୍ପଦ ଜଗା /ଜଗନ୍ନାଥ,

ଆପଣ ଦେଇଥିବା ଚିଠି ନମ୍ବର ୦୧/୦୪/୭୩ ଅନୁଯାୟୀ ମୁଁ ଠିକ ଜାଗାରେ ପହଞ୍ଚିଛି । ପହଞ୍ଚିବା ମାତ୍ରେ ଆପଣଙ୍କୁ ଜଣାଇବାକୁ କହିଥିଲେ । ହେଲେ ଏ ଜାଗା ଏମିତି ଯେ, ଯିଏ ବି ଆସିବ ସେ ସବୁ ଭୁଲି ଯିବ । ଆପଣ ଜାଣି, ଜାଣି ଏଠାକୁ ପଠେଇଛନ୍ତି । କାରଣ ଆପଣଙ୍କୁ ଭୁଲି ଯାଇ ଅନ୍ୟ ଆଡେ ମନ ଲଗେଇଲେ ଆଉ ଆପଣଙ୍କୁ ବିରକ୍ତ କରିବାକୁ ଭୁଲିଯିବି । ତାହା ସତରେ ପରିଣତ ହେଇଛି । ମୁଁ ଆସିବା ଦିନରୁ ସବୁ ଭୁଲି ଯାଇଛି ଏମିତି କି ଯିଏ ମୋତେ ଏଠାକୁ ପଠାଇଲେ ସେଇ ଜଗାଙ୍କୁ ମଧ୍ୟ ଭୁଲିଗଲି । ତୁମେ ବି ଏୟା ଚାହୁଁଥିଲ । ସବୁବେଳେ କେତେ ଗୁହାରି ଶୁଣିବ । ମୁଁ କଣ ଏକା, ମୋ ପରି କୋଟି, କୋଟି ଲୋକ ଅଛନ୍ତି । ମୁଁ ବି ସ୍ୱାର୍ଥପର । ମୋ କାମ ଥିବା ଯାଏଁ ଆପଣଙ୍କ ପାଖେ, ପାଖେ ଥାଏ । କାମ ସରିଗଲେ ଭୁଲିଯାଏ ।

କିନ୍ତୁ ଜଗା, ଏ ଜାଗାଟା ଆଦୌ ଭଲ ନୁହଁ । ଏତେ ଭିଡ଼, କୋଳାହଳ, ମାଡଗୋଳ । ଖାଲି କାମ । କେହି କା କଥା ଶୁଣୁନାହାନ୍ତି । ପଇସାର ଖେଳ ଚାଲିଛି । କୌଣସି ସମ୍ପର୍କର ନିବିଡତା ନାଇଁ । ଭାବିଲେ ମୁଣ୍ଡ ଘୁରିଯାଉଛି । ଆଉ କେତେ ଦିନ ଏଥି ରହିବି କି ? ଜଗା, ଆସିବା ପାଇଁ ସିନା ଚିଠି ନମ୍ବର ପକେଇକି ଦେଲ । ହେଲେ ଯିବା ପାଇଁ ତ କିଛି ଦେଇନାହଁ ? ଏମିତି କଣ ଶ୍ରୀହୀନ, ଲକ୍ଷ୍ୟ ହୀନ ଭାବେ ବୁଲୁଥିବି ?

ମୋତେ ଆଉ ଏଠି ରହିବାକୁ ଭଲ ଲାଗୁନି । କେମିତି ହେଲେ ଯିବା ଉପାୟ ମୋତେ ବତାଅ । ତୁମ ଶ୍ରୀଚରଣ ସେବା, ତୁମ ଦର୍ଶନ ବିନା ଏ ଜୀବନର କୌଣସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପାଦେୟତା ନାଇଁ ।

ଏତିକି ମାଗୁଣି, ଶୁଣ ମୋ ଗୁହାରି ବହୁତ ସମୟ ହେଲାଣି, ବହୁତ କିଛି ଲେଖିଲିଣି । ଆଉ ଅଧିକା ଲେଖୁନି । ଏଠୁ ଯିବା ପାଇଁ ଚିଠି ନମ୍ବର ଅପେକ୍ଷାରେ ରହିଲି ।

........ ଇତି ଆପଣଙ୍କ ......

ଆଜ୍ଞାଧୀନ

....... ଚରଣ ସେବିକା........

ଜୟପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିଶାଚର ବାନ୍ଧବୀ

ଜୟଦେବ ମାଝୀ



ଅମାବାସ୍ୟାର ସେ ରାତିଟି ଅସାଧାରଣ ଭାବରେ ନିରବ ଥିଲା । ଆକାଶରେ ଚନ୍ଦ୍ର ନଥିଲା, କିନ୍ତୁ ଅନ୍ଧକାରର ମଧ୍ୟରେ ମଧ୍ୟ କିଛି ଅଦୃଶ୍ୟ ଆଲୋକ ମୋତେ ଡାକୁଥିଲା । ସହରର କୋଳାହଳରୁ ଦୂରେ, ମୁଁ ଏକା ଏକା ଚାଲୁଥିଲି ଶୂନ୍ୟ ଗଳିରେ । ପବନରେ ଥିଲା ଶିତଳତା, ଆଉ ମନରେ ଅଜଣା ଅସ୍ଥିରତା । ସେ ରାତିରେ ମୋତେ ଲାଗୁଥିଲା କାହାର ନୀରବ ସ୍ପର୍ଶ ମୋ ଆତ୍ମାକୁ ଧୀରେ ଧୀରେ ଛୁଇଁଯାଉଛି । ମୁଁ ଚାଲୁଥିଲି...ଚାଲୁଥିଲି ଅନ୍ଧକାରର ଗଭୀରତା ଭିତରେ । ହଠାତ୍ ମୋ ସାମ୍ନାରେ ଦେଖାଦେଲା ଏକ ବିରାଟ ସ୍ୱର୍ଣ୍ଣମୟ ରାଜମହଲ । ସେ ମହଲଟି ଏମିତି ଚମକୁଥିଲା, ଯେପରି ନକ୍ଷତ୍ରମାନେ ନିଜର ସମସ୍ତ ଆଲୋକ ଏଠିକୁ ଆଣି ଢାଳି ଦେଇଛନ୍ତି । ଦ୍ୱାରଗୁଡ଼ିକ ମୁକ୍ତାରେ ଶୋଭିତ, ପବନରେ ମଧୁର ଚନ୍ଦନର ସୁଗନ୍ଧ । କିନ୍ତୁ ସବୁଠାରୁ ଅଦ୍ଭୁତ କଥା ଥିଲା, ସେଠାରେ କୌଣସି ମଣିଷର ଶବ୍ଦ ନଥିଲା । କେବଳ ନୀରବତା... ଆଉ ମୋ ହୃଦୟର ସ୍ପନ୍ଦନ । ମୁଁ ଧୀରେ ଧୀରେ ମହଲ ଭିତରକୁ ପ୍ରବେଶ କଲି । ମୋ ପାଦର ଶବ୍ଦ ମଧ୍ୟ ମନେ ହେଉଥିଲା ସେ ନିରବତାକୁ ଭଙ୍ଗ କରିବାକୁ ଭୟ କରୁଛି । ଏକ ବିଶାଳ ମଣ୍ଡପର କୋଣରେ ବସି ମୁଁ ଚାରିପଟେ ନିରୀକ୍ଷଣ କରୁଥିଲି । ସେତେବେଳେ...

ହଠାତ୍ ଧୀର ପାଦଚାରଣର ଶବ୍ଦ ।

"ରୁଣ୍ଣୁ... ଝୁଣ୍ଣୁ... ରୁଣ୍ଣୁ... ଝୁଣ୍ଣୁ..."

ମୋ ହୃଦୟର ଗତି ଅଜଣା ଭାବରେ ବଢ଼ିଗଲା । ମୁଁ ମୁଣ୍ଡ ଉଠାଇ ଦେଖିଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାମ୍ନାରେ ଥିଲେ ସେ ସ୍ୱପ୍ନରାଇଜର ସୁକୁମାରୀ ରାଜକୁମାରୀ ।

କଳା ଶାଢ଼ୀରେ ଢକା ତାଙ୍କ ଦେହ, ଖୋଲା କେଶ ପବନରେ ଉଡ଼ୁଥିଲା । ତାଙ୍କ ଆଖିରେ ଥିଲା ଏକ ଅଦ୍ଭୁତ ମାୟା । ଲାଗୁଥିଲା ସେ ମଣିଷ ନୁହେଁ, ଏକ ନିଶାର ଅପସରୀ । ସେ ନିଜକୁ ସଜାଇବାକୁ ଚେଷ୍ଟା କରୁଥିଲେ, କିନ୍ତୁ ବାରମ୍ବାର ଅସ୍ତବ୍ୟସ୍ତ ହୋଇଯାଉଥିଲେ ।

ତାଙ୍କ ଶାଢ଼ୀର ପଣତ ଭୂମିରେ ପଡ଼ିଗଲା । ମୁଁ ଅଜାଣତେ ଉଠିଗଲି । ଧୀରେ ଧୀରେ ତାଙ୍କ ପାଖକୁ ଗଲି ଆଉ ପଣତଟିକୁ ସଜାଇଦେଲି ଓ ଅସଜଡ଼ା ଶାଢ଼ୀ ଧୀରେ ଧୀରେ ପିନ୍ଧେଇଦେଲି । ପ୍ରତିରୋଧ କିଛି କଲେ ନାହିଁ । କେବଳ ନୀରବ ଚାହାଣୀରେ ମୋତେ ଦେଖୁଥିଲେ ।

ତାଙ୍କ କପାଳ ଖାଲି ଥିଲା । ମୁଁ ଦେଖିଲି ପାଖରେ ଥିବା ଏକ ଛୋଟ କଳା ବିନ୍ଦି । କମ୍ପିତ ହାତରେ ସେ ବିନ୍ଦିଟି ତାଙ୍କ କପାଳରେ ଲଗାଇଦେଲି । ସେ ମୁହୂର୍ତ୍ତରେ ତାଙ୍କ ମୁହଁରେ ଯେଉଁ ହସ ଫୁଟିଲା, ସେହି ହସ ଅନ୍ଧକାର ରାତିକୁ ମଧ୍ୟ ଆଲୋକିତ କରିଦେଲା । ତାଙ୍କ ଆଖିରେ ହଠାତ୍ ଅଜଣା ଲଜ୍ଜା ଭରିଗଲା ।

ସେ ଧୀରେ ମୁହଁ ନୂଆଇଁଦେଲେ ।

"ତୁମେ ଆସିବ ବୋଲି ମୁଁ ଜାଣିଥିଲି..."

ସେ ଧୀର ସ୍ୱରରେ କହିଲେ ।

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, "ମୋତେ ଚିହ୍ନିଛ ?"

ସେ ହସିଦେଲେ ।

"ନିଶାର ନୀରବତାରେ ଯେଉଁମାନେ ହୃଦୟର କଥା ଶୁଣନ୍ତି, ସେମାନେ କେବେ ଅଜଣା ହୁଅନ୍ତି ନାହିଁ..."

ସେ କଥାରେ ମୋ ଭିତରେ କିଛି ଅଲଗା ପ୍ରକାରର ଶିହରଣ ସୃଷ୍ଟି କଲା । ଲାଗିଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁ ଜନ୍ମରୁ ମୁଁ ତାଙ୍କୁ ଖୋଜୁଥିଲି । ରାତି ଆଉ ଗଭୀର ହେଉଥିଲା । ମହଲର ଝରକା ମଧ୍ୟରେ ଶିତଳ ପବନ ପ୍ରବେଶ କରୁଥିଲା । ସେ ପାଖକୁ ଆସି ଧୀରେ ମୁଣ୍ଡଟି ମୋ କାନ୍ଧରେ ରଖିଲେ । ସେହି ମୁହୂର୍ତ୍ତରେ ସମୟ ନିରବୀ ଗଲା । ତାଙ୍କ କେଶର ସୁଗନ୍ଧ ମୋ ନିଶ୍ୱାସରେ ମିଶିଯାଉଥିଲା । ମୋ ହୃଦୟ ଅଜଣା ଭାବରେ ତାଙ୍କ ପାଇଁ ଭାବନା ରାଇଜରେ ନିଜର କରିବାର ଅନାବିଳ ଚଞ୍ଚଳତା ସୃଷ୍ଟି କରୁଥିଲା ।

ମୁଁ ପଚାରିଲି - "ତୁମେ କିଏ ?"

ସେ ଆଖି ମୁଦି ଧୀରେ କହିଲେ, "ମୁଁ ତୁମ ଅଧୂରା ସ୍ୱପ୍ନ... ତୁମ ନିଶାଚର ବାନ୍ଧବୀ..."

ହଠାତ୍ ଦୂରରେ ବିଜୁଳି ଚମକିଲା । ମହଲର ଦୀପଗୁଡ଼ିକ କମ୍ପିବାକୁ ଲାଗିଲା । ସେ ଭୟଭୀତ ହୋଇ ମୋ ହାତ ଧରିଲେ ।

"ଆଜିର ରାତି ବହୁତ ଛୋଟ..." ସେ କହିଲେ ।

"କାହିଁକି ?"

"କାରଣ ଭୋର ହେଲେ ମୁଁ ହଜିଯିବି..."

ମୋ ଛାତି ଭିତରେ ଏକ ଶକ୍ତ ବିଜୁଳି ପଡିଲା ଭଳି ମନେହେଲା ।

"ନା... ଏମିତି କୁହନି..."

ସେ ମୋ ଆଖିକୁ ଚାହିଁ ଧୀରେ ହସିଲେ । "କିଛି ପ୍ରେମ କେବଳ ରାତିରେ ବଞ୍ଚିଥାଏ..."

ସେ ମୋତେ ନେଇ ମହଲର ଛାଦକୁ ଗଲେ ।

ସେଠାରୁ ସମଗ୍ର ସହର ଦେଖାଯାଉଥିଲା ।

କିନ୍ତୁ ଅଦ୍ଭୁତ କଥା ଥିଲା, ସେହି ମହଲକୁ ଘେରି ଥିଲା କେବଳ କୁହୁଡ଼ି । ସେ ଧୀରେ ମୋ ସାମ୍ନାରେ ବହୁତ କିଛି ନିଜ ମନର କଥା ଓ ବ୍ୟଥା ଅନର୍ଗଳ ବଖାଣି ଚାଲିଲେ.... ଯେମିତିକି ମୁଁ ତାଙ୍କ ଅତି ନିଜର । ପବନରେ ତାଙ୍କ କଳା ଶାଢ଼ୀ ଫର ଫର ଉଡୁଥିଲା ।

ତାଙ୍କ କାନର ଝୁମକା ଝୁଣୁ ଝୁଣୁ ଶବ୍ଦ କରୁଥିଲା । ମୁଁ ତାଙ୍କୁ ଦେଖି ନିଜକୁ ସମ୍ପୂର୍ଣ୍ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରୂପେ ହଜିଯାଉଥିଲି ।

"ତୁମେ ଏତେ ଚୁପ୍ କାହିଁକି ?" ସେ ହସି ପଚାରିଲେ ।

ମୁଁ ଧୀରେ କହିଲି, "କିଛି ସୌନ୍ଦର୍ଯ୍ୟକୁ ଦେଖିଲେ ଶବ୍ଦ ହରାଇଯାଏ..."

ସେ ଲଜ୍ଜାରେ ମୁହଁ ଘୁଞ୍ଚାଇଦେଲେ ।

ହଠାତ୍ ସେ ପଚାରିଲେ - "ତୁମେ କେବେ କାହାକୁ ଭଲପାଇଛ ?"

ମୁଁ କିଛି ସମୟ ଚୁପ୍ ରହିଲି ।

"ନା... ସମ୍ଭବତଃ ଆଜି ପର୍ଯ୍ୟନ୍ତ ନୁହେଁ..."

ସେ ଧୀରେ ମୋ ପାଖକୁ ଆସିଲେ ।

"ତାହେଲେ ଆଜିଠାରୁ ପ୍ରେମ କର..."

"କାହାକୁ ?"

ସେ ମୋ ଛାତିରେ ଆଙ୍ଗୁଠି ରଖି ଧୀରେ କହିଲେ - "ଏହି ନିଶାଚର ବାନ୍ଧବୀକୁ..."

ରୂପ ରାଇଜର ସ୍ୱପ୍ନର ରାଜକୁମାରୀ କଥା ଶୁଣି ମୋ ନିଶ୍ୱାସ ଅଟକିଗଲା । ପବନରେ ତାଙ୍କ କେଶ ମୋ ମୁହଁକୁ ଛୁଇଁଯାଉଥିଲା ।

ମୁଁ ଧୀରେ ତାଙ୍କ ହାତ ଧରିଲି । "ତୁମେ ସତରେ ମୋର ?"

ସେ ଆଖି ମୁଦିଦେଲେ । "ଏହି ରାତିଯାଏଁ..."

"ଆଉ ତା'ପରେ ?"

ସେ ନୀରବ ହୋଇଗଲେ ।

ତାଙ୍କ ଆଖିର କୋଣରେ ଲୁହ ଚମକୁଥିଲା ।

"ତା'ପରେ ମୁଁ ପୁଣି ଏକା..."

ମୁଁ ତାଙ୍କ ମୁହଁ ଦୁଇହାତରେ ଧରିଲି ।

"ନା... ମୁଁ ତୁମକୁ ଏକା ଛାଡ଼ିବିନି..."

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ହଠାତ୍ ମୋ ଛାତିରେ ମୁହଁ ଲୁଚାଇ କାନ୍ଦିପକାଇଲେ । "ଶତବର୍ଷ ଧରି ମୁଁ ଏହି କଥା ଶୁଣିବାକୁ ଅପେକ୍ଷା କରୁଥିଲି..."

ମୁଁ ଆଶ୍ଚର୍ଯ୍ୟ ହୋଇଗଲି । "ଶତବର୍ଷ... ?"

ସେ ଧୀରେ କହିଲେ - "ମୁଁ ଏହି ମହଲର ରାଜକୁମାରୀ ଥିଲି । ଜଣେ କବିକୁ ଭଲପାଇଥିଲି । କିନ୍ତୁ ଆମ ପ୍ରେମ ଅଧୂରା ରହିଗଲା..."

ମୋ ମୁଣ୍ଡ ହଠାତ୍ ଘୁରିଗଲା ।

ଅଜଣା କିଛି ଛବି ଆଖି ସାମ୍ନାରେ ଭାସିଉଠିଲା ।

ଏହି ମହଲ...

ଏହି ରାତି...

ଏହି ଝିଅ...

ଆଉ ମୁଁ...

ସେ ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁଲେ । "ତୁମେ ମନେପକାଉଛ ?"

ମୁଁ ଧୀରେ କହିଲି -"ମୁଁ...ସେହି କବି..."

ସେ ମୁହୂର୍ତ୍ତରେ ସେ କାନ୍ଦିପକାଇଲେ । "ଶେଷରେ ତୁମେ ଫେରିଆସିଲ..."

ମୁଁ ତାଙ୍କୁ ବାହୁରେ ଭରିନେଲି । ସେହି ମୁହୂର୍ତ୍ତରେ ରାତିର ସବୁ ନୀରବତା ମନେ ହେଉଥିଲା ଆମ ପ୍ରେମକୁ ଶୁଣୁଥିଲା ।

ରୁଣୁ... ଝୁଣୁ... ରୁଣୁ... ଝୁଣୁ... ପାୟଲର ଶବ୍ଦ ପୁଣି ଭାସିଆସିଲା । ଆଉ ଦୂରରୁ ମନେ ହେଉଥିଲା କେହି ଗାଉଛି "ଦିଲ ବାଲେ ଦୁଲହନିୟା ଲେ ଯାଏଁଙ୍ଗେ..."

ଭୋରର ପ୍ରଥମ ଆଲୋକ ଧୀରେ ଧୀରେ ଆକାଶକୁ ଛୁଉଁଥିଲା । ମୁଁ ଭୟରେ ତାଙ୍କୁ ଚାହିଁଲି । "ତୁମେ ପୁଣି ହଜିଯିବ ?"

ସେ ହସିଦେଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ଯଦି ପ୍ରେମ ସତ୍ୟ ଥାଏ... ତେବେ ନୁହେଁ..."

ମୁଁ ତାଙ୍କ କପାଳରେ ଚୁମ୍ବନ ଦେଲି ।

ସେ ଆଖି ମୁଦିଦେଲେ ।

ସେହି ମୁହୂର୍ତ୍ତରେ... ଭୋର ପ୍ରାତଃ ସକାଳର ଆଲୋକ ମଧ୍ୟରେ ସେ ଧୀରେ ଧୀରେ ଧୂଆଁ ପରି ମୋ ବାହୁ ଭିତରୁ ହଜିବାକୁ ଲାଗିଲେ ।

"ନା... ଯାଅନି..." ମୁଁ ଚିତ୍କାର କଲି ।

ସେ ଶେଷଥର ପାଇଁ ମୋ ଆଖିକୁ ଚାହିଁ କହିଲେ - "ପ୍ରତ୍ୟେକ ଅମାବାସ୍ୟାରେ ମୁଁ ଆସିବି...

କାରଣ ମୁଁ କେବଳ ତୁମର...

ତୁମ ନିଶାଚର ବାନ୍ଧବୀ..."

ସେ ଥରେ ମାତ୍ର ପଛକୁ ଚାହିଁ ହସିଦେଲେ ।

"ପ୍ରେମ କେବେ ସମ୍ପୂର୍ଣ୍ଣ ମିଳେନି...କିଛି ପ୍ରେମ କେବଳ ନିଶାରେ ବଞ୍ଚିଥାଏ..."

ତାପରେ ସବୁ ଅନ୍ଧକାର ।

ହଠାତ୍ ମୋ ଆଖି ଖୋଲିଗଲା । ମୁଁ ପୁଣି ସେହି ନିର୍ଜନ ରାସ୍ତାରେ ଏକା ଦୌଡୁଥିଲି । ଆକାଶରେ ଭୋର ସକାଳର ହାଲୁକା ଆଲୋକ । କିନ୍ତୁ ମୋ ହାତରେ ଥିଲା ସେହି କଳା ବିନ୍ଦି । ଆଉ ସେହି ଦିନଠାରୁ ପ୍ରତ୍ୟେକ ଅମାବାସ୍ୟାର ରାତିରେ ମୁଁ ସେହି ମହଲକୁ ଖୋଜି ଘୁରେ...

ହୋଇପାରେ ପୁଣି ଦେଖା ହେବ ମୋ ନିଶାଚର ବାନ୍ଧବୀ ସହ...

ଆଇନଜୀବୀ, ଓଡିଶା ଉଚ୍ଚ ନ୍ୟାୟାଳୟ,
କଟକ, ଦୂରଭାଷା - ୮୧୧୪୩୧୭୬୬୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଫଳତାର ନୂଆ ଅର୍ଥ

ନିତ୍ୟ ରଞ୍ଜନ ନନ୍ଦ



ମୋ ନାମ ବିବେକ ମିଶ୍ର । ମୋ ବୟସ ୩୨ ବର୍ଷ ।

ଲୋକେ ଯେତେବେଳେ ପଚାରନ୍ତି— "ଆପଣ କଣ କରନ୍ତି ?"

ମୁଁ ସରଳ ଭାବେ କହେ, "ମୁଁ ଗୋଟିଏ ଗ୍ରୋସରି ଦୋକାନ ଚଳାଏ ।"

ସେମାନେ ହସନ୍ତି... କେବେ କେବେ ହସିକି ମଜା ବି କରନ୍ତି । କାରଣ ସେମାନେ ଆଉ ଗୋଟିଏ କଥା ଜାଣନ୍ତି : ମୁଁ IIT Bombayର କମ୍ପ୍ୟୁଟର ସାଇନ୍ସର ଗୋଲ୍ଡ ମେଡାଲିଷ୍ଟ ଏବଂ ଆଜି ମଧ୍ୟ ମୋ ଆଲମାରିରେ ଗୋଟିଏ ଅଫର ଲେଟର ରହିଛି, ସାନ୍ ଫ୍ରାନସିସ୍କୋର ଗୋଟିଏ କମ୍ପାନୀରୁ, ବର୍ଷକୁ ୧ କୋଟି ୬ ଲକ୍ଷ ଟଙ୍କା ଦରମାର ।

ସେ ଚିଠିକୁ କେବେ ଫୋପାଡ଼ି ନାହିଁ...

କିନ୍ତୁ କେବେ ସେ ଚିଠିକୁ ବ୍ୟବହାର ମଧ୍ୟ କରିନି ।

ଆରମ୍ଭ

୧୯୯୮ ମସିହା । ଭୁବନେଶ୍ୱରର ଶହୀଦ ନଗର୍ ।

ଦୁଇଟି ଘର ଥିବା ଟିଣ ଛାତର ଘର ।

ବାପା ରେଲୱେ କ୍ଲାର୍କ— ମାସକୁ ଦରମା ଆଠ ହଜାର ।

ମା ଟ୍ୟୁସନ୍ ପଢ଼ାଉଥିଲେ— ଆଉ ୨୦୦୦ ମାସକୁ ରୋଜଗାର କରୁଥିଲେ ।

ଆମେ ମଧ୍ୟବିତ୍ତ ମଧ୍ୟ ନୁହେଁ— ନିମ୍ନ ମଧ୍ୟବିତ୍ତ ପରିବାରରେ ଗଣା ହେଉଥିଲୁ ।

କିନ୍ତୁ ବାପାଙ୍କର ଗୋଟିଏ ସ୍ୱପ୍ନ ଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ କେବେ ମୋ ଉପରେ ପାଠପଢାର ଚାପ ଦେଇନଥିଲେ ।

ସେ କେବଳ କହୁଥିଲେ—

"ପୁଅ, ଯେତେ ପଢ଼ିବାକୁ ଚାହୁଁ ଅଧ୍ୟୟନ କର... ଟଙ୍କାକୁ ନେଇ ଚିନ୍ତା କରନି ।"

ମୁଁ ପଢ଼ିଲି ।

ଦଶମରେ ୯୫% ।

ଦ୍ୱାଦଶରେ ୯୭% ।

କୋଚିଂ ଫି ୧ ଲକ୍ଷ ।

ବାପା PF ଭାଙ୍ଗିଲେ ।

ମା ନିଜ ଚୁଡ଼ି ବିକିଦେଲେ ।

ମୁଁ କୋଟାକୁ ଗଲି ।

ଦୁଇ ବର୍ଷ କଷ୍ଟ , ମଶା , ନିଦ୍ରାହୀନ ରାତି, ସଂଘର୍ଷ ।

ଫଳାଫଳ—

ସର୍ବଭାରତୀୟ ସ୍ତରରେ ରାଙ୍କ୍ ୧୪୭୧ ।

ଆଇଆଇଟି ବମ୍ବେ ।

କମ୍ପ୍ୟୁଟର୍ ସାଇନସ୍ ।

ସେଦିନ ବାପା ସମସ୍ତ ପଡ଼ୋଶୀଙ୍କୁ ମିଠା ବାଣ୍ଟିଲେ ।

ମା କାନ୍ଦିକି କହିଲେ, "ମୋ ପୁଅ ଏବେ ଆମେରିକା ଯିବ ।"

ଉନ୍ନତିର ଦିନ

IITରେ ଜୀବନ ଫୁଲିଉଠିଲା ।

କୋଡିଂ, ହ୍ୟାକାଥନ୍, ଇଣ୍ଟର୍ନଶିପ, ସବୁ ଠିକ୍ ହେଉଥିଲା ।

ତୃତୀୟ ବର୍ଷରେ ମୁଁ Googleର Summer Intern ହେଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଥମ ଷ୍ଟାଇପେଣ୍ଡରେ ମା ପାଇଁ Washing ମେସିନ୍ କିଣିଲି ।

ବାପାଙ୍କୁ ନୂଆ ଫୋନଟିଏ ଦେଲି ।

ସେ କହିଲେ, "ଏବେ ମୁଁ ଅବସର ପରେ ଆରାମ କରିପାରିବି ।"

ସ୍ୱପ୍ନର ଚାକିରି

Final placement ।

ଚାରିଟି ଇଣ୍ଟରଭ୍ୟୁ ପରେ CTO କହିଲେ, "We want you."

ଅଫର—

୧.୬ କୋଟି ଦରମା ।

H1B Visa

Relocation

ମୋ joining August ୨୦୧୬ରେ ଥିଲା ।

ସମସ୍ତେ ଖୁସି ।

ମା କହିଲେ — "ପାସପୋର୍ଟ ବନା ।"

ବାପା ଶାନ୍ତ ଭାବେ କହିଲେ — "ବଡ଼ ସଫଳତା ।"

ଜୀବନର ମୋଡ଼

ହୋଲି ସମୟରେ ଘରକୁ ଗଲି ।

ବାପା ଦୁର୍ବଳ ଲାଗୁଥିଲେ । ଲମ୍ବା କାଶ ।

ଚେକ୍‌ଅପ୍— ହୃଦୟ ସମସ୍ୟା । Angioplasty ।

ଖର୍ଚ୍ଚ ୩ ଲକ୍ଷ ।

ତାପରେ—

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଙ୍କୁ Breast Cancer (Stage 2) ।

Chemotherapy। Surgery।

ମୋଟ ଖର୍ଚ୍ଚ ୫ ଲକ୍ଷ ।

ସମସ୍ତ ସଞ୍ଚୟ ଶେଷ ।

ନିଷ୍ପତ୍ତି

ଗୋଟିଏ ହାତରେ offer letter।

ଅନ୍ୟ ହାତରେ hospital bill ।

Visa interview — July ୧୫ ।

Flight — August ୧୦ ।

ମା chemotherapy ନେଉଛନ୍ତି ।

ମୁଁ କମ୍ପାନୀକୁ joining delay ପାଇଁ ଲେଖିଲି ।

Reply, “We need someone now.”

ସେ ରାତି ଛାତ ଉପରେ ବସି ବିମାନ ଦେଖୁଥିଲି ।

ଗୋଟିଏ ରାସ୍ତା— ସ୍ୱପ୍ନ ।

ଅନ୍ୟଟି— ମୋ ପିତାମାତା ।

July ୧୪ ।

ମୁଁ Visa interview cancel କରିଦେଲି ।

ସବୁ କହିଲେ, “ପାଗଳ ! ୧.୬ କୋଟି ଚାକିରି ଛାଡୁଛୁ !”

ହୋଇପାରେ ।

ନୂଆ ଯାତ୍ରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁବନେଶ୍ୱରରେ ରହିଗଲି ।

୩୫,୦୦୦ର local job ।

ଦିନରେ ଚାକିରୀ ।

ସନ୍ଧ୍ୟାରେ ହସ୍ପିଟାଲ duty ।

ମାଙ୍କ ମୁଣ୍ଡବାଳ ଝଡି ଯାଉଥିବା ଦେଖିଲି ।

ତାଙ୍କ ପାଇଁ wig କିଣିଲି ।

ବାପାଙ୍କ ଔଷଧ ସମୟରେ ଦେଲି ।

ଦୁଇ ବର୍ଷ ପରେ—

ମା ସୁସ୍ଥ । Cancer remission ।

କିନ୍ତୁ ଟଙ୍କା ଶୂନ୍ୟ ।

କମ୍ପାନୀ ବନ୍ଦ ।

ପୁଣି ଆରମ୍ଭ

ବାଙ୍ଗାଲୋରରେ ୧୮ ଲକ୍ଷ offer ଆସିଲା ।

ମୁଁ ନା କହିଲି ।

ଘର ତଳେ ଦୋକାନ ଖୋଲିଲି, “Mishra General Store”

ହଁ... IIT graduate ଚାଉଳ ଓ ଡାଲି ବିକୁଛି ।

ପ୍ରଥମ ଦିନ କଷ୍ଟଦାୟକ ଥିଲା ।

ପଡ଼ୋଶୀ ଆଣ୍ଟି କହିଲେ, “ତୁମ ମା ମୋ ପିଲାକୁ ପଢ଼ାଇଥିଲେ... ଆମେ ସବୁବେଳେ ତୁମ ସହ ଅଛୁ ।”

ଦୋକାନ ଧୀରେ ଧୀରେ ବଢ଼ିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକାଳେ wholesale market।

ଦିନରେ shop।

ରାତିରେ freelance coding।

ସଫଳତାର ନୂଆ ଅର୍ଥ

୨୦୧୯ — ମା cancer-free ।

୨୦୨୦ lockdown— shop flourish ।

Home delivery ।

୨ ଲକ୍ଷ ଆୟ । Loan ଶେଷ ।

୨୦୨୧ — ପିଲାମାନଙ୍କୁ coding ପଢ଼ାଇବା ଆରମ୍ଭ ।

୨୦୨୨ — ମୋ student national Olympiad ଜିତିଲା ।

Story viral ।

“IITian grocer mentored winning student.”

ଜୀବନ ପୁଣି ଚାଲିଲା

ସେହି ସପ୍ତାହରେ email ଆସିଲା ।

ସେହି CTO ।

ସେମାନେ Indiaରେ expansion କରୁଥିଲେ ।

“Education initiative lead କରିବେ ?”

ମୁଁ — Yes କଲି ।

ଏବେ ମୋ ଦିନ—

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକାଳ — Grocery shop

ଦ୍ୱିପହର — Teaching kids

ସନ୍ଧ୍ୟା — Global tech team

ଆଜି

ଗତ ମାସେ ବାପା ୭୦ ବର୍ଷରେ ପହଁଚିଲେ ।

ଜନ୍ମଦିନରେ କହିଲେ, "ମୋ ପୁଅ ଆମେରିକା ଯାଇନି... ସେ ମୋ ସହ ରହିଲା ।"

ମା ପଚାରିଲେ, "Offer letter କାହିଁକି ରଖିଛୁ ?"

ମୁଁ କହିଲି, "ମୁଁ କଣ ଛାଡ଼ିଲି ମନେ ପକାଇବା ପାଇଁ ।"

ମା ହସି କହିଲେ, "ତୁ କିଛି ଛାଡିନାହୁଁ ତୁ ବାଛିଛୁ ।"

ସତ୍ୟ

ମୋତେ ଅନୁତାପ ହୋଇଥିଲା...

ମିତ୍ରମାନେ USର ରହି ଫଟୋ ଛାଡୁଥିଲେ...

ବଡ଼ career କରୁଥିଲେ...

କିନ୍ତୁ ଆଜି ମୁଁ career ଛାଡ଼ିନି—

ମୁଁ careerର ଅର୍ଥ ପରିବର୍ତ୍ତନ କରିଛି ।

ମୋ career ଏବେ code ନୁହେଁ—

care।

ଶେଷ କଥା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୁଁ ଆମେରିକା ଛାଡ଼ିଲି ।

କିନ୍ତୁ ଅମୂଲ୍ୟ ଅନୁଭବ କିଛି ପାଇଲି ।

ପ୍ରତି ସକାଳେ ବାପାଙ୍କୁ ଚା ଦିଏ ।

ମାଙ୍କ ପାଖରେ ବସି ଗପୁଥାଏ ।

ସତ କହିବି, ମୁଁ ୧ କୋଟି ୬ ଲକ୍ଷ ଟଙ୍କାରେ ଏହି ସୁଖ କିଣି ପାରି ନଥାନ୍ତି ।

ପୁଣି ସୁଯୋଗ ମିଳିଲେ...

ମୁଁ ପୁଣି ସେଇ ରାସ୍ତା ବାଛିବି ।

କାରଣ କିଛି ତ୍ୟାଗ ହାର ନୁହେଁ, ସେଗୁଡ଼ିକ ଭଲପାଇବାର ନିବେଶ ।

ଆଜି କେହି ପଚାରେ, "IIT ପଢ଼ି ଦୋକାନ କାହିଁକି କରିଚ ?"

ମୁଁ ହସି କହେ, "ମୋ ପିତାମାତା ମୋର ସବୁଠୁ ବଡ଼ company... ଏବଂ ମୁଁ ସେମାନଙ୍କ full-time CEO ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିବାହ କଣ ଜରୁରୀ

ଦେବାଶିଷ ମାଇତି



ଏ ରଘୁ ଭାଇ ଦେଖ ନା ଏ ସମୁଦ୍ରର ତରଙ୍ଗ ଟା କେତେ ସୁନ୍ଦର୍, ମନଟା ଖୁସି ହେଇ ଯାଉଛି, ଶାନ୍ତି ବି ଲାଗୁଚି । ରଘୁ ପ୍ଲାଷ୍ଟିକ ବଲ୍ ଟିଏ ଫିଙ୍ଗି ଦେଇ ତୁ ଏବେ ଦେଖ୍ ରତି କେତେ ଉଚ୍ଛା ବଲଟି ଭାସୁଛି.., ତରଙ୍ଗ ସାଥେ ବଢିଆ ଲାଗୁଛି..।

ହଁ ଜାଣିଛୁ ରଘୁ ଘରେ ବାହାଘର ପାଇଁ ମା ବାପା ବିରକ୍ତ କଲେଣି.., ମୋର ଦେଖୁଛୁ କେତେ ଅସୁବିଧା । ନିଜ ଦେହ ଖରାପ୍, ସେଠି ବ୍ୟାଙ୍କ୍ ରେ ଋଣ ପଡ଼ିଛି ସୁଝି ହେଉନି । ଭଲ ଘର ଖଣ୍ଡେ ନାହିଁ । ଏ ଯେଉଁ ଟଙ୍କା ତିରିଶି ହଜାର ଇନକମ୍ ହେଉଛି ସବୁ ପାଣି ଭଳି ଖର୍ଚ୍ଚ । ଆଉ ତୁ ବାହା ହେଇ କେଡ଼େ ଶାନ୍ତିରେ ରହିବୁ କହିଲୁ ? ଆଜିକା ଯେଉଁ ଝିଅ ପ୍ରଭୁ ପ୍ରଭୁ.. ! ଯଦି ଅପାଠୁଆ ଆଣିବୁ ତୋ ଜୀବନ ପୂରା ନର୍କ ନା ତୁ ବାଟରେ ଚାଲି ପାରିବୁ ନା ସାଥିରେ କୁଆଡେ ନେଇକି ଯାଇ ପାରିବୁ.. ! ଯଦି ଅଧା ପାଠୁଆ ଆଣିବୁ ସେ ପାଣିର ସର ପକେଇଲା ଭଳି କାମ, ନିଜକୁ ଘରର ମାଲିକାଣୀ ଭାବିବ । ମାସ ପୂରିବ ଟଙ୍କା ହିସାବ ତାକୁ ଦେବୁ । ଝିଅର ମା ଭଉଣୀ ଫୋନ୍ କରିବ ଜ୍ୱାଇଁ ବାବୁ, ସେ କଣ କହୁଛି ତା କଥା ଟିକେ ବୁଝନ୍ତୁ । ଭିଣେଇ ବାବୁ ଜାଣିଛ ତ ମୋ ଭଉଣୀଟା ଟିକେ ଚିଡ଼ଚିଡ଼ା ବେଳୁ ବଦରାଗି ତାକୁ ଟିକେ ବୁଝେଇ ଚାଲିବ ନା । ସତେକି ମୁଁ ତା ମା ଭଉଣୀର ଠିକା ନେଇଛି । ଏପଟେ ଅଫିସ୍ ରୁ ଆସିବୁ ଏ ତୋ ମା ଏଇଆ କଲା, ତୋ ଭାଇ ମୋତେ ଦେଖେଇ ପାଟି କଲା, ତୋ ଭଉଣୀ ମୋତେ କାମ ବରାଦି କଲା । ଯଦି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚୁପ୍ ଚାପ୍ ଶୋଇ ପଡ଼ିବୁ, ତାହାଲେ ଜୀବନ ପୂରା ସୂହା । ଶେଷରେ ତୋ ହିସାବରେ ଶିକ୍ଷିତ ଝିଅ ହେଲେ, ତାର ଡିମାଣ୍ଡ ପୁରା କରିବାକୁ ତୋତେ ଶହେ ଦଶ ଥର ଭାବିବାକୁ ପଡ଼ିବ..।  କାମରେ ଭାଗ ହେବ.., ଇନକମ୍ ଟଙ୍କା ଭାଗ ହେବ । ତା ପରେ ବି ଭବିଷ୍ୟତ ପାଇଁ ତା ନାମରେ ଫିକ୍ସ ଡିପୋଜିଟ୍ ବ୍ୟାଙ୍କ୍ ରେ ୨-୫ ଲକ୍ଷ ରଖି କଥା ହେବୁ । ଘରେ ସିନା ଭାବନ୍ତି ପୁଅ ବାହାଘର କରି ବହୁ ଆଣିଲେ ବୁଢ଼ା କାଳରେ ଟିକେ ରୋଷେଇ କରି ଖାଇବାକୁ ଦେବ, ହେଲେ ଝିଅ ଘର ଝିଅକୁ କହିକି ବାହା ଦିଅନ୍ତି, ଜ୍ୱାଇଁ ପାଖରେ ରହିବୁ, ଛୋଟ ପରିବାର କାମ ନାହିଁ, ଗ୍ୟାସ୍ ରେ ରୋଷେଇ, କିଛି ଦିନ ପରେ ଜ୍ୱାଇଁ ତୋତେ ଘରୁ ନେଇକି ପଳେଇବ ଇତ୍ୟାଦି ଇତ୍ୟାଦି । ହେଲେ ଶେଷରେ ଯାହା ସ୍ୱାର୍ଥରେ ବାଧା ଆସେ ଆରମ୍ଭ ହୁଏ ମହା ଭାରତ । ଯଦିଓ ଶାଶୁ ନଣନ୍ଦ ବହୁ କଥା କଟାକଟି ହୁଏ, ପରେ ନିଜ ନିଜ ଭୁଲ୍ ବୁଝିପାରି ବୁଝାବଣା ହେଇ ଯାଆନ୍ତି । କିନ୍ତୁ ପାଖ ପଡୋଶୀର ଆଖିକୁ ଭଲ ଲାଗେନି, ସନ୍ଧ୍ୟାବେଳେ ନଳକୂପକୁ ପାଣି ଆଣିବାକୁ ଯାଇ ଘର ଭଙ୍ଗା ନୀତି ଆରମ୍ଭ କରନ୍ତି । ଆଉ ଘରଟାକୁ ଭାଙ୍ଗି ଦିଅନ୍ତି, ଏମିତି ଅସୁବିଧା ସୃଷ୍ଟି କରନ୍ତି ପରେ ସମସ୍ତେ ସାଧୁ ବନି ଯାଆନ୍ତି, କିନ୍ତୁ ଏମାନେ ପରସ୍ପର ପୁଣି କଳି ଲାଗି ପରସ୍ପର ଦୁହିଁଙ୍କ ଶଶୁର ଘର ଲୋକଙ୍କୁ ଦୋଷ ଦିଅନ୍ତି, ଶେଷରେ ବଳି ପଡ଼ି ଯାଆନ୍ତି ସେଇ ଶିକ୍ଷିତ ପୁଅ ବହୂ ଦୁହେଁ । କାନ୍ଦି କାନ୍ଦି ଛାଡ଼ପତ୍ର । ବିତୃଷ୍ଣା ସମାଜର ଏଇଟା ଏକ କରୁଣ ଚିତ୍ର । ରଘୁ ରତି ପିଠିରେ ହାତ ମାରିଦେଲା.., ହୁଁ... ! ସାଙ୍ଗ ଏଇଟା ତ୍ରିବାର ସତ୍ୟ, ହେଲେ ଏହାର ବିକଳ୍ପ ଆମ ପାଖେ କିଛି ନାହିଁ ନା..।  ରତି.., ବିବାହ ନ କଲେ କଣ ବଞ୍ଚି ହେବନି..? ରଘୁ ତୋର ପ୍ରାପ୍ତ ବୟସ ହେଇଗଲେ ତୁ ଏକା କେମିତି ବଞ୍ଚିବୁ, ସାଥିଟିଏ ଦରକାର୍ ନା.., ଦୁଃଖ ସୁଖ, ଭଲ ମନ୍ଦ କାହାକୁ କହିବୁ, ମୁଁ ବଞ୍ଚିଥିବି ବୋଲି କିଏ କହିବ..? ମୁଁ ସାଥିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିବି ବୋଲି କିଏ କହି ପାରିବ.. ? ହଁ ତୁ ରୋଷେଇ କରି ଜାଣୁ, ଘର ସଫା ଜାଣୁ, ସବୁ ଆସେ, ହେଲେ ବାପା ମା,ପଡ଼ିଗଲେ ଟେକିବ କିଏ.. ? ବାହାର ଲୋକ ତ.. ! ବାହାର ଲୋକକୁ ପଇସା ଦେଲେ ଟାଇମ୍ ରେ ଆସି ଟାଇମ୍ ରେ ଦରମା ନେଇ ଯିବ । ରାତିରେ ତୋ ଘର କଣ ରହିବ କି.. ! ରାତିରେ ଅସୁବିଧା ସୁବିଧା କିଏ ଜାଣିଛି.. ? ସେତେବେଳେ ତୁ ଏକା କଣ କରିବୁ.. ? ରତି, ହେଲେ ସ୍ତ୍ରୀ କଣ ସବୁବେଳେ କରିବ କି.. ? ହଉ ଠିକ୍ ଅଛି ସ୍ତ୍ରୀ ସବୁବେଳେ ନ କରୁ, ପାଖରେ ରହିଲେ ତୋ ସାହସ ପାଇବ ନା... ! ତୋର ଅସୁବିଧା ହେଲେ ପାଣି ଗ୍ଲାସ୍ କୁ ଆଶା କରିବୁ ତ ? ସେତିକି ହିଁ ଦରକାର୍..। ରତି.., ଭଲ ଲାଗୁନିରେ ଏ ପ୍ରକୃତି ସହିତ ଖେଳିବାକୁ ମୋତେ ଭଲ ଲାଗେ, ଏ ଦୁନିଆକୁ ବୁଲି ବୁଲି ଦେଖିବାକୁ ଇଚ୍ଛା ହୁଏ । ନା ଏ ଘର ଦରକାର୍ ନା ଏ ପରିବାର କିଛି ଭି ଭଲ ଲାଗେନି..। କାହିଁକି ନା ଏଠି ପ୍ରତ୍ୟେକ ମୁହୂର୍ତ୍ତ ମିଛରେ ଚାଲେ, ଅଶାନ୍ତରେ ଚାଲେ, ରାଗ, ଅଭିମାନ, ହିଂସା ବାଦ.., ସବୁ ସ୍ୱାର୍ଥ ପଛରେ । କିଏ କହି ପାରିବ ଯାହାକୁ ବାହା ହେବୁ ତୋ ମନ ନେଇ ଚଳିବ ବୋଲି, ଆଜି କାଲିକା ଝିଅ ମାନଙ୍କୁ ସ୍ୱାଧୀନ ଦରକାର୍, ତାଙ୍କ ହିସାବରେ ତାଙ୍କୁ ସମୟ ଦେବା ଦରକାର୍, ଯାହା ସମାଜର କିଛି ପୁଅଙ୍କ ମନରେ ଭୟ ଆଉ ଦ୍ୱନ୍ଦ ସୃଷ୍ଟି କରେ । ମୁଁ କହୁନି ଆମ ସମାଜରେ ସବୁ ଝିଅଙ୍କ ଭୁଲ୍, କିଛି ପୁଅ ସମାଜରେ ଏପରି ଅଛନ୍ତି, ଝିଅମାନେ ଭାବନ୍ତି, ରାତିରେ ଏତେ ଡେରିରେ ଘରକୁ କାହିଁକି ଫେରନ୍ତି, ମଦ ମାଂସ ଖାଇ ସାଙ୍ଗମାନଙ୍କ ସହ ଖଟି କରନ୍ତି, କଉ ପର ନାରୀ ସହ ସମ୍ପର୍କ ରଖିଛନ୍ତି କି.. ? ଖାଲି ବାପା ମା କଥାରେ ପଡି ମୋତେ ହଇରାଣ କରିବନି ତୋ.., ନାନାଦି କଥା ତାଙ୍କୁ ଭୟ କରାଏ.., ଯାହା ସେମାନେ କାହା ଆଗେ ପ୍ରକାଶ କରନ୍ତି ନାହିଁ, ଏ କଳୁଷିତ ସମାଜର ଅବସ୍ଥା ବହୁତ୍ ଖରାପ୍.. ଯାହା ଅଙ୍ଗେ ଅଙ୍ଗେ ଲିଭେଇ ଥିବା ମଣିଷଟି କାନ୍ଦି କାନ୍ଦି କହେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

**ହେ ଦୁନିଆ ମୋ ସୁନ୍ଦର୍

ଜୀବନରେ ପୂର୍ଣ୍ଣ ଛେଦ ଟାଣି,

ତୁ କଣ ପାଇଛୁ.. ! ମୁ ତୋ ଭିକାରୀକୁ ଭିକ ଦେଇଛି, ହେଲେ ମୋତେ ଦାଣ୍ଡର ଭିକାରୀ ଏମିତି ସଜେଇଲୁ ଲୋକ ଭିକ ଦେଉ ନାହାନ୍ତି ।**

ରତି.., ଆଶ୍ରମ ଜୀବନ କଣ ଭଲ ନୁହେଁ କି... ! ରଘୁ କିଏ ଜାଣିଛି ଆମେ ଉପରେ ଦେଖିଛନ୍ତି, ଭିତର କଥା ଜଣା ନାହିଁ..। ହଉ ଚାଲ୍ ସମୟ କହିବ କିଏ କାହାର.., ପାଦ ତଳେ ସମୁଦ୍ର ଲହଡ଼ି ବାଜି ମନରେ ଶୀତଳ ଭରି ଦେଲା..। ଦୁହେଁ ଘରକୁ ଫେରିଗଲେ..।

ସହିଦ୍ ଇରମ

ବାସୁଦେବପୁର ଭଦ୍ରଖ

ମୋ: ୯୮୫୩୫୫୭୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଔଷଧ ପୁଡ଼ିଆ

ସରୋଜ କୁମାର ସାହୁ



ବୟସ ବଢିଲେ ରୋଗ ବଢ଼େ । ଦେହ ମନ ବିଚଳିତ ହୋଇଉଠେ । ଭଲରେ ଭୋକ ଶୋଷ ଲାଗେନା । ଆଖିରୁ ନିଦ ଛପନ ଛୁ ମାରେ । ବିନା କାମରେ ବି ଅଳସୁଆ ଲାଗେ ଭାରି ।

ବାପାଙ୍କର ବୟସ ଏବକୁ ପଚାଶ ଟପିଲାଣି । ନାହିଁ ନ ଥିବା ରୋଗଟା ଗଜୁରିଲା ଭଳି ମୁଣ୍ଡଟେକିଲାଣି ଦେହରେ । ଗୋଡ଼ଫଟା ଗ୍ୟାସ ବଦ ହଜମି ଅଣ୍ଟାଦରଜ ଯେମିତି ଗୋଟାକ ପରେ ଗୋଟାଏ ମାଡ଼ିବସୁଛି ଖାଲି । ସେଇଥିପାଇଁ କି ବାପାଙ୍କ ଶୋଇବା ଘରେ ପାଣିରୁ ଗୁଣ୍ଡ ଯାଏଁ ଗୋଟାଏ ଗୋଟାଏ ଉପଶମର ମଲମ । କବିରାଜ ହୋମିଓପାଥିକ ଏଲୋପାଥିକ ଠାରୁ ଆରମ୍ଭ କରି ମେଡ଼ିସିନ ପର୍ଯ୍ୟନ୍ତ ଔଷଧ ଥୁଆହୋଇଛି ଥାକ ହୋଇ ।

ଚାରି ବଖରା ଘର ଭିତରୁ ଉତ୍ତର ପୂର୍ବ କଣଟା ଆମର ଠାକୁର ଘର । ବର୍ଷଯାକର ଧାନ ଚାଉଳ  ବିରି ମୁଗ କୋଳଥ ସାନ ଭଉଣୀ ପାଇଁ କଂସା ବାସନ ସେଇଠି ଥୁଆ ହୋଇଛି । ସେ ଘରକୁ ବାପା ବୋଉ ମୋ ଛଡା କାହାର ଯା ଆସ ନାହିଁ କହିଲେ ଚଳେ । ଘର ଓଲେଇବା ଠାକୁର ପୂଜା କରିବା ଘର ଧୋଇବା ଛଡା ଆଉ କିଛି ହୁଏନି ସେଠି । ସକାଳରୁ ସଞ୍ଜଯାଏଁ କବାଟ ଝରକା ବନ୍ଦ ହୋଇ ଅନ୍ଧାରୁଆ ରହିଥାଏ ଘର ।

ସେଦିନ ବାପା ଠିକ ଦିହିପ୍ରହରେ ବୋଉକୁ ଚିହ୍ନେକି ଡାକି କହିଲେ "ଟେବୁଲ ଉପରେ ଥୁଆ ହୋଇଥବା ସେ ଡବାଟା କଣ ହେଲା କି ? ଯୋଉଥିରେ ନାଲିଆ ଠିପି ଲାଗିଥିଲା ?ଗୋଓଳିଆ ବଡ଼ ଡବାଟା... ?

ବୋଉ ପାଣିଧରି କୂଅରୁ ଫେରୁଥିଲା । ସେ ସଫାସଫା ମନା କରି ଦେଲା ଦେଖିନି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଲି । ସେ ଘରେ ମୋର କଣ କାମ କି... ? ଖାଲି ଅମାବାସ୍ୟା ସଂକ୍ରାନ୍ତିରେ ଧୁଆ ଧୋଇ କରୁଛି ଯାହା ।

ଟେବୁଲ ଉପରେ ଯୋଉ ସେ ଯୋଉ ଡବା ଥିଲା କୁଆଡେ ଗଲା ? ତୋ ଛଡା ସେ ଡବା କେହି ପକେଇବେନି ।

ସେଥିରେ ଗୋଟେ କାଗଜ ପୁଡିଆ ଥିଲା । ଧଳା ଧଳା ଗୁଣ୍ଡ ଔଷଧ । ଚଢେଇଡିଆରୁ ଆସି ସେମିତି ଥୁଆହୋଇଥିଲା । ଏଇ ଦି ମାସ ହେବନି କୁଆଡୁ । ଟିକିଏ ବି କାମରେ ଲାଗିନି ।

ଯିଏ ଯାହା କରୁ ସବୁ ଦୋଷ ମୋର । ମୁଁ ତ ଏବେ ସେ ଘରୁ କିଛି ଡବା ଫବା ଆଣିନି । ନିଜେ କଣ ଯେ କରିଥିବେ ଜଣାନାହିଁ ଖାଲି ମୋତେ କହୁଛନ୍ତି । ବୋଉ ଟିକେ ମନେମନେ କାନ୍ଦୁଣୁ ମାନ୍ଦୁଣୁ ହେଇଗଲା ରାଗରେ ।

ଟେବୁଲ ଉପର ତଳ ସବୁକୁ ଭଲକରି ଦେଖିଲନି ଟିକେ । କାଳେ କିଏ ଏପାଖ ସେପାଖ କରି ଥୋଇ ଦେଇଥିବ ?

ମୁଁ ଚାରିଆଡେ ଭଲକି ଖୋଜି ସାରିଲିଣି ହେଲେ କିଛିବି ତା ପତ୍ତା ମିଳୁନି । ସେ ଡବା ଆଉ ନାହିଁ । ସେ କୋଉଦିନୁ କୁଆଡେ ଗଲାଣି କାହାକୁ ଜଣାନାହିଁ ।

ସେତେବେଳକୁ ବାପାଙ୍କର ରାଗ ମୁଣ୍ଡରେ ଜରଜର ହେଉଛି । ଯାହା କରୁଛ କର ମୋର କଣ - ଟା ଯାଉଛି । ପାଆଁଶ ଟଙ୍କା ଦେଇ ପୁଣି କିଣି ଆଣିବି କହି ବାପା ସେଠାରୁ ଚାଲିଆସିଲେ ।

ତମରି ଟଙ୍କା ତମେ ଆଣିବ ମୋ ବୋପଘରର ଧନ ସରିଯାଉଛି ସତିକା । ବୋଉ ଆଖିରେ ଖାଲି ଦିଶୁଥିଲା ପାଆଁଶ ଟଙ୍କିଆ ନୋଟଟା ପାଇଁ କେତେ ଯେ ଝାଳ ବୋହିବାକୁ ପଡେ । ଏଇମିତି ତ ସବୁ ଟଙ୍କାକୁ ବାରବାଦ କରୁଛନ୍ତି ଖାଲି ।

ବାପାଙ୍କ ପଛେପଛେ ବୋଉ ଘର ଭିତରକୁ ଗଲା ଔଷଧ ପୁଡିଆ ଖୋଜିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲକ୍ଷ୍ୟରେ । ଯେମିତି ଏଇନା ଚମତ୍କାର ହେଇଯିବ ସତିକା । ପାଆଁଶ ଟଙ୍କାର....

ବୋଉ ଘରର ଝରକାକୁ ଟିକେ ଭଲ କରି ମେଲାକରି ଜରି ପରଦାକୁ ଜାକିଦେଲା । ଘରସାରା ତରା ପଡିଲା ପରି ସଫା ହେଇଗଲା । ବାପା ବୋଉର ପଛେ ପଛେ..

ବୋଉ ଠାକୁରଙ୍କୁ ଡାକି ଡାକି ଖୋଜି ଚାଲିଲା । ଟେବୁଲ ଉପର କାନ୍ଥ ସନ୍ଧି ଏପାଖ ସେପାଖ କରି ତଲାସି ଗଲା । ପଡ଼ିଥିବା ଝାଡୁରେ ଟିକେ ଅଳନ୍ଧୁ ସଫା କରିଦେଲା ପୁଣିଥରେ । ଟେବୁଲ ତଳକୁ ନଇଁପଡି ଦେଖୁ ଦେଖୁ ଡବାଟା କଣରେ ଥୁଆ ହୋଇଛି । ବୋଉ ବାହାରକୁ ଆଣି କହିଲା "ଏଇ ଡବାଟା କି.... ?"

ହଁ... । କିଏ ସେଠି ଥୋଇଲା..

କିଏ ଆଉ ଥୋଇଥିବ... । ତମ ଛଡା କେହି ନୁହେଁ..

ବୋଉ ଟିକେ ଖୁସିରେ ଟିକେ ନିଶ୍ୱାସ ମାରିଲା । ଯାହା ହେଉ ପାଆଁଶ ଟଙ୍କାଟା ତ...

ବାପା ଡବାକୁ କୁଆଡେ ରଖୁଥିଲା ବେଳେ ବୋଉ ବାହାରକୁ ଚାଲି ଆସିଲା ।

ସେଇଥି ପାଇଁ କଥାରେ ଗୋଟିଏ ଲଥା ଅଛି "ନାରୀ ଘର ସଜାଡ଼େ ନାରୀ ଘର ଉଜାଡେ " । ଘର ସଜାଡ଼ିବା କଳାଟା ତାଙ୍କ ଜନ୍ମଗତ... ।

ସରୋଜ କୁମାର ସାହୁ
ଆଠଗଡ, କଟକ
୯୩୪୮୫୭୫୨୨୪

Listen to Odia Podcast Original at https://youtube.com/@drjyotiprasad

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଯୌବନ ସମ୍ଭାଷଣ

ଶିବନାରାୟଣ ଦାସ



ମୁଁ ଜାଣିଛି "ଯୌବନ" !
ତୁମେ ପୁଣି ଫେରିବନି ଆଉ
ମୋ ଜୀବନ ଅଗଣାକୁ ଛୁଇଁ,
ପ୍ରେମ ଆଉ ପ୍ରଣୟର
ମହୁଲି ନିଶାରେ ଭରି
କେବେ ଆଉ ଥରେ
ଆଖିରେ ମୋ ଧରାଦେବ ନାହିଁ ।
ତୁମେ କିନ୍ତୁ ଉଡି ବୁଲୁଥିବ
ଆଉ କାହା
ଆଖ ପାଖ ଫୁଲ ବଗିଚାରେ
ହରରଙ୍ଗି ପ୍ରଜାପତି ହୋଇ,
ଆଉ ତୁମ ନିଷିଦ୍ଧ ଇଲାକା ଆଡେ
ଅବହେଳେ
ଦୃଷ୍ଟି ମୋର ଭେଦି ଯାଉଥିବ ।
ବୟସର ଚଷମା ଫାଙ୍କରୁ
ଅପଲକ ମୋ ନୟନ
ଅବାରିତ ରହିଥିବ ଚାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ଯୌବନ" ! ଅକସ୍ମାତ
ତୁମେ ପୁଣି ଆସିବନି ପଶି
ମୋ କୁଟୀର ବାତାୟନ ଦେଇ
ନିଦାଘର ଝାଂଜି ପବନରେ,
କୋଇଲିର କୁହୁତାନ ହୋଇ
ତୁମେ ଆଉ ଶୁଭିବନି ନିକାଂଚନ
ତୋଟା ଗହଳିରେ,
ତାରକିତ ରାତିର ଆକାଶେ
ଜ୍ୟୋତ୍ସ୍ନା ହୋଇ ଝରିବନି ତୁମେ
"ଯୌବନ" ! ପୂର୍ଣ୍ଣିମା ରାତିରେ,
ଝରୁଥିଲ ସେଦିନ ଯେମିତି
ଚାଳିଶି ବର୍ଷ ତଳେ
ତାରୁଣ୍ୟର ତରୁ ପଲ୍ଲବରେ ।
ତଥାପି ମୋ ଅତି ନିକଟରେ

ତୁମକୁ ମୁଁ ବାରୁଥିବି
ସମୟର ପାଣି ପବନରେ
ଆଉ ପୁଣି
ଦୀର୍ଘଶ୍ୱାସ ତୋଳୁଥିବି
ବୟସର ପରିଣତ ଉପାନ୍ତ ସୀମାରେ ।
ନ ଆସିଲ ନାହିଁ ତୁମେ "ଯୌବନ" !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଥିପାଇଁ ଦୁଃଖ ଅବା
ଅବଶୋଷ ନାହିଁ -
ତିଳେ ମାତ୍ର ନାହିଁ ବି ଶୋଚନା,
ମୁଁ ଜାଣିଛି ତୁମେ ଯେଣୁ
ସଞ୍ଚରିଛ ମୋର
ଶିରା ପ୍ରଶିରାରେ
କୋଷିକା ଓ ରକ୍ତ କଣିକାରେ,
ଆଉ ମୁଁ ରଖିଛି ଧରି
ଜଡାଇ ତୁମକୁ
ମୋ ସତ୍ତାର ଅନ୍ତର୍ଭେଦି
ସୂକ୍ଷ୍ମ ଚେତନାରେ -
ଯୁଗ ଯୁଗ ଧରି କେତେ ଜନ୍ମ-ଜନ୍ମାନ୍ତରେ ।
ବୟସର ଦର୍ପଣରେ ଯେବେ
ତୁମେ ଆଉ ନ ଦିଶିଲ କେବେ
"ଯୌବନ" !
ମୁଁ ତୁମକୁ କହି ରଖେ ଆଜି -
ମୋ ବୟସ ପ୍ରାଣବନ୍ତ ଏବେ
ଚିରନ୍ତନ ଭରା ତାରୁଣ୍ୟରେ,
ତୁମେ ଅଛ ଆୟୁଷ୍ମାନ ହୋଇ
ନିରନ୍ତର ମୋହରି ଅନ୍ତରେ ।

ପଣ୍ଡିଚେରୀ, ଭ୍ରାମ୍ୟଭାଷ : ୯୯୯୦୨୪୬୫୬, ଇମେଲ୍ : dasshibanarayan61@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତାତି

ଶମ୍ଭୁନାଥ ନାୟକ



ମୁଁ ଅଛି
ସେଇ ଖଣ୍ଡିଆ ଛାଇରେ
ଯେଉଁଠୁ ତୁ ଆବୋରି ନେଇଥିଲୁ
ମୋ ଭାଗର ଖରା ତେଜ,
ପାଣି ପରି ତରଳେଇ ଦେଇଥିଲୁ
ମୋ ଗୋଟା ଅବୟବ !

ଆଉ ଶୁଭୁନି ଏଠି ତୋ
ଖଇ ଫୁଟା ହସର ଶବଦ
ତୋ ଠିକଣା ହଜେଇ
ପବନରେ ଅଣନିଶ୍ୱାସୀ
ମୋ ଫେରାଦ ପ୍ରତିଶ୍ରୁତି ସବୁ
ତଥାପି,
ଏ ଖରାରେ ଗଦଗଦ ହେଇ ଉଠୁଛି
ତୋ ପ୍ରତାରଣାର ପୋଡା ଘା'ଟା !

ତୁ କି ଜାଣିବୁ
ତୋ ବୈଶାଖ ଝାଞ୍ଜିଠୁ
ମୋ ଶହେ ଚାରି ଡ଼ିଗ୍ରୀ ଫାରେନହିଟ
ମନର ଗୁଳୁଗୁଳି କଥା,
ଅନେଇକି ଥା !
ତୁ ମାଠି ମାଠି ଖଞ୍ଜିଥିବା
ପ୍ରେମ ବାରୁଦରେ
କେବେ ପୋଡିଯିବ ଏ ଦେହଟା !!

କୁରୁଣ୍ଟି, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅସ୍ମିତାର କୋଣାର୍କ

ଅଶ୍ୱିନୀ କୁମାର ଦାଶ

ପରିବର୍ତ୍ତନୀୟ ଦୁନିଆଁ ଦେଖିକି
ମନରେ ହୁଅଇ ଭିତି ,
ବଦଳୁ ବଦଳୁ ବଦଳି ଯିବ କି ?
ଓଡ଼ିଆ ଭାଷା ସଂସ୍କୃତି ?
ଘୁର୍ଣ୍ଣିଝଡ ବେଗେ ମାଡି ଆସୁଅଛି
ବିଦେଶୀ ଭାଷା ସଂସ୍କୃତି ,
ସତେକି ଉଡିବ ଓଡ଼ିଆ ଅସ୍ମିତା
ରହିବନି ତାର ସ୍ଥିତି ?

କବି କବୟିତ୍ରୀ ଜାଗ୍ରତ କରହେ
ସୁପ୍ତ ସମାଜକୁ ଥରେ ,
ଭାଷା ଓ ସଂସ୍କୃତି ଭରି ଦିଅ ଆଜି
ପ୍ରତିଟି ହୃଦ ଭିତରେ ।
ଅସ୍ମିତା ସୁରଭି ଆକର୍ଷିତ କରୁ
ଭ୍ରମରକୁ ଯେହ୍ନେ ପଦ୍ମ ,
ପାଶ୍ଚାତ୍ୟ ସଂସ୍କୃତି ଦୂରେଇ ଯାଉ
ମୁକ୍ତ ହେଉ ଧରା ଧାମ ।

ସପ୍ତାଶ୍ଚର୍ଯ୍ୟ ମଧ୍ୟେ କୋଣାର୍କ ମନ୍ଦିର
ଟେକିଅଛି ତାର ମଥା ,
ଉତ୍କଳ ଐତିହ୍ୟ କଳା ସଂସ୍କୃତିର
ବଖାଣଇ ସେ ଯେ ଗାଥା ।
ବିଶ୍ୱକର୍ମା ସାଜି ବାର ଶହ ଶିଳ୍ପୀ
ଗଢି ଥିଲେ ଦିନ ରାତି ,
ବିଶ୍ୱ ଦରବାରେ ପରିଚିତ କଲେ
ଉତ୍କଳର କଳା କୀର୍ତ୍ତି ।

ଦକ୍ଷ ଶିଳ୍ପୀ ହୋଇ କବି କବୟିତ୍ରୀ
ଆସ ହେ ଲେଖନୀ ଧରି ,
ଅସ୍ମିତା କୋଣାର୍କ ଗଢିବା ଟି ଆମେ
କୁଶଳୀ ବିନ୍ଧାଣି ପରି ।

Listen to Odia Podcast Original at https://youtube.com/@drjyotiprasad

ଭାଷା ର ସାଗରୁ ଶବ୍ଦ ସମ୍ଭାରରୁ
ଉପଯୁକ୍ତ ଶବ୍ଦ ଖୋଜି ,
ଶବ୍ଦ ଇଟା ଆଣି ଅସ୍ମିତା କୋଣାର୍କ
କାନ୍ଥରେ ଦେବାଟି ଖଞ୍ଜି ।

ଛାନ୍ଦ ଲୟ ତାଳ ଶୃଙ୍ଖଳିତ ରୂପେ
କବିତା ରେ ଲେପି ଦେଇ,
କୋଣାର୍କ ମନ୍ଦିର କାରୁକାର୍ଯ୍ୟ ପରି
କବିତା ରେ ଶୋଭୁ ମହୀ ।
ଚାରୁ ଚିତ୍ରକଳା ଭାସ୍କର୍ଯ୍ୟରେ ଭରା
ଆମ ଏ ରାଇଜ ପରା ,
ତାହାରି ସୁରଭି ମଳୟ ସାଥିରେ
ବ୍ୟାପିବ ଜଗତ ସାରା ।

ଶାସ୍ତ୍ରୀୟ ଭାଷାରେ ଭୂଷିତ ହୋଇଛି
ଓଡ଼ିଆ ଭାଷାଟି ଆମ ,
ଭାଷା ଭିତ୍ତିକରେ ନାମିତ ହୋଇଛି
ଓଡ଼ିଆ ପ୍ରଦେଶ ନାମ ।

ସଙ୍କଟ ଦରିଆ ଗରଭେ ବୁଡୁଛି
ଓଡ଼ିଆ ଅସ୍ମିତା ଆଜି ,
ପାଶ୍ଚାତ୍ୟ ସଂସ୍କୃତି କାୟା ବାସ୍ତାରୁଛି
କରାଳ ରୂପଟି ସାଜି ।

ଭାଷା ଜ୍ଞାନ ଅବା କବିତା ଲିଖନ
କାହୁଁ ସେ ପାଇବି ମୁହିଁ ,
ସମୟ ଆହ୍ୱାନ ଦେଉଛି ପ୍ରେରଣା
କବିତା ଲେଖିବା ପାଇଁ ।
ମାତା ବାଗ୍ ଦେବୀ ସହାୟ ହୁଅନ୍ତୁ
କବିଙ୍କ ହୃଦୟେ ରହି,
ଓଡ଼ିଆ ଅସ୍ମିତା କୋଣାର୍କ ଗଢନ୍ତୁ
ଭାଷା ସଂସ୍କୃତିକୁ ନେଇ ।
ବିନତି ଏତିକି ଓଡ଼ିଆ ଅସ୍ମିତା
ସଭିଙ୍କ ଆଦୃତ ହେଉ,
ବଶ୍ୱ ଦରବାରେ ସର୍ବୋଚ୍ଚ ସ୍ଥାନଟି
ଅଳଙ୍କୃତ କରି ରହୁ ।

(ଅବସରପ୍ରାପ୍ତ ଶିକ୍ଷକ)
ଖରସୁଆଁ ଗଡ
ବର୍ତ୍ତମାନ ଠିକଣା:-
ବନ୍ଧବାହାଲ, ଝାରସୁଗୁଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଳା ଠାକୁର

ମନୀଷାଦେବୀ ପାତ୍ର

ଜଗତର ନାଥ ଜଗତ ଠାକୁର
ଜଗତ ମଙ୍ଗଳ କାମନା ପାଇଁ

ବଡ଼ଦାଣ୍ଡେ ତୁମ ଭକ୍ତଙ୍କ ଗହଳି
ଚହଳ ପଡ଼ିଅଛି ରାମ ହରି

ଦୁରୁଦୂରାନ୍ତର ଭକ୍ତଙ୍କ ଭିଡ଼
କି ମାୟା ରଚିଅଛ ପ୍ରଭୁ

ରତ୍ନ ସିଂହାସନେ ତୁମେ ବସିଅଛ
ତୁମ ଭାଇ ଭଉଣୀକୁ ସାଥିରେ ନେଇ

ସବୁରି ଦୁଃଖକୁ ଭାଜନ କରି
ସମସ୍ତଙ୍କୁ ଖୁସୀ ଦେଉଅଛ

ସମସ୍ତେ ତୁମକୁ କାଳିଆ ଡାକନ୍ତି
ଦେହ ତୁମ ବର୍ଣ୍ଣ କଳା ରଙ୍ଗ

କଳା ଦେହେ ତୁମେ ସଭିଙ୍କୁ ମହୁଛ
କି ବଶୀକରଣ ମନ୍ତ୍ର ଶିଖିଛ

ସବୁ ତୁମ ପ୍ରେମରେ ବାୟା
ତୁମେ ଏକା ମୋ ପାଇଁ ସାହା

ତୁମ ମଥାର ତୁଳସୀ ମୁଁ ହେବି
ଦେବକି ମୋତେ ସେହି ଭାଗ୍ୟ

ସବୁ ଜନମର ପାପ ହୋଇ ମୁକ୍ତ
ଲଭିବି ବୈକୁଣ୍ଠ ଧାମ

ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ପ୍ରଥମ ବର୍ଷ , ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି,
୯୪୩୯୯୭୭୭୯୬



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ୱପ୍ନରେ ଭିଜାଏ ବର୍ଷା

ଗୋଲୋକବିହାରୀ ବେହେରା



କାହିକି ବର୍ଷାର ସ୍ୱର
ମୋ ଭିତରେ କ୍ରନ୍ଦନ ତୋଲୁଛି,
ଅସହ୍ୟ ନିଃସଙ୍ଗପଣ
ଅସୁମାରୀ ନିର୍ଜନତା
ଦଂଶନ କରୁଛି ।

ସତେ ଅବା ତମେ ଆସି
ନିଃଶବ୍ଦରେ ପଶିଯାଅ
ମୋ କୋଳରେ
ମନୋରମ ଓଠେ ଚୁମିଦିଅ,
ହଜିଯାଏ ଅନନ୍ତ ଆକାଶେ
ହସିଦିଅ ,ଶୀତଳ କର ଅନ୍ତର୍ଦାହ ।

ଅନ୍ଧାର ଘୋଟିଆସେ ଚାରିଦିଗ
ପବନର ସାଇଁ ସାଇଁ ଶବ୍ଦ
କ୍ଷୀଣ ଆଲୋକରେ ତୁମ ଆଖି
ମଧୁରତା ଚିକ୍ ଚିକ୍ ଦିଶେ ।

ତୁମ ହାତ ଟାଣିନେଇ ଝରକାରେ
ଦେଖାଏ ମୁଁ ବରଷାର ଧାରା
ନିବିଡ଼  ସ୍ତବ୍ଧତା ,
ଚୁପ୍ ଚାପ୍ ଗାଁ ସାରା ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ମୋ କାନ୍ଧରେ ଲାଉ ହୋଇ

ମୋ ବେକରେ ବାହୁ ଦେଇ

ତୁମ ତନୁ ଦେଇଛ ଜଡେଇ ।

ମୋ କାନରେ ଫିସ୍ ଫିସ୍ କହୁଅଛ

ତୁମେ ଅଛ ଚିରକାଳ ମୋ ସହ

ବସନ୍ତ ମଳୟ ଅବା

ଶ୍ରାବଣ ବର୍ଷାରେ

ଅଜବ ସ୍ୱପ୍ନ ସବୁ ପଇଁତରା

ମାରେ ମୋ ସ୍ନାୟୁରେ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

ଷଡ଼ଙ୍ଗୀ, ଢେଙ୍କାନାଳ

ମୋ : ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୂର ଅତୀତ

ନିରଞ୍ଜନ ସାହୁ



ଦୂର ଅତୀତଟା ହାତ ଠାରେ ଯେବେ
କେତେ କଥା ମନେପଡ଼େ
ଉଦାସ ମନଟା ଅବୁଝା ହୋଇକି
ସେଦିନ ସ୍ମୃତିରେ ଜଡ଼େ ।

ମନେ ପଡ଼ିଯାଏ ପିଲାଦିନ କଥା
ଥିଲା ସେ ଅଝଟ ବେଳ
ସାଙ୍ଗସାଥି ମେଳେ ଚାଲୁଥିଲା କେତେ
ଗପସପ ପୁଣି ଖେଳ
ଚିନ୍ତାଶୂନ୍ୟ ମନ ଭାରି ଅମାନିଆ
ଏଣେତେଣେ ସିଏ ଉଡ଼େ ।

ପାଠପଢ଼ା ପାଇଁ ବିଦ୍ୟାଳୟ ଧାଇଁ
ଛାଡ଼ିଛୁ ଘରର ସୁଖ
ଡ଼ର ଲାଗୁଥିଲା ଗୁରୁ ବେତ ମାଡ଼
ଶୁଖି ଯାଉଥିଲା ମୁଖ
ପାଠ ପଢିବାକୁ ଠକିକି ରହିଲେ
ମାଆ ରାଗିଯାଇ ତଡ଼େ ।

ବିଦ୍ୟାଳୟ ଛାଡି ମହାବିଦ୍ୟାଳୟ
ବିଶ୍ୱବିଦ୍ୟାଳୟ ଯିବା
ପ୍ରେମିକ ସାଜିକି ପ୍ରେମିକା ପଛରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଦାବେଳେ ଧାଉଁଥିବା

ଆଜି ସେ ପ୍ରେମିକାମାନେ କେଉଁଠାରେ

ସେ ସ୍ମୃତି ମନକୁ ଗଡ଼େ ।

ସ୍ମୃତି ବିଭୋର ଏ ମନଟା ସର୍ବଦା

ଅତୀତକୁ ହୁଏ ଝୁରି

ବର୍ତ୍ତମାନ ସଙ୍ଗେ ସାଲିସ କରୁଛି

ଭାଗ୍ୟ ଚକ୍ରେ ଘୁରିଘୁରି

ଜୀବନ ବୃକ୍ଷରୁ ଦିନକୁ ଦିନ ତ

ଆୟୁଷ ପତର ଝଡ଼େ ।

ନିହଲ ପ୍ରସାଦ , ଗଁଦିଆ ପାଟଣା

ଢେଙ୍କାନାଳ – ୭୫୯୦୧୬

ମୋ :– ୯୯୩୮୭୪୧୫୮୩



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କ୍ଷୁଧା

ସୁଭାଗିନୀ ସିଂହ



କ୍ଷୁଧା ଆସି ଦ୍ୱାରେ ହୋଇଅଛି ଠିଆ
ନିରବରେ କହେ କଥା
କ୍ଷୁଧାକୁ ମେଣ୍ଟାଇବା ପାଇଁ ତ ମାନବ
ଏ ଚିତ୍ର ଜୀବନ ଗାଥା ।
କ୍ଷୁଧା ବିକଳକୁ ସହି ନପାରିଣ
କରେ ପୁଣି ଭିକ୍ଷା ବୃତ୍ତି
କେତେ ଯେ ଲାଞ୍ଛନା ସହିବାକୁ ପଡେ
ଜୀବନେ ହୁଏନା ଇତି ।
ମନର କ୍ଷୁଧା ଯେ ଭିନ୍ନ ଭିନ୍ନ ଅଟେ
ବୁଝି ବି ବୁଝି ହୁଏନା
କ୍ଷୁଧା ବିକଳରେ ଧରାଶାୟୀ ହୁଏ
ବୃଦ୍ଧ ଶିଶୁ ଯେ ବାଳକ ।
ଦରିଦ୍ରର କ୍ଷୁଧା ଆଣେ ଅସୁବିଧା
ଲଭିଣ ଯାତନା କେତେ
ବାରଦ୍ୱାର ହୋଇ କଟିଯାଏ ଦିନ
ମନେ ସନ୍ତୋଷ ନାହିଁ ସତେ ।

ହୃଦୟର କ୍ଷୁଧା ମନେ ଦିଏ ଦ୍ୱିଧା
ସମ୍ଭାବନା କିଛି ନାହିଁ
ଅସମ୍ଭବ ହୋଇ ପଡ଼ିଛି ଜୀବନ
କିଏ କେଉଁ ଠାରେ ତହିଁ ।
ନ ମେଣ୍ଟିଲେ କ୍ଷୁଧା କରେ ନାରଖାର
ଜୀବନ ତୁଚ୍ଛ ହୁଅଇ
ସଂସାର ପଥରେ ଚାଲିବାକୁ ହୁଏ
ଲାଞ୍ଛନା ଅପମାନ ସହି ।
କ୍ଷୁଧା ପାଇଁ ସିନା ପକ୍ଷୀଟି ଆତୁର
ଟୋପେ ଜଳ ପାଇ ତୋଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ସଂସାରରେ କେତେ ଯେ କ୍ଷୁଧାରେ
ଜୀବନ ହୁଅଇ ଶେଷ ।
ହୃଦେ ନରଖିଣ ଲୋଭ ମୋହ ମାୟା
ପ୍ରଭୁଙ୍କ ଶରଣ ଯାଅ
ଏ ଘୋର ବିପଦୁ ପାରି କରି ଦେବ
ଖୁସିରେ ସଂସାରେ ଥାଅ।
ମନର କ୍ଷୁଧା କୁ ପୂରଣ ପାଇଁ କି
ଅନ୍ୟର ନ  କରି ନାଶ
କ୍ଷୁଧା ଟି ସଂପୂର୍ଣ୍ଣ ହୁଏ ନାହିଁ କିଛି
ଅବାଟରେ ଯାଏ ନାଶ ।
ମନରୁ କ୍ଷୁଧାକୁ ଦୂରେଇ ଦିଏ ଯେ
ଶାନ୍ତି ରେ ଜୀବନ ରହୁ
କ୍ଷୁଧା ପାଇଁ ସେତେ ଦୁର୍ଘଟଣା ଘଟେ
ନାନା ଯାତନା ଯେ ସହୁ ।
ପ୍ରଭୁପାଦ ତଳେ କରୁଛି ମିନତୀ
ହୃଦୟକୁ ସ୍ୱଚ୍ଛକର
ପରୋପକାରରେ ଏ ଜୀବନ ସଦା
ଆପଣା ପର ନକର
ହୃଦୟେ ସାହାସ ଭର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଋତୁରାଣୀ ବରଷା

ଆଶିଷ କୁମାର ସାହୁ



ବରଷା ହେଉଛି ଭାରି
ଆରେ ବରଷା ହେଉଛି ଭାରି,
ମନରେ ଖେଳୁଛି ଖୁସିର ଲହରୀ
ଶଶ୍ୟ କ୍ଷେତେ ଖେଳେ ପାଣି।। ୧।।

ଆକାଶେ ମାରେ ବିଜୁଳି
ଆଜି ଆକାଶେ ମାରେ ବିଜୁଳି,
ଗର୍ଜନକରିକି ମେଘ ଘୋଟି ଆସେ
ଝରଇ ଅମୃତ ପାଣି।। ୨।।

ସୁନ୍ଦର ଶ୍ୟାମଳ ଧରଣୀ
ଏହି ସୁନ୍ଦର ଶ୍ୟାମଳଧରଣୀ,
ସବୁଜ ରଙ୍ଗର ଶାଢ଼ୀ ପିନ୍ଧି ଆଜି
ନେଉଛି ମନକୁ ମୋହି।। ୩।।

ଧୀରେଧୀରେ ଆସେ ଝରି
ଏବେ ଧୀରେଧୀରେ ଆସେ ଝରି,
ପାହାଡର ବୁକୁ ଚିରି ଚାଲିଆସେ
ସୁନ୍ଦରୀ ନିର୍ଝରିଣୀ।। ୪।।

ନଦୀରେ ହୁଅଇ ବଢ଼ି
ଆଜି ନଦୀରେ ହୁଅଇ ବଢ଼ି
କୁଳ ଲଂଘନ କରେ ସୁକୁମାରୀ
ଗାଁ ଦାଣ୍ଡ ଯାଏ ଉଛୁଳି।। ୫।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବରଷା ଋତୁ ଆଜି
ଏହି ବରଷା ଋତୁଟି ଆଜି,
ସବୁଆଡେ ପାଣିପାଣି ଦିଶୁଥାଏ
ଗ୍ରୀଷ୍ମ ତାପ ଦିଏ ସାରି।। ୬।।

ସୁନ୍ଦର ଏ ମାଟିର କାହାଣୀ
ସୁନ୍ଦର ତାହାର ଗଢଣୀ,
ଗ୍ରୀଷ୍ମ, ବରଷା, ଶରତ, ହେମନ୍ତ
ଶୀତ, ବସନ୍ତକୁ ଆଣି।। ୭।।

ବରଷା ଋତୁଙ୍କ ରାଣୀ
ଆରେ ବରଷା ଋତୁଙ୍କ ରାଣୀ,
ଦୁଃଖ ପରେ ଯେବେ ସୁଖ ଆସିଥାଏ
ଚାଷୀର କୁହେ କାହାଣୀ।। ୮।।

ଭେଜିପଦର, ଭବାନୀପାଟଣା, କଳାହାଣ୍ଡି
ଆଳାପ - ୮୧୪୪୧୧୫୨୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରଜପାଇଁ ଗୀତଟିଏ

ନୀଳମଣି ଚାନ୍ଦ



ରଜ ଆସିଗଲେ ପଡ଼େରେ ଦୋଳି

ଅଳତା ବୋଳି

ବୁଲନ୍ତି ଝିଅ

କିଏ ଯାଚେ ରଜପାନଟି ନିଅ ।

ରଜ ପାଇଁ ହୁଅଇ ପୋଡ଼ପିଠା

ଆଃ କି ମିଠା

କେ ଖେଳେ ଲୁଡୁ

କିଏ ଖେଳେ ପଶାକେ ଖେଳେ ଡୁଡୁ ।

ରଜଟିରେ  କାମ କରିବା ମନା

କହିଲା ସନା

ଗଣପରବ

ଭରିଦିଏ ସିଏ ମନେ ଗରବ ।

ପାଣିବୁହା ଆସି ଯାଇଛି ଚାଲି

କେ ଭାବେ ଖାଲି

ପ୍ରବାସୀ ଭାଇ

ଫେରିଛି ଗାଆଁକୁ ରଜର ପାଇଁ ।

ପ୍ରଥମ ଦିନଟି ପହିଲି ରଜ

ହୁଅରେ ସଜ

ଦ୍ୱିତୀୟ ଦିନ

ସେ ରଜ ସଂକ୍ରାନ୍ତି ଚିହ୍ନରେ ଚିହ୍ନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶେଷ ରଜ ଦିନ ଭୂମି ଦହନ

ପାଠ ଗହନ

ହୁଏରେ ମଜା

ରଜ ଗୀତ କେତେ ଗାଆନ୍ତି ଅଜା ।

ବନସ୍ତେ ଡାକିଲା ଗଜ ଏ ଗୀତ

ଗାଇବା ମିତ

ଗଲେରେ ଚାଲି

ଭାବିହେଉଥିବା ତା କଥା ଖାଲି ।

ମନ୍ତ୍ର ମାନୋର,ଗୋଠପାଟଣା

ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମମତାମୟୀ ମାଆ ସେ

ବିକାଶ କୁମାର ମହାନ୍ତ



ଏପ୍ରିଲ ମାସର ତିରିଶ ତାରିଖ
ଆଣିଥିଲା ସେହି କ୍ଷଣ
ଯେଉଁ କ୍ଷଣଟିରେ ସଂସାର ଦେଖିଲା
ମାଆର ପ୍ରେମର ଧନ।। ୧।।

ମଧ୍ୟପ୍ରଦେଶର ଜବଲପୁରରେ
ସନ୍ଧ୍ୟା ସମୟର କଥା
ବାରର୍ଗୀ ଡ୍ୟାମରେ ଅଚାନକ ଝଡ
ଆଣିଲା ଦୁଃଖର ବାର୍ତ୍ତା।। ୨।।

ନର୍ମଦା ନଦୀରେ ତରଣୀ ବିହାରେ
ଯାଉଥିଲେ ମାଆ ପୁଅ
ଅଚାନକ ଭାବେ ଆସିଥିବା ଝଡ
ଆଣିଲା ଦୁଃଖର ସୁଅ।। ୩।।

ଅଚାନକ ଭାବେ ଝଡ ଆସିଥିଲା
ନର୍ମଦା ନଦୀର ଜଳେ
ଲୁଚିଗଲା ସବୁ ଆନନ୍ଦର କ୍ଷଣ
ନର୍ମଦା ନଦୀର କୋଳେ।। ୪।।

ସବୁ ଭାସିଗଲା ନର୍ମଦା ଜଳରେ
ନଥିଲା କାହାର ଶବ୍ଦ
କେବଳ ରହିଲା ଗୋଟିଏ ମାଆର
ପ୍ରେମ କରୁଣାର ଛନ୍ଦ।। ୫।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆଟିଏ ତାର ଦୁଇଟି ହାତରେ
ଧରିଛି କୁଳନନ୍ଦନ
ଏକାକୀ ଲଢୁଛି ତଟିନୀ ସହିତ
ଧରିକି ପ୍ରେମର ଧନ।। ୬।।

ମାତୃଶକ୍ତି ଆଗେ ହାରିଯାଇଥିଲା
ନର୍ମଦା ନଦୀର ସୁଅ
ଏ ଦୃଶ୍ୟ ଲେଖିକି ଝରୁଅଛି ଅଶ୍ରୁ
ସମ୍ଭାଳି ପାରୁନି କୋହ।। ୭।।

ଏ ଦୃଶ୍ୟ ଦେଖିକି କାନ୍ଦୁଛି ଗଗନ
କାନ୍ଦୁଅଛି ଏହି ଧରା
ମାଆ ଓ ସନ୍ତାନ ପ୍ରେମଠାରୁ ବଳୀ
ନାହିଁ ଏ ଜଗତ ସାରା।। ୮।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତୀ

ସୁଷମା ହୋତା



କୁହ ସତୀ କ'ଣ ପାଇଲ !!!
କେତେ ତପସ୍ୟା କରି
ପାଇଥିଲ ଶ୍ରୀରାମଙ୍କୁ
ମୂର୍ଖ ରାବଣ ତମ ହସ୍ତ
ସ୍ପର୍ଶ କଲା ବୋଲି
ଅଗ୍ନିରେ ଆତ୍ମହୁତି ଦେଇ
କେତେ ଦୁଃଖ ଥିଲ ପାଇ..
କେତେ ପ୍ରତୀକ୍ଷା ତପସ୍ୟା
କରି ଜନମି ଥିଲ ଜନକ ନନ୍ଦିନୀ
ତ୍ରେତୟା ରେ ରାମଙ୍କୁ ପାଇବି ବୋଲି
ସେଇ ରାମ ସତେ କ'ଣ
ତୁମ ଦୁଃଖ ନେଇଥିଲେ ହରି..
ଜଳି ଜଳି ହୋଇ ନିଃଶେଷ
ବାନବାସ କ୍ଲେଶକୁ ନେଲ ଆଦରି

ଥିଲ ଅଲିଅଲ ରାଜ କନ୍ୟା
ରାଜରାଣୀ ତ ହେଲ ନାହିଁ
ଶେଷରେ ହୋଇ ସ୍ୱାମୀ ସହଯାତ୍ରୀ
ପଞ୍ଚବଟୀ ପର୍ଣ୍ଣ କୁଟୀର ରେ
କି ସୁଖ ପାଇଲ ???
ଅଶୋକ ବନରେ
ରାକ୍ଷସୀଙ୍କ ମେଳେ
ନୀରବରେ ଅଶ୍ରୁ ଗଡ଼ାଇଲ
ହାତ ବଢ଼ାଇ କିଏ ଅଶ୍ରୁ ପୁଛିଲେ ??
ସରି ନ ଥିଲା ଭାଗ୍ୟର ପରୀକ୍ଷା
ବାଲ୍ମୀକି ଆଶ୍ରମେ ପୁଣି ହେଲା ଦେଖା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପବାଦର ନାଗରା ବାଜି

କଠୋର ରାଜଦଣ୍ଡ ଭୋଗି

ରାଜସୁଖ ଭୋଗିବାକୁ ନ ଥିଲା

ସ୍ୱାମୀ ହୋଇ

ଏତେ ଦୁଃଖ ଦେବାର କି ଥିଲା ? ?

ନାରୀ ବୋଲି ସବୁ ସହିଲ

ପ୍ରତିବାଦ କେବେ ନ କରିଲ

ସ୍ୱାମୀ ହୋଇ କେବେ କଣ

ବୁଝିଲେ ତବ ଅଭିଳାଷ   ! !

ତୁମ ମନ କ'ଣ ଚାହୁଁ ନ ଥିଲା

ପାଇବାକୁ ସ୍ୱାମୀର ସୋହାଗ

କେବଳ ନାରୀ ବୋଲି

ନିଜ ଇଚ୍ଛାରେ ଛାଡିଲ ରାଜ ଭୋଗ....

ଗୁଲୁଣ୍ଡା, ମାନେଶ୍ୱର, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୋଉ

ସାଗର ଖରା



କେଉଁ ଶବ୍ଦରେ ଲେଖିବି
ବୋଉ ଲୋ ତୋତେ
ଯେତେ ଶବ୍ଦ ଯୋଡ଼ିଲେ ବି କମ୍
ପଡ଼ିଯାଏ ମୋ ହାତେ

ତୋ ମମତା ଆଗରେ
ଦୁନିଆ ବି ଛୋଟ ପଡ଼ିଯାଏ
ତୋ ମୁହଁକୁ ଦେଖିଲେ
ସବୁ ସୁଖ ମିଳିଯାଏ
ସବୁ ଦୁଃଖ ଭୁଲି ଜୀବନକୁ
ବଞ୍ଚିବାର ସାହସ ଆସିଯାଏ

ନିଜର ସମଗ୍ର ଜୀବନ
ସନ୍ତନା ପାଇଁ ଲଗାଇ ଦେଇ
ତାରି ଭିତରେ ନିଜ ଖୁସି ଖୋଜୁ ତୁହି
ଏ ଅଯୋଗ୍ୟ ସନ୍ତାନ ତୋ
ଶୁଖିଲା ଓଠରେ କାଣିଚାଏ
ଖୁସୀ କେବେ ଆଣିବ ଜାଣିପାରୁନାହିଁ

ତୁ ଖାଲି ଦେଇ ଜାଣିଚୁ ଲୋ ବୋଉ
ନେବା ତୋର ମନରେ ନାହିଁ
ସ୍ୱାର୍ଥପର ଦୁନିଆରେ
ନିଃସ୍ୱାର୍ଥପର ପ୍ରେମ କେବଳ ତୁହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଉଁ ଜନ୍ମେ କି ପୁଣ୍ୟ

କଲି କେଜାଣି

ତୋତେ ପାଇଛି ଆଜି

ତୋ ପଣତ କାନିରେ

ଦୁନିଆର ସବୁ ଦୁଃଖ

ଯନ୍ତ୍ରଣା ଯାଏ ହଜି

ପାରିବିନି ଲୋ ତୋ ଋଣ ସୁଝି

କେବଳ ଏ ଜନମେ

ପାରିବୁ ଯଦି ସବୁ ଜନ୍ମରେ

ତୋ କୋଳକୁ ନେଇଯିବୁ ମୋତେ

ପୁରୁଣାଚିତାପାରି

ମାଲକାନଗିରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାପା

ଅମରନାଥ ବାରିକ



ଆମ ପାଇଁ ସେ ପରାଣ ଦିଏ
କାନ୍ଧେ ବସାଇ ମେଳାକୁ ନିଏ
ସିଏ ଆମ ଠାକୁର,
ଯା' ହାତ ଧରି ଚାଲି ଶିଖିଲେ
ଯା' ଠାରୁ ଆମେ କଥା ସିଖିଲେ
ସିଏ ବାପା ଆମର ।

ବାପା କାନ୍ଧରେ ପକାଇ ଥାନ୍ତି
ଝାଳ ବୋହିଲେ ପୋଛି ଦିଅନ୍ତି
ନିତି ପଡ଼ଇ ଖୋଜା,
ଢାଉଆ ରଙ୍ଗ ଭାରି ସୁନ୍ଦର
ସୂତାରେ ଗଢ଼ା ହୁଏ ଆଦର
ବାପାଙ୍କ ଏ ଗାମୁଛା ।

ହାତରେ ଧରି ଶାସନ କରି
କଠୋର କଥା କୁହନ୍ତି ମାରି
ଆମ ପାଇଁ ତ ହିତ,
ପାହାର ବସେ ଦୁଷ୍ଟାମି କଲେ
ଚାଇଁ ଚାଇଁ ତା' କଷଣ ଭଲେ
ବାପାଙ୍କର ସେ ବେତ ।

ଆମକୁ ମାରି ଲୁଚି କାନ୍ଦନ୍ତି
ଶୋଇଲା ବେଳେ ଆଉଁସି ଥାନ୍ତି
ଆଖିରୁ ଝରେ ଝର,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୁସିରେ ଝରେ ଦୁଃଖରେ ଝରେ
ଓଠ ଚାପିକି ନିଗାଡ଼ି ଧିରେ
ଲୁହ ବାପା ଆଖିର ।

ଖାଲି ପାଦରେ ଯାଆନ୍ତି ଚାଲି
ସବୁ କଥାକୁ ମନରୁ ଭୁଲି
କଣ୍ଟା ହେଉ କି ନିଆଁ,
ବରଷ ଯାକ ଖଣ୍ଡେ କପଡ଼ା
ନ ପଡ଼େ ତାଙ୍କ ନୂତନ ଲୋଡ଼ା
ଜୀବନ ମାଟି ଧୂଆଁ ।

ଯେତେ ଭାଙ୍ଗିଲେ ଦାମୀ ଜିନିଷ
ତଥାପି ବାପା ମୋଡ଼ନ୍ତି ନିଶ
କୁହନ୍ତି ହଉ ହେଲା,
ଆଉ ଆଣିବି କାନ୍ଦନା ତୁହି
ଯେତେ ପଇସା ଲାଗୁରେ ସେହି
ବୋଉ ଯା' କହୁ ଭଲା ।

ଆମ ଜୀବନ ସାକାର ପାଇଁ
ଝଡ଼ ବତାସ ମାନନ୍ତି ନାହିଁ
ଦେହ ପାଆ ନା ଡ଼ର,
ଭୋକରୁ ପେଟେ ନିଜେ ରୁହନ୍ତି
ଆମକୁ ଆଣି ଖୁଆଇ ଥାନ୍ତି
ଏହି ଦେବତା ମୋର ।

ଯେତେ ଲେଖିବି ବାପାଙ୍କ ପାଇଁ
ଅସରନ୍ତିର ଭଣ୍ଡାର ସେହି
ସରିବ କେତେ ଯୁଗ
ସେ ଥିବା ଯାଏଁ ମୁଁ ପରା ରାଜା
ତାଙ୍କରି ବିନା ମୁଁ ନୁହେଁ ଖୋଜା
ମୁଁ କେଉଁ ବନ ମୃଗ !

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

Listen to Odia Podcast Original at https://youtube.com/@drjyotiprasad

# ଧୋକାଦିଏ ନିଜ ଜନ

ଅଲେଖ ମେହେର



ପର ଲୋକ କାହିଁ ଧୋକା ଦେବ ଆସି
ଧୋକା ଦିଏ ନିଜ ଜନ,
କୋମଳ ମଧୁର  ବଚନ ପରସି
ଆପଣା ନିଏ ଜୀବନ ।
ମହମ ବତୀଟି ଦହନ ଶେଷରେ
ଯେସନେ ପାରଇ ଜାଣି,
ନିଜର ସଳିତା ବିନାଶ କରିଛି
ମଧ୍ୟେ କରି ଗୁପ୍ତେ ଠାଣି ।
ଟାଙ୍ଗିଆକୁ କାହିଁ ତରୁଦେବ ଦୋଷ
ବେଣ୍ଟିଆ ତା"ସହୋଦର,
ସମୂଳେ ବିନାଶ କରିବା ନିମିତ୍ତ
କର୍ମ କରେ ନିମ୍ନତର ।
ତରୁ ତୃଣ ପଶୁ ମଣିଷ କଲ୍ୟାଣେ
ତତପର ଅହରହ,
ତାଙ୍କର ବିନାଶ  ନିଜ ହସ୍ତେକରି
ନର ହସେ ଟହଟହ ।

ପ୍ରଳୟ ବତାସ  ଜଳ ବହୁଳତା
ଅଥବା ହେଉ ମରୁଡି,
ସୋଚନା କରିବା ଅଭିଧାନେ ନାହିଁ
ଶାସକ ଦେବ କଉଡି ।
ପ୍ରେମ ବଦଳରେ ହଳାହଳ ଗର
ଦେଇ ଜାଣଇ ଦୁନିଆଁ,
ସତ୍ୟବାଦୀ ମରେ ମର୍ମ ବେଦନାରେ
ଖେଦରେ ହୋଇ ଛାନିଆଁ ।
ମାତା ପିତା ଛାଡି ସନ୍ତାନ ରୁହଇ
ଗଢି ପ୍ରଣୟ ମନ୍ଦିର,
ବିଲୋକିଲେ ମାନ ସମ୍ମାନ ହଜିବ
ଅବନତ ହେବ ଶିର ।

ଝର, ସୋହେଲା, ବରଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦରପୋଡ଼ା

କୃଷ୍ଣ ଚନ୍ଦ୍ର ବାରିକ



ଦରପୋଡ଼ା ଅବସ୍ଥାରେ  ନଥାଏ
ଶୀତଳ ବାରିର ସ୍ପର୍ଶର ଆଶା
ନଥାଏ ସମ୍ପୂର୍ଣ୍ଣ ଜଳି ଭସ୍ମୀଭୂତର ଇଚ୍ଛା
ଥାଏ କେବଳ ପୀଡ଼ାର ଲାଘବର ଆଶା
ଅଗ୍ନିର  ପ୍ରକୋପରୁ ମୁକ୍ତିର ପ୍ରୟାସ ।
ସେହି ପ୍ରଚେଷ୍ଟା ଜ୍ୱାଳା-ପୀଡ଼ାର ସମିଶ୍ରଣ
ଛଟ୍ - ପଟ୍ ଛଟ୍ - ପଟ୍ ଅବସ୍ଥାର ଦୃଶ୍ୟ
କାହା ପାଇଁ ଦୟା, କରୁଣାର ଉତ୍ସ ତଥା
ସହାୟତାର ସ୍ୱତଃ ଇଚ୍ଛାର ଢେଉ ଆଣେ
କାହା ପାଇଁ ଚିରାଚରିତ ଢଙ୍ଗରେ
ପ୍ରକୃତିରେ ଘଟୁଥିବା ଘଟଣାର ଅଂଶ ।
ତଥାପି ଜଳି ଜଳି କଳା କିଟମିଟ୍ ଅବସ୍ଥାରେ
ପହଞ୍ଚିବାର  ଅନୁଭବ  କେବଳ  ସେହି
ଦରପୋଡ଼ା ସୃଷ୍ଟିକୁ ହିଁ ଅନୁଭୂତ ।

ଦୁନିଆ ଦୃଷ୍ଟିଭଙ୍ଗୀରେ ହୁଏତ ଏହା ଏକ
ସାଧାରଣ, ଅସାଧାରଣ, ଆଶ୍ଚର୍ଯ୍ୟ, ପ୍ରାକୃତିକ
ପ୍ରକ୍ରିୟା ଅବା ଦୁଃଖର ପ୍ରତିଫଳନ ।
ମାତ୍ର ପ୍ରକୃତର ବେଦନାର ଅନୁଭବ କେବଳ
ସେହି ଦରପୋଡ଼ା ସୃଷ୍ଟିକୁ ହିଁ ଜ୍ଞାତ ।
ଝୁଙ୍କାଏ ପବନରେ ବିଶାଳ ଗଗନରେ
ସମୟ ସ୍ରୋତରେ ଭାସି ଉଡ଼ି, ରଡ଼ି ଛାଡ଼ି
ସେହି ଦରପୋଡ଼ା ସୃଷ୍ଟି ଶୋଭାପାଏ
ହୋଇଣ ମୁଠାଏ ପାଉଁଶର ବେଶ ।

ବିଜୟନଗର, ମହାକାଳପଡ଼ା
କେନ୍ଦ୍ରପଡ଼ା, ୭୫୪୨୨୪

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାଜନୀତି

ସିଦ୍ଧେଶ୍ୱର ତ୍ରିପାଠୀ



ରାଜନୀତି ଏକ ଭଲ ବ୍ୟବସାୟ
ଆଗରୁ ନଜିର ଅଛି
ତୁମହାତେ ଯଦି କିଛି ନହେଉଛି
ରାଜନୀତି ନିଅ ବାଛି ।

ନାଁ ଦଶକତ ଜାଣିଥିଲେ ହେଲା
ବେଶି ପାଠ ଲୋଡ଼ା ନାହିଁ
ତେଲମରା ଆଉ ଟାଉଟରି ଗୁଣ
ଜାଣିଲେ ଯିବ ଆଗେଇ ।

ସରପଞ୍ଚ ହେବ ବିଧାୟକ ହେବ
ସାଂସଦ ପାରିବ ହୋଇ
ଟଙ୍କା କମେଇବ ଅଏସ କରିବ
ମନ୍ତ୍ରୀପଦ ଗଲେ ପାଇ ।

ଯଦି ଲାଞ୍ଚନେଲ ଦୁର୍ନୀତି କରିଲ
କେବେ ଜେଲକୁ ଗଲ
ଶାସକ ଦଳରେ ମିଶିଗଲା ପରେ
ତୁମେ ସବୁଠାରୁ ଭଲ ।

ଇଡି ଭିଜିଲାନ୍ସ କ୍ରାଇମବ୍ରାଞ୍ଚ
ଅବା ସିବିଆଇ ଯେତେ
ରାଜ୍ୟରେ କେନ୍ଦ୍ରରେ ତୁମ ସରକାର
ସଫଳତା ତୁମ ହାତେ ।

ଖରା ଠୁ ବରଷା ଶୀତ କାକରରେ
ଟିକେ ବୁଲାବୁଲି ହେବ
କୁମ୍ଭୀର କାନ୍ଦଣା ଟିକିଏ କାନ୍ଦିଲେ
ଭଲ ରାଜନେତା ହେବ ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବଗିଚା ରାଣୀ ମା

ଜସ୍ମିନ ସାହୁ



ନିଜ ସମୟକୁ ଭାଗ କରି,

ସବୁ ଘର କାମ ସାରି ।

ଗଛକୁ ପିଲା ମନେ କରି,

ବାହାରେ ଶାବଳ କୋଡ଼ି ଧରି ।

ମାଙ୍କଡ଼କୁ ସେ ନ କରେ ଭୟ,

ଆଗକୁ ବଢ଼େ ତା'ର ପୟ ।

ଯେବେ ଫୁଟୁଥିବା ଫୁଲ ହୁଏ ଦୁର୍ବଳ,

ମାଆର ଯାଦୁ ତାକୁ କରେ ସବଳ ।

ସୁନ୍ଦର ଚାରା ପିଲାକୁ କିଏ,

ଦେଖି ଯଦି ନଜର ପକାଏ ।

ତା ନଜରକୁ କାଟି ସିଏ,

ନିଜ ପଣତ କାନି ଘୋଡ଼ାଏ ।

ଖାତିର ନ କରି ଖରା ବର୍ଷାକୁ,

ବାହାରି ପଡ଼େ ସେ ବଗିଚାକୁ ।

ହାନି କଲେ ତା'ର ଗଛକୁ,

କ୍ଷମା ସେ ନ କରେ କାହାକୁ ।

ମାଙ୍କଡ଼ ଯେବେ ବିଧ୍ୱଂସ କରେ ଆସି,

ମନେ ମନେ ତାକୁ ଦିଏ ସେ କଷି ।

ପୁରା କରେ ଗଛର ସବୁ ଦରକାର,

ଦେଇ ସେମାନଙ୍କୁ ଯଥେଷ୍ଟ ପାଣି ସାର ।

ଦିଏ ସେ ଇଟା ଗଛ ଚାରିପାଖେ,

ଯେମିତି ମା ଦିଏ ଶେଯ ପିଲା ପାଖେ ।

ବଗିଚାକୁ ଏକ ପରିବାର ମଣି,

କୁହେଇଲା ସେ ବଗିଚା ରାଣୀ ।

ଗଛମାନେ ହେଲେ ତା ପିଲା,

ସେ ହେଲା ତାଙ୍କ ମା ।

ଗଛ ପ୍ରତି ତା'ର ସ୍ନେହ ଦେଖି,

ମୁଁ ତାକୁ ଦେଲି ନାଁ "ବଗିଚା ରାଣୀ ମା" ।

ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଶାନ୍ତିଲତା ପଣ୍ଡା



ମାନବ ରୂପରେ  ଜନମ  ଲଭିଛି
ପବିତ୍ର ମାଟି ଉପରେ
ତାହାରି ସେବାରେ ଗଢିଛି ଶରୀର
ଜୀବନ ମୋ ଗତି କରେ
ସେବାରୁ ସେବକ ହେବା ପାଇଁ ପ୍ରଭୁ
ମାଗୁଣି ଏତିକି ମୋର
ଦୁଃଖି ରଙ୍କି  ହୃଦେ ପାଇବାକୁ ସ୍ଥାନ
କରିବି ସେବା ତାଙ୍କର
ପଙ୍ଗୁ ଅସହାୟେ ସେବା କରିବାକୁ
ହେବିନି କୁଣ୍ଠିତ କେବେ
ହାତ ଧରି ତାଙ୍କ ବାଟ କଢାଇବି
ଥିବି ଯେତେଦିନ ଭବେ
ସେଜ୍ଞାକୁ କରିବି ଜୀବନରେ ବ୍ରତ
ସେବାହିଁ  ପରମ ଧର୍ମ
ସତ୍ୟର ପଥରେ ହେବି ଅଗ୍ରସର
କରୁଥିବି ସତକର୍ମ

ସତ୍ୟ ନିଷ୍ଠା ଭାବ ହେବ ମୋ ସାଧନା
ଦୁର୍ଜନୁ ରହିବି ଦୂରେ
ସେବକର ଭାବ ତୋଳିବ ମୂର୍ଚ୍ଛନା
ପ୍ରତିଟି ରକ୍ତ କଣାରେ
ମାନବର ସେବା ମାନବର ସେବା
ପଢିଛି ପୁସ୍ତକେ ମୋର
ସେଇ ମନୋଭାବ ରଖିବାକୁ ହୃଦେ
ଚିନ୍ତୁଥିବି ନିରନ୍ତର
ଦିଅ ମନୋବଳ ସାହସ ଶକତି
ପ୍ରଭୁ ହେ ଏତିକି ଅଳି
ସେବାର ସାଧନା କରିବାକୁ ସଦା
ଆଶୀଷ ଦିଅହେ ଢାଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ରମେଶ ଟାକ୍ରୀ



ଅନେକ ସଦଗୁଣ କରିଣ ଧାରଣ
ସେବକଟିଏ ମୁଁ ହେବି
ସେବା ସହଯୋଗ କରୁଥିବି ଆଗ
ନିଜ ପରିଚୟ ଦେବି ।0।

ଯାହା ପାଇଁ ଯାହା ଲୋଡ଼ା ହୁଏ ତାହା
ଦେବାର ପ୍ରୟାସ କରି
ଯେତିକି ପାରିବି ଯେତିକି କରିବି
ଅନେକ ସମୟ ଧରି ,

ପରିସ୍ଥିତି ଦେଖି ତ୍ୟାଗ ନୀଷ୍ଠା ରଖି
ଆପଣା କାର୍ଯ୍ୟ କରିବି ।୧।

ସେବା ଧର୍ମ ପ୍ରତି ବଢାଇଣ ପ୍ରୀତି
କରିବି ଆଦର୍ଶ କର୍ମ
ସେବାରେ ଧର୍ମରେ ଥିବି ମୁଁ ଆଗରେ
ସାର୍ଥକ ହେବ ମୋ ଶ୍ରମ,

ଉଚ୍ଚ ନୀଚ ଭାବ ମନରେ ନ ଥିବ
ସମ ଭାବନା ରଖିବି।୨।

ସେବା ଯୋଗାଇବି ମନେ ଖୁସି ଦେବି
ସମାନ ଭାବନା ରଖି
ଏଭଳି ସେବାର ହୋଇବ ଆଦର
ହୋଇବେ ନାହିଁ କେ ଦୁଃଖୀ ,

ସେବା ସହଯୋଗ ହୃଦୟରେ ଥିବ
ଏ କଥା ଭୁଲି ନ ଯିବି ।୩ ।

ଏ ବି ଇ ଓ ତେନ୍ତୁଲିଖୁଣ୍ଟି, ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ସଂଯୁକ୍ତା ସାହୁ



ସେବା କରିବାକୁ ଲୋଡାନାହିଁ କେବଳ ଧନ
ହୃଦୟ ଭିତରୁ ନିଷ୍ଠା ଥିବ ଯଦି ଏଇ ମନ ।
ଅନେକ ଉପାୟ ରହିଛି ସେବା କରିବାକୁ
ପ୍ରଭୁ ଗୁଣ ଦେଇଛନ୍ତି ଏ ଦୁର୍ଲ୍ଲଭ ମଣିଷକୁ ।
କାହାର ଦୁଃଖ ଦୂର କରିଦେଇ ପାରିବ
କାହାର କଷ୍ଟକୁ ଯଦି ଲାଘବ କରିଦେବ ।
କାହାକୁ ପଦେ ସାନ୍ତ୍ୱନା ବାଣୀ ଦେଇଥିବ
ତାହାରି ମନରେ ଅସୀମ ଧୈର୍ଯ୍ୟ ବଢ଼ିବ ।
ସାହାଯ୍ୟ ସହାନୁଭୂତି କାହାପ୍ରତି ରଖିଲେ
ପ୍ରଭୁଙ୍କ ଆଶିଷ ନିଶ୍ଚୟ ଲଭିବ ଭଲେ ।
ଅସହାୟତାକୁ ସାହାଯ୍ୟ ହାତ ବଢାଇବ
ନିଜ ଭାଗ୍ୟରେ ପୁଣ୍ୟ ଅର୍ଜନ କରିବ ।
ମାଆ,ବାପା,ଜନ୍ମଭୂମିକୁ କରିଲେ ସେବା
ଜୀବନରେ ନିଶ୍ଚୟ କିଛି ସୁକୃତ ପାଇବା ।
ପ୍ରଭୁଙ୍କ ସେବାରେ ଯେ ନୀତି ଲୟ ରଖିବ
ଜୀବନର ସବୁ ଦୁଃଖ କଷ୍ଟ ଲାଘବ ହେବ ।
ଚାଷୀ, ସୈନିକ, ଡାକ୍ତର, ପୋଲିସ, ଶିକ୍ଷକ
ଦାୟିତ୍ୱ ରୂପରେ ଏମାନେ ସବୁ ସେବକ ।
ସାହାଯ୍ୟ କରୁଥିଲେ ଦୁଃଖୀ ଦରିଦ୍ରଙ୍କୁ
ସେବା କରୁଥିବ ଚିହ୍ନି ତାଙ୍କ ହୃଦୟକୁ ।
ଜୀବନ କାଳରେ ସେବକଟିଏ ମୁଁ ହେବି
ସାହାଯ୍ୟ କରିବାକୁ ସଦା ଚେଷ୍ଟା କରୁଥିବି ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

କଳ୍ପନା ବିନ୍ଧାଣୀ



ସେବକଟିଏ ମୁଁ ହେବି
ସେବା ଦାନରେ ମୁଁ ନ ହେବି କୃପଣ
ସେବା ଧର୍ମ ଆଚରିବି ।
ପରିବାର ଠାରୁ ଗ୍ରାମ
ଦେଶ ଜାତି ପାଇଁ ସେବା କରୁଥିବି
ସାଧି ମହତ କରମ।
ସମାଜ ହିତରେ ଥିବି
ଶିକ୍ଷା, ସ୍ୱାସ୍ଥ୍ୟ, ସେବା ଜଗତ କଲ୍ୟାଣେ
ନିଜକୁ ସମର୍ପି ଦେବି ।
ଲୁହ ପୋଛି ହସ ଦେବି
ଭୀମଭୋଇଙ୍କର ମହତ ବାଣୀକୁ
ସଦା କାର୍ଯ୍ୟେ ଲଗାଇବି ।
ସେବକଟିଏ ମୁଁ ହେବି
ସେବା ମୋର ଜପ ସେବା ମୋର ତପ
ମହାମନ୍ତ୍ର କରିଥିବି ।

ମୟୁରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଡଃ ଧନଞ୍ଜୟ ମିଶ୍ର



ଅମୂଲ୍ୟ ଜୀବନ କରେ ମୁଁ ସାର୍ଥକ
ସ୍ୱାର୍ଥ ଚିନ୍ତା କରି ଦୂର
ସଭିଙ୍କୁ ଆପଣା କରୁଥାଏ ସଦା
ନଭାବି କହାକୁ ପର ।।
ଖୁସି ବୀଜ ବୁଣୁଥିବି,
ଦୁଃଖ ର ଥାଳରେ ଭରିଦେବି ସୁଖ
ସେବକ ଟିଏ ମୁଁ ହେବି ।।

ଭୋକ ଉପାସରେ ନ ବିତୁ କା ଦିନ
ନଯାଉ କାହାର ପ୍ରାଣ
ସ୍ୱକୀୟ ସାମର୍ଥ୍ୟେ ଭୋକିଲା ଉଦର
ଭରିବାକୁ କରି ପ୍ରଣ।।
ମୋ ଭାଗରୁ ଭାଗ ଦେବି,
ପେଟ ପାଇଁ ନାଟ ନ କରୁ କୁହାଟ
ସେବକ ଟିଏ ମୁଁ ହେବି ।।

ନ ଭାଙ୍ଗୁ କା ନିଦ ଶୀତ କାକରରେ
ଫୁଙ୍ଗୁଳା ଦେହକୁ ଧରି
ବହୁ ସଜବାଜ ଆଖି ଦେଖି ଲାଜ
ଢାଙ୍କି ଦେଉ କନା ପାରି ।।
ବିବସ୍ତ୍ର କୁ ବସ୍ତ୍ର ଦେବି,
ଥିବା ନଗ୍ନତାରୁ ନଥିବାକୁ ଭରି
ସେବକ ଟିଏ ମୁଁ ହେବି ।।

ଶରୀରରେ ବଳ ଥାଉ ମୋ ପ୍ରବଳ
ଛିଡା ହୁଏ ବିପଦରେ
ଅନ୍ୟ ର ଦୁଃଖରେ କାନ୍ଧେ କାନ୍ଧ ଦେଇ
ଆହା ପଦ ଟିଏ ଭରେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସମୟେ ସାଥି ହେବି,
ହାତ ପୋଛୁଥାଉ ଶତ ଆଖିଲୁହ
ସେବକ ଟିଏ ମୁଁ ହେବି ।।

ମତେ ଯେ ଦେଇଛି କିବା ତାକୁ ଦେବି
କରିବି ତାର ସୁରକ୍ଷା
ଗଛ ଲଗାଇବି ସ୍ୱଚ୍ଛତା ଆଦରି
ଜୀବନରେ ଏହା ଦୀକ୍ଷା ।।
ସୁନାଗରିକ ଟେ ହେବି,
ସମାଜ ନିର୍ମାଣେ ନିଜକୁ ସମର୍ପି
ସେବକ ଟିଏ ମୁଁ ହେବି ।।

ମୋ ଭାଗ୍ୟରେ ଯଦି ଅଛି ସୁଖ ଲେଖା
ବାଣ୍ଟିବି ବିନା ଦ୍ୱିଧାରେ
ଶରୀର ସଂସାର ସମାଜ ସାହିତ୍ୟେ
ରତ ଥିବି ଉନ୍ନତିରେ ।।
ଅନ୍ୟ ପାଇଁ ବଞ୍ଚୁଥିବି,
ଶେଷ ଶ୍ୱାସ ଯାଏ ସେବା କରୁଥାଏ
ସେବକ ଟିଏ ମୁଁ ହେବି ।।

ବାଗସରପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଶୁଭଶ୍ରୀ ଖୁଣ୍ଟିଆ



ଜାତି, ଧର୍ମ, ବର୍ଣ୍ଣ ଭେଦ ଭାବ ଛାଡି
ସେବକ ଟିଏ ମୁଁ ହେବି
ନିସ୍ୱାର୍ଥପର ସେବା ଦାନକରି
ସଭିଙ୍କ ଲୁହ ପୋଛିବି

କର୍ମ ହିଁ ଜୀବନ ସେବା ହିଁ ଧର୍ମ
ହେବ ମୋର ଏଇ ବ୍ରତ
ମାନବ ସେବାରେ ଜୀବନ ବିତାଇ
ମାଧବ ଙ୍କୁ କରି ପ୍ରିତ

ଲୋକଙ୍କ ମୁହଁରେ ହସ ଫୁଟାଇବି
ପୋଛିବି ସଭିଙ୍କ ଲୁହ
ଅନ୍ଧାର ରାତିର ଦୀପ ଶିଖାଟିଏ
ହୃଦୟ୍ କରିବି ଜୟ୍

ଅନ୍ୟ ମୁଖେ ଯେବେ ହସଟି ଭରିବ
ଆତ୍ମା ମୋ ପାଇବ ଶାନ୍ତି
ମନୁଷ୍ୟ ଜନ୍ମ ମୋ ସାର୍ଥକ ହୋଇବ
ମିଳିଯିବ ମହା ମୁକ୍ତି

ସ୍ୱାର୍ଥ, ଅହଂଭାବ ମନୁ କରି ତ୍ୟାଗ
ପରକୁ ଆପଣା କରି
ଅନ୍ୟ ଦୁଃଖେ ଦୁଃଖୀ ଅନ୍ୟ ସୁଖେ ସୁଖୀ
ବାହିବି ଜୀବନ ତରୀ

କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଡଃ ତାନଶ୍ରୀ ପାଣିଗ୍ରାହୀ



ସବିତା ସାଜିବି ଆଲୋକ ଜଳାଇ
ଅନ୍ଧାର ଦେବି ଦୂରେଇ
ସଳିତା ହୋଇ ମୁଁ ନିତି ଜଳୁଥିବି
ସଂସାର ମଙ୍ଗଳ ପାଇଁ...

ଗୋଲାପ ଫୁଲଟେ ନ ହୋଇ ପାରିଲେ
ଛୋଟ ମଲ୍ଲୀଟିଏ ହେବି
ଭକତି କରିବି ହୃଦୟେ ଜଗାଙ୍କୁ
ତାଙ୍କ ପୂଜାରେ ଲାଗିବି...

ଦୁଃଖୀଙ୍କ ଆଖିରୁ ପୋଛିଦେବି ଲୁହ
ସେବାକୁ କରିବି ବ୍ରତ
ମାନବ ସେବା ହିଁ ମାଧବଙ୍କ ସେବା
ଈଶ୍ୱର ହୋଇବେ ପ୍ରୀତ...

ପିତା ମାତା ମୋର ଚଳନ୍ତି ଠାକୁର
ତାଙ୍କର ସେବା କରିବି
ଗୁରୁ ଗୁରୁଜନେ ଦେବି ମୁଁ ସମ୍ମାନ
ତାଙ୍କ ଆଶିଷ ଲଭିବି...

ଅନ୍ୟର ଦୁଃଖରେ ଦୁଃଖୀ ମୁଁ ହୋଇବି
ଅନ୍ୟର ସୁଖରେ ସୁଖୀ
ସହାନୁଭୂତିର ହାତ ବଢାଇବି
ବିନୟ ଭାବକୁ ମାଖି...

ତ୍ୟାଗ ଅହିଂସାକୁ ହୃଦୟରେ ରଖି
ଦେଶର କାମ କରିବି
ମାଟି ମାଆର ମୁଁ ଅମୃତ ସନ୍ତାନ
ସେବକଟିଏ ମୁଁ ହେବି ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଲତା ବେହେରା



ସେବକଟିଏ ମୁଁ  ହେବି ମହାପ୍ରଭୁ
ତୁମ ସେବା କରୁଥିବି
ସକାଳୁ ଉଠିଲେ ତୁମ ନାମ ଧରି
ଫୁଲ ତୋଳିବାକୁ ଯିବି ।

ସେଇ ଫୁଲେ ତୁମ ପାଇଁ ମାଳ କରି
ଗଳେ ଲମ୍ବେଇଣ ଦେବି
ତୁଳସୀ ଦୟଣା ମଲ୍ଲୀ ଜୁଇ ହେନା
ନାନା ପୁଷ୍ପ ଅରପିବି  ।

ଅଗୁର ଚନ୍ଦନ ସୁବାସିତ ଜଳ
ଗଙ୍ଗା ଜଳ ଆଣି ଦେବି
ମଥାରେ ଚନ୍ଦନ ଟୋପା ମୁଁ  ସଜେଇ
ତୋ ପାଦତଳେ ବସିବି  ।

ପାଟ ପିତାମ୍ବରୀ ପିନ୍ଧେଇ ଦେବି ମୁଁ
ଧୂପ ଦୀପରେ ପୂଜିବି
ଫୁଲ ଫଳ ଦେଇ ଅତି ଶରଧାରେ
ଜଗା ତୋତେ ଖୋଇଦେବି ।

ଏଇ ହାତେ ମୋର ସେବି ତୋ ପୟର
କେତେ ଶାନ୍ତି ମୁଁ ପାଇବି
ଉଜାଗର ରହି ଆହେ ଭାବଗ୍ରାହୀ
ରାତି ମୋ କଟେଇ ଦେବି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋତେ ଦେଖୁଥିବି ସେବା କରୁଥିବି
ତୋ ନାମକୁ ଜପୁଥିବି
ଭକତିର ପୁଷ୍ପ ହୃଦୟର ଅର୍ଘ୍ୟ
ଦୀପ ମୋର ଜାଳୁଥିବି ।

ନିଜ ହାତେ କ୍ଷୀରି କରି ଚକ୍ରଧାରୀ
ଶରଧାରେ ବାଢିଦେବି
ଅତି ଯତନରେ ସ୍ନେହ ଶରଧାରେ
ହାତେ ମୋର ଖୁଆଇବି ।

ନିତ୍ୟ ସେବା ତୁମ କରୁଥିବି ପ୍ରଭୁ
ମଣୋହୀ କରାଇ ଦେବି
ପହଡ ପକେଇ ତୋ ବିଶ୍ରାମ ସରିଲେ
ମୁଖ ତୁମ ପଖାଳିବି ।

ଆସିଲେ ରଜନୀ ପ୍ରଭୁ ଚିନ୍ତାମଣୀ
ଶେଯ ତୋ ବିଛେଇଦେବି
ବିଶ୍ରାମ ନେବାକୁ ଅନୁରୋଧ କରି
ତୋ ପାଦ ମଞ୍ଜିଲୁ ଥିବି ।

ପହଡ ପକେଇ ତୋ ଉଠିବା ଚାହିଁ
ଆପେକ୍ଷା ମୁହିଁ କରିବି
ତୋ ମୁଖ ଦେଖିଣ ମୋ ଦୁଖ ଭୁଲିଣ
ତୋ ପାଦେ ଆଶ୍ରିତା ହେବି ।

ତୁ ଆଶିଷ ଦେଲେ ସେବକଟିଏରେ
ନିଶ୍ଚିତ ହେଇ ପାରିବି
ତୋର ନାମ ଜପି ତୋ ପୟର ସେବି
ଏଇ ଭବରୁ ତରିବି ।

ଜକା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ନଳିନୀ ପ୍ରଭା ମିଶ୍ର



ସେବା ଭାବ ମନେ ହେଉ
ମୋ ଉଦ୍ରେକ ସେବକ ହୋଇ ପାଇଁ
ସେବା କାର୍ଯ୍ୟ ଠାରୁ ମହାନ୍ କର୍ମ
ଏହି ସଂସାରରେ ନାହିଁ ।
ସେବା ବହୁ ରୂପ କର୍ମ ଆଭିମୁଖ୍ୟ
କେତେ ବେଳେ କେଉଁ ଠାରେ
ସେବାର ସୁଯୋଗ ମିଳିଯିବ ଯେବେ
କରିବି କର୍ମ ତତ୍ପରେ ।
ଯୁଦ୍ଧ ସମୟରେ ଆହତ ଙ୍କ ସେବା
ଚିକିତ୍ସାଳୟେ ରୋଗୀ ସେବା
ପିତା ମାତା ର ସେବାର
ମହତ୍ତ୍ୱ କି ! ଉପମା ତା'ରେ ଦେବା ।
ଦୁସ୍ଥର ଦୁଆରେ ସେବକଟିଏ ମୁଁ
ଫେଡିବି କଷଣ ତା'ର
ପ୍ରଭୁଙ୍କ ସେବାରେ ଏ ଜୀବନ
ଯାଉ ଏହି ଅଭିଳାଷ ମୋର ।
ସେବା ହିଁ ପରମ ସେବା ହିଁ ଧରମ
ସେବା ହିଁ ଉଚିତ କର୍ମ
ସେବକ ହିଁ ଜାଣେ ସେବାର
ମହତ୍ତ୍ୱ ଅର୍ଜିତ ପୂଣ୍ୟ ମର୍ମ ।
ସେବକଟିଏ ମୁଁ ଏ ଦେଶର
ପାଇଁ ଉତ୍ସର୍ଗ ଜୀବନ ମୋର
ଏ ମାଟି ବକ୍ଷରେ ଆଙ୍କିଯିବି
ମୋର ଅମର ଗାଥାର ଗାର ।
ସେବକଟିଏ ମୁଁ ହେବି ଏହି
କଥା ମନେ ଜାଗେ ନିରନ୍ତର
ମହାପୁରୁଷ ମହାନ୍ ବାଣୀକୁ
କାର୍ଯ୍ୟ ରେ କରି ସାକାର ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଡଃ ନାରାୟଣ ଚନ୍ଦ୍ର ସେନାପତି



ଗର୍ବ ଅହଙ୍କାରକୁ ଛାଡ ପତ୍ର ଦେଇ
ଉଦାରତାକୁ  ବୋହୂ କରି ଆଣିବି ମୁଁ
ଯିଏ ଖାଣ୍ଟି ଓଡ଼ିଆଣୀ
ଓଠରେ ମୃଦୁ୍ୟ ହସ
ଭାବନାରେ ମହୁ ରସ
ଭେଦ ଭାବଠୁ ବହୁ ଦୂରରେ ମୋ ଭିତରେ ରହି
ସଭିଙ୍କ କରିବ ସେବା
ଯେମିତି ସଭିଏଁ କହିବେ
ଇଏ ବୋଧେ ଓଡ଼ିଶାର ଦ୍ୱିତୀୟ ଉତ୍କଳମଣି

କିଏ କହିବା ଆଗରୁ ସହାନୁଭୂତି ରେ
ପୋଛି ଦେବି ତା ଆଖିର ଲୁହ
ତା ଦୁଃଖ ଜାଣିଲେ କାନ୍ଧରେ କାନ୍ଧ ମିଶାଇ
ଶୂନ୍ୟ କରିଦେବି ତା ଛାତିର କୋହ
ରୋଗ ପାଇଁ ହେବି ମଲମ
ତା ଖାତା ପାଇଁ ସାଜିବି କଲମ

ସରାଗର ତୂଳୀରେ ଆଦରରେ ଆଙ୍କିଦେବି
ନିଷ୍ଠୁର ନିଦାଘ ଛାତିରେ
ପ୍ରଣୟର ହିମବାହ।

କାହାର ନିସ୍ତେଜ ଆଖି ଦେଖିଲେ
ଅଜ୍ଞାତରେ ପଠେଇ ଦେବି ମହଣେ ସୁଖ
କିଏ ଆତୁର ହୋଇ ସାହାଯ୍ୟ ମାଗିଲେ
ତା ଭାଗ୍ୟ ଆକାଶରେ ସାଜିବି ଶୁକ୍ଳପକ୍ଷ
ଭୋକିଲା ପେଟରେ ଦେବି ଦାନା
ଫୁଙ୍ଗୁଳା ଦେହକୁ ଦେବି କନା
ନିରାଶ୍ରୟକୁ ଦେଇ ଆଶ୍ରୟ
ଉତ୍ଫୁଲ୍ଲ କରିବ ତାହା ମୁଖ

Listen to Odia Podcast Original at https://youtube.com/@drjyotiprasad

ଯାହାକୁ ଜାବୁଡ଼ି ଧରିଥିବ ନିର୍ଦ୍ଦୟ ନିଷ୍ଠୁର ଦୁଃଖ ।

ନ ଥାଉ ଧନ ଐଶ୍ୱର୍ଯ୍ୟ ମୋର
ସଭିଙ୍କ ସେବା କରି ହୋଇବି ଖୁସି
ସଭିଏଁ ଖୋଜିବେ ଆଦରରେ
ତାଙ୍କ ଆଶିଷ ଯିବ ମୋ ଉପରେ ବରଷି
ସେବକ ଟିଏ ପରା ମୁଁ
ନ ଥିବ ଇର୍ଷା ଛଳ ମୋ ଉପରେ
ସଭିଏଁ ଢାଳିବେ ସ୍ନେହ ମୋ ଉପରେ
ସାଉଁଟି ଶ୍ରଦ୍ଧା ମମତା ଆଉ ମେଞ୍ଚା ମେଞ୍ଚା ଖୁସି
ନିଶ୍ଚୟ ବନି ଯିବି ଏ ସଂସାରେ
ଏକ ନିରଳସ ନିରାଡମ୍ବର ମହର୍ଷି ।

ଜମ୍ବିରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

# ସେବକଟିଏ ମୁଁ ହେବି

ରୀତାରାଣୀ ଦାଶ



ସେବକଟେ ହେବି ନିଶ୍ଚିତ ଭାବରେ
ରହିଛି ଆତ୍ମବିଶ୍ୱାସ
ଶାନ୍ତ ପରିବେଶେ ନିର୍ବିକାର ଚିତ୍ତେ
ଖୋଲା ଦ୍ୱାରରେ ଅବଶ୍ୟ ।

ଅହଂକାର କିମ୍ବା ପ୍ରାଧାନ୍ୟତା କେବେ
ନୁହଁଇ ମୋ ଅଭିଳାଷ
ନିଜ ପରିଚୟ ମାନ୍ୟତା ଖୋଜିବା
ମୋ ପାଇଁ ଅନାବଶ୍ୟକ ।

କଥା ଦେଇଥିବା କ୍ଷେତ୍ରରେ ରହିବି
ଆପଣ କରିବି ଚେଷ୍ଟା
ଅଭୁଲା ସ୍ମୃତିରେ ହସ୍ତକ୍ଷେପ ନାହିଁ
କାର୍ଯ୍ୟ ସମ୍ପୂର୍ଣ୍ଣରେ ଆସ୍ଥା ।

ହୃଦୟ ଭିତରେ ସଚେତନତା କୁ
କରିବି ମୁହିଁ ଉଦ୍ରେକ
ବିନା ବ୍ୟସ୍ତତାରେ କିମ୍ବା ଅଭିଯୋଗେ
ପ୍ରଶଂସାର ବ୍ୟତିରେକ ।

କାହା ପାଇଁ ଆଉ କେତେ ମାତ୍ରା ଲୋଡ଼ା
ରଖିବି ତାର ମର୍ଯ୍ୟାଦା
ଅନୁଗତ୍ୟ ରହି ବ୍ୟକ୍ତିଗତ ଲକ୍ଷ୍ୟେ
ସେବାକାର୍ଯ୍ୟ ସତ୍ୟ ଚିନ୍ତା ।

ଆବଶ୍ୟକ ବେଳେ ପର ଉପକାରେ
ତ୍ୟାଗର ନମୁନା ଶ୍ରେୟ
ନିଜର ଆରାମ ସମୟ ସୁବିଧା
ହେବ ଯେ କ୍ଷୁର୍ଣ୍ଣ ନିଶ୍ଚୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ଦୋଷ ତ୍ରୁଟି ସଂଶୋଧନ ଦ୍ୱାରା
ମନକୁ ଉତ୍‌ଫୁଲ୍ଲ କରି
ଉତ୍ତମ ମାର୍ଗରେ ସାହାଯ୍ୟ କରିବା
ପରମ ଧର୍ମ ଆଦରି ।

ସମ୍ପଦରେ ଏହା ଉଚିତ ଯେତେ ବି
ଆପଦେ ମୂଲ୍ୟ ଅଧିକ
ଏକନିଷ୍ଠ ହୋଇ ହୃଦବୋଧ କଲେ
ସେବାର ଅର୍ଥ ବ୍ୟାପକ ।

ସେବକଟିଏ ମୁଁ ହୋଇବି ନିଶ୍ଚିତ
ନୁହିଁବି କେବେ ବିଚ୍ୟୁତ
ମାନବ ସେବା ଯେ ମାଧବଙ୍କ ସେବା
ବୁଝି ୟାର ପରମାର୍ଥ ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଟି ରତ୍ନମାଳା ସୁବୁଦ୍ଧି



ସେବା ମୁଁ କରିବି ସେବାକୁ ବାଣ୍ଟିବି
ସଭିଙ୍କ ହୃଦ ଜିତିବି,
ସେବା ମୋ ସାଧନା ମମତା ସୁଗନ୍ଧ
ସେବକ ଟିଏ ମୁଁ ହେବି ।

ପ୍ରଭୁଙ୍କ ଚରଣ ଧୂଳି ମଥା ପରେ
ଜୀବନେ ବ୍ରତ ମାନିବି,
ପ୍ରଭୁଙ୍କ ଇଚ୍ଛାକୁ ଧର୍ମ ମୋ ମାନିବି
ସେବକ ଟିଏ ମୁଁ ହେବି ।

ସ୍ନେହ ଓ ସମ୍ମାନ ବୀଜ ମୁଁ ବୁଣିବି
ପଥ କଣ୍ଟା ହଟାଇବି,
ସମସ୍ତ ମଙ୍ଗଳ କାର୍ଯ୍ୟକୁ କରିବି
ସେବକଟିଏ ମୁଁ ହେବି ।

ଭକ୍ତି ଓ ବିନୟ ଭାବକୁ ଧରିବି
ମୁହଁରେ ହସ ଦେଖିବି,
ଜଗତ କଲ୍ୟାଣ କାର୍ଯ୍ୟକୁ କରିବି
ସେବକଟିଏ ମୁଁ ହେବି ।

ସହାନୁଭୂତିର ହାତ ବଢାଇବି
କରୁଣାକୁ ଭରିଦେବି,
ମାନବର ସେବା ମାଧବର ସେବା
ସେବକଟିଏ ମୁଁ ହେବି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରର ସୁଖରେ ସୁଖକୁ ଖୋଜିବି
ଦୁଃଖରେ ଦୁଃଖୀ ମୁଁ ହେବି,
ନିଷ୍କାମ ମନ୍ତ୍ରର ଦୀପ ମୁଁ ଜାଳିବି
ସେବକଟିଏ ମୁଁ ହେବି ।

ଦୂରରେ ରଖିବି ନିଜ ଅହଙ୍କାର
ପର ଉପକାର କରିବି,
ଅନ୍ଧାରରେ ଦୀପ ହୋଇ ମୁଁ ଜଳିବି
ଆଲୋକକୁ ବିତରିବି ।

ସେବକଟିଏ ମୁଁ ହେବି ।

ବେଙ୍ଗାଲୁରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଭାସ୍କର ରାଉତ



ଅତୀତ ସେବକ ହଜିଗଲେ ଦେଖ
ଆଜିର ସେବକ ପାଶେ
ନିଷ୍କାମ ଭାବରେ ସେବକ ରୂପରେ
ଖଟୁଥିଲେ ସେ ହରଷେ ।
ମୁନିବ ପାଖେ ବିଶ୍ୱାସେ,
ନିଜ ଜୀବନର ଆବଶ୍ୟକ ତାର
ଲଭୁଥିଲା ସେ ସନ୍ତୋଷେ ।।
ଆଜିର ସେବକ ହରାଇ ବିବେକ
ସ୍ୱାର୍ଥ ସାଧନାର ପାଇଁ
ସେବକ ବୋଲାଇ ସେବା ଦେବାପାଇଁ
ଯୋଜନା ଗଢ଼ି ଚାଲଇ ।
ନିଜର ସୁବିଧା ପାଇଁ,
ରଖି ଗଳାବାଟ ଦେଖାଏ ସେ ଆଣ୍ଠ
ମୁନିବ ରହେ ଅନାଇଁ ।।
ସେବାର ନାମରେ ଶୋଷଣକୁ କରେ
ସମାଜରେ ବୁଲି ବୁଲି
ମିଠା କଥା କହି ଜନମନ ମୋହି
କାର୍ଯ୍ୟରେ କରନ୍ତି ଜାଲି ।
ଦିନ ଯାଉଥାଏ ଚାଲି,
ମୁନିବ ଏ ପଟେ ପଡ଼ିଣ ସଂକଟେ
ହେଉଥାଏ ସେହି ଘାଲି ।।
ଆଜି ରାଜନେତା କରି ବହୁ ଚିନ୍ତା
ବୋଲାନ୍ତି ସେହି ସେବକ
ଦେଶ ସେବାପାଇଁ ଆଗୁସାର ହୋଇ
ବଢ଼ାନ୍ତି ନିଜର ଟେକ ।
ସାଜିଣ ନିଜେ ଶୋଷକ,
ଜନତା ଅର୍ଥକୁ ଲଟିଣ ତାହାକୁ
ବଢ଼ାନ୍ତି ନିଜର ଭେକ ।।

ଦେବମାୟା ଭବନ
ଶେରଗଡ଼, ଗଞ୍ଜାମ, ୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ହେମନ୍ତ କୁମାର ସାହୁ



ମଣିଷ ଜନମ ଦୁର୍ଲ୍ଲଭ ଜନମ
ଜୀବ ମଧ୍ୟେ ଶ୍ରେଷ୍ଠ ପରା
ସେ ଲାଗି ଜନମ ଦେଲେଟି ଇଶ୍ୱର
ମୋତେ ଏ ସୁନ୍ଦର ଧରା ।

ମାନବ ସେୱାହିଁ ଇଶ୍ୱରଙ୍କ ସେବା
ଭଲ ରୂପେ ଅଛି ଜାଣି
ଆଉ କି କର୍ମ କରିବି ମହୀରେ
ଯହିଁ ନାହିଁ ପୁଣ୍ୟ ଖଣି ।

ସେ ଲାଗି ଭାବିଛି ସେବା ମୁଁ କରିବି
ମଣିଷ ସମାଜ ନେଇ
ଆପଣାର ଭାବ ସର୍ବ ପରେ ରଖି
ସଦା ଖୁସି ଲଭିବଇଁ ।

ଦୁଃଖୀ ଗରିବଙ୍କ ସେବା କରିଥିଲେ
ଇଶ୍ୱର ହୋଇବେ ଶାନ୍ତି
ଜୀବନ ମୋହର ସାର୍ଥକ ହୋଇବ
ପାପରେ ନୋହିବି ଘାଣ୍ଟି ।

ସେବା ଠାରୁ ବଳି ଧର୍ମ କର୍ମ ଆଉ
ଜୀବନରେ କଣ ଅଛି
ମଣିଷ ଜୀବନ ଅନ୍ୟ କର୍ମେ ଥିଲେ
ମଣିଷ ପଣିଆ ଶାନ୍ତି ।

ମାହାଙ୍ଗା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ସୁନିତା ମହାନ୍ତି



କେଉଁ  ପୂର୍ଣ୍ୟ ବଳେ ମଣିଷ ଜନମ
ପାଇଛି ଆଜି ମୁଁ ସତେ
ସତରେ କାଳିଆ କୋଟି ଧନ୍ୟବାଦ
ଢାଳୁଛି ତୋ ପାଦ ଗତେ ।
ଜନମ ଦେଇଛୁ ମରଣ ବି ସାଥେ
କର୍ମ  ଦେବୁ ଜନ ହିତେ
ଜୀବନ ଜଞ୍ଜାଳେ ଭୁଲିବିନି ତତେ
ମନ ଥିବ ସତ୍ୟ ପଥେ ।
ତୋର ନାମ ହେଉ ମୋ ମୁଖରେ ସାର
ତୋର ଭକ୍ତି ରସ ମନେ
ଭଜନ କୀର୍ତ୍ତନ ତୋର ପାଇଁ ସଦା
ଗାଉ ଥାଏ ସଦା ଧ୍ୟାନେ ।

ଦୁଃଖି ଦରିଦ୍ରଙ୍କ ସେବାରେ ରଖିବୁ
ଦୟା କରୁଣାରେ ଭରି
ସମାଜ କଲ୍ୟାଣ ହେଉ ମୋ ଲକ୍ଷଣ
ଦିନ ଯାଉ ମୋର ସରି  ।
ସେବକଟିଏ ମୁଁ ହେବି ତୋ ମନ୍ଦିରେ
ଗାଇବି ନାମ ତୋହରି
ତୋ ଛଡା ତୁଳସୀ ବାଣ୍ଟିବି ଭକ୍ତଙ୍କୁ
ବେତ ମାଡ଼ ଦେବୁ ହରି ।
ଦୁଃଖରେ ନାହିଁ କି ସୁଖରେ ତ ନାହିଁ
ଯେମିତି ରଖିଛୁ ମତେ
ଖୁସିରେ ଅଛି ରେ ମୋ ଛୋଟ ସଂସାରେ
ତୋ ଆଶିଷ ଭରି ମାଥେ  ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ କିଛି ବାଟ ଅଛିରେ କାଳିଆ

ସଞ୍ଜ ହୋଇଲାଣି ଆସି

ଚଲା ବାଟେ ମୋତେ ସାହା ହୋଇଥିବୁ

ଝୁଣ୍ଟି ନ ପଡିବି ଖସି ।

ସେବାରେ ଥିଲି ମୁଁ ତୋ ଚରଣ ଧ୍ୟାଇ

ଭଲ ମନ୍ଦ ନାହିଁ ଭାବି

ଦେଉଳ ଖରକି ତୁଳସୀ ଗୁନ୍ଥି ମୁଁ

ସେବକ ଟିଏ ମୁଁ ହେବି ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ସଚିକାନ୍ତ ରଥ



ସେବା ମନୋଭାବ ଦୁନିଆଁରେ ଶ୍ରେଷ୍ଠ
ସେବା ହେଉ ଆମ ପରମଧର୍ମ,
ସେବାର ମହତ୍ୱ ବୁଝି ଯେ'ପାରିଛି
ସାର୍ଥକ ହୋଇଛି ତା'ର ଜନମ ।

ଆଖିର ଲୁହକୁ ଘିଅରେ ବଦଳି
ହୃଦୟର ଦୀପ ଜାଳିବି ନିତି,
ଛାତିର କୋହକୁ ସଳିତା ସଜେଇ
ସେବା ହୋଇବ ମୋ ଜୀବନ-ବ୍ରତୀ ।

ବାପା ମାଆ ଆମ ପ୍ରତ୍ୟକ୍ଷ ଠାକୁର
ତାଙ୍କ ସେବା ଆମ ଜୀବନ-ବ୍ରତ,
ତାଙ୍କରି ଆଶିଷ ମଥାରେ ସାଜିଲେ
ସନ୍ତାନ ଜନମ ହେବ ପବିତ୍ର ।

ଗୁରୁ ଗୁରୁଜନ ଅକ୍ଷମ ମଣିଷ
ସେବାପାଇଁ ସଦା ହେବି ତତ୍ପର,
ଯିବ ଯଦି ଯାଉ ଏଇ ମୋ ଜୀବନ
ଜୀବନଟା ଏଠି କ୍ଷଣ-ଭଙ୍ଗୁର ।

ଜୀବନରେ ସବୁକିଛି ସାମୟିକ
ସେଥିପାଇଁ ସେବା ଭାବକୁ ବହି,
ସେବା ହେବ ଧର୍ମ ସେବା ହେବ କର୍ମ
ଯେତେଦିନ ଥିବି ମହୀରେ ଜିଇଁ ।

ଲୁହର ସମୁଦ୍ର ହୃଦୟରେ ଭରି
ସେବାର ସେବକଟିଏ ମୁଁ ହେବି,
ଯେତେ ଝଡଝଞ୍ଜା ଆସୁ ଏ ଜୀବନେ
ସେବାପାଇଁ ପଛେ ଜୀବନ ଦେବି ।

Listen to Odia Podcast Original at https://youtube.com/@drjyotiprasad

ନୁହେଁ ମୁଁ ଶ୍ରୀମାଆ ଅବା ରମାଦେବୀ
ନତୁବା ଫ୍ଲରେନ୍ସ ନାଇଟିଙ୍ଗେଲ,
ଗୁଣ୍ଠୁଚି ମୂଷାର ପ୍ରତୀକ ସାଜି ମୁଁ
ସେବାକୁ କରିବି ଅମୁଲମୁଲ ।
ଭିନ୍ନ ଭିନ୍ନ ସେବା ଅଛି ପ୍ରଚଳିତ
ସେବକଟିଏ ମୁଁ ହେବି ଯାହାର,
ନିମଗ୍ନ ରହିବି ସେହି ସେବାପାଇଁ
ତାହାକୁ ମଣିବି ହୃଦ-ଠାକୁର ॥

ଶକ୍ତିବିହାର, ଭୁବନେଶ୍ୱର ॥

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ନରେନ୍ଦ୍ର କୁମାର ଦାସ



ସେବକଟିଏ ମୁଁ ହେବି ଜଗନ୍ନାଥ
ସେବକଟିଏ ମୁଁ ହେବି,
ତୋ ବଦନ ଚାହିଁ ତୋ ଭଜନ ଗାଇ
ଜୀବନ ଧନ୍ୟ କରିବି ।
ବଡ଼ ଦାଣ୍ଡ ଧୂଳି ମଥାରେ ମୁଁ ବୋଳି
ସିଂହ ଦୁଆରକୁ ଯିବି ,
ବାଇଶି ପାହାଚେ ଶରୀର ଗଡ଼ାଇ
ନୀଳ ଚକ୍ର ମୁଁ ଦେଖିବି ।
ବାଇଶି ପାହାଚେ କାଶୀ ବିଶ୍ୱନାଥ
ପାଦେ ପ୍ରଣତୀ ଢାଳିବି ,
ବେଲ ପତ୍ର ହାର ପିନ୍ଧାଇ ଗଳାରେ
ଧୂପ ଦୀପ ସମର୍ପିବି ।
ଜଞ୍ଜାଳରେ ମୋତେ ବୁଡ଼ାଇ ରଖିଛୁ
ଭାବେ ତୋ ପାଖକୁ ଯିବି ,
ଅରୁଣ ସ୍ତମ୍ଭର ପଛରୁ ଥାଇ ମୁଁ
ତୋର ଶ୍ରୀମୁଖ ଦେଖିବି ।

ମନ୍ଦିର ଭିତରେ ପ୍ରବଳ ଭିଡ଼ରେ
ନିରୋଳା କାହୁଁ ପାଇବି ?
ଅନେକ ଦିନରୁ ସାଇତା ଲୁହରେ
ପାଦ ତୋର ଧୋଇ ଦେବି
ଯାଏ ଭାବି ଭାବି ଟିକେ ଥକ୍କା ନେବି
ମନ ଖୋଲି କଥା ହେବି ,
ଥରେ ଦେଖି ଦେଲେ କାଳିଆରେ ତତେ
ସବୁ ଦୁଃଖ ଭୁଲି ଯିବି ।
ପଣ୍ଡା ବେତ ବାଡ଼ି ନିଏ ମତେ ତଡ଼ି
ଦଣ୍ଡେ ମୁହିଁ ଠିଆ ହେବି,
ଏତେ ଦୂରୁ ଯାଇ ଶୀଘ୍ର ଫେରିବାକୁ
କିପରି ମୁହିଁ ଚାହିଁବି ।

Listen to Odia Podcast Original at https://youtube.com/@drjyotiprasad

ଡୋରି ଲଗାଇ ତୁ ନେଇଛୁ କାଳିଆ
କିପରି ଭୁଲି ପାରିବି ,
ଯେତେ ଦେଖିଲେ ବି ମନ ବଳୁ ନାହିଁ
କିପରି ଛାଡ଼ି ଆସିବି ।
ତୋ ବଡ଼ ଦେଉଳେ ଦୀପଟିଏ କର
ଦିନ ରାତି ଜଳୁ ଥିବି ,
ଦୟଣା ତୁଳସୀ କରିଦେ କାଳିଆ
ତୋ ଦେହେ ଲାଗି ରହିବି ।
ପଦ ଧୂଳି କରି ରଖିବୁ କାଳିଆ
ସେବକଟିଏ ମୁଁ ହେବି,
ତୋ ପଦରେ ରହି ସବୁ ଭୁଲି ଯାଇ
ଜୀବନ ଧନ୍ୟ କରିବି ।

ଅବସର ପ୍ରାପ୍ତ ଶିକ୍ଷକ
ଦଶରଥ ପୁର, ଯାଜପୁର
ମୋ-୭୭୩୫୬୦୭୨୮୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ବିଦ୍ୟୁତ ପ୍ରଭା ମିଶ୍ର



ସେବାକୁ କରିବି ଜୀବନର ବ୍ରତ
ସେବକଟିଏ ମୁଁ ହେବି,
ଦୁଃଖିଙ୍କ ନୟନୁ ଲୋତକକୁ ପୋଛି
ଧନ୍ୟ ନିଜକୁ ମଣିବି ।
ଦେଶ ଜନନୀର ସେବା କରିବାକୁ
ପଛେଇ ଯିବନି କେବେ,
ମୋ ଦ୍ୱାରା ହୋଇବ ସମ୍ଭବ ଯେତିକି
କରିଯିବି ମୁହିଁ ଭାବେ ।
ମାନବର ସେବା ମାଧବ ଙ୍କ ସେବା
ଏହା ଭାଗବତ ବାଣୀ,
ଦୁଃଖୀଜନ ଙ୍କର ସେବାକରୁଥିଲେ
ପୁଣ୍ୟତା ନହୁଏ ଗଣି ।
ଇଛା ଥିଲା ମୋର କରିଥାନ୍ତି ସେବା
ଡାକ୍ତର ଟିଏ ହୋଇ,
ଭାଗ୍ୟରେ ମୋହର ନାହିଁ ମୋର ପ୍ରଭୁ
ଅବଶୋଷ ଗଲା ରହି ।

ଭାଷା ଜନନୀର ସେବା କରୁଥିବି
ନିତି ନିତି କିଛି ଲେଖି,
ସୁସ୍ଥ ଥିବା ଯାଏ ହାତ ଟି ମୋହର
ଭଲ ଥିବା ଯାଏ ଆଖି ।
କରିବକି ପ୍ରଭୁ ସେବାକାରୀ ଟିଏ
ତୁମରି ଚରଣ ତଳେ,
ନିତି ଦେଖୁଥାନ୍ତି ତୁମରି ମୂରତି
ଏଇମୋର ନେତ୍ର ଡୋଳେ ।
ଗୁନ୍ଥି ହସ୍ତେ ଫୁଲ କରୁଥାନ୍ତି ମାଳ
ଶୋଭୁ ଥାନ୍ତା ତୁମ ଅଙ୍ଗେ,
ଏହି ଭାଗ୍ୟ ମୋର ଦିଅନ୍ତ କି ପ୍ରଭୁ
ଚରଣେ ତୁମର ମାଗେ ॥

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଋତୁ ମହାନ୍ତି



ଜଗତର ନାଥ ଆହେ ଜଗନ୍ନାଥ
ପ୍ରଭୁ ନୀଳଗିରି ବାସୀ
କରମ ଆଦରି ଶରଣ ତୁମରି
ପଦ ତଳେ ଅଛି ବସି (୧)

ଆହେ ଚିନ୍ତା ମଣି ଦିନ ଦୁଃଖମଣି
ସେବକଟିଏ ମୁଁ ହେବି
ତୁମ ପାଦତଳେ ଶରଣ ଦିଅ ହେ
ତୁମ ନାମ ଗାଉଥିବି (୨)

ସଞ୍ଜ ସକାଳରେ ତୁମରି ଚିନ୍ତନେ
ସମୟ ଯାଉ ମୋ ବିତି
ହୃଦ କନ୍ଦରରୁ ତୁମକୁ ଠାକୁରେ
ଡାକୁଥିବି ଦିନରାତି (୩)

ଦୁଃଖ ଦରିଆରୁ ପାରିକର ପ୍ରଭୁ
ଦୁଃଖରେ ଯାଉଛି ସରି
ଦୁନିଆ ଭିତରେ ମୋପରି ଦୁଃଖୀକୁ
ପ୍ରଭୁ କରିଦିଅ ପାରି (୪)

ଭଜି ଭଜି ନାମ ହେ ଚକାନୟନ
ଦିନ ମୋର ଯାଉ ସରି
ଭକ୍ତି ଭାବ ମୋତେ ଦିଅ ମହାବାହୁ
ତୁମ ଗୁଣ ହେବି ସ୍ମରି (୫)

ସେବକ ହୋଇ ମୁଁ ସେବା କରୁଥିବି
ତୁମ ନାମ ଗାଇ ଗାଇ
ଏତିକି ଗୁହାରି କରେ ମୁଁ ସେବକ
ଶୁଣ ଆହେ ଭାବଗ୍ରାହୀ (୬)

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ଶ୍ୟାମା ପ୍ରସାଦ ବୋଷ



ସେବକ ଟିଏ ମୁଁ ହେବାକୁ ଚାହୁଁଛି
ସେବକଟିଏ ମୁଁ ହେବି
ସେବା ମନୋବୃତ୍ତି ହୃଦୟେ ସାଇତି
ସେବାରେ ମୁଁ ଧ୍ୟାନ ଦେବି । ୧

ସେବକର ସ୍ଥିତି ଦୀନ ଦୁଃଖି ପ୍ରତି
ସେବକ ଭାବରେ ସେବୀ
ସେବାରୁ ନିବୃତ୍ତି ନ ନେବି ସମ୍ପ୍ରତି
ସେବା ଆପଣାଇ ନେବି । ୨

ସେବା କାର୍ଯ୍ୟେ ମାତି ସଦା ଦିନ ରାତି
ସେବାରେ ସମାଜସେବୀ
ସେବକ ପ୍ରବୃତ୍ତି ନିଃସ୍ୱାର୍ଥେ ଜାଗ୍ରୃତି
ସେବାରେ ସନ୍ତୋଷ ହେବି । ୩

ସେବା ଦେଶ ପ୍ରୀତି ଅର୍ଜି ଯଶ କୀର୍ତ୍ତି
ସେବକ ଦେଶର ହେବି
ସେବା କରି ନିତି ଦିନ ଯିବ ବିତି
ସେବା ବଳିଦାନ ଦେବି । ୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେବା ଭାବ ଭକ୍ତି ଧର୍ମେ ଅନୁରକ୍ତି
ସେବା ବିଭୁ ପାଦ ସେବୀ
ସେବା ପୂଜା ଶକ୍ତି ସେବାର ଆସକ୍ତି
ସେବକ ପ୍ରଭୁଙ୍କ ହେବି । ୫

ସେବା ଭାଷା ପ୍ରୀତି ସାହିତ୍ୟିକ କୃତି
ସେବା ସାହିତ୍ୟକୁ ଦେବି
ସେବକର ବୃତ୍ତି ମାତୃଭାଷା ପ୍ରତି
ସେବାକୁ ଆଦରି ନେବି । ୬

ସେବକର ଭିତ୍ତି ମୋ ଜୀବନ ସ୍ଥିତି
ସେବକ ରୂପରେ ସେବୀ
ସେବା ଆତ୍ମତୃପ୍ତି କରିବାକୁ ପ୍ରାପ୍ତି
ସେବକ ଟିଏ ମୁଁ ହେବି । ୭

ଗ୍ରାମ : - ବେଗୁନିଆଁ , ମଲ୍ଲୀକ୍ ସାହି
ପୋଷ୍ଟ : - ଗୋପ୍, ଜିଲ୍ଲା : - ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ରୀତା ଅପରାଜିତା ମହାନ୍ତି



କରିଦିଅ ମତେ ତୁମ
ସେବକଟିଏ ପ୍ରଭୁ ।
ଦିନରାତି ମୁଁ ଚନ୍ଦନ ଘୋରୁଥିବି ।
ସେହି ଚନ୍ଦନ ଲଗାଇ
ମୋ ଜଗା ଦିଶିବ ସୁନ୍ଦର ।
ହେ ମୁଁ ତୁମ ପାଇଁ ଫୁଲ ଗୁନ୍ଥି ଦିଅନ୍ତି ।
ପୁଣି ସଜେଇ ଦିଅନ୍ତି ତୁଳସୀ ଜଟାରେ ଦୟଣାର ମାଳା
ଲମ୍ବାଇ ଦିଅନ୍ତି ତୁମ ଗଳାରେ ।
ମିଳନ୍ତା ଏମିତି ଭାଗ୍ୟ ତୁମ
ସେବକଟି ଏ ହୋଇ ପାରନ୍ତି ।
ଯେଉଁ ରୂପ ଦର୍ଶନ ପାଇଁ
ଯୋଗୀ ମୁନିମାନେ ଅପେକ୍ଷା କରିଥାନ୍ତି ।
ସେହି ରୂପ ମୁଁ ସକାଳ ସନ୍ଧ୍ୟାରାତିରେ ଦର୍ଶନ କରନ୍ତି।
ହେ ପ୍ରଭୁ କରିଦିଅ ତୁମ
ସେବକ ଟିଏ ।
ତୁମ ସେବା କରି ଧନ୍ୟ
ହୁଅନ୍ତା ମୋ ଜୀବନ ।
ଏତିକି ଅଳୀ ଅପରାଜିତାର
ପୂର୍ଣ୍ଣ ହେ ଚକାନୟନ
ଅଗତି ର ଗତି ଦୀନ ଦୁଃଖ ନାଶନ ।

ଭୁବନେଶ୍ୱର -୨୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେବକଟିଏ ମୁଁ ହେବି

ମନ୍ଦାକିନୀ ପାଢ଼ୀ



ନୈତିକ ମୂଲ୍ୟବୋଧ ଆତ୍ମବିଶ୍ୱାସ
ବଢ଼ାଇ ଥାଏ ବ୍ୟକ୍ତିତ୍ୱ
ସ୍ୱାଭିମାନୀ ମଣିଷ ସମାଜ ମଧ୍ୟେ
ସୃଷ୍ଟି କରଇ ଅସ୍ତିତ୍ୱ ।।

ଚିନ୍ତା କର୍ମ ସେବା ସ୍ୱତନ୍ତ୍ର ଶୈଳୀରେ
ଜୀବନର ଗତି କ୍ଷିପ୍ର
ପାଦ କିନ୍ତୁ ଆଗକୁ ବଢ଼ିଥାଏ ତାର
ଗତି ମାନସିକତାର ।।

ସାହସ ଧୈର୍ଯ୍ୟ ସତ୍ୟପଥର ଯାତ୍ରୀ
ଉତ୍ତମ ବ୍ୟକ୍ତିତ୍ୱ ଧାରୀ
କର୍ମ ଏକା ବଡ଼ ବାକି ଯେ ଅସାର
ମହତ କର୍ମେ ସଦାଚାରୀ ।।

ସମାଜର ହିତ ଜୀବନ ଆଧାର
ସ୍ନେହ ଶ୍ରଦ୍ଧା ପ୍ରୀତି ଭାବ
ଜୀବନରେ ସଂଗ୍ରାମ ରତ ସଦା ସେ
ଛୁଏଁ ବିଶ୍ୱାସରେ ନଭ ।।

ବ୍ୟକ୍ତିତ୍ୱର ମୂଳ ସ୍ତମ୍ଭ ସଂଯମତା
ସତ୍ୟ ନ୍ୟାୟ ପରିଭାଷା
ଆଗେଇ ଚାଲଇ ଚରିତ୍ରକୁ ନେଇ
ନମ୍ରତାରେ ପରାକାଷ୍ଠା ।।

ପଦ୍ମପୁର ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବସନ୍ତ ଆସିଛି ଅନନ୍ୟା ବୁଲି

ହେମନ୍ତ କୁମାର ନାୟକ



କବିତା କାନନେ ଫୁଲ ଫୁଟିଅଛି
ଭାସି ଆସୁଅଛି କୋଇଲି ସ୍ୱର
ହଳଦୀ ବସନ୍ତ ସହ ପ୍ରଜାପତି
ଅନନ୍ୟା ଆସର ଲାଗେ ମଧୁର
ଗୁଣୁଗୁଣୁ ଗାଇ କବି କବୟିତ୍ରୀ
ଲେଖନ୍ତି ସାହିତ୍ୟ ଜୀବନ ଗୀତି
ରାତି ଚାରିଟାରୁ ପ୍ରଭୁଙ୍କ ପ୍ରାର୍ଥନା
ଲାଗି ରହେ ସନ୍ଧ୍ୟା ଆରତି ନିତି
ନାରାୟଣଙ୍କର ପୂଜାର ପସରା
ପୁର୍ଣ୍ଣ କରି ଥାଏ ନିତି ଭକତ ମନ
ହେମନ୍ତ ଗଲାଣି ଶୀତ ଫେରିଲାଣି
ବସନ୍ତ ଆଣିଛି ଆଜି ଏ ପୁର୍ଣିମା ଜହ୍ନ
ଦିନ ଠାରୁ ରାତି ବେଶି ଦିଏ ଶାନ୍ତି

ଆସର ଚାଲୁଛି ଏଠି ବାରଟା ଯାଏ
ପୁରୁଣା ଦିନକୁ ବିଦାୟ ଦେବାରେ
କବି ଅନିଦ୍ରାରେ ହାଲୋ ହାଏ କୁହେ
ସ୍ୱର ଯାଦୁକର ନିଅନ୍ତି ଆଗେଇ
ମଳୟ ପବନ ଆସେ ଧିରେ ବହି
ଆସ ଆସ ଭାଇ ଆସ ହେ ଭଉଣୀ
ଆସିଛି ବସନ୍ତ ଲେଖିବା କାହାଣୀ
ଅନନ୍ୟା ଆସର ସ୍ୱତନ୍ତ୍ର କରିବା
ଚିର ବସନ୍ତରେ ମହକ ବାରିବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ ମନ୍ଦିର

ବାସନ୍ତୀ ଲତା ଜେନା



ମନ ମନ୍ଦିରକୁ ଆସ ପ୍ରଭୁ ଥରେ
ବିକଳେ ଅନ୍ତର ଝୁରେ
ନିରାଶା ମରୁରେ ତୁମେ ସ୍ରୋତ ଝର
ତୁମ ନାମ ତୁଣ୍ଡେ ଧରେ ।୧।

କରୁଣା ବାରିଧି ତୁମେ ଦୀନବନ୍ଧୁ
ମୋ ବନ୍ଧୁ ହୋଇବ ବାରେ
ସ୍ନେହ ଶରଧାରେ ଅନାଇ ବସିଛି
ଶ୍ରୀପାଦ ପଡୁ ମୋ ଘରେ ।୨।

ପୂଜା ଥାଳି ମୋର ସଜାଇ ରଖିଛି
ଆରତୀ କରିବି ବୋଲି
ନିତି ପ୍ରତିଦିନ ତୁମକୁ ଚାହିଁଛି
ମୋତେ କି ଯାଇଛ ଭୁଲି ।୩।

ଦାସିଆ ବାଉରୀ କି ପୂଣ୍ୟ କରିଲା
ତା' ଶ୍ରୀଫଳ ହସ୍ତେ ନେଲ
ବଳରାମ ଦାସ ବାଲି ରଥେ ବସି
ତା ମନେ ସନ୍ତୋଷ ଦେଲ ।୪।

ଶ୍ରୀବତ୍ସ ବ୍ରାହ୍ମଣ ଗୋଇଠା ମାରିଲା
ହୃଦୟରେ ସ୍ଥାନ ଦେଲ
ବିଦୁର ଘରର ଶାଗ ଭଜା ଖାଇ
ତୃପ୍ତିର ହସ ହସିଲ ।୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେଉଁ ଅପରାଧ କଲି ପରା ପରା ପ୍ରଭୁ
କରିଛକି ଅଭିମାନ
ଦୋଷ ମୋର ପ୍ରଭୁ କହି ଦିଅ ବାରେ
କରିବି ମୁଁ ସଂଶୋଧନ ।୬।

ମୁହିଁ ଦୀନ ଦୁଃଖୀ ଅଟେ ନୀରୀମାଖି
ପର କରିବୁନି ମୋତେ
ଗୀତ ଗୋବିନ୍ଦ ମୁଁ ପଦୁଟେ ଶିକ୍ଷିଛି
ଶୁଆଇବି କୋଳେ ତୋତେ ।୭।

ଅତୁଟ ବିଶ୍ୱାସ ମନରେ ରଖିଛି
ବିଶ୍ୱାସ ଭାଙ୍ଗିବୁ ନାହିଁ
ମୋ ମନ ମନ୍ଦିରେ ବିରାଜ କରିବ
ସତ୍ୟ ପଥ ଦେବ କହି ।୮।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶ୍ୱାସ

ଲକ୍ଷ୍ମୀ ବିଶ୍ୱାଳ



ଯୁଗ ଯୁଗ ଧରି ଚାରି ଯୋଗରେ ତ
ରହି ଆସିଛି  ବିଶ୍ୱାସ
ସେହି ବିଶ୍ୱାସରେ ଚାଲିଛି ସଂସାର
ନିଶ୍ୱାସ ଆଉ ପ୍ରଶ୍ୱାସ ।।

ବିଶ୍ୱାସ ନ ଥିଲେ ନ ଥାନ୍ତା ଜଗତ
ପ୍ରକୃତ ବିଶ୍ୱାସ ମୂଳ
ବିଶ୍ୱାସର ମୂଳେ ଜଗତ ଚାଲିଛି
ବିଶ୍ୱାସ ହିଁ ସତ୍ୟ ବଳ ।।

ବିଶ୍ୱାସରେ ବନ୍ଧା ବନ୍ଧୁ ପରିବାର
ଦେଶରେ ସମ୍ପର୍କ ଡୋର
ବିଶ୍ୱାସକୁ ରଖି କାର୍ଯ୍ୟକୁ କରିଲେ
ସମ୍ପର୍କ ହେବ ନିଜର ।।

ବିଶ୍ୱାସରେ ଥିଲେ ଯେତେ ଭକ୍ତ ଜନ
ମିଳିଛି ପ୍ରଭୁ ଦର୍ଶନ
ବିଶ୍ୱାସରେ ଥିଲେ ଦୌପତି ଅହଲ୍ୟା
ପାଇଲେ ଅମୂଲ୍ୟ ମାନ ।।

ବିଶ୍ୱାସରେ ଥିଲା ଅଶି ବର୍ଷ ଧରି
ଅବି ବାହିତା ଶବରୀ
ଶ୍ରୀରାମ ପ୍ରଭୁଙ୍କ ଦର୍ଶନ ପାଇ କି
ହୋଇ ଥିଲା ସ୍ୱର୍ଗପୁରୀ ।।

ବିଶ୍ୱାସରେ ସ୍ତମ୍ଭୁ ବାହାରିଲେ ପ୍ରଭୁ
ପ୍ରହ୍ଲାଦ ବିଶ୍ୱାସ ଭକ୍ତି
ଧୃବ ବିଶ୍ୱାସରେ ଘୋର ବନସ୍ତରେ
କରିଲା ତପସ୍ୟା ସ୍ତୁତି ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଶ୍ୱାସରେ ସତ୍ୟ ଧର୍ମ ନ୍ୟାୟ ଅଛି
ବିଶ୍ୱାସ ମୂଳେ ଜଗତ ।।
ବିଶ୍ୱାସରେ ସୃଷ୍ଟି ଏ ସାରା ଜଗତ
ପଶୁ ପକ୍ଷୀ ଆଦି ଜାତ ।।

ସର୍ବ ଜୀବ ମଧ୍ୟେ ମଣିଷ ଜୀବନ
ଶ୍ରେଷ୍ଠ ପ୍ରଭୁ କରିଛନ୍ତି
ବିଶ୍ୱାସରେ ପଶୁ ପକ୍ଷୀ ଜୀବ ମାନେ
ମଣିଷ ପଛେ ଗୋଡାନ୍ତି ।।

ଆହେ ମାନବ ଗଣ ଜ୍ଞାନ ଧର୍ମ ପୂର୍ଣ୍ଣ
ବିଶ୍ୱାସେ ବିଶ୍ୱାସ ରଖ
ନ କର ଛାରଖାର ଏ ସୁନା ସଂସାର
ବିଶ୍ୱାସର ରଖ ଟେକ ।।

ସୋର ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଳା ବଦନ

ହରିହର ମହାନ୍ତ



କଳାକାହ୍ନୁ, କଳାବଦନ
ଲାବଣ୍ୟ ମୂରତି କଞ୍ଜନୟନ
କୁଞ୍ଚିତ କୁନ୍ତଳ ଦିଶେ କି ମଞ୍ଜୁଳ
ଶିଖଣ୍ଡୀ ଚନ୍ଦ୍ରକ ଚୂଳମଣ୍ଡନ ।୧

ଅଧରେ ମୋହନ ମୂରଲୀ
ମୃଦୁ ମନ୍ଦେ ଅଙ୍ଗୁଳି ଚାଳି
ତ୍ରିଭଙ୍ଗୀ ଠାଣିରେ ନାଚେ ଢଳି ଢଳି
ଗଳାରେ ଲମ୍ବାଇ ବନ ସୁମନ ।୨

ଭାଲେ ଶୋହେ ଚନ୍ଦନ ବିନ୍ଦୁ
ନିନ୍ଦେ କୋଟି ପୂର୍ଣ୍ଣିମା ଇନ୍ଦୁ
ହୃଦେ ବିରାଜଇ କଉସ୍ତୁଭ ମଣି
କଟିରେ ମଞ୍ଜୁଳ ପୀତବସନ ।୩

ମଧୁର ରସ ପାରାବାର
ରସଘନ ରସଶେଖର
ସଚ୍ଚିଦାନନ୍ଦ ପରମାନନ୍ଦ ପଦେ
ଆଶ୍ରା ଲୋଡନ୍ତି ଯହିଁ ଯୋଗୀଜନ । ୪

ମୃଦୁଳ କୋମଳ ଚରଣ
ଆଭୀର ଲଳନା ବନ୍ଦନ
ପରମସୁଖଦ ସଦା ଅଭୟଦ
ସେ ଛନ୍ଦାଚରଣେ ଗଲି ଶରଣ । ୫

କୁଲାଡେରା, ମୁଣ୍ଡୁଆ, କେନ୍ଦୁଝର
୮୩୨୮୯୨୮୭୯୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମକୁ ଭଲପାଏ ବୋଲି

ଜୟନ୍ତୀ ବେହେରା



ହୃଦୟରେ ତୁମ ପ୍ରୀତିର ଫଗୁଣ
ମନଟା ଆମ୍ବ ବଉଳ !
ଜାଣେନା କାହିଁକି ଝୁରଇ ତୁମକୁ
ପାଦ ମୋ ଚଳ ଚଞ୍ଚଳ ।

ଶାନ୍ତ କମନୀୟ ଭାବନା ମନ୍ଦିରେ
ତୁମେ ମୋ ପରମେଶ୍ୱର !
ତୁମ ପାଇଁ ହେବି ଗୌରୀ ମାହେଶ୍ୱରୀ
ପୂଜିବି ଯୁଗ୍ମ ପୟର ।

ଛାଇପରି ହୋଇ ରହିବି ପାଖରେ
ଛାଡିବିନି ତୁମ ହାତ !
କଥା ଦିଅ ସାଥୀ ଭୁଲି ଯିବନାହିଁ
ଦେବନି ମତେ ଆଘାତ ।

ତୁମବିନା ଏହି ଜୀବନ ମୋହର
ପାଣି ଫୋଟକାର ଧାର !
ହସିଦେଲେ ଟିକେ ବଞ୍ଚିଯିବି ସିନା
ରୁଷିଲେ ଲୁହ ଅସାର ।

ଆମ ପ୍ରେମ ନୁହେଁ ମାଟିର କଣ୍ଢେଇ
ପଡିଗଲେ ଭାଙ୍ଗି ଯିବ !
ତୁମ ପାଇଁ ଥିବି ସଦା ସୁହାଗିନୀ
ମୋ ପ୍ରେମ ଅମର ହେବ ।

ପ୍ରେମ ରାଇଜର ରାଜ କୁମାର ହେ
ମାରୁଛକି ପ୍ରେମ ତୀର !
ତୁମ ତୀର ବାଜି ହୃଦୟ ବକ୍ଷରେ
ବିଦାରିତ ପ୍ରୀତି ଧାର ।

*ଧର୍ମଶାଳା, ଯାଜପୁର*

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ ମନ୍ଦିରେ

ଏଲିଜା ଜେନା



ଜଗା ତୁଯେ ମୋର ଅତି ଆପଣାର
ହୃଦୟ ରେ ଅଛୁ ରହି
ସୁ କର୍ମେ ଉତ୍ସାହ, କୁ କର୍ମରେ ଭୟ
ସତ୍ତ୍ୱରେ ଦେଉ ଜଗାଇ ।

ମନ କଥା ଜାଣି ତୁହି ଅନ୍ତର୍ଯ୍ୟାମୀ
ସବୁ କଲୁ ପରିପୂର୍ଣ୍ଣ
ଏମିତି ଧନର ଶରଣ ନେଇ ମୁଁ
ଜୀବନ ହୋଇଛି ଧନ୍ୟ ।

ହସରେ ଲୁହରେ ସୁଖରେ ଦୁଃଖରେ
ତୁହି ଧନ ସାହା ମୋର
ଛାଇ ପରି ତୁହି ପାଖେ ପାଖେ ଅଛୁ
ମନ ମନ୍ଦିରେ ବି ମୋର ।

ତୁ କିନ୍ତୁ ଏମିତି ଦେଖାଦେଉଥିବୁ
ଜଗତେ ପା କୃପାସିନ୍ଧୁ ?
ସୁଦାମା ପରାଏ ଭରଷା ରଖିଲି
ପାଇବାକୁ କୃପା ବିନ୍ଦୁ ।

ମରଣ କାଳରେ ଆସିବୁ ଧନରେ
ଦେବୁ ଟିକେ ଦରଶନ
ନାରାୟଣ ଡାକି ନାରାୟଣ ଡାକି
ବାହାରି ଯିବ ପରାଣ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅମଡ଼ା ବାଟ

ଡଃ ଶୋଭାଗିନୀ ନନ୍ଦ



ଅମଡା ବାଟ ନୁହେଁ ସମତଳ
ଅଟେ କଷ୍ଟ ସାଧ୍ୟ ଅସୁବିଧା ପୂର୍ଣ୍ଣ,
ଜୀବନର କଠିନ ସଂଘର୍ଷ ପଥ
ନୁହେ ସରଳ ।

ଅମଡା ବାଟେ ଧୂଳି ଉଡେ,
ପାଦ ଚିହ୍ନ ର ଗଳ୍ପକହେ ।
ପଥିକ ଆସେ ପଥିକ ଯାଏ
ସ୍ମୃତି ମାତ୍ର ମନେ ରହେ ।

କେଉଁଠି ବଟର ଛାୟା ଥାଏ,
କେଉଁଠି ଖରା ତପେ ଦିନ ।
ତଥାପି ବାଟ ଥମେ ନାହିଁ
ଚାଲି ଯାଏ ନୀରବ ଚିନ୍ତନ ।

ଗାଁ ର ସୁଗନ୍ଧ ମିଶି ରହେ,
ଭିଜା ମାଟିର ମୃଦୁ ଗୀତ ।
ଅମଡ଼ା ବାଟ ଡାକି କହେ
ଚାଲ ଜୀବନ ହେଉ ନବୀନ ।

ଜୟପୁର (କୋରାପୁଟ)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁଆରେ ଡାକିଲା ବନସ୍ତର ଗଜ

ସ୍ୱର୍ଣ୍ଣରଥ ମହାପାତ୍ର



ରଜ ଆସିଥିଲା ଦେବାକୁ ବଧାଇ
ହାତରେ ଶତ ଶୃଙ୍ଗାରର ଥାଳିଟିଏ ଧରି
ମୋର ଝାଳ ସ୍ନାନ ରୂପ
ଅଲରା କେଶ ବିନ୍ୟାସ
ଅଥାର ହାଣ୍ଡି ମୁହଁ ଦେଖି
ପରିହାସେ ମୁହଁ ମୋଡ଼ି ଚାଲିଗଲା ।

ଗଣ ମାଧ୍ୟମରେ ଗଣପର୍ବ ମହୋତ୍ସବ
ଶତ ଶୃଙ୍ଗାରରେ  ଜୁଡୁବୁଡୁ ଫଟୋ ପ୍ରତିଛବି
ମଧୁର ମୂର୍ଚ୍ଛନା ବ୍ୟଞ୍ଜନ ଥାଳିରେ
ମିଠା ପିଠା ପାନ ସଜ୍ଜିତ ପସରା
ସତେ ଅବା ରଜ ପରୀମାନେ
ଛବି ପ୍ରତିଛବିର ମୋହ ମାୟାରେ ଅନ୍ତସତ୍ତ୍ୱା

କବିତା ମାନେ ରଜବତୀ ହେଲେ
ଉଚ୍ଛୁଳି ପଡୁଥିଲା ପ୍ରେମ
ଆକାଶ ମାଟିର ଭାବ ଦିଆ ନିଆ
ମୌସୁମୀ ନାଚୁଥିଲା ଅନନ୍ୟ ମୁଦ୍ରାରେ
ବସୁଧା ଭିଜୁଥିଲା ପ୍ରେମର ବର୍ଷାରେ
ପ୍ରୀତି ଫୁଲ ଫୁଟି ମହକୁଥିଲେ ପବନରେ
ମା ବସୁମତୀ ରଜସ୍ୱଳା ଆଜି
ପ୍ରକୃତି ଏବଂ ନାରୀତ୍ୱର ମହାସଙ୍ଗମ  ।

ଗଣ ମାଧ୍ୟମର ଗଣ ପର୍ବର ମୌସୁମୀ
ମୋ ପଙ୍କ ପୋଖରୀରେ ବର୍ଷିବାକୁ ଲାଗିଲା
କିଛି ପଦ୍ମ ଫୁଟିବାକୁ ଲାଗିଲେ
ଦୁଆରେ ଡାକିଲା ବନସ୍ତର ଗଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଜ ହେଲା ସଜବାଜ

କବିତା ମୋର ଋତୁମତୀ  ହେଲା

ଭିଜା ମାଟିର ଭୁରୁ ଭୁରୁ ବାସ୍ନା

ପୋଡପିଠାର ମିଠା ମିଠା ମହକ

ଦୋଳି ନିତାଇ ପରି ଝୁଲିଲା

ମୋହାଚ୍ଛନ୍ନ ମୂହୁର୍ତ୍ତ ସବୁ

ବାନ୍ଧି ହେଇଗଲେ ଉତ୍ସବରେ

ମନରେ, ଅନୁଭବରେ,

ମାଟିରେ, ପବନରେ,

ଭକ୍ତିରେ, ଶକ୍ତିରେ, ବିଶ୍ବାସରେ

ଆନନ୍ଦରେ, ଉଚ୍ଛ୍ୱାସରେ, ଆତ୍ମତୃପ୍ତିରେ ।

ବିଜୟା ଗାର୍ଡେନ,

ଜାମଶେଦପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହ୍ୱାଟ୍‌ସଆପ୍

ବସନ୍ତ କୁମାର ମଲ୍ଲିକ



ସବୁଜ ଦ୍ୱାର ଟିଏ ଖୋଲିଲେ
ଖୋଲେ କେତେ ମୁହଁର ମେଳା,
ହସର ଇମୋଜି ପଛରେ କେତେ
ଅଶ୍ରୁ ରହେ ଅକୁହାର ଭେଳା ।
ଦୂରତାକୁ ହରାଇଦେଲା,
କହିଲା— "ଜଗତ ଏବେ ନିକଟ",
ତଥାପି କାହିଁ ମଣିଷ ଆଜି
ମନରେ ମନରୁ ଅଧିକ ଦୂରତ ?
ଶବ୍ଦ ଉଡ଼େ ଆଲୋକ ବେଗେ,
ସନ୍ଦେଶ ପହଞ୍ଚେ କ୍ଷଣେ କ୍ଷଣେ,
କିନ୍ତୁ ହୃଦୟର ସତ୍ୟ ଭାଷା
କାହିଁ ହେଉଛି ନୀରବ ଗହନେ ?
ନୀଳ ଟିକ୍ ଦୁଇଟି ଯେପରି
ଆଧୁନିକ ଯୁଗର ନିର୍ଣ୍ଣୟ,
"ଦେଖିଲା କି ?"
"ଉତ୍ତର ଦେଲା କି ?"
ଏଇଠି ଅଭିମାନର ଜନ୍ମଭୂମି ଅନେକ ।

ଷ୍ଟାଟସ୍ ରେ ସାଜେ ଜୀବନ,
ଛବିରେ ଫୁଟେ ସୁଖର ରଙ୍ଗ,
କିନ୍ତୁ ପ୍ରତ୍ୟେକ ହସର ପଛେ
ଥାଏ କେତେ ଭଙ୍ଗା ତରଙ୍ଗ ।
ଗ୍ରୁପ୍ ଭିତରେ ଶତ ଶତ ଲୋକ,
ତଥାପି ଏକା ହୃଦୟର ରାତି,
ଯେପରି ଭିଡ଼ ମଧ୍ୟରେ ଦଣ୍ଡାଇ
ଖୋଜୁଛି ନିଜର ପରିଚୟ ଜାତି ।
ହ୍ୱାଟସଆପ୍, ତୁ ଦୋଷୀ ନୁହଁ,
ତୁ କେବଳ ଏକ ଆଇନା,
ମଣିଷ ଯେପରି ମନ ନେଇ ଆସେ
ସେପରି ଦେଖାଏ ତାର ଛାୟା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁରୁଣା ଦିନେ ଚିଠି ଆସୁଥିଲା,
ଶବ୍ଦରେ ଥାଏ ଅପେକ୍ଷାର ଗନ୍ଧ,
ଆଜି ସନ୍ଦେଶ ଆସେ ହଜାରେ,
କିନ୍ତୁ କମିଯାଏ ସ୍ପର୍ଶର ଆନନ୍ଦ।
ସମୟ କହେ ନିରବ ଭାବେ—
"ମାଧ୍ୟମ ବଦଳିଲେ କି ହୁଏ ?
ମନ ଯଦି ସତ୍ୟ ନ ଥାଏ,
ଶବ୍ଦ କେବଳ ଛାୟା ହୋଇ ରୁହେ ।"
ସେଇପାଇଁ ହ୍ୱାଟସଆପ୍ ର ଜଗତେ
ମନକୁ ହରାଇବ ନାହିଁ କେବେ,
କାରଣ ସବୁଜ ଆଲୋକ ଠାରୁ
ମଣିଷର ସ୍ପର୍ଶ ଅଧିକ ଦୀପ୍ତ ଭବେ ।

ବାରିପଦା, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ସାହିତ୍ୟ ଜୀବନର ଆଦର୍ଶ

ନିବେଦିତା ପଣ୍ଡା



ମୋ ପାଇଁ ପ୍ରଥମ ପ୍ରମୁଖ ବ୍ୟକ୍ତିତ୍ୱ
ଜୀବନେ ପହିଲି ସ୍ୱର,
ଜେଜେ ମାଆ ନାମ ସ୍ୱର୍ଗଠୁ ମଧୁର
ମିଠା ମମତା ମନ୍ଦିର ।

ସାହିତ୍ୟ ଜୀବନ ଆଦର୍ଶ ସେ ମୋର
ଆଦ୍ୟ କାହାଣୀ କବିତା,
ପ୍ରଥମ ଜୀବନ ପୁଣ୍ୟ ପାଠଶାଳା
ଅତୁଳ ତାର ମମତା ।

ହାତ ଧରି ମତେ ଶିଖାଇ ଦେଇଛି
ଅ, ଆ, ଠାରୁ ବର୍ଣ୍ଣବୋଧ,
ସଜାଡ଼ି ଦେଇଛି ମୋର ବାଲ୍ୟକାଳ
ଢାଳି ତା' ବାତ୍ସଲ୍ୟ ବୋଧ ।

ସମସ୍ତ କ୍ଷେତ୍ରରେ ଆଦର୍ଶ ବ୍ୟକ୍ତିତ୍ୱ
ରହିଥାନ୍ତି ଜୀବନରେ,
କଳା ଓ ସାହିତ୍ୟ ସଙ୍ଗୀତ ବିଜ୍ଞାନ
ଯିଏ ଦକ୍ଷ ଯେ ପ୍ରକାରେ ।

ଆଦର୍ଶ ବ୍ୟକ୍ତିତ୍ୱ ଅନେକ ମହତ୍ତ୍ୱ
ସେ ଆମ ଦିଗଦର୍ଶକ,
ଯାହା ପାଇଁ ଆମେ କୌଣସି କ୍ଷେତ୍ରରେ
ଲଭନ୍ତି ପ୍ରଶଂସାଯାକ ।

ଜେଜେ ମାଆ ମୋର ମୋ ପାଇଁ ଆଦର୍ଶ
ମୋ ସାହିତ୍ୟ ଜୀବନର,
ଯାହା ପାଇଁ ଆଜି କବି ଭୂମିକାରେ
ଅବତୀର୍ଣ୍ଣ ନିରନ୍ତର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପିଲାଦିନେ ତାର ନୀତି ଉପଦେଶ
ଲେଖିବାରେ ସହାୟକ,
ସ୍ୱଦେହରେ ଆଜି ନାହିଁ ସିଏ ସତ
ଭାବିବି ଜୀବନ ଯାକ ।

ପଢ଼ିବା ଅଭ୍ୟାସ ପିଲାଦିନୁ ଥିଲା
ଜେଜେମାଆର ସକାଶେ,
ଅବସର ବେଳେ ପାଠ ପଢା ପରେ
ଗଳ୍ପ ବହି ମନ ତୋଷେ ।

ପଢ଼ିବା ଲେଖିବା ଅନାବନା ଯାହା
କହୁଥିଲା ଯେ ପ୍ରକାରେ,
ଯାହା ଫଳ ସ୍ୱରୂପ ମୁଁ କିଛି ଲେଖୁଛି
ଏବେ କିଞ୍ଚିତ ମାତ୍ରାରେ ।

ଉତ୍ସାହ ଦେଇଛି ପ୍ରେରଣା ଦେଇଛି
କରିଛି ଅନୁପ୍ରାଣିତ,
ଅନେକ ଜୀବନ କାହାଣୀ ଶୁଣାଇ
କରିଛି ମନ ମୋହିତ ।

ତ୍ୟାଗ ଭରା ତାର ସଂଘର୍ଷ କାହାଣୀ
ଲଢ଼ିବା ଶିଖାଇ ଅଛି,
ଜୀବନ ସଂଗ୍ରାମେ ପଡ଼ି ଉଠି ପୁଣି
ଆଜିଯାଏ ମୁଁ ଚାଲିଛି ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିଟିଏ ସମାଜସେବୀଟିଏ

ଦେବେନ୍ଦ୍ର ନାୟକ



କବି ମାନେ ନୁହେଁ କବିତା ଲେଖିବା
ସମାଜର ଅଂଶ ସିଏ
କବିତାରେ ପୁଣି କେତେ ଯେ ବାରତା
ଏହି ସମାଜକୁ ଦିଏ ।
ଲେଖନୀ ଚାଳନା କରି ଚାଲିଥାଏ
କେତେ ଯେ ଭାବନା ତାର
ସମାଜରେ ଆଣେ ଅନେକ ସୁଧାର
ଚଳାଇ ଲେଖନୀ ଗାର ।
କବିର କଲମ ଅଶି ଠାରୁ ବଡ଼
ସମାଜ ସଂସାର ପାଇଁ
ଚାଲିଲେ କଲମ ଛାତି ଧଡ଼ ଧଡ
ଦୁର୍ନୀତିଖୋର ଚେତଇ ।
କବିଟିଏ ଲେଖି ଚାଲେ କେତେ କଥା
ଅତୀର ଘଟଣା ନେଇ
ବର୍ତ୍ତମାନ ଆଉ ଭବିଷ୍ୟତ କଥା
ଲେଖେ ରଙ୍ଗ ରସ ଦେଇ ।
କବିର ଲେଖନୀ ଯାହା ଲେଖିଦିଏ
ସମାଜର ସେବା ପାଇଁ
ପାଠକ ବୁଝନ୍ତି ମରମ ଲେଖାର
ଦିଅନ୍ତି କାର୍ଯ୍ୟେ ଲଗାଇ ।
ସମାଜର ସେବା ପାଇଁ କବିଟିଏ
ଲେଖନୀ ଚାଳନା କରେ
ସେହି ଲେଖା ପଢି କେତେ ଅସୁବିଧା
ଦୂର ହୁଏ ସମାଜରେ ।
କବିଟିଏ ସମାଜସେବୀଟିଏ ର
ପ୍ରକୃତ ଅର୍ଥ ବୁଝିଲେ
ନିଶ୍ଚୟ ସମାଜେ ସଂସାର ଆସିଛି
ଆସୁଛି ଆସିବ ଭଲେ।

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ନିଜର

ମଧୁସ୍ମିତା ସାହୁ



ତୁମେ ନିଜର
କେମିତି ନିଜର ହେଲ
ମନକୁ ଚୋରି କରିଲ
ଆଖିରେ ଆଖିଏ ନେଲ
ଅସୁମାରୀ ଭାବ ଦେଲ ।।

ତୁମେ ମୋ ପ୍ରଥମ ଶେଷ
ସ୍ୱତନ୍ତ୍ର ବ୍ୟକ୍ତି ବିଶେଷ
ଧନ୍ୟବାଦ ରେ ଅଶେଷ
ପ୍ରାଣଭରି ସବିଶେଷ ।।

ତୁମ ଚୋରା ଚୋରା ପ୍ରୀତି
ପରଶ ମିଳିଲେ ନିତି
ଭୁଲିଛି ଅନ୍ଧାର ରାତି
ମଧୁ ରସ ଭରା ଅତି ।।

ମନ ଆନ୍ଦୋଳିତ ହୁଏ
ଦିବାନିଶି ଭଲପାଏ
ଆପଣାର ଭାବିନିଏ
ଆତ୍ମବିଭୋର କରାଏ ।।

ସ୍ମୃତି ମିଠା ଅନୁଭୂତି
କ୍ଷଣକେ ଆତ୍ମୀୟ ଅତି
ଯୁଗ ଯୁଗକୁ ସାଇତି
ବଞ୍ଚିବା ଅର୍ଥ ସତେ ତି ।।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ
ଓଡ଼ିଶା, ମୋ--୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଫୁଲ ଝରିଯିବା ପଥେ

କିରନ୍ ସ୍ୱାଇଁ



ଏ ଧରଣୀ ଧୂଳି ଘରେ
ବଗିଚାର କେତେ ଫୁଲ ଭରା ଡାଳ
ସଜାଇ ଦିଏ ଜୀବନର କେତେ
ବିଷାକ୍ତ ମୁହୂର୍ତ୍ତ, ଅମୃତ ଭାବନା ସାଥେ ।
ଚୁନି ଚୁନି ସବୁ ଫୁଲର ପାଖୁଡ଼ା
ସବୁଜ ପତର ଛୁଇଁ
ଅଳପ ସମୟେ ହସାଇ ଦିଏ
ବିଷାଦିନୀ ପ୍ରଜାପତି ଓ
ମୋ ମନକୁ ମହକାଇ ।
ଫୁଲ ଝରିଯିବା ଭିତରେ
ପବନ ବି ସତେ ଛପି ଛପି ଆସେ
ମୋ ନିଥର ମନଟାକୁ
ଚହଲାଇ ଦିଏ ପ୍ରୀତିର ସୁରଭି ପଥେ ।

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ଗଲାଦିନୁ

ଅନସୂୟା ଲେଙ୍କା



କାହିଁ କେଉଁ ଦିନୁ
ଖୋଜି ପାଉନି ' ମୁଁ ' କୁ
ମନେ ନାହିଁ ମୋର
କେବେ ଶେଷ ଥର
ହସି ଥିଲି,
ଭିଜି ଥିଲି
ତୁମକୁ ଲେଖିଥିଲି.... ।

ତୁମେ ଗଲା ଦିନୁ
ଖୋଲି ପାରିନି ଚିଠି ସବୁ,
ପଢ଼ି ପାରିନି ଧାଡ଼ି ସବୁ,
ହଁ ତୁମେ ଗଲା ଦିନୁ......
କେବଳ ଏତିକି ମନେ ଅଛି
କିନ୍ତୁ 'ମୁଁ' ମନେ ନାହିଁ..... ।

କାହିଁ କେଉଁ ଦିନୁ
ହଜାଇ ସାରିଛି ଅସ୍ତିତ୍ୱ ,
ଖୋଜି ମୁଁ ପାଉନି
ବୁଡି ମରିବାର ସୂତ୍ର
ଶବ୍ଦ କି ସମୁଦ୍ର......
ହଁ ତୁମେ ଗଲା ଦିନୁ.....।

ସ୍ଥାନ - ଇଟାମାଟି, ନୟାଗଡ଼

Listen to Odia Podcast Original at https://youtube.com/@drjyotiprasad

# ଆସ ମୌସମୀ

ଆକୁଳାନନ୍ଦ ପୃଷ୍ଟି



ବିଳମ୍ବ ନ କରି ଆସ ମୌସୁମୀ
ଜଗତ ମିତ
ସହି ହେଉନାହିଁ ଜଳ କଷ୍ଟ ଆଉ
ଧରା ଉତ୍ତପ୍ତ ।

ଜଙ୍ଗଲ ଜଳୁଛି ବନାଗ୍ନି ବ୍ୟାପୁଛି
ଲଗାମ ନାହିଁ
ବଣ ବୁଦା ଲଟା ଯାହା କିଛି ଥିଲା
ଚିହ୍ନ ବି ନାହିଁ ।

ଆକାଶଟା ସାରା ଧୂଳି ଧୂଆଁ ପୂର୍ଣ୍ଣ
ବାୟୁରେ ବିଷ
ନିଜ ଘରେ ଆମେ ନିଆଁ ଲଗାଉଛୁ
ବିଜ୍ଞ ମଣିଷ ।

ଖାଦ୍ୟ ଜଳ ପାଇଁ ବନ୍ୟପ୍ରାଣୀ ହେଲେ
ସହର ମୁହାଁ
ବିଲୁପ୍ତ ହେଲେଣି କେତେ ଜୀବଜନ୍ତୁ
ମିଳୁନି ରାହା ।

ନଦୀ ନାଳ ସବୁ ଶୁଖିଲା ପଡ଼ିଛି
ବରଷା ନାହିଁ
ଜଳ ବିନା ଜୀବ ବଞ୍ଚି କି ପାରିବେ
କଅଣ ପିଇ ?

ଆସ ମୌସୁମୀ ଧରଣୀ ରାଣୀର
ପଖାଳ ତନୁ
ସାତ ରଙ୍ଗରେ ଝଲମଲ ହେଉ
ଇନ୍ଦ୍ରଧନୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସବୁଜ ଶାଢୀରେ ସଜେଇ ଦିଅ
ଧରଣୀ ଅଙ୍ଗ
ଗାଁ ଗୋହିରୀର ସାରୁ ବୁଦା ମୂଳେ
ରାବନ୍ତ ବେଙ୍ଗ ।

ଘାସ ଗାଲିଚାରେ ଥିରି ଥିରି ଚାଲୁ
ସାଧବ ବୋହୂ
ଫୁଲରୁ ଫୁଲକୁ ଭ୍ରମନ୍ତ ଭ୍ରମର
ଲୁଟନ୍ତ ମହୁ ।

କଳା ମେଘ ଦେଖି ନାଚନ୍ତି ମୟୂର
ଜଙ୍ଗଲ ନାହିଁ
କଂକ୍ରିଟ ବଣରେ ଦେଖିବୁ ମୟୂର
ଟି ଭି ଲଗାଇ ।

ଧାରା ଶ୍ରାବଣରେ ଧାର ଧାର ଝରୁ
ବରଷା ଧାର
କଦମ୍ବ ମାଳତୀ କମଳ କେତକୀ
ଫୁଲ ସମ୍ଭାର ।

ଆସ ମୌସୁମୀ ବରଷା ରାଣୀ
ବରଷି ଯାଅ
କଷ୍ଟ ନଷ୍ଟ କର ଶୀତଳତା ଭର
ଧରା ବଞ୍ଚାଅ ।

ଜଳାଶୟ ସବୁ ପରିପୂର୍ଣ୍ଣ ହେଉ
ଖେଳନ୍ତ ମୀନ
ଜମି ଚାଷ କରି ଚାଷୀ ଭାଇ ଆମ
ରୁଅନ୍ତ ଧାନ ।

ସବୁ ଆବର୍ଜନା ଧୋଇଦିଅ ବର୍ଷା
ଧରା ଅଙ୍ଗରୁ
ବୃକ୍ଷ ଲତା ସବୁ ପଲ୍ଲବୀ ଉଠନ୍ତୁ
ତୁମ କୃପାରୁ ।

ମଙ୍ଗଳକାରୀ
ଆସ ମୌସୁମୀ ବଞ୍ଚାଅ ସୃଷ୍ଟିକୁ
ବରଷି ବାରୀ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ଓ ମୁଁ

ଚନ୍ଦ୍ରକାନ୍ତ ଜେନା



ମୁଁ ନିଦାଘର ଢ଼ହଢ଼ହ ଖରା,
'ତୁମେ' ଶ୍ରାବଣର ଭିଜା ବର୍ଷା ଧାରା...
ମୁଁ ଶୁଷ୍କତାରେ ପୂର୍ଣ୍ଣ ମରୁଭୂମି,
'ତୁମେ' ବସନ୍ତର ସବୁଜିମା ଭୂମି....

ମୁଁ ଅନ୍ଧାରରେ ମଗ୍ନ ଅମାବାସ୍ୟା,
'ତୁମେ' ପୂର୍ଣ୍ଣିମାର ଉଦ୍ଭାସିତ ଜ୍ୟୋତ୍ସ୍ନା...

ମୁଁ ଅସ୍ଥିର ନିର୍ଝରର ସ୍ରୋତ,
'ତୁମେ' ନିଶ୍ଚଳ ସାଗରର ପୋତ....

ମୁଁ କ୍ଲାନ୍ତତାରେ ଶିକ୍ତ ତ' ପଥିକ
ତରୁ 'ତୁମେ' ଛାୟା ପ୍ରଦାୟକ.....

ମୁଁ ବାଟହୁଡ଼ା ଏକ ପଥଚାରୀ,
ନିଅନ୍ତନି ଆହେ,
'ତୁମ' ହାତ ଧରି....
ତୁମର ସେ ମହାଶୂନ୍ୟତାରେ....
ହଜିଯିବାକୁ....
ଦିଅନ୍ତନି ବିଲୀନ ହେବାକୁ....

ସହକାରୀ ଶିକ୍ଷକ
ବ୍ରାହ୍ମଣସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ
କଣ୍ଟାପଡ଼ା, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନ୍ତଃ କୁରୁକ୍ଷେତ୍ର

ବାସନ୍ତୀ ରଥ



ସଂସାର ଏକ ଯୁଦ୍ଧକ୍ଷେତ୍ର
ଆମେ ସମସ୍ତେ ଯୋଦ୍ଧା
ମନରେ ଅନେକ ପ୍ରଶ୍ନ
ଅନେକ ଦ୍ୱନ୍ଦ
ନିଜକୁ ସୁହାଇଲା ପରି
ଅନେକ ଯୁକ୍ତି
ଭକ୍ତି ନୁହେଁ ଶରଣାଗତି
ସଂଘର୍ଷ'ର ସମାପ୍ତି
ପ୍ରଶ୍ନ ? ? ? ? ? ? ?
ସତରେ କଣ
ଶରଣାଗତ କର୍ମରେ ଥାଏ ଶାନ୍ତି ।
ସବୁ ମନ ନୁହେଁ ଅର୍ଜୁନ
ସମସ୍ତଙ୍କୁ ମିଳନ୍ତିନି କୃଷ୍ଣ
ଯେତେ ବୁଝାଇଲେ ମାନେନି
ଅବୋଧ, ଅବୁଝା ମନ
ମିଳିଲେ ଉତ୍ତମ ଗୁରୁ, ସଖା

ସ୍ୱଭାବକୁ ଜାଣି
ସ୍ୱଧର୍ମରେ ରହି
କରିଲେ କର୍ମ
ସାଧିତ ହୁଏ
ପ୍ରକୃତିର ଧର୍ମ
ଚରିତ୍ର ନିମିତ୍ତ ମାତ୍ର
ସମସ୍ତେ ଅର୍ଜୁନ ହୋଇ ପାରନ୍ତିନି
ଅସ୍ତିତ୍ୱ'ର ନିର୍ଦ୍ଦେଶ ମାନି ପାରନ୍ତିନି
ବାଧକ ସାଜେ
ସଂପର୍କ, ଦାୟିତ୍ୱ, କର୍ତ୍ତବ୍ୟ

Listen to Odia Podcast Original at https://youtube.com/@drjyotiprasad

ଆନୁଗତ୍ୟ, ଅହଂକାର, ପ୍ରତିଶୋଧ

ଯନ୍ତ୍ରଣା ଦିଏ, ମନ୍ଥି ପକାଏ

କର୍ମ ଓ ଭାବନା

ଥାଏ ଅନୁତାପ, ଅନୁଶୋଚନା

ହେଲେ ନାଚାର

ହୋଇପାରେ କାହା ପାଇଁ ଅବିଚାର

କିନ୍ତୁ ସନ୍ତୁଳନ ପାଇଁ

ତାହା ହିଁ, ପ୍ରକୃତିର ବିଚାର ।

୫ - କଲ୍ୟାଣୀନଗର, ଫେଜ୍ - ୧

ରଘୁନାଥପୁର, ପଟିଆ

ଭୁବନେଶ୍ୱର - ୭୫୧୦୨୪

ମୋ : ୭୦୦୮୩୩୬୭୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜଙ୍ଗଲ ଆମର ମିତ

ଅଭୟ କୁଣ୍ଡ



ଆସ କୁନା କୁନି ଜଙ୍ଗଲ ଯିବା
ନୂଆ ଘର ତୋଳି ସେଠି ରହିବା
ଦୂଷିତ ହେଲାଣି ଆମ ପରିବେଶ
ମଣିଷ ହାତରେ ସଭ୍ୟତା ଧ୍ୱଂସ ।

ପ୍ରତିଦିନ ହୁଏ ଅରଣ୍ୟ ଧ୍ୱଂସ
ବାୟୁରେ ମିଶାଏ ମଣିଷ ବିଷ
କାରଖାନା ହେଲା ଯନ୍ତ୍ରଣା ଯନ୍ତ୍ର
ମଣିଷ ଉଚ୍ଚାରେ ମରଣ ମନ୍ତ୍ର ।

ଅଳିଆ ଆବର୍ଜନା ମିଶେ ନଦୀରେ
ନଦୀ ଜଳ ହୁଏ ପ୍ରଦୂଷିତରେ
କାରଖାନା ଧୂଆଁ ବଢ଼ାଏ ତାତି
କିପରି ବଞ୍ଚିବ ମଣିଷ ଜାତି ?

ନିଶ୍ୱାସ ପାଇଁ କି ସ୍ୱଚ୍ଛ ପବନ
ମିଳେ ନାହିଁ ଏଠି ଯାଏ ଜୀବନ
ଆଖି ଥାଇ ଏଠି ସମସ୍ତେ ଅନ୍ଧ
ଭଲ ଦିଶେନାହିଁ ଦିଶଇ ମନ୍ଦ ।

ମାଟି ମାଆ ଆମ ଅସୁରକ୍ଷିତ
କୀଟନାଶକରେ ମାଟି ଦୂଷିତ
ନକଲିରେ ଲାଗେ ଖାଣ୍ଟି ମୋହର
ଖାଦ୍ୟ ପାନୀୟ ବି ହୁଏ ଜହର ।

ନାରୀ ନିର୍ଯାତନା ପୁଣି ବଳାତ୍କାର
ଶିଶୁ ବିକ୍ରି ସହ ନିଶା ବେପାର
ରାଜନୀତି ନାମେ ଘୋଡ଼ା ବେପାର
ସ୍ୱାର୍ଥ ହାନି ହେଲେ ସମସ୍ତେ ପର ।

Listen to Odia Podcast Original at https://youtube.com/@drjyotiprasad

ଚାଲ କୁନା କୁନି ଜଙ୍ଗଲ ଯିବା
ନୂଆ ଘର ତୋଳି ସେଠି ରହିବା
ବାଘ ଭାଲୁ ସଙ୍ଗେ ମିତ ବସିବା
କାଉ କୋଇଲିର ଗୀତ ଶୁଣିବା ।

ସବୁଜ ସୁନ୍ଦର ବଣ ଜଙ୍ଗଲ
ଯେଉଁଠି ଜଙ୍ଗଲ ସେଠି ମଙ୍ଗଳ
ଝରଣାର ଜଳ ଗଛର ଛାଇ
ଫୁଲର ସୁଗନ୍ଧ କରିବ ବାଇ ।

ଶୁଦ୍ଧ ପବନକୁ ସୁଗନ୍ଧ ଫୁଲ
ବିନା ପଇସାରେ ଦିଏ ଜଙ୍ଗଲ
ଜଙ୍ଗଲ ସାଥିରେ ବସିବା ମିତ
ମିତ ବଞ୍ଚିଲେ ଆମର ହିତ
ଶପଥ ନେବା
ଜଙ୍ଗଲ ବଞ୍ଚାଇ ନିଜେ ବଞ୍ଚିବା ।

ବଳଭଦ୍ରପୁର, ନିମାପଡ଼ା, ପୁରୀ
ମୋ - ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହତଭାଗା ପୁଅ

ସୁଶାନ୍ତ ବେହେରା

ଜନ୍ମ ଦେଇ ମୋତେ ଦୁନିଆ ଦେଖାଇଥିଲ ତୁମେ,

ନିଜ ଦୁଃଖ ଲୁଚାଇ ହସିବା ଶିଖାଇଥିଲ ତୁମେ ।

ମୋ ସ୍ୱପ୍ନ ପାଇଁ ନିଜ ସ୍ୱପ୍ନକୁ ଭୁଲିଯାଇଥିଲ,

ମୋ ସୁଖ ପାଇଁ ଜୀବନ ସାରା ସଂଘର୍ଷ କରିଥିଲ ।

ମୁଁ ଭାବିଥିଲି ବାପା,

ଦିନେ ତୁମ ସବୁ କଷ୍ଟର ମୂଲ୍ୟ ଫେରାଇବି,

ତୁମ ଥକା ହାତକୁ ବିଶ୍ରାମ ଦେବି,

ତୁମ ଆଖିରେ ଖୁସିର ଲୁହ ଦେଖିବି ।

କିନ୍ତୁ ଭାଗ୍ୟ ମୋ ସାଥି ଦେଲାନି,

ସମୟ ମୋ ପାଖରେ ରହିଲାନି ।

ମୁଁ କିଛି କରିବା ପୂର୍ବରୁ,

ତୁମେ ଚାଲିଗଲ ଅଜଣା ରାଇଜକୁ ।

ଆଜି ଘର ଅଛି, ଲୋକ ଅଛନ୍ତି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିନ୍ତୁ ସେ ଘରେ ଆଉ ତୁମ ଡାକ ନାହିଁ ।

ଆଜି ବି ଅପେକ୍ଷା କରେ,

କେବେ ଶୁଣିବି "ବାପା" ବୋଲି ତୁମ ସ୍ନେହଭରା ସ୍ୱର ।

ଯେତେବେଳେ ଦେଖେ ଅନ୍ୟ କାହାର ବାପା,

ହୃଦୟଟା ଚୁପଚାପ କାନ୍ଦିଉଠେ ।

ଭାବେ, ମୋ ବାପା ଥାନ୍ତେ ଆଜି,

ମୋ ଖୁସିରେ ସବୁଠୁ ଅଧିକ ଖୁସି ହୋଇଥାନ୍ତେ ।

ହତଭାଗା ପୁଅ ମୁଁ ବାପା,

ତୁମ ଋଣ ଶୁଝି ପାରିଲିନି ।

ତୁମ ଶେଷ ବୟସର ଆଶ୍ରୟ ହୋଇ ପାରିଲିନି,

ତୁମ ମୁହଁରେ ଗର୍ବର ହସ ଫୁଟାଇ ପାରିଲିନି ।

ତଥାପି ଜାଣେ,

ଆକାଶର କୌଣସି କୋଣରୁ ତୁମେ ମୋତେ ଦେଖୁଛ ।

ମୋ ପ୍ରତ୍ୟେକ ସଫଳତାରେ ଆଶୀର୍ବାଦ ଦେଉଛ,

ମୋ ପ୍ରତ୍ୟେକ ଦୁଃଖରେ ଚୁପଚାପ କାନ୍ଦୁଛ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ବାପା, ତୁମେ ନାହଁ ବୋଲି ସତ୍ୟ,

କିନ୍ତୁ ତୁମ ସ୍ମୃତି ମୋ ଜୀବନର ଶ୍ୱାସ ।

ଯେପର୍ଯ୍ୟନ୍ତ ଏହି ହୃଦୟ ଧଡ଼କୁଥିବ,

ସେପର୍ଯ୍ୟନ୍ତ ତୁମେ ମୋ ଭିତରେ ବଞ୍ଚିଥିବ ।

କୋଣାର୍କ, ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁନିଆ ଏକ କାରା

କିଶୋର କୃଷ୍ଣ ଶେବଡ଼େ



ଦୁନିଆ ଏକ କାରା
ଭଦ୍ରଲୋକ ନା ଯେକେହି ଏଠି ସବୁ ଭୂଲପଥରେ ଫସିଲା || ପ ||
ସବୁ ଭଲ ପାଆନ୍ତି ନିଜର କୋଷକୁ
କୋଷରେ ଥିବା ଅନ୍ୟମାନଙ୍କୁ
ଶିକୁଳୀ ମଧ୍ୟ ସବୁମାନଙ୍କୁ ବହୁତ ଅଧିକ ପ୍ରିୟ ହେଲା || ୧ ||
ସବୁମାନେ ସ୍ଥିର ନିଜର ସ୍ଥାନରେ
ଦୃଷ୍ଟି ଶେଷ ହୁଏ ସୀମାକାନ୍ଥରେ
ଫଳବାସୀ କୀଟଙ୍କର ସୀମିତ କେବଳ ଫଳରେ କ୍ରୀଡା || ୨ ||
ଦଣ୍ଡର ଅବଧି ଜାଣେ ନା କେହି
ଆସିଲା କଉଁଠୁ ସ୍ମୃତିରେ ନାହିଁ
ମୁକ୍ତି ପାଇଁ ମନ ପ୍ରସ୍ତୁତ ନାହିଁ
ମିଶିଗଲା ଯିଏ ଆସିଲା|| ୩ ||

----- କିଶୋର କୃଷ୍ଣ ଶେବଡେ

Listen to Odia Podcast Original at https://youtube.com/@drjyotiprasad

# ଅସରପା

ଦେବାଶିଷ ଚକ୍ରବର୍ତ୍ତୀ



ଆମେ କଣ କିଛି କାଇଲି କଲୁକି ସାଆରେ !

କାଇଁକି ଏତେ ହୀନିମାନ କରି କହି ଆସୁଛ

"ଅସରପା ଗୋଟେ ଚଢ଼େଇ

ଆଉ ସମକ ଗୋଟେ ମଣିଷ"

ଆମେ କେଉଁଦିନ ନିଜକୁ

ଚଢ଼େଇ ବୋଲି ବଢେଇ କହିନୁ

ଆମେ ତ ଚିରଦିନ ଅଭାଜନ ?

ସୁଖର ସିଂହାସନରେ ବସିଥିବା ମହାପ୍ରୁମାନେ

କଣ ବୁଝନ୍ତି ଦୁଃଖୀ ମଣିଷର ବେଦନା

ଦିନକୁ ଦିମୁଠା ଯୋଗାଡ ପାଇଁ

ଭୋଗିବାକୁ ହୁଏ କେତେ ଯାତନା ?

କାଳ ବୈଶାଖୀରେ ଉଜୁଡା ଧନ ଜୀବନ

ପାଇଁ ସିନା ସଭିଏଁ ମୁଖର

ଅଥଚ, କେହି କେବେ ଆହାପଦ

ଯାଚି ଦେଇଛି କି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେକାର ଯୁବକ ମନରେ ଉଠିଲେ
ହତାଶାର ଘୂର୍ଣ୍ଣିଝଡ ?

ବର୍ଷା ଛାଡ଼ିଲେ ସିନାଆପେ ସଇଁଯାଏ
ଶିରାବଣର ଗର୍ଭିଣୀ ନଈ
ହେଲେ ଆମର ନିସ୍ତାର କାଇଁ ?
ଯେବେ ପ୍ରଶ୍ନର କଢ଼ ଫୁଟିବା ଆଗରୁ
ଉତ୍ତରର ଫୁଲ ଚୋରି ହୋଇ ଯାଏ
ଛିଣ୍ଡିଯାଏ ଲକ୍ଷ ଲକ୍ଷ ପିଲାଙ୍କ
ଆଶା ଆକାଂକ୍ଷା ର ଡେଣା
ସେଠାରେ ହିଁ ତୁମେ ଖୋଜି ପାଇବ
ମୋର ଠିକଣା
ଯେବେ ନିଯୁକ୍ତି ପରୀକ୍ଷା
ବାତିଲ୍ ହେବାରୁ ଲହୁ ଲୁହାଣ ହୁଏ
ଚାକିରି ଆଶାୟୀ ଯୁବକଙ୍କ ମନ
ସେଇଠି ହିଁ ମୋ ଆସ୍ଥାନ ?

ଆଷାଢ଼ ର ଛୁଆଁରେ ମଲାଘାସ
ଆଖି ମେଲିବା ପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭରଣେ ଭରଣେ ନିର୍ବାଚନୀ ପ୍ରତିଶ୍ରୁତିରେ

ନିରାଶାର ଝାଞ୍ଜିରେ ମରୁ ସାଜିଥିବା

ଉଦାସ ମନ ପାଲଟେ ନାହିଁକି ମରୁଦ୍ୟାନ ?

ହେଲେ ସଭିଏଁ ସମାନ

ରାଜା ବଦଳିଲେ ପୋଷାକର

ରଂଗ ବଦଳ ହୁଏ ସିନା

କାମର ଢଙ୍ଗ ବଦଳିଚି କି କେଉଁଠି ?

ତୁମେ ଖାଲି ମନମତାଣିଆ ସ୍ଲୋଗାନ୍ ଟିଏ

ରଟି ଆସୁଛ ଆମେ କୁଆଡେ

ଦେଶର ଭବିଷ୍ୟତ !

ହେଲେ ସତରେ ତୁମେ କଣ ଆମକୁ

ତିଳେ ନିଘା ଦେଇଛ

ଛାତିରେ ହାତ ରଖି କୁହତ ?

ତୁମେ ଖଣି, ପାଣି, ଜମି, ଜଙ୍ଗଲ୍

ସବୁକିଛି ଚଳୁ କଲେ ବି

ତୁମେ ପୁଣ୍ୟବନ୍ତ

ହେଲେ ଆମେ ଭୂଲୁଣ୍ଠିତ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଥରେ ଚିନ୍ତାକରି ଦେଖ ତ

ଆମେ ନିଃସ୍ୱ ହେଲେବି ଅଗଣନ

ଆମେ ଜାଗିଲେ

ତୁମ ପ୍ରତିଷ୍ଠା ର ମୟୂର ସିଂହାସନ

ସିଂହ ର ଆଁ ପାଲଟିବାକୁ କେତେକ୍ଷଣ ?

ମଣ୍ଡୁଆ, କେନ୍ଦୁଝର ଗଡ

ମୋ ୯୪୩୭୭୫୨୩୯୫



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଳିୟାନ ଆମ ଯୁବଶକ୍ତି

ସୁଶାନ୍ତ ଶେଖର ଦାଶ



ଥରେ ଚାହିଁ ଦେଖ
ସାମର୍ଥ୍ୟଭରା ଏଇ ଯୁବଶକ୍ତିକୁ
ସମ୍ଭାବନାମୟ ପରାକ୍ରମୀ ପରିଚୟକୁ
ଅଦମ୍ୟ ସାହସ ନୂତନତ୍ୱର ପରାକାଷ୍ଠାକୁ
ଶକ୍ତି, ସ୍ୱପ୍ନ, ସଂଘର୍ଷ ଓ ସୃଜନ ଚେତନାକୁ
ଆତ୍ମବିଶ୍ୱାସୀ, ଜିଦ୍ ଭରା ଭାବନାକୁ
ଉତ୍ସାହ ଚେତନା ସ୍ପନ୍ଦନକୁ
ଥରେ ଚାହିଁ ଦେଖ
ସାମର୍ଥ୍ୟରେ ଭରା ଏ ଯୁବାଶକ୍ତିକୁ ........

ତେଜସ୍ୱୀ ଏଇ ଯୁବଶକ୍ତି
ସୂର୍ଯ୍ୟର ତେଜ ଅବା ଝଡର ଗତି
ଅମାପ, ଅସୀମ ଓ ଅଲଘ୍ୟଂଶକ୍ତି
ଦୃଢ଼ ଅଧ୍ୟବସାୟ ସାଧନା ଶୃଙ୍ଖଳା ନୀତି
ଉନ୍ନତି, ପ୍ରଗତି, ଉଦ୍ୟମୀ, ସମୃଦ୍ଧି ଭିତ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲଢ଼ିବାର ଉନ୍ମାଦନା-ଜିତିବାର ପ୍ରୀତି
ଅନୀତି, ଦୁର୍ନୀତି ପ୍ରତି ତିକ୍ତତା ନିତି
ଥରେ ଚାହିଁ ଦେଖ
ଯୁବଶକ୍ତିର ଏଇ ଅମ୍ଲାନ କିର୍ତ୍ତୀ.......

ବଳିୟାନ ଏ ଯୁବଶକ୍ତି
ସୂଚନା ପ୍ରଯୁକ୍ତି ବିଜ୍ଞାନର ପ୍ରଖର ଗତି
କୃତ୍ରିମ ବୁଦ୍ଧିମତ୍ତାର ରଥାରୁଢ଼ ସାରଥୀ
ସୃଜନ, ଶିକ୍ଷା, ଅର୍ଥନୀତି ଓ ସଂସ୍କୃତି
ଇଣ୍ଟରନେଟ ପ୍ରମୁଖ ନୂତନ ସ୍ଥିତି
ଉତ୍ସାହ ସାହସ ସଂକଳ୍ପ ବିପୁଳ ମତି
ମହାନ ଅବଦାନ ଏଇ ଯୁବଶକ୍ତି
ଥରେ ଚାହିଁ ଦେଖ
ଦୃଷ୍ଟାନ୍ତ ଯୁବଶକ୍ତିର ସ୍ୱିତ ସମୃଦ୍ଧି ଗତି...

ଥରେ ଚାହିଁଦେଖ
ବେରୋଜଗାରୀ ଯୁବ ବେଦନାକୁ
ଶିକ୍ଷା ଦକ୍ଷତା ଉଦ୍ୟୋଗ ଅସମନ୍ୱୟକୁ
ଭ୍ରାନ୍ତ ଦିଗଦର୍ଶନ ଓ ନିରାଶା ମନଭାବକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନୁଶାସନହୀନ ମଣ୍ଡିତ ମାନସପଟକୁ

ଦୁର୍ନୀତି ସ୍ୱଜନପ୍ରୀତି ଚରମ ଅସନ୍ତୋଷକୁ

ବିକାଶ ବିକସନ ଛବି ଅଦର୍ଶନକୁ

ଦୁର୍ବଳ ଶିକ୍ଷା ଅସ୍ପଷ୍ଟ ମାର୍ଗଦର୍ଶନକୁ

ହତାଶ ନିରସ ଶୁଷ୍କଭାବନାକୁ

ଥରେ ଚାହିଁ ଦେଖ

ଯୁବଶକ୍ତିର ବିଧ୍ୱଂସୀ ନିରାଶାଭାବକୁ ...

ରୟାଲ ଲାଗୁନ, ଭୁବନେଶ୍ୱର - ୨୪



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନାରୀ... ଆଉ କାହାର ଅଧିକାର

ଶାଶ୍ୱତୀ ପତି

ସମସ୍ତେ କହିବାର ମୁଁ ଶୁଣିଛି
ନାରୀମାନଙ୍କୁ କେହି ବୁଝିପାରିବେନି ।
ସତରେ ତ ନାରୀମାନଙ୍କୁ କିଏ ବୁଝିଛି ଆଜି ଯାଏ ?

ମାତୃ ଗର୍ଭରେ ହୁଏ ତାର ହତ୍ୟା,
ଦୁନିଆକୁ ଦେଖିବା ଆଗରୁ
ଦୁନିଆରୁ ହଜିଯାଏ ତାର ସତ୍ତା ।

ଯଦି କିଏ ବଞ୍ଚିଯାଏ ଅତି କଷ୍ଟରେ
ଶୁଣିବାକୁ ମିଳେ ନିନ୍ଦା ଅପବାଦ ମାଆକୁ
ଝିଅଟିଏ ଜନ୍ମିଲୁ ଏବେ ଇଏ କେଉଁ କାମରେ ?

ଝିଅଟିର କୁନି ହୃଦୟ ଯେବେ
ଉଡିବାକୁ ଚାହେଁ ଖୋଲା ଆକାଶରେ
ଡେଣା କାଟିଦିଆଯାଏ ତାର
ବେଡି ପଡ଼ିଯାଏ ପାଦରେ ।
ସତରେ ତ ନାରୀମାନଙ୍କୁ କିଏ ବୁଝିଛି ଆଜି ଯାଏ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନା ମିଳେ ଉଚିତ୍ ଶିକ୍ଷାର ଅଧିକାର,
ନ ମିଳେ ଉଚିତ୍ ବ୍ୟବହାର,
ସମାଜ ହୋଇଯାଏ ନାରୀର ଶତ୍ରୁ,
ମିଳେ ତାକୁ ଖାଲି ହିଂସା, ଦ୍ୱେଷ, ଆଉ ଅତ୍ୟାଚାର।

ଯୌବନର ଝଲକ ଯେବେ ପଡେ ନାରୀଟିର ଦେହରେ
କେତେ ଯେ ଲୋଲୁପ ଦୃଷ୍ଟିର ସାମ୍ନା କରେ ସେ,
ଖୋଲା ଆକାଶ ତଳେ, ରାସ୍ତା ଆଉ ଘାଟରେ ।

ଯଦି କେଉଁ ଦାନବ, ଅମଣିଷ
ଛାଟିଦିଏ କଳଙ୍କର ଛିଟା ତା ଦେହରେ ,
ସେ କାର୍ଯ୍ୟେ ବି ନାରୀର ଦୋଷ,
ଶୁଣିବାକୁ ମିଳେ,
ବାରବୁଲି, ଚଣ୍ଡୀଙ୍କ ପରି ବୁଲୁଥିଲା କାହିଁ ବାହାରେ ?

ପୋଷାକରେ ଦୋଷ,ଚାଲିରେ ଦୋଷ, କଥାରେ ଦୋଷ,
ହସରେ ଦୋଷ,
ଆଉ ବେଳେବେଳେ ରୂପର ଦୋଷ
ରୂପକୁ ଦେଖିଲେ କୁଆଡେ ବଢିଯାଏ ସେ
ରାକ୍ଷସ ମାନଙ୍କ ମନର ଶୋଷ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସତରେ ତ ନାରୀମାନଙ୍କୁ କିଏ ବୁଝିଛି ଆଜି ଯାଏ ?
ନା ଅଛି ନିଜ ଜୀବନ ସାଥୀ ବାଛିବାର ଅଧିକାର,
ନା ଅଛି ଘରୁ ପାଦ କାଢ଼ିବାର ଅଧିକାର,
ନିଜ ଇଚ୍ଛାକୁ ମନରେ ଚାପି ,
ନାରୀଟିଏ ହେଇଯାଏ ଆଉ କାହାର ଅଧିକାର ।

ହୋଇଯାଏ ଆଉ କାହାର ବୋହୂ, ଆଉ କାହାର ସ୍ତ୍ରୀ,
ଆଉ କାହାର ମାଆ,
ଘର ଲୋକ କେହି ତା ନିଜର ନୁହଁ,
ଖାଲି ତା ସିନ୍ଦୂର ତାହାରି ସାହା ।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

# ଅଙ୍କୁଶ

ଅମୃତନାରାୟଣ ଶତପଥୀ



ନିରଙ୍କୁଶ ହେଲେ ମତି ଓ ଗତି ଅସମୟରେ ମାଡି ଆସେ ବିପତ୍ତି,
ଅଙ୍କୁଶଟି ଲୋଡା ସମସ୍ତଙ୍କୁ ବନ୍ଧୁ ହୁଅନ୍ତୁ ଯେତେ ବଡ ହସ୍ତୀ । (୧)
ବିବେକ ଅଙ୍କୁଶ ଦେଇ ପ୍ରକୃତି ଦିବ୍ୟଜ୍ଞାନ ଭରା ମନୁଷ୍ୟ ଜାତି
କିନ୍ତୁ ସେ ଅଙ୍କୁଶ ରୋକି ପାରୁନାହିଁ ତୁଚ୍ଛା ଅହଂକାର ଦେଖାଇ ଖ୍ୟାତି ।(୨)
ପାଖେ ରହିଲେ ଅର୍ଥ, କ୍ଷମତା ଅବା ବାହୁବଳ ମନୁଷ୍ୟର ଗର୍ବ ବଢେ ପ୍ରବଳ,
ସେଥିପାଇଁ ପ୍ରକୃତି ଦାଉ ସାଧି ଦିଏ ରୋଗ ଶୋକ ଦୁଃଖରେ କରେ ଦୁର୍ବଳ ।(୩)
ସମସ୍ତଙ୍କ ପାଇଁ ଅଙ୍କୁଶ ଲୋଡା ତେବେ ଭୂମିରେ ସେ ହୋଇବେ ଛିଡା,
ଅଙ୍କୁଶ ନଥିଲେ ଡେଣା ନଥାଇ ଚାହାନ୍ତି ସମସ୍ତେ ମନ ପବନ ଘୋଡା ।(୪)
ଅଙ୍କୁଶ ଅବଶ୍ୟ ଆବଶ୍ୟକୀୟ, ଯାହା ତୁଟାଏ ନିରଙ୍କୁଶତା ଭୟ,
ଅଙ୍କୁଶ ସୃଷ୍ଟିର ଅଟେ ତ୍ରାଣ କର୍ତ୍ତା ନଚେତ୍ ହୋଇପାରେ ପୁଣି ବିଲୟ ।(୫)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସତ କହିଲୁ !

ଜୟନ୍ତ ଦାସ ପ୍ରଫୁଲ୍ଲ



ଶୁଣିଲି ଏବେ ଏବେ ବାହା ହେଇ ନୂଆଁ ସଂସାର କରିଛୁ,

ଅଛା କହିଲୁ

ମୋ ସହ ମିଛି ମିଛିକା ସଂସାର ଗଢିବାର ଆଶା ଦେଇ

କଣ ଏବେ ସତ ସତିକା ସଂସାର ଗଢି ପାରୁଛୁ,,।।

ମୋ ହାତରୁ ମନ୍ଦିରରେ ଲୁଚି ଲୁଚି ସିନ୍ଦୂର ପିନ୍ଧିଥିବା ଶିନ୍ଥିରେ

କଣ ସତ ସତିକା ତୋ ସ୍ୱାମୀର ସିନ୍ଦୂର ନିତି ପିନ୍ଧି ପାରୁଛୁ।।

ମୋ ଆଗେ ପ୍ରେମିକାର ଅଭିନୟ କରି

କଣ ସତ ସତିକା ସ୍ତ୍ରୀ ଭୂମିକାରେ ବଂଚି ପାରୁଛୁ ।

ନିତି ସକାଳେ ମୁଁ ନ ଡ଼ାକିଲେ କେବେ ଉଠୁ ନଥିବା ଝିଅ ତୁ

କଣ ସେଠି ଆପେ ଆପେ ଉଠି ଯାଉଛୁ ।।

ମୁଁ ଦେଇଥିବା ୨/୪ ହାତ ମାପର ସେ ପାଣି ଚୁଡ଼ି କାଢ଼ି

କଣ ଏବେ ସୁନାର ଚୁଡ଼ି ପିନ୍ଧି ପାରୁଛୁ ।।

ତୋ ଶାଢ଼ୀର କୁଞ୍ଚ ତ ମୁଁ ନିଜେ ପକେଇ ଦିଏ

ସତ କହିଲୁ

ଏବେ କଣ ସେ କୁଞ୍ଚ ତକ ତୁ ନିଜେ ସଜାଡି ଦେଉଛୁ।।

ତତେ କଳା ଟିକିଲି ଭାରି ପସନ୍ଦ ଥିଲା

ସତ କହିଲୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବେ କଣ ନାଲି ଟିକିଲି କୁ ଆପଣେଇ ନେଇଛୁ ।।

ତୋ ଅଳି ଅଝଟ ସବୁ ସହୁଥିବା ଏ ପ୍ରେମିକକୁ ଛାଡ଼ି
ସତରେ ତୁ କଣ ଆଉ କାହାର ହେଇ ଯାଇଛୁ
ସତ କହ
ତୁ କଣ ସତରେ
ମତେ ତୋ ମନରୁ ପାଶୋରି ଦେଇଛୁ।।

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

# ଉପହାର

ନିବେଦିତା ରଥ



ସାଇତି ରଖିଛି ତୁମେ ଦେଇଥିବା ସବୁ ଦରବକୁ, ଆତ୍ମୀୟତାର
ଆଞ୍ଜୁଳା ଆଞ୍ଜୁଳା ତୁମ ଲୋଡ଼ିବାପଣର ମହାର୍ଘ ମୁହୂର୍ତ୍ତ ମାନଙ୍କୁ,
ହୃଦୟର ନିବୁଜ କୋଠରୀ ଭିତରେ
ସୁନା, ରୁପା, ହୀରା ଠାରୁ ଆହୁରି ଯତ୍ନରେ
ତୁମେ କହିଥିବା ପ୍ରତିଟି ଶବ୍ଦ ଶତଦଳ ହୋଇ ଫୁଟୁଥାଏ
ମୋ ଜୀବନ ପଙ୍କିଳ ରାସ୍ତାରେ
କେମିତି ଭୁଲିବି ମୁଁ ଯେତେ ସବୁ ରାଗ ରୁଷା ମାନ ଅଭିମାନ
ନଥିଲା ତ ସିଏ ଗୋଲାପର ଫୁଲବନ
ଅବା ପରୀ ରାଇଜର ଗଳ୍ପ, ରାଜାପୁଅ, ସୁନେଲି ସପନ
ଥିଲା ସେତ କଣ୍ଟକର ସ୍ୱାଭିମାନ
ଜୀବନର ଉଜାଣୀ ସ୍ରୋତକୁ ପାରି କରିବାର ଦୁର୍ବାର ଆକର୍ଷଣ
ଚାଲିବାକୁ ଭଲପାଅ ତୁମେ ସେହି ବାଟରେ,
କେହି କେବେ ଚାଲେ ନାହିଁ ଯେଉଁ ରାସ୍ତାରେ
ଦୁର୍ଗମ ପଥର ଯାତ୍ରୀ ତୁମେ
କୋଳେଇ ନେଇଛ ଅନ୍ଧକାର ପକ୍ଷ ରାତ୍ରି
ମୁଁ ତ ଚିରଦିନ ସ୍ନେହ ରଂକୁଣିଟେ
ଶୁନ୍ୟତାର ମରୁବାଲି

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଲୋଡ଼ାନାହିଁ ମୋର ସିନ୍ଧୁଏ ଜଳ

ପ୍ରାଚୁର୍ଯ୍ୟ ର ପାରାବାର

ବିନ୍ଦୁ ବିନ୍ଦୁ ବର୍ଷା ହୋଇ ଝରିପଡ

ମୋ ମନର ଶୁଖିଲା ପତ୍ରରେ,

ଦଲକାଏ ପବନରେ ପ୍ରେମର ଫଲଗୁ ବିଞ୍ଚି ଦେଇଯାଅ

ମିଠା ମିଠା ସ୍ମୃତି ପାଖୁଡ଼ାରେ

ସୁନେଲି ସକାଳଟେ ହୋଇ

ଉଙ୍କି ମାରୁଥାଅ ଆକାଶ ର ଛାତିରେ

ସମ୍ଭାବନାର ସୂର୍ଯ୍ୟଟିଏ ପରି

ଷ୍ଟେସନ ରୋଡ, ଢେଙ୍କାନାଳ

ମୋ : ୭୩୭୦୩୬୮୩୦୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରଜରେ ମଉଜ

ସଞ୍ଜୀବ କୁମାର ଦାସ



ଆସ ସେବତୀ, ଆସ ମାଳତୀ
ବସିବା ଦୋଳିରେ ଯାଇ
ତାଳ ବାହୁଙ୍ଗାରେ ଗଛ ଓହଳରେ
ଝୁଲା ଲଗେଇଛି ନିତେଇ ଭାଇ ।
ବାଉଁଶକୁ କଛ କରି ଧରିବା ଦୋଳିକୁ
ସାମନା ସାମନି  କରି
ଆକାଶକୁ ଉଡି ବାହି ଦେବା ଲୋ  ଝୁଲା
ଦେଖୁଥିବେ ଗୌରା ଗୌରୀ ।
ରଜ ପାନ ଖାଇ ଲାଲ କରି ଦେବା ଓଠ ଆମ
ଅତର ବାସନା ଦେବ ମହକାଇ ଗାଁ
ଆକାଶକୁ ଉଡି ଦେଖିବା ମିତଣି
ଦେହେ ବାଜୁଥିବା ସୁଲୁ ସୁଲୁ ବାଆ ।
ନୂଆ କୁରୁତାରେ ସଜେଇ ହେବା
ପାଦରେ ଅଳତା ମାଖି
ସର ନାନୀ ରମା ଭାଉଜ ସେପଟେ
ଖାଉଥିବେ ସୁବାସିତ  ପାନ ବାଣ୍ଟି ।
ଆମ୍ବ ପଣସର ଭାର ଆସିଥିବ ପରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନିଆ ଭାଉଜ ବାପ ଘରୁ
ରଙ୍ଗ ବେରଙ୍ଗର ଶାଢ଼ୀ ସେମିଜିରେ
ସଜ ହୋଇଥିବେ ବଡ଼ ଅପା ଆଉ ଚାରୁ ।
ନଟ କକେଇ ସୁରିଆ ସାଆନ୍ତ ତାଆସ ପାଲିରେ
ଭିଡି ଯାଇଥିବେ ବଡବା ପିଇସାଙ୍କୁ ବସେଇ
ବୁଲା ଭାଇ ଶଙ୍କର ସହିତେ ମସଗୁଲୁ ଥିବେ
ପଡିଆ ଭିତରେ ବାଗୁଡ଼ି ଖେଳକୁ ନେଇ ।
ତିନି ଦିନ ଧରି ରଜ ପରବରେ ହେବ
କେତେ ପୋଡପିଠା ଖିଆ
ରଜ ଗୀତ ଗାଇ ଝୁଅ ଆମେ ସବୁ ପାଳିବା ନିଷ୍ଠାରେ
କାଳିଆ ଠାକୁରେ ହେବେ ସଭିଙ୍କୁ ସାହା ।

ମର୍କତ ନଗର
କଟକ
୬୩୭୧୬୭୧୯୦୦୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅମାନିଆ ନଈ

ସୁଜିତ୍ କୁମାର ମିଶ୍ର



ଅଭିମାନ ଭରା ଅମାନିଆ ନଈ ଆବେଗରେ ଯାଏ ବହି,
ଅଳପ ଆଳାପ ଅନ୍ତର ଅସ୍ଥିର ଅଶ୍ରୁଭରା ଆଶାଛାଇ ।
ଗୋପନେ ସପନ ଉଇଁ ଆସୁଥାଏ ଗୋପି ଗୋପାଗଂନା ଧରି,
ଅବୁଝାପଣର ବରଷାରେ ଭିଜେ ଏକାନ୍ତରେ ଅସୁମାରୀ ।

ନାକ ଅଗ୍ରେ ଝରେ କ୍ରୋଧର ଅନଳ ନୀରବତା କେତେ ଭାଙ୍ଗି,
ଚୁଲୁବୁଲି ମନ ଶୂନ୍ୟ ବଂଶୀସ୍ୱନ ଚେହେରାରେ ବହୁଭଙ୍ଗି ।
ତାତିରେ ବୁଲେସେ ଛାତିଦରଜରେ ତୋଳି ଅସନ୍ତୋଷ ଫଳ,
ମଧୁରାତି ତାର ମହୋତ୍ସବ ନୁହେଁ ମହା ସଙ୍କଟର କାଳ ।

ଗୋଟିଏ ପଥର କ୍ଳାନ୍ତ ପଥିକ ସେ ଗରଜିଲା ଘନମେଘ,
ଜାଣେନା ସେପଥ କେବେଯେ ସରିବ ଜନଶୂନ୍ୟ କାଳଯୋଗ।
ଜହର ପିଏସେ ଅଦିନ ଝଡରେ ଜହ୍ନରାତିଠାରୁ ଦୂରେ,
ନିଜ ଭିତରେ ସେ ଦ୍ୱନ୍ଦବୀଜଟିଏ ନିରନ୍ତର କଳହରେ ।

ଜୀବନର ନଈ ଦୁଇକୂଳ ଭାବ ଯମ ଯନ୍ତ୍ରଣାରେ ଭରା,
ଜୀଇଁବାକୁ ହେବ ଐଶ୍ୱର୍ଯ୍ୟ ବିହୀନ ଯକ୍ଷକୁଣ୍ଡ ହୋଇ ପରା ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରୂପସୀ ଉତ୍କଳର ରସରାଜି

ରତି ରଞ୍ଜନ ମହାପାତ୍ର



ରମ୍ୟ ରମଣୀୟ ରାଜ୍ୟ ରତ୍ନ-ରୂପାବତୀ,
ରଖିଅଛି ରତ୍ନାକର ରତ୍ନ ଦେଇ ନିତି ।
ରଙ୍ଗେ ରଙ୍ଗ ରଞ୍ଜିତ ଏ ରଙ୍ଗମଞ୍ଚେ ତାର,
ରସିକ ରସରେ ରମେ ରସାଳ ସଂସାର ।
ରକ୍ତେ ରକ୍ତେ ରଣଡାକ ରଣଜିତା ବୀର,
ରଖିଲେ ରାଜ୍ୟର ରକ୍ଷା ରଣେ ନୋହି ସ୍ଥିର ।
ରାଜେ ରାଜା ରାଜଧାନୀ ରବି-ରଶ୍ମି-ସମ,
ରଚିଲେ ରମଣୀ ରୂପ ରୋକି ଅରି-ଦମ ।
ରଥେ ରଥପତି ରମେ ରତ୍ନ-ସିଂହାସନେ,
ରଙ୍ଗାଧର ରୂପ ତାର ରହେ ଭକ୍ତ-ମନେ ।
ରହସ୍ୟ ରଞ୍ଜିତ ରୀତି ରସିକ-ଶେଖର,
ରଙ୍କୁ ରକ୍ଷା କରେ ରଖି ରଥ-ଚକା-ତଳ ।
ରୂପକଳା ରମଣୀୟ ରଥ-ମନ୍ଦିରର,
ରୂପକାର ରଚିଗଲା ରହସ୍ୟ ପଥର ।
ରାଗିଣୀ ରଣରଣକ ରଣିତ ପାଉଁଜି,
ରଖିଅଛି ରୂପରାଜ୍ୟ ରସେ ଆଜି ମାଜି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଘରୁ ଦୂରେ ଗୋଟେ ଘର

ସୁନୀନା ମିଶ୍ର



ଘରୁ ଦୂରେ ରହି ମୁଁ ଗୋଟେ ଘର ଗଢ଼ିଲି,
ପାଠ ପଢ଼ା ପାଇଁ ନିଜ ଘର ଛାଡ଼ିଥିଲି ।
କଷ୍ଟ ଥିଲା ସେ ନୂଆ ସଂସାରରେ ଚାଲିବା,
ନୂଆ ଲୋକ, ନୂଆ ପରିବେଶକୁ ଚିହ୍ନିବା ।

କିନ୍ତୁ ସବୁକୁ ସହି ଗୋଟେ ନୂଆ ବାଟ ବାଛିଲି,
ମା' ବାପାଙ୍କ ସ୍ୱପ୍ନ ପାଇଁ ଆଗକୁ ପାଦ ବଢ଼ାଇଲି ।
ଘରର ସୁଖ ଦୂରେ ରହିଗଲା,
କିନ୍ତୁ ବନ୍ଧୁତ୍ୱର ନୂଆ ଦୁନିଆ ମିଳିଗଲା ।

ସଭିଙ୍କ ମନରେ ଲୁଚିଥିଲା ଅନେକ କଥା,
ହେଲେ ବି ସମସ୍ତଙ୍କ ଆଖିରେ ଥିଲା ନୂଆ ପଥର ବ୍ୟଥା ।
ହଷ୍ଟେଲର ଚାରି କାନ୍ଥରେ ସପନ ସାଜିଲା,
ଅଜଣା ମୁହଁମାନେ ଧୀରେ ଧୀରେ ନିଜର ହେଲା ।

ହସ ଓ ଲୁହରେ ଦିନ ସବୁ କଟିଗଲା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ମୃତିର ଖାତାରେ ନୂଆ ପୃଷ୍ଠା ଯୋଡ଼ିଗଲା ।

ସନ୍ଧ୍ୟାର ଆଡ୍ଡାରେ କଥାର ମେଳା ବସୁଥିଲା,

ଗପସପର ଧାରା କେବେ ଶେଷ ହେଉନଥିଲା ।

ଚା କପର ଧୂଆଁ ସହ ହସର ରଙ୍ଗ ମିଶୁଥିଲା,

ଛୋଟ ଛୋଟ ଦୁଷ୍ଟାମିରେ ମନ ଖୁସିରେ ଭରୁଥିଲା ।

ରାତି ଅଧରେ ବସି ଭବିଷ୍ୟତର ଚିତ୍ର ଆଙ୍କୁଥିଲୁ,

ନିଜ ନିଜ ସ୍ୱପ୍ନକୁ ଆକାଶ ଛୁଆଇବାର କଥା କହୁଥିଲୁ ।

ପରୀକ୍ଷାର ଚାପ ଓ ଜୀବନର ଶିକ୍ଷା ଭିତରେ,

ଆମେ ଖୋଜୁଥିଲୁ ନିଜ ପରିଚୟ ସମୟର ସ୍ରୋତରେ ।

ନୂଆ ନୂଆ କୌଶଳ, ନୂଆ ନୂଆ ଅନୁଭବ,

ପ୍ରତ୍ୟେକ ଦିନ ନେଇଆସୁଥିଲା ନୂଆ ସମ୍ଭାବନାର ସନ୍ଦେଶ ।

ଧୀରେ ଧୀରେ ବଦଳିଗଲା ସମ୍ପର୍କର ପରିଭାଷା,

ବନ୍ଧୁତ୍ୱ ହୋଇଗଲା ଜୀବନର ସବୁଠୁ ସୁନ୍ଦର ଭାଷା ।

ପରିବାର ଥିଲେ ଦୂରେ, ତଥାପି ଏକା ଲାଗୁନଥିଲା,

ସାଙ୍ଗମାନଙ୍କ ଭିତରେ ଆଉ ଗୋଟେ ପରିବାର ମିଳିଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

ଆଜି ବି ସେ ଦିନଗୁଡ଼ିକ ମନ ଆକାଶରେ ଝଲମଲ କରେ,

ହଷ୍ଟେଲ ଜୀବନର ସ୍ମୃତି ନୀରବେ ହୃଦୟକୁ ଛୁଇଁଯାଏ ।

ଘରୁ ଦୂରେ ରହି ମୁଁ ଗୋଟେ ଘର ଗଢ଼ିଥିଲି,

ଯେଉଁ ଘରର ନାମ ଥିଲା—

ବନ୍ଧୁତ୍ୱ, ସ୍ୱପ୍ନ, ସଂଘର୍ଷ ଓ ଆତ୍ମୀୟତା ।

ରାଉରକେଲା, ସୁନ୍ଦରଗଡ଼ ଜିଲ୍ଲା

ବି ଏଡ଼ ପ୍ରଶିକ୍ଷାର୍ଥୀ, ସାଇଜର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନନ୍ୟା ବଗିଚାକୁ ବୁଲି ଦେଖନ୍ତୁ

 କ୍ରିଷ୍ଣା ସେନାପତି



ଅନନ୍ୟା ଫୁଲ ବଗିଚାଟି ସୁନ୍ଦର ଅତି
ବାସ  ଚହଟୁଛି କେତେ  ନିତି ନିତି ।

ଅନନ୍ୟାର ଗୁଣ ବଖାଣି ବାକୁ
ନିଅଣ୍ଟ ହେବ ମୋ କଲମର କାଳିକୁ ।

ବାର ମାସେ ତେର ଯାତରା ଭଳି
ବଗିଚାରେ ଭରା ଉତ୍ସବର ମେଳି ।

ଏକପଦୀ ମାଳା ଉତ୍କଳ ଦିବସ ପରି
ଭରି ରହିଛି ଫୁଲ ସୁବାସିତ ପୁରି ।

ବିଭିନ୍ନ ଜିଲ୍ଲା ରୁ ଫୁଲ ଖୋଜି ଆଣି
ମାଳୀ ସଜନ୍ତି କରି ସୁନ୍ଦର ମଣି ।

ଜ୍ଞାନୀ ଗୁଣୀ ମାନି ସ୍ୱଭାବରେ ଭରା
ମାଳ ଲାଗନ୍ତି ସଭିଙ୍କ ଅତି ଆପଣା ପରା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଗିଚାର ଯତ୍ନ ନିଅନ୍ତି ଆମ ମାଳି ଭାଇ
ସାଜନ୍ତି ଫୁଲ ଗଛ ମନକୁ ଦେଇ ।

ଚାହାନ୍ତି  ଓଡ଼ିଆ ଅସ୍ମିତାର ମାନ ବୃଦ୍ଧି ପାଇଁ
ଖୋଜି ଆଣନ୍ତି ସୁନ୍ଦର ଗଛ ଧାଇ
ତାଙ୍କ ତୁଳନା ପରା କେଉଁଠି ନାହିଁ ।

ଆଗକୁ ମାଡି ଚାଲୁ ଆମ ଓଡ଼ିଆ ଅସ୍ମିତା
ଦେଶ ବିଦେଶ ରେ ବୁଲୁ ତାହାର ରଶ୍ମିତା ।
ଅନନ୍ୟା ଫୁଲ ବଗିଚା ଟି ସୁନ୍ଦର ଅତି
ବାସ ଚହଟୁଛି  ତାର ନିତି ନିତି ।

ନାନା ଜାତି ନାନା ଫୁଲେ ଶୋଭିତ
ବଗିଚା ଟିଫୁଲ ଗୁଣରେ ମହକିତ ।

ଏକ ରୁ ଆରେକର ଗୁଣ ନିଆରା
ବଖାଣି ପାରିବେ ନାହିଁ କୂଳ କିନାରା ।

ଅନନ୍ୟା କଳେବରକୁ ସଜାଉଛନ୍ତି
ନିଜ ନିଜ ସୃଜନୀ କୁ ପ୍ରୟାଗ କରୁଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହି ବଗିଚାର ଅଛି ଗାରିମା
ବୁଲି ଦେଖିଲେ ଜାଣିବେ ଏହାର ମହିମା ।

ଆମ ସରକାର ଥରେ ଅନନ୍ୟା ବଗିଚାକୁ ଆସନ୍ତୁ
ବୁଲି ଦେଖି ଏହାର ଚିନ୍ତା କରନ୍ତୁ ।

ଏହି ପରି ଅନନ୍ୟା ବଗିଚାରେ ନୂଆ ଫୁଲ ଫୁଟୁ ଥାଉ
ଚତୁର୍ଦ୍ଦିଗ ରେ ଓଡ଼ିଆ ଅସ୍ମିତା ର ସୁବାସ ମହକୁ ଥାଉ।

ଅନୁଷ୍ଠାନର ସବୁ ଭାଇ ଭଉଣୀଙ୍କ ତରଫ ରୁ ଏତିକି ମିନତି ରହିଲା
ପ୍ରଭୁ ଜଗନ୍ନାଥଙ୍କ ଆଶିଷ  ସଦା ଝୋହିଲା ।

ଅବସର ପ୍ରାପ୍ତ ଶିକ୍ଷୟତ୍ରୀ
ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

# ବିରହ

ସୁସ୍ମିତା ପଣ୍ଡା




ଭାବନା ରାଇଜେ ଏକା ଏକା ବୁଲୁଥିଲି
ତୁମ ସାଥେ ଯେବେ ଭେଟହେଲି ।।

ଆଖିରେ ଆଖିକୁ ଯେବେ ମିଶାଇଲି
ତୁମକୁ ମୁହିଁ ନିଜର ଭାବିନେଲି ।।

ନଦୀ ନିଜର ଦୁଃଖକୁ ସିନ୍ଧୁ ପାଶେ ଜଣାଏ ଯେପରି
ମୁଁ ମଧ୍ଯ ଥିଲି ଠିକ୍ ସେହିପରି ।।

ସାଗର କୂଳେ ତୁମ ସାଥେ ଢେଉ ଭାଙ୍ଗୁଥିଲି
ଅସ୍ତଗାମୀ ସୁରୁଜର ରକ୍ତିମ ଆଭାକୁ ଉପଭୋଗ କରୁଥିଲି ।।

ହାତ ସହ ହାତ ଛନ୍ଦି ଦୁଃଖକୁ ବାଣ୍ଟୁଥିଲି
ସୁଖକୁ ସଦା ହୃଦୟେ ସାଉଁଟୁଥିଲି ।।

ତୁମକୁ ଦିନେ ନ ଦେଖିଲେ
ଅନ୍ଧ ବୋଲି ମନେ କରୁଥିଲି

Listen to Odia Podcast Original at https://youtube.com/@drjyotiprasad

ମୋ ହୃଦୟର ସ୍ପନ୍ଦନ ବୋଲି ତୁମକୁ ଭାବିନେଲି ।।

ଆଜି ମୁଁ ବିରହ ନିଆଁରେ ଜଳୁଛି
ଆଖିରୁ ଲୁହ ଆପେଆପେ ଝରୁଛି ।।

ସାତଜନମର ସାଥୀ କରିବୁ ବୋଲି ବାଛିଥିଲୁ ତୁହି
ଅତୀତର ଅଭୁଲା ସ୍ମୃତିକୁ ସବୁ ଭୁଲିଗଲୁ କାହିଁ ।।

ମଥାରେ ସିନ୍ଦୁର ଦେଇ ବଧୂ ବେଶରେ ସଜାଇ
ତୋ ଘରକୁ ନେବୁ ବୋଲି କଥା ଦେଇଥିଲୁ ।।
ତାହା ସବୁ କାହିଁ ଭୁଲିଗଲୁ ।।

ସୁରୁଜର କିରଣେ କମଳ ଫୁଟେ ଯେପରି
କୁମୁଦିନୀ ଜହ୍ନର ଆଲୋକକୁ ଅପେକ୍ଷା କରେ ଯେଉଁପରି
ମୁଁ ତୁମକୁ ଅପେକ୍ଷା କରୁଥିଲି ସେହିପରି ।।

ଭାବିଥିଲି ତୁମେ ହେବ ମୋହର ସାହାରା
ତୁମ ବିନା ଏବେ ମୁଁ ଅଧୁରା ।।

ଅନ୍ୟର ପ୍ରେମରେ ନିଜକୁ ବାନ୍ଧି ଦେଲ
ମୋ ଆଖିରୁ ଲୁହ ଝରାଇଲ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିରହ ନିଆଁରେ ଜଳୁଛି ମୁଁ ଆଜି
ଅତୀତର ସ୍ମୃତିକୁ ମନ ଗହନେ ପାଏ ଖୋଜି ।।

ମୋ ସାଥେ ତୁମେ କଲ ଛଳନା
ମନେ ମନେ ଭାବିନେଲ ମୁଁ ଯେ ଏକ ଖେଳନା ।।

ସିନ୍ଧୁ ର ଢେଉ ଭାଙ୍ଗିଦିଏ ବାଲିରେ ନିର୍ମିତ ଘର
ମୋ ହୃଦୟେ ଆଶାର ଘର ତୋଳିଦେଲ ପୁଣି
ଭାଙ୍ଗିଦେଇ ହୋଇଗଲ ସଦା ସ୍ୱାର୍ଥପର ।।

ଅନ୍ୟର ପ୍ରେମରେ ପଡି ସବୁ ସ୍ମୃତିକୁ
କ୍ଷଣିକ ମାତ୍ରେ ମନରୁ ପୋଛିଦେଲ ।।

ମୋ ଆଖିରୁ ନିଦ ହଜାଇଲ
ବିଶ୍ୱାସେ ମୋହର ବିଷ ଭରିଦେଲ ।।

ବିରହ ନିଆଁରେ ଜଳୁଛି ଆଜି
ବୁଝାଉଛି ମନକୁ ମୁହିଁ
ଅତୀତର ସ୍ମୃତିକୁ ଯେପରି ନ ପାରେ ଖୋଜି ।।

କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚାନ୍ଦିନୀ ରାତି

ମାହେଶ୍ୱରୀ ଦାଶ



ଭୁଲିପାରିବିନି ସେଦିନର ସେଇ ନିଶୀଥ ଚାନ୍ଦିନୀ ରାତି
କଇଁ କଇଁ ହୋଇ କାନ୍ଦୁଥିଲା ଆଖି ଦୂରେ ଥିଲ ତୁମେ ସାଥୀ ।
ଆଖିର କଜ୍ଜଳ ଲୁହଧାର ହୋଇ ସାଉଁଟୁଥିଲା ଚିବୁକ
ଆବେଗ ବେଳାର ନିର୍ଜନ ଦ୍ୱୀପରେ ଚାହିଁଥିଲି ମୁଁ ଭାବୁକ ।

ଅତୀତ ରାଇଜୁ ତୁମ କଣ୍ଠସ୍ୱର ଶୁଭୁଥିଲା ଧୀରେଧୀରେ
ପଛକୁ ଅନେଇ ନିରେଖିଲି ଯେତେ ଅସ୍ପଷ୍ଟ ହେଲ ତିମିରେ ।
ଆପଣା ଛାଇରେ ଦେଖିପାରୁଥିଲି ତୁମ ଅପାସୋରା ମୁହଁ
ପଢିପାରିଥିଲି ତୁମ ହୃଦୟର ଅକୁହା ଅନେକ କୋହ ।

ଜୋଛନା ପଖଲା ସାଗରର ବେଳା ପଚାରିଲା ପାଶେ ଡାକି
କୁଆଡେ ଗଲା ତୋ ଅଯୁତ ସପନ ଦିଶୁଛୁ ଆଜି ଏକାକୀ ।
ପଣତରେ ପୋଛି ଲୁହ ଦୁଇଧାର ବଖାଣିଲି ସବୁ ବ୍ୟଥା
ସମୟ କେମିତି କଲା ପ୍ରତାରଣା ବୁଝିଲାନି ମନ କଥା ।

ଦରଦୀ ସଲିଳ ଆଶ୍ୱାସନା ଧାରେ ଯେବେ ଛୁଇଁଲା ମୋ ଛାତି
ପ୍ରତିଟି ସ୍ପନ୍ଦନ ବଢିଚାଲିଥିଲା ଭରିଥିଲା ଦେହେ ତାତି ।
ଚାନ୍ଦିନୀ ରାତିର ଅନନ୍ତ ସୁଷମା ମାଗୁଥିଲା ଢେଉ ସଙ୍ଗ
ଗଢୁଥିଲା ହାତ ସେଇ ବାଲିଘର ମାଡିଆସିଲା ତରଙ୍ଗ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ମୋର ସରଳତା

ତାରା ପ୍ରସାଦ ଜେନା



ସାହିତ୍ୟ ଚର୍ଚ୍ଚାରେ ରୂପସୀ ନାୟିକା

ତୁମେ ମୋର ସରଳତା

ମୁଁ ତୁମ ଆଖିର ଗଭୀର କୋଣରେ

ଟିକେ ଠାର ଦୁର୍ବଳତା

.....ସାହିତ୍ୟ ଚର୍ଚ୍ଚାରେ ରୂପସୀ ନାୟିକା....। ୦ ।

ପାହାନ୍ତି ପ୍ରହରେ ସପନେ ଆସୁଛ

ସକାଳକୁ ନାହଁ ସଖୀ

ଗୋଲାପ ଫୁଲରେ ଭଅଁର ଉଡୁଛି

ତୁମ ଫେରା ବାଟ ଦେଖି,

ବସନ୍ତ ମଳୟେ ବାସନା ହେଉଛ

ତୁମେ ଭାରି ଚପଳତା

.....ସାହିତ୍ୟ ଚର୍ଚ୍ଚାରେ ରୂପସୀ ନାୟିକା....। ୧ ।

ଲୁହର ଆଖିକୁ ସତେକି ପୋଛୁଛ

ପ୍ରିୟା ବୋଲି ପରିଚୟ

Listen to Odia Podcast Original at https://youtube.com/@drjyotiprasad

ବାହାନା ଭିତରେ ସରାଗେ ମାତିଛ

ଦରହସ ଅଭିନୟ,

ମିଳନ ମଞ୍ଚରେ ଦୁନିଆ ଦେଖୁଛି

ତୁମ ଇଚ୍ଛା ସଫଳତା

.....ସାହିତ୍ୟ ଚର୍ଚ୍ଚାରେ ରୂପସୀ ନାୟିକା....। ୨ ।

ରଣପୁର, ଜିଲ୍ଲା-ନୟାଗଡ଼

ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବେଦରଦୀ ପ୍ରେମିକା

ଶିବରାମ ନାୟକ



ଏ ମେଡିକାଲର ନିଶବ୍ଦ କୋଠରୀ ବି ଆଜି ପ୍ରେମ ଶିଖେଇଦେଲା....

କାହାର ମିଠା ପ୍ରତିଶ୍ରୁତି ଗୁଡ଼ା ଆଜି ସଲାଇଁନର ଛୁଞ୍ଚି ପରି ଦେହରେ ଖଞ୍ଜା ହେଲା...

କିଛି ଦେହର ଶିରାରେ ଭେଦି ରକ୍ତ ଝରିଲା ତ କିଛି ଦାଗ ହେଇ ରହିଗଲା...

ଏବେ ଦେଖୁଛ ନା ତୁମ ପ୍ରେମ ମୋତେ କେମିତି ସଜେଇଦେଲା... !

ଆଜି ଏ ମେଡିକାଲ୍ ବି ମୋତେ ପ୍ରେମ କ'ଣ ଜଣାଇଦେଲା..... ! !

ସେ ଦେଇଥିବା ରାଣ ଗୁଡ଼ାକ ସବୁ ଆଜି ବେଶୀ ବେଶୀ ଭାରି ପଡୁଛି..

ଦେଖୁଛ ତ' ତୁମେ, କାହା ପାଇଁ କିଏ ଆଜି ମୃତ୍ୟୁ ସହ ଲଢୁଛି...

କହିଥିଲା କେହି ଜଣେ "କିଏ କାହା ପାଇଁ ମରିଯାଉଛି କି" ବାସ୍

ଯଦି ସେମିତି ନୁହେଁ ଏତେ କଷ୍ଟ କାହା ପାଇଁ କାହିଁକି ହେଉଛି...

ସେ ଦେଇଥିବା ସବୁ ରାଣ ଗୁଡ଼ାକ ସବୁ ବେଶୀ ବେଶୀ ଭାରି ପଡୁଛି... ! !

ଭଲପାଇବାରେ ଏତେ ଯେ କଷ୍ଟ ଥାଏ ଜାଣି ନଥିଲି...

ସେଥିପାଇଁ ବୋଧେ ସମୟ ସାଥୀରେ ମୁଁ ପ୍ରେମରେ ପଡ଼ିଲି....

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେମ କ'ଣ ତା ଠାରୁ ଶିଖିଲି ନିଜଠୁ ଅଧିକ ଭଲ ତାକୁ ପାଇଲି...

ସେ ଆସିବା ପରେ କବିତା, ଡାଇରୀ ଲେଖା ସବୁ ଭୁଲିଲି କାହା ପାଇଁ ଲୁହ ଝରେ ନିଯେ ଜାଣିଲି...

ଏ ସରଳ ହୃଦୟରେ ସବୁ ସହିଲି ନିଜପାଇଁ ସମସ୍ତଙ୍କୁ କନ୍ଦେଇଦେଲି...

ଭଲପାଇବାରେ ଏତେ ଯେ କଷ୍ଟ ଥାଏ ଜାଣି ନଥିଲି... ! !

ପ୍ରେମ ରାଇଜର ବଗିଚାରେ ସଜ ଫୁଲ ସବୁ ମଉଳିଆ ହେଇଗଲା...

ପ୍ରେମ ମୋର ଆଜି ମନ୍ଦିର କୁ ନ ଯାଇ..

କାହା ପାଇଁ କାହା କୋକେଇରେ ସଜା ହେଲା..

ପ୍ରେମ ମୋର ତାହା ପାଇଁ ଛଳନା ତ କେବେ ନଥିଲା...

ହେଲେ ବି ବିଶ୍ୱାସ ହାରିଗଲା ଯେତେ ସେ ମୋତେ ଛାଡିଦେଲା.....

ଏତେ ଭଲପାଇ ହେଲେ ବି ହେଲାଣି କେମିତି ଛାଡ଼ିକି ଗଲା..... ? ?

ସବୁ ଖୁସି ମିଳୁ ତା ଜୀବନରେ ପୁଣି ତାକୁ ମିଳୁ ମୋ ଭାଗ୍ୟର ଖୁସି....

ହସୁଥାଉ ତାର ଜୀବନର ପଥ ଦିନ ଯାଇ ତାର ଖୁସିରେ ବିତି....

ମୁଁ ତ ଅସହାୟ ପାଗଳ ଭଅଁର ଭୁଲ୍ କଲି ମୁଁ ପ୍ରେମରେ ପଡ଼ି....

ନିଜକୁ ହାରିଲି ଏମିତି ଲୋକ ପାଖେ ଯାହାର ହୃଦୟ ହିଁ ଯାଏଁ ସଡି.....

ଏତେ ନିର୍ଦ୍ଦୟ ଏତେ ବେ ଦରଦୀ କେମିତି ସାଜିଲା କୁହ...

ତୁମ କଥା ମୋର ମନେ ପଡିଗଲା ଆଖିରେ ରହୁନି ଲୁହ..... !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତି ଅବସ୍ଥାରେ ପଡ଼ିକି ଆଜି ମୁଁ ଭାବୁଛି ତୁମରି କଥା...

ସବୁପରେ ତୁମେ ମଣିଷ ନା ପଶୁ ବୁଝିପାରୁନାହଁ ବ୍ୟଥା....

ଏତେ ନିଦାରୁଣ କେମିତି ଯେ ତମେ ଏତେ ନିଷ୍ଠୁର କେମିତି ?

କେମିତି ଏମିତି ରହିପାରୁଛ ତୁମେ କଣ କିଛି ବୁଝିପାରୁନାହିଁ ଯେମିତି ?

ମୁଁ ସିନା ଥିଲି ଯାଯାବର ପରି କାହିଁକି ପ୍ରେମ ମୋତେ ଶିଖେଇଲ ?

ଶିଖେଇଲ ଯଦି ପ୍ରେମ ମୋତେ ଯାହା କାହିଁ ଅଧା ବାଟେ ଛାଡ଼ି ଚାଲିଗଲ.... ?

ବାଉଁଶିପଳ, ଗଞ୍ଜାମ, ଓଡ଼ିଶା, ୭୬୧୧୪୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଦର୍ଶ ମଶାଣୀ

ନିତ୍ୟ ରଞ୍ଜନ ନନ୍ଦ



ଆଜିକାଲି ମୃତ୍ୟୁଟା ବି ଉତ୍ସବ ପାଲଟିଛି,
ଯେବେଠୁଁ ମଶାଣୀଟା "ଆଦର୍ଶ ମଶାଣୀ" ବୋଲି ଘୋଷିତ ହେଇଛି.... !

ଶାନ୍ତିରେ ଚିରନିଦ୍ରାରେ କୋକେଇରେ ଶୋଇଥିବା ମଣିଷର ଆତ୍ମା
ବିଳି ବିଳେଇ ଦରାଣ୍ଡି ହେଉଛି;
ଆରେ ଏବେ କଣ ଏଠି ଚା, ଜଳଖିଆ, ସିଗାରେଟ ଆଉ ପାନ ବି ମିଳୁଛି.... ! !

ଢେର ଦିନ ତଳେ ସମ୍ପର୍କୀୟଙ୍କୁ ସତ୍କାର ପାଇଁ ଆଣିଥିଲି;
ଖାଲି କାନ୍ଦୁରା ମୁହଁରେ ଲୁହକୁ ଜାକି ତାଙ୍କ ପୁଅ ମୁଖାଗ୍ନି ଦେଇଥିଲେ .... ! ! !

ଏବେ ଏଠି ଭଲ ଲୋକ ଭିଡ ଧରିଛି;
ପୁଅ ପୁତୁରାଏ ଶବ ସାଙ୍ଗେ ସେଲଫି ମାରି ଚାଲିଛନ୍ତି... ! ! !

ଏବେ ତ ଏଠି ମନୋରଞ୍ଜନ ପାଇଁ ପାର୍କଟିଏ ବି ବନିଚି;
ଜଳ ଫୁଆରା ସାଙ୍ଗକୁ ରାତିରେ ଉଜ୍ଜ୍ୱଳ ଆଲୁଅ ବି ଜଳୁଛି;
ପୁରା ଦିନ କରି ଦଉଚି;

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଦିନର ମଶାଣୀ ପରି ଆଉ ଅନ୍ଧାର ମାଡ଼ି ବସୁ ନାହିଁ .... ! ! !

ଚାଟ, ଗୁପଚୁପ ସାଙ୍ଗକୁ ଦହିବରା ଆଳୁଦମର ପସରା ବି ମେଲିଛି;
ଭୁତ, ପ୍ରେତ ଏ ସବୁ ଦେଖି ଲୁଚିଲେଣି;
ଆଉ ଡର କାହିଁକି ବା ଲାଗିବ ?
ଥାନେ, ଥାନେ ମଶାଣୀ ବି ସ୍ୱାଗତ ଜଣାଉଛି... ! ! !

ମାଲବାହୀ ଭାଇଟି କହେ ମଶାଣୀଟା ସତରେ ଭାରି ବଢ଼ିଆ ହେଇଛି;
ଏତେ ସବୁ ଯୋଗାଡ଼ ଦେଖି ଲୋକଙ୍କୁ ମରିବାକୁ ଆଉ ଡର ଲାଗୁନି... ! ! !

ଯାହା କହ ମୃତ୍ୟୁଟା ଉତ୍ସବ ପାଲଟିଛି;
ଏକାଦଶାହ ଭୋଜି ପାଇଁ ସୁନ୍ଦରିଆ କାର୍ଡ ଛପୁଛି;
ମହାପ୍ରସାଦ ପରିବର୍ତ୍ତେ ପକୋଡାଠୁଁ ବିରିୟାନୀର ଧୂଳା ଉଡୁଛି;
ଭଜନ ମିଶା ମେଲୋଡି ସାଙ୍ଗକୁ ପୁଣି ଭଲ ଖାଇବା ପିଇବା...
ସତରେ ଭୋଜିଟା ବେଶ ଜମୁଛି .... ! ! !

ପଚାରିଲେ ଉତ୍ତର ମିଳୁଚି,
ଏଡ଼େ ବଡ ଦୁଃଖଟାକୁ ଭୁଲିବା ପାଇଁକି ଟିକେ ହାଲକେଇକି ନେଇଛି .... ! ! !

ଏଣେ ଶ୍ରଦ୍ଧାଞ୍ଜଳି ଦେଇ ଦିନେ ମୁହଁ ନ ଦେଖିଥିବା ଶ୍ରଦ୍ଧାଳୁଙ୍କ ବେଶ ଫଟୋ ଉଠା ସେଶନ ଚାଲିଛି... ! ! !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତେଣେ ବିଚରା ମୃତ ଆତ୍ମାଟି ଫୁଲ ମାଳ ଘେରା ଫଟ ଭିତରେ ରହି ଭାବୁଛି ...
ଯାହା ହେଉ ବଞ୍ଚିବାଠାରୁ ମରିବାଟା ମନୋରମ ଲାଗୁଚି;
ଦଶ-ବାର ଦିନ ହେଲାଣି, ମୋ ପାଇଁ ଯାତେରା ଜମୁଛି .... ! !

ଜିଇ ଥିଲା ବେଳେ ମିଳୁ ନ ଥିଲା ମୁନ୍ଦେ ପାଣି;
ଏବେ କିନ୍ତୁ ଥଣ୍ଡା ପାନୀୟ ସାଙ୍ଗକୁ ବିଅରରେ ମୋ ଘର ଅଗଣା ଭାସୁଛି .... ! ! !

ପୁଅ ମୋର ଫୋଟୋଟେ ମୋବାଇଲରେ ଛାଡ଼ିଛି;
ଜ୍ଞାତି, ଅଜ୍ଞାତି କେତେ ଚିହ୍ନା ଅଚିହ୍ନା ସେ ଫଟୋରେ ଲାଇକ ମାରି ଓଁ ଶାନ୍ତି, ରିପ୍ ଲେଖିଛନ୍ତି ..... ! ! !

ପରିବାରଟା ପୁରା ମୋର ମରିବାକୁ ଜମେଇକି ପାଳିଛନ୍ତି;
ନେତାଠୁଁ କର୍ମି ପର୍ଯ୍ୟନ୍ତ ସଭିଙ୍କୁ ନିମନ୍ତ୍ରଣ କରିଛନ୍ତି ..... ! ! !

ସତରେ ଯେବେଠୁଁ ମଶାଣୀଟା ଆଦର୍ଶ ହେଇଛି,
ମୃତ୍ୟୁଟା ବି ତାଳ ଦେଇ ଉତ୍ସବ ପାଲଟି ଯାଇଛି.... ! ! !

ଡିଏଲଏ -୧୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ବର
ମୋ - ୯୪୩୭୨୧୭୮୪୨୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରେଲୱେ କ୍ରିପର୍

ଡଃ ଆଭାଞ୍ଜଳୀ ଶତପଥୀ



ଲଚକିଆ ଲତିକାକୁ ପଚାରିଲି ଦିନେ ଗୋଦରୀଲୋ ! ଯେତେ କାଟିଲେ ବି, ମାଟି ଛାତି ଚିରି ମାଡ଼ିଯାଉ, ରେଳଧାରଣାର ସମାନ୍ତର ଧାରା ଧରି । କିବା ଯେ ମୋହ ତୋ'; କିବା ସେ ବନ୍ଧନ, ବିସରି ନାମ ତୋର ଇପୋମୀଆ କାଇରିକା, ରେଳ ନାମେ ଖୋଜିଛୁ ତୁ ପରିଚୟ ନିଜର ।

ଗଭାରେ ରଙ୍ଗବେରଙ୍ଗୀ ଫୁଲ ମାଖି ହସି କହେ, ନୁହେଁ ମୁଁ ଏମିତି ସେମିତି ଲତା, ରେଳପଥର ପଥସଖୀଟିଏ ମୁହିଁ । ସାଉଁଟିଛି ରେଳବାଇର କାୟାନ୍ତରର ଗାଥା ମୋ ତନ୍ମୟ ଚିତ୍ତରେ । ରକ୍ତସ୍ରୋତ ପରି ବୋହୁଛି ତା' ବିବର୍ତ୍ତନ ଇତିହାସ ମୋ ସବୁଜ ଶିରାରେ । ଶୁଣୁଛି ମୁଁ ଅହରହ ତା' ଅଭିଯାତ୍ରାର ପଦଧ୍ୱନି ମୋ କୁଞ୍ଚିତ କର୍ଣ୍ଣ ଆଡୁଆଳେ, ଉତ୍ତରୋତ୍ତର ଝଙ୍କୃତ ସେ ପରିବର୍ତ୍ତନର ଛନ୍ଦରେ ।

ଶୁଣିଛି ମୁଁ ଧୂଆଁଭରା ବାଷ୍ପୀୟ ଇଞ୍ଜିନର ଛୁକ୍-ଛୁକ୍ ବିଳମ୍ବିତ ଲୟ, ଡିଜେଲ୍-ଭରା କଣ୍ଠେ ମଧ୍ୟଲୟୀ ସୁର ପୁଣି 'ସୁଁ-ସୁଁ' ଦ୍ରୁତ ଲୟ ବିଦ୍ୟୁତୀକରଣର । ନ୍ୟାରୋ ଗେଜର ସରୁ ଧାରା, ମିଟର ଗେଜର ପ୍ରସାର, ପୁଣି ବ୍ରଡ୍ ଗେଜର ବିଶାଳ ବକ୍ଷରେ ରେଳଧାରଣାର ଦିଗନ୍ତଛୁଆଁ ବିସ୍ତାର, ଏକ ଅବିରାମ ଯାତ୍ରା-ଉତ୍କ୍ରାନ୍ତିର ।

ବୁଝିଛି ସଙ୍କେତ ମୁଁ, ସେମାଫୋରର ହସ୍ତମୁଦ୍ରାର, ଉଦାତ୍ତ–ଅନୁଦାତ୍ତ ଭଙ୍ଗିମାରେ, ରଜନୀରେ ଲଣ୍ଠନର ନୀରବ ଇଙ୍ଗିତରେ ଆଉ ପଢ଼ିଛି କଲର୍ ଲାଇଟ୍ ର ଦୀପ୍ତ ନୟନର ମୌନ ଅଭିବ୍ୟକ୍ତିରେ । ପୁଣି ସଙ୍କେତର ନବକଳେବର ରକ୍ଷାକବଚରେ, ଅଦୃଶ୍ୟ ପ୍ରହରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ସଜାଗତାରେ, ସୁରକ୍ଷାର ଅଟଳ ଅଙ୍ଗୀକାରେ ।

କାଠଡବାର ସ୍ମୃତି ଡେଇଁ, ଇଣ୍ଟିଗ୍ରାଲ୍ କୋଚ୍ ହେଲା ସ୍ୱାଚ୍ଛନ୍ଦ୍ୟର ନବ ବାହକ, ସାକାର କଲା ସ୍ୱଦେଶୀ ସ୍ୱପ୍ନର ପ୍ରଥମ ଅଧ୍ୟାୟ ।  ଏଲ୍ ଏଚ୍ ବି ର ବଳିଷ୍ଠ କାୟାରେ ପ୍ରଗତିର ବାର୍ତ୍ତା ବହି ଆଣେ ଗତିରେ ଅଗ୍ରଗତି ।  ପୁଣି ମେକ୍ ଇନ୍ ଇଣ୍ଡିଆର ଗର୍ବିତ ସ୍ୱାକ୍ଷର ସେ ବନ୍ଦେ ଭାରତର ଉତ୍ତାଳ ସ୍ୱର, ଛୁଇଁଗଲା ଦେଶ- ବିଦେଶର ପ୍ରାନ୍ତର ।

ଦେଖିଛି ତା'ର ରଙ୍ଗମଖା ତନୁ, ପୋଷ୍ଟ ଅଫିସ୍ ଲାଲରୁ ସ୍ନିଗ୍ଧ ଶୁଭ୍ରତାର, କେତେ ରଙ୍ଗରେଖା ତା'ରୂପବୈଚିତ୍ର୍ୟର । ସାକ୍ଷୀ ମୁହିଁ କାର୍ଡବୋର୍ଡ ଏଡମନ୍ସନ୍ ଟିକେଟରୁ ଇ-ଟିକେଟର ଅଭ୍ୟୁଦୟ ପର୍ଯ୍ୟନ୍ତ । କେତେ ରୂପରେଖା, କେତେ ରୂପାନ୍ତର,ପ୍ରଯୁକ୍ତିର ଅସୀମ ବାରିଧିରେ ପ୍ରଗତିର ଇନ୍ଦ୍ରଧନୁ, ଆହା ! କି ଅନୁପମ ସମନ୍ୱୟ ନବୋନ୍ମେଷ ଓ ଅଗ୍ରଗତିର ।

ବଦଳିବ ରେଳନୀତି, ରୂପ, ଗତି, କାୟାକାନ୍ତି, ଯୁଗରୁ ଯୁଗାନ୍ତର, ଯାତ୍ରାରୁ ଯାତ୍ରାନ୍ତର ।  ତଥାପି ମୁଁ ରହିଥିବି ରେଳବାଇର ଚିରସହଚରୀ, ଅବିରାମ ରେଳଯାତ୍ରାର ନୀରବ ସାକ୍ଷୀ ହୋଇ, ପ୍ରତିଟି କାୟାକଳ୍ପର ସବୁଜ ସ୍ୱାକ୍ଷର ସାଜି ।  ତା'ନାମେ ମୋ ଅସ୍ମିତାକୁ ପାଇ, ବଞ୍ଚିଥିବି ମୁଁ 'ରେଳୱେ କ୍ରିପର୍' ହୋଇ ।

ଚେନ୍ନାଇ

ଭ୍ରାମ୍ୟଭାଷ୍ : ୯୮୮୪୧୩୪୯୮୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବି

ସୁନୀଲ କୁମାର ଅଗସ୍ତି



କବି କଁର୍ କଲମ୍ ଗାରେ
ଜୁନହାଁ ଫରଦ୍ କେତେ ତିଆର୍
ମୁନୁଷ୍ ପନର୍ ଧାରେ,,
କବି କଁର୍ କଲମ୍ ଗାର୍
ବିଟାଲ୍ ରାଜନିତିଏ କଁର୍ ମୁଡେ
ଆଏ ବିଜଲି ଗଖା କଁର୍ ମୁଡେ ଭାର୍,,
ପଡଲେ ସମିଆଁ ବେଲ୍ ଅବେଲ୍
ଅନ୍ ମୁନଷିଏ କଁର୍ ହାବଡେ ପଡି ପାର
ରହି ପାର ଅନ୍ଧାର୍ ଘରେ
ଲାଗି ଯିବା ତମର୍ ବେଁକେ ଫାଶୀ ଗଲେ,
ତବ୍'ଭି ପରବାଏ ନି
ତମର୍ କଲମର୍ ଗାର୍ ହେଉ ସତର୍ ଧାର୍
ବଜର୍ ହେଉ ହଜାର୍ ଗୁନା
ତମର୍ ସେ କଲମର୍ ନା' ଆଏ
ଅବଗା ତେଜ୍ ଖଣାର୍ ଧାର୍,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋର୍ ଗାଁ

ହରିଶ୍ ତାଣ୍ଡି



ଯେନ୍ ମାଟି ମୋର ଜନମ୍ କରମ୍
କାନ୍ଦିଥିଲି କୁଆଁ କୁଆଁ,
ଯାହାର ଧୂଳି ପାହା ଚାଲି ସିଖିଥିଲି
ଡାଖୁ ଥିଲି ମାଁ ମାଁ,
ସେଟା ଆଏ ମୋର୍ ଗାଁ
ସେଟା ଆଏ ମୋର୍ ଗାଁ ।

ଛୋଟ୍ ଦିନେ ଯେନ୍‌ମାଟି ଖେଲ୍‌କୁଦ୍
ଲୁକ୍ ଲୁକାନି ବର୍ କନିଆଁ,
କେତେ ରୁଷାଫୁଲା ଲାଡଗେଲ ଫେର୍
ଡାଖୁଥିସି ମତେ ଆ ଆ ,
ସେଟା ଆଏ ମୋର୍ ଗାଁ
ସେଟା ଆଏ ମୋର୍ ଗାଁ ।

ସାଗୁଆ ଧର୍‌ତୀ କ୍ଷେତ୍ ଖଲା ମୋର୍
ଜଙ୍ଗଲ୍ ପାହାଡ୍ ନଲିଆ ,
କୂଇଲିର୍ ଗୀତେ ନାଚିଝୁମି ହଁସେ
ସରଗ୍ ସୁନ୍ଦର୍ ଯେନ୍ ଦୁନିଆଁ,
ସେଟା ଆଏ ମୋର୍ ଗାଁ
ସେଟା ଆଏ ମୋର୍ ଗାଁ ।

ଇ ମାଟିର୍ ଯେତେ ଇତିହାସ୍ ଅଛେ
ଶୁନ୍‌ଲେ କର୍‌ବୁ ଆଁ,
ଖୁଜ୍‌ଲେ ହେଲେ ଭୂଗୋଳ ବହିଥି

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ନାଇଁ ମିଲେ ଯା'ର୍ ନାଁ,
ସେଟା ଆଏ ମୋର୍ ଗାଁ
ସେଟା ଆଏ ମୋର୍ ଗାଁ ।

ଯେନ୍ ମା' ମାଟିର୍ କୂଳେ ସୁଇଦିନେ
ଛାଡିଯିମି ଇ ଦୁନିଆଁ,
ବୁହିନେବେ ମତେ ମଶାନ୍ ପଦାକେ
ଲଗେଇ ଦେବେ ଯେ'ନ ନିଆଁ,
ସେଟା ଆଏ ମୋର୍ ଗାଁ
ସେଟା ଆଏ ମୋର୍ ଗାଁ ।

ସାଲେପାଲି, ଗଜବନ୍ଧ, ସୁବର୍ଣ୍ଣପୁର
ମୋ-୮୦୧୮୪୦୫୨୮୭


Listen to Odia Podcast Original at https://youtube.com/@drjyotiprasad

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇବୋଲା ସଂକ୍ରମଣ ଓ ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା

ଡା ରାଜକିଶୋର ପଣ୍ଡା



କଙ୍ଗୋ ନଦୀକୁ ଦୁନିଆର ବିଶାଳତମ ଓ ଗଭୀରତମ ନଦୀମାନଙ୍କ ମଧ୍ୟରେ ଗଣାଯାଇଥାଏ । ଏହାର ଏକ ପାଖରେ ଅଛି କଙ୍ଗୋ ଗଣରାଜ୍ୟର ରାଜଧାନୀ "ବ୍ରାଜ୍‌ଭିଲ୍" ଓ ଅନ୍ୟ ପାଖରେ ଅଛି କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟର ରାଜଧାନୀ "କିନ୍‌ଶାସା" । ଦୁନିଆରେ ଏପରି ଦୃଶ୍ୟ ବିରଳ, ଯେଉଁଠାରେ ଦୁଇଦେଶର ରାଜଧାନୀ, ପରସ୍ପରର ଠିକ୍ ସମ୍ମୁଖରେ ବିଦ୍ୟମାନ ଅଛନ୍ତି । "କିନ୍‌ଶାସା" ପୃଥିବୀର ସବୁଠାରୁ ଦରିଦ୍ର, ସଂଘର୍ଷରତ ଓ ଅସ୍ଥିର ଦେଶମାନଙ୍କ ମଧ୍ୟରୁ ଗୋଟିଏର ରାଜଧାନୀ ବୋଲି ମଧ୍ୟ ଆମେ କହିପାରିବା । ଏହି ଦେଶ ଓ ଏହାର ପଡ଼ୋଶୀ ଦେଶ "ଉଗାଣ୍ଡା"ରେ ପୁଣିଥରେ "ଇବୋଲା ମହାମାରୀ"ର ପ୍ରତ୍ୟାବର୍ତ୍ତନ ଘଟିଛି, ଯାହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ବର୍ତ୍ତମାନ ଆନ୍ତର୍ଜାତିକ ସାର୍ବଜନୀନ ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ପରିସ୍ଥିତିର ଗୁରୁତ୍ୱ ଏପରି ଯେ, କୋଭିଡ୍ ପରେ, ଚଳିତ ଶତାବ୍ଦୀରେ ଆମେ ଇବୋଲା ସଂକ୍ରମଣକୁ ଦ୍ୱିତୀୟ ମହାମାରୀ ବୋଲି ବିବେଚନା କରିପାରିବା । ବର୍ତ୍ତମାନ ଇବୋଲା ଭାଇରସ୍ର ସଂକ୍ଷିପ୍ତ ପରିଚୟ, ଲକ୍ଷଣ ଓ ଇତିହାସ ଉପରେ ଆମେ ଆଲୋକପାତ କରିବା । ଇବୋଲା ଗୋଟିଏ ଆର.ଏନ.ଏ (RNA) ଭାଇରସ୍ ଅଟେ। ଏହା ପଶୁମାନଙ୍କଠାରୁ ମଣିଷକୁ ଆସିଥିବାରୁ ଏହାକୁ ଜୁନୋଟିକ୍ ଡିଜିଜ୍ ବୋଲି କୁହାଯାଇଥାଏ । ଯଦିଓ ଏପର୍ଯ୍ୟନ୍ତ ଏହା ସ୍ପଷ୍ଟ ହୋଇନାହିଁ, ଯେ କିପରି ଇବୋଲା ପଶୁଠାରୁ ମଣିଷକୁ ଆସିଲା, ଜୀବବିଜ୍ଞାନୀ ମାନଙ୍କର ମତ ଅନୁସାରେ, ମଣିଷ ସହ ଏହି ଭାଇରସ୍ ସଂକ୍ରମିତ ପଶୁର ସିଧାସଳଖ ସ୍ପର୍ଶ ହେତୁ ଏହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ଭବ ହୋଇଛି । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି, ଏହି ଭାଇରସର ଗୋଟିଏ ପ୍ରାକୃତିକ ଧାରକ ହେଉଛି "ବାଦୁଡ଼ି" । ବାଦୁଡ଼ି, ବିନା ସଂକ୍ରମଣ ଓ ବିନା କୌଣସି ଅସୁସ୍ଥତାରେ ଇବୋଲା ଭାଇରସକୁ ଧାରଣ କରିପାରେ । ଅତୀତରେ ଖାଦ୍ୟାଭାବ ହେତୁ କେନ୍ଦ୍ରୀୟ ଆଫ୍ରିକାରେ, ସ୍ଥାନୀୟ ଅଧିବାସୀମାନେ ବାଦୁଡ଼ି ଶିକାର କରି ଏହାକୁ ଖାଇଥିଲେ ଏବଂ ଏହା ଇବୋଲା ମହାମାରୀ ସୃଷ୍ଟି କରିଥିଲା । ଏହି ଭାଇରସ୍‌ଟିକୁ ଧାରଣ କରିଥିବା ବାଦୁଡ଼ିଦ୍ୱାରା ଆଂଶିକ ଖିଆ ଯାଇଥିବା ଫଳକୁ ବାବୁନ୍, ସିମ୍ପାଞ୍ଜି ଓ ଗରିଲା ଆଦି ସ୍ତନ୍ୟପାୟୀ ପଶୁମାନେ ସେବନ କରିଥାନ୍ତି । ଏହି ହେତୁ ସଂପୃକ୍ତ ପଶୁମାନେ ଏହି ଭାଇରସ୍‌ଦ୍ୱାରା ସଂକ୍ରମିତ ହୋଇଥାନ୍ତି ଓ ଏହାପରେ ଇବୋଲା ମଣିଷ ଶରୀରକୁ ଆସିଥାଏ । ଏହା ମଧ୍ୟ ଇବୋଲା ମଣିଷକୁ ସଂକ୍ରମିତ କରିବାର, ଗୋଟିଏ ପ୍ରମୁଖ କାରଣ ହୋଇପାରେ । ମଣିଷ ଶରୀରରେ ରୋଗ ସୃଷ୍ଟି କରୁଥିବା ଇବୋଲା ଭାଇରସର ଗୋଷ୍ଠୀକୁ ଆମେ ମୁଖ୍ୟତଃ ଚାରୋଟି ପ୍ରଜାତିରେ ବିଭକ୍ତ କରିପାରିବା । ସେଗୁଡ଼ିକ ହେଉଛି :- ବୁଣ୍ଡିବୁଗ୍ୟୋ ଇବୋଲା, ସୁଦାନ ଇବୋଲା, ତାଇ ଫରେଷ୍ଟ ଇବୋଲା ଓ ଜାଇରେ ଇବୋଲା । ଏଥି ମଧ୍ୟରୁ ଜାଇରେ ପ୍ରଜାତିର ସଂକ୍ରମଣ ସବୁଠାରୁ ଭୟଙ୍କର ଅଟେ ଓ ଏହି ପ୍ରଜାତିଟି ସବୁଠାରୁ ବେଶି ସଂଖ୍ୟକ ମହାମାରୀକୁ ସୃଷ୍ଟି କରିଥାଏ । ବର୍ତ୍ତମାନ ଦେଖାଦେଇଥିବା ସଂକ୍ରମଣଟି ବୁଣ୍ଡିବୋଗ୍ୟୋ ପ୍ରଜାତି ଦ୍ୱାରା ହୋଇଛି ।

ଇତିହାସ ଉପରେ ଦୃଷ୍ଟି ପକାଇଲେ, ୧୯୭୬ ମସିହାରେ ପ୍ରଥମେ ଇବୋଲା ଭାଇରସର ଆବିର୍ଭାବ ଏକା ସାଙ୍ଗରେ ଦକ୍ଷିଣ ସୁଦାନର "ଏନ୍‌ଜାରା" ନାମକ ସହର ଓ କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟର "ୟାମ୍ବୁକୁ" ନାମକ ଗ୍ରାମରେ ହୋଇଥିଲା । ଏହି "ୟାମ୍ବୁକୁ" ଗ୍ରାମଟି ଇବୋଲା ନଦୀ କୂଳରେ ଅବସ୍ଥିତ ଥିବାରୁ ନଦୀର ନାମ ଅନୁସାରେ ଭାଇରସ୍‌ଟିର ନାମ "ଇବୋଲା" ରଖାଯାଇଥିଲା । ବିଶ୍ୱର ପ୍ରଥମ ଇବୋଲା ସଂକ୍ରମଣ ଉପରୋକ୍ତ ଗ୍ରାମର ଗୋଟିଏ ପୁରୁଷକୁ ହୋଇଥିବାରୁ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇବୋଲା ସଂକ୍ରମଣର ସର୍ବପ୍ରଥମ କେସ୍ ବା "ଇଣ୍ଡେକ୍ସ କେସ୍" ବୋଲି ଚିହ୍ନଟ କରିଅଛି । କୌଣସି ମହାମାରୀରେ ପ୍ରଥମ ରୋଗୀକୁ "ଇଣ୍ଡେକ୍ସ କେସ୍" ବା "ପେସେଣ୍ଟ ଜିରୋ" ବୋଲି କୁହାଯାଇଥାଏ । ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୧୯୭୬ ରୁ ୨୦୧୨ ମଧ୍ୟରେ ଆଫ୍ରିକାରେ ପ୍ରାୟ ଚବିଶ ଥର ଇବୋଲା ମହାମାରୀ ଦେଖାଦେଇଛି, ଯେଉଁଥିରେ ପାଖାପାଖି ଅଢ଼େଇ ହଜାର ଲୋକ ସଂକ୍ରମିତ ହେବା ସହ ଷୋହଳଶହ ଜଣ ମୃତ୍ୟୁବରଣ କରିଛନ୍ତି । ସବୁଠାରୁ ବଡ଼ ଇବୋଲା ମହାମାରୀ ଦେଖାଦେଇଥିଲା ପଶ୍ଚିମ ଆଫ୍ରିକାରେ ଡିସେମ୍ବର ୨୦୧୩ରୁ ଜାନୁୟାରୀ ୨୦୧୬ ମଧ୍ୟରେ ଯେଉଁଥିରେ ଅଠେଇଶି ହଜାର ଲୋକ ସଂକ୍ରମିତ ହେବା ସହ ଏଗାର ହଜାର ଜଣ ମୃତ୍ୟୁବରଣ କରିଥିଲେ । ଜୁଲାଇ ୨୦୧୯ ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କଙ୍ଗୋର ଇବୋଲା ମହାମାରୀକୁ ଗମ୍ଭୀରତାର ସହ ନେବା ସହିତ ଏହାକୁ ବିଶ୍ୱସ୍ୱାସ୍ଥ୍ୟ ନିମନ୍ତେ ଜରୁରୀକାଳୀନ ବୋଲି ଘୋଷଣା କରିଥିଲେ ।

ଆସିବା ଏବେ ମଣିଷ ଶରୀରରେ ଏହାର ଲକ୍ଷଣକୁ । ଏହି ଭାଇରସରେ ଆକ୍ରାନ୍ତ ହେଲେ, ଯେଉଁ ଯେଉଁ ପ୍ରାରମ୍ଭିକ ଲକ୍ଷଣମାନ ମଣିଷଠାରେ ଦେଖାଯାଇଥାଏ ତାହା ହେଉଛି, ଜ୍ୱର, ଦୁର୍ବଳତା, ଭୋକ ନ ହେବା, ମାଂସପେଶୀରେ ପୀଡ଼ା, ଆଣ୍ଠୁଗଣ୍ଠିରେ ପୀଡ଼ା, ମୁଣ୍ଡବିନ୍ଧା ଓ ତଣ୍ଟିରେ ବ୍ୟଥା ଇତ୍ୟାଦି । ଉପରୋକ୍ତ ଲକ୍ଷଣ ଗୁଡ଼ିକର ପରେ ବାନ୍ତି, ଡାଇରିଆ ଆଦି ମଧ୍ୟ ହୋଇଥାଏ ଓ ଏହାଦ୍ୱାରା ଦେହରୁ ଜଳୀୟ ଅଂଶ କମିଯାଇଥାଏ । ଶରୀରରେ ଏକ ପ୍ରକାରର ଦାଗ ଦେଖାଯାଇଥାଏ, ଯାହାକୁ ଇଂରାଜୀରେ କୁହାଯାଏ "ମାକୁଲୋ ପାପୁଲାର୍ ରାସ୍" । ତେବେ ସବୁଠାରୁ ଘାତକ ଲକ୍ଷଣ ଇବୋଲା ସଂକ୍ରମଣର ହେଉଛି "ଅନ୍ତରୀଣ ଓ ବାହ୍ୟ ରକ୍ତସ୍ରାବ" ଯାହାକି ପ୍ରାରମ୍ଭିକ ଲକ୍ଷଣ ସବୁର ପାଞ୍ଚରୁ ସାତ ଦିନ ମଧ୍ୟରେ ଦେଖାଯାଇଥାଏ । ଏହାଦ୍ୱାରା ବାନ୍ତି, କଫ ଓ ମଳରେ ରକ୍ତ ପଡ଼ିଥାଏ । ସଂକ୍ରମିତ ରୋଗୀର ରକ୍ତ ଜମାଟ ବାନ୍ଧିବାର କ୍ଷମତାରେ ହ୍ରାସ ଘଟିବାରୁ ଏପରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଥାଏ । ସଂକ୍ରମିତ ତଥା ଲକ୍ଷଣ ଥିବା ବ୍ୟକ୍ତିଙ୍କର ରକ୍ତ, ଲାଳ, ବାନ୍ତି, ଝାଳ, ମଳ, ମୂତ୍ରଦ୍ୱାରା ଏହି ଭାଇରସ୍ ସୁସ୍ଥ ଲୋକଙ୍କୁ ଆକ୍ରାନ୍ତ କରେ । ଇବୋଲା ସଂକ୍ରମଣରେ ମୃତ୍ୟୁ ମୁଖ୍ୟତଃ ଜଳୀୟ ଅଂଶ ହ୍ରାସ ଯୋଗୁଁ ଘଟିଥାଏ, ଯାହାକି ହୋଇଥାଏ ପ୍ରାଥମିକ ଲକ୍ଷଣ ଦେଖାଯିବାର ଦଶରୁ ପନ୍ଦର ଦିନ ମଧ୍ୟରେ । ତେଣୁ ଏହାର ଚିକିତ୍ସାରେ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଏ । ବୈଶ୍ୱିକ ମହାମାରୀ ହେବାର ସମ୍ଭାବନା ବର୍ତ୍ତମାନ ପର୍ଯ୍ୟନ୍ତ ଇବୋଲାର ହୋଇନାହିଁ । ଯଦିଓ ଏହା ଗମ୍ଭୀର ରୋଗ କିନ୍ତୁ ଗୋଟିଏ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ସେତେବେଳେ ବ୍ୟାପିଥାଏ, ଯେତେବେଳେ ପ୍ରଥମଠାରେ ଲକ୍ଷଣମାନ ଥାଏ । ତେଣୁ ଭାରତ ତଥା ଅନ୍ୟ ଅପ୍ରଭାବିତ ଦେଶମାନଙ୍କ ପାଇଁ ତତ୍କାଳ କିଛି ବିପଦ ନାହିଁ, ମାତ୍ର ପ୍ରଶ୍ନ ଉଠୁଛି ଯେ ବୈଶ୍ୱିକ ସହଯୋଗ ଓ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ତତ୍ପରତା ସତ୍ତ୍ୱେ ଇବୋଲା ବାରମ୍ବାର ଫେରୁଛି କ'ଣ ପାଇଁ ? ଏହାର ଉତ୍ତର କେବଳ ସ୍ୱାସ୍ଥ୍ୟ ବିଜ୍ଞାନରେ ନୁହେଁ, ବରଂ ରାଜନୀତି, ଅର୍ଥ ବ୍ୟବସ୍ଥା ଓ ବୈଶ୍ୱିକ ଅସମାନତାରେ ନିହିତ ଅଛି । କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ, ପ୍ରାକୃତିକ ସମ୍ପଦ ଯେପରିକି ଖଣିଜ ଓ ଦୁର୍ଲଭ ଧାତୁରେ ଭରପୂର । ସାମ୍ପ୍ରତିକ ଜଗତର ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ଯେଉଁ ଖଣିଜ ପଦାର୍ଥ ଉପରେ ନିର୍ଭରଶୀଳ ସେଗୁଡ଼ିକ କଙ୍ଗୋରେ ପ୍ରଚୁର ପରିମାଣରେ ଅଛି । ଏହି ଖଣିଜ ସମ୍ପଦର ମୂଲ୍ୟ କିନ୍ତୁ କଙ୍ଗର ସ୍ଥାନୀୟ ଲୋକମାନଙ୍କୁ ଦେବାପାଇଁ ପଡୁଛି । ଖଣି ଖନନ, ଅରଣ୍ୟ ଧ୍ୱଂସ କରିବା ଦ୍ୱାରା ମନୁଷ୍ୟ ଓ ବନ୍ୟ ଜନ୍ତୁମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ହ୍ରାସ ପାଉଛି । ଏହା ଫଳରେ ମନୁଷ୍ୟଠାରେ ଏପରି ସବୁ ରୋଗ ଦେଖାଯାଉଛି, ଯାହାକି ଆଗରୁ କେବଳ ପଶୁମାନଙ୍କ ମଧ୍ୟରେ ସୀମିତ ଥିଲା । ବୈଜ୍ଞାନିକମାନେ ମଧ୍ୟ ଦୀର୍ଘ ସମୟ ଧରି ଚେତାବନୀ ଦେଇ ଆସିଛନ୍ତି କି, ପରିବେଶକୁ ବିନାଶ କରିବା ପ୍ରକ୍ରିୟା ନୂଆ ମହାମାରୀକୁ ସୃଷ୍ଟି କରିବାର ପ୍ରମୁଖ କାରଣ ହେବ । ଉଦାହରଣ - ଇବୋଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଫ୍ରିକାର କିଛି ଦେଶ, ବିଗତ ବର୍ଷମାନଙ୍କରେ ନୂଆ ସଂକ୍ରମଣର ଉପତ୍ତିସ୍ଥଳ ପାଲଟିଛନ୍ତି । ଏମାନଙ୍କ ମଧ୍ୟରୁ ଇବୋଲା ସବୁଠାରୁ ଭୟାବହ । ଏହା ଏପରି ଏକ ରୋଗ ଯାହା ପାଇଁ ସବୁଠାରୁ ଅଧିକ ଥର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ତେଣୁ ଏଠାରେ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି ଏତେଥର ଇବୋଲାକୁ ନେଇ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି, ତାହାହେଲେ ଏହାର ସ୍ଥାୟୀ ପ୍ରତିକାର କାହିଁକି କରାଯାଉନାହିଁ? ଏହାର ଉତ୍ତର ହେଉଛି କି ସଙ୍କଟ ଆସିଲେ ବିଶ୍ୱର ସ୍ୱାସ୍ଥ୍ୟ ସଙ୍ଗଠନମାନେ ସକ୍ରିୟ ହୋଇଯାଆନ୍ତି କିନ୍ତୁ ସେମାନେ ସଙ୍କଟର ମୂଳୋତ୍ପାଟନ ପାଇଁ ଆବଶ୍ୟକୀୟ ନିବେଶ କରନ୍ତି ନାହିଁ । ଯେଉଁ ଦେଶରେ ବାରମ୍ବାର ଇବୋଲା ମହାମାରୀ ହେଉଅଛି, ସେହି ଦେଶଗୁଡ଼ିକ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ । ନାଁ ସେଠାରେ ଅଛି ଅତ୍ୟାଧୁନିକ ପରୀକ୍ଷାଗାର ନାଁ ଅଛନ୍ତି ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ । ସେଠାକାର ଗ୍ରାମୀଣ ପରିବେଶରେ ସ୍ୱାସ୍ଥ୍ୟସେବା ନାହିଁ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଆହୁରି ମଧ୍ୟ ଆଫ୍ରିକାର ଅଧିକାଂଶ ଦେଶ ଜାତୀୟ ସଂଘର୍ଷ ଓ ରାଜନୈତିକ ଅସ୍ଥିରତା ମଧ୍ୟ ଦେଇ ଗତି କରୁଛନ୍ତି । ଇବୋଲା ମହାମାରୀ ଆସିଲେ ସମଗ୍ର ବିଶ୍ୱ ହଠାତ୍ ଚିନ୍ତିତ ହୋଇପଡ଼ିଥାଏ, ସଂପୃକ୍ତ ଦେଶକୁ ଆନ୍ତର୍ଜାତିକ ଟିମ୍ମାନେ ଯାଇଥାନ୍ତି ଓ ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଇଥାଏ । ଏହାପରେ କିନ୍ତୁ ସଂକ୍ରମଣ କମିଲେ, ଦୁନିଆର ଧ୍ୟାନ ମଧ୍ୟ କମିଯାଇଥାଏ । କିଛିବର୍ଷ ପରେ ପୁନର୍ବାର ଏହି ଚକ୍ର ଆରମ୍ଭ ହୋଇଥାଏ - ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି, ଅସ୍ଥାୟୀ ସକ୍ରିୟତା ଓ ବିସ୍ମୃତି । କେବଳ ଇବୋଲା କ୍ଷେତ୍ରରେ ଏହା ହୋଇନାହିଁ । ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସେହି ପ୍ରବୃତ୍ତିକୁ ଦର୍ଶାଉଛି, ଯେଉଁଥିରେ ଗରିବ ଦେଶମାନଙ୍କୁ ପ୍ରଭାବିତ କରୁଥିବା ରୋଗମାନଙ୍କୁ ସେ ପର୍ଯ୍ୟନ୍ତ ଗମ୍ଭୀରତାର ସହ ନିଆହୁଏ ନାହିଁ, ଯେତେବେଳେ ପର୍ଯ୍ୟନ୍ତ ସେମାନେ ଧନୀ ଦେଶମାନଙ୍କର ସୀମାରେ ପହଞ୍ଚିନଥାନ୍ତି । ଏହାର ସଦ୍ୟ ଉଦାହରଣ - "ମଙ୍କିପକ୍ସ" ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୀର୍ଘ ବର୍ଷ ଧରି ଏହା ଆଫ୍ରିକାରେ ସୀମିତ ଭାବରେ ବ୍ୟାପୁଥିଲା କିନ୍ତୁ ୨୦୨୨ରେ ଯେବେ ଏହା ୟୁରୋପ ଓ ଆମେରିକାକୁ ପ୍ରବେଶ କଲା, ଏହାକୁ ନେଇ ଆନ୍ତର୍ଜାତିକ ସମୁଦାୟ ଚିନ୍ତିତ ହୋଇ ପଡ଼ିଲା । ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥାନଗୁଡ଼ିକ ଏତେ ସମୟ ପର୍ଯ୍ୟନ୍ତ ଅପେକ୍ଷା କଲେ କ'ଣ ପାଇଁ ?

ଅନ୍ୟ ଏକ ଚିନ୍ତାଜନକ ପ୍ରସଙ୍ଗ ହେଉଛି ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ପାଣ୍ଠି ବ୍ୟବସ୍ଥା । ସାରା ବିଶ୍ୱ ଆଶା କରେ ଯେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ, ମହାମାରୀର ଉଚିତ୍ ନିୟନ୍ତ୍ରଣ କରୁ । ସଙ୍ଗଠନ ମଧ୍ୟ ମହାମାରୀ ଗୁଡ଼ିକରେ ସଂକ୍ରମଣ ନିୟନ୍ତ୍ରଣ, ଟୀକାର ବିକାଶ ପାଇଁ ପଦକ୍ଷେପମାନ ନେଉଅଛି କିନ୍ତୁ ଏଥିରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି ପାଣ୍ଠି । ସାଧାରଣତଃ ବିକଶିତ ଦେଶ ଯେପରିକି ଯୁକ୍ତରାଷ୍ଟ୍ର ଓ ବ୍ରିଟେନ ହିଁ ଏଥିପାଇଁ ସିଂହଭାଗ ପାଣ୍ଠି ଯୋଗାଇଥାନ୍ତି । ଏବେ କିନ୍ତୁ ଆମେରିକା ଏହି ପାଣ୍ଠିର ପରିମାଣକୁ ହ୍ରାସ କରିଛି, ଯାହାକି ଚିନ୍ତାଜନକ । ଯଦି ବିଶ୍ୱ ବାସ୍ତବରେ ଇବୋଲା ଭଳି ରୋଗମାନଙ୍କୁ ରୋକିବା ପାଇଁ ଚାହୁଁଛି, ତାହା ହେଲେ ତା'କୁ ସ୍ୱାସ୍ଥ୍ୟ ବିତ୍ତ ବ୍ୟବସ୍ଥାକୁ ଅଧିକ ସ୍ଥାୟୀ, ପାରଦର୍ଶୀ ଓ ନ୍ୟାୟପୂର୍ଣ୍ଣ କରିବା ପାଇଁ ପଡ଼ିବ ।

ପରିଶେଷରେ ଉଲ୍ଲେଖ କରି ପ୍ରବନ୍ଧଟିକୁ ଶେଷ କରିବି ଯେ, କୌଣସି ଧନୀ ଦେଶକୁ ପ୍ରଭାବିତ ନ କଲେ ମଧ୍ୟ, ଗରିବ ଦେଶମାନଙ୍କରେ ଦେଖାଯାଉଥିବା ରୋଗମାନଙ୍କୁ ଯଥେଷ୍ଟ ପ୍ରାଥମିକତା ଦିଆଯାଉ । ଇବୋଲାର ବାରମ୍ବାର ଫେରିବା କେବଳ ଭାଇରସ୍‌ଟିର ପ୍ରତ୍ୟାବର୍ତ୍ତନ ମାତ୍ର ନୁହେଁ ବରଂ ଏହା ପ୍ରମାଣ କରୁଛି କି ଆଜି ମଧ୍ୟ ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭେଦଭାବପୂର୍ଣ୍ଣ ।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଓଜନ କମାଇବା ପାଇଁ ଶାକାହାରୀ ଖାଦ୍ୟ

ମଧୁସ୍ମିତା ସାହୁ



ଆଜିକାଲି ପ୍ରାୟତଃ ସମସ୍ତଙ୍କର ଏକ ମୁଖ୍ୟ ସମସ୍ୟା ହେଉଛି ଓଜନ ବଢିବା । ସମସ୍ତେ ଚାହାନ୍ତି ସୁସ୍ଥ, ସୁନ୍ଦର ଓ ଫିଟ୍ ରହିବାକୁ । ହେଲେ ସମସ୍ତଙ୍କ ଖାଦ୍ୟପେୟ ସମାନ ନଥାଏ । କେହି କେହି ଲୋଭ ସମ୍ଭାଳି ନପାରି ମାତ୍ରାଧିକ ଚର୍ବିଯୁକ୍ତ ଖାଦ୍ୟ ଖାଇଥାଆନ୍ତି ଯାହା ଫଳରେ ଚର୍ବି ବଢିବା ସହ ଓଜନ ବଢିଥାଏ ଏବଂ ପେଟ ମଧ୍ୟ ବାହାରିଥାଏ । ଯଦି ଆପଣ ଅଳ୍ପ ପରିଶ୍ରମ ଏବଂ କମ୍ ସମୟରେ ନିଜର ଓଜନ କମାଇବା ସହ ପେଟକୁ ମଧ୍ୟ କମ୍ କରିବାକୁ ଚାହୁଁଛନ୍ତି ତେବେ ଆପଣାନ୍ତ କିଛି ସହଜ ଉପାୟ ଯାହା ଦ୍ୱାରା ଖୁବ୍ କମ୍ ଦିନରେ ଓ କମ୍ ପରିଶ୍ରମରେ ଆପଣଙ୍କ ଓଜନ କମିବା ସହ ପେଟ ମଧ୍ୟ କମିଯିବ ।

ତେବେ ଆସନ୍ତୁ ଜାଣିବା ଓଜନ କମାଇବାର କିଛି ସହଜ ଉପାୟ:

**ଅଧିକରୁ ଅଧିକ ପାଣି ପିଅନ୍ତୁ :** ଆପଣ ନିଶ୍ଚିତ ଜାଣିଥିବେ ଅଧିକ ପାଣି ପିଇବା ଶରୀର ପାଇଁ କେତେ ଉପକାରୀ । ଯଦି ଆପଣ ପାଣିକୁ ଠିକ ସମୟରେ ପିଇବେ ତେବେ ଏହା ଆପଣଙ୍କ ଓଜନକୁ କମ୍ କରିବାରେ ସାହାଯ୍ୟ କରିବ । ଆପଣ ପ୍ରତିଦିନ ସକାଳ ଦୁଇଗ୍ଲାସ ଗରମ ପାଣିରେ ଲେମ୍ବୁ ମିଶାଇ ପିଅନ୍ତୁ ଏହା ଆପଣଙ୍କ ହଜମ ଶକ୍ତିକୁ ବଢାଇଥାଏ ।

ଏହା ଆପଣଙ୍କ ଶରୀରର ମୋଟାବେଲିଜିୟମ ଶକ୍ତିକୁ ମଧ୍ୟ ବଢାଇଥାଏ । ମନେ ରଖିବେ ଖାଇବା ସମୟରେ କେବେହେଲେ ପାଣି ପିଅନ୍ତୁ ନାହିଁ, ଏହା ଶରୀର ପାଇଁ ଉପକାରୀ ନୁହେଁ । ଦିନକୁ ଅତି କମ୍‌ରେ ୪ ଲିଟର ପାଣି ପିଇବା ଆବଶ୍ୟକ । ଯଦି ୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲିଟର ପାଣି ପିଇ ପାରୁନାହାନ୍ତି । ତେବେ ୧୦ ଗ୍ଲାସ ପାଣି ପିଇବା ନିହାତି ଆବଶ୍ୟକ । .

**ସବୁଜ ପନିପରିବା ଖାଆନ୍ତୁ** : ସବୁବେଳେ ବାହାର ଖାଦ୍ୟଠାରୁ ଦୂରେଇ ରୁହନ୍ତୁ । ନିତିଦିନିଆ ଖାଦ୍ୟରେ ଫଳକୁ ସାମିଲ କରନ୍ତୁ । ଓଜନଯୁକ୍ତ ଖାଦ୍ୟ ଖାଇବା ଅପେକ୍ଷା ଫଳ ଖାଇଲେ ଶରୀରକୁ ଭିଟାମିନ୍ ମିଳିବା ସହ ଓଜନ କମିଥାଏ ।

**ଦିନକୁ ୩ ଥର ଖାଦ୍ୟ ଖାଆନ୍ତୁ** : ଉଚିତ ସମୟରେ ଦିନକୁ ଅତିକମ୍‌ରେ ୩ ଥର ଖାଦ୍ୟ ଖାଆନ୍ତୁ । ଅଧିକଥର ଖାଦ୍ୟ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ସଠିକ୍ ରୂପେ ହୋଇ ନଥାଏ ଏବଂ ଚର୍ବି ଶରୀରରେ ଜମାଟ ବାନ୍ଧିଯାଏ ଯାଦ୍ୱାରା ଓଜନ ବଢିଯାଏ । ସର୍ବଦା ରାତ୍ରିର ଖାଦ୍ୟକୁ ଅଳ୍ପ ଗ୍ରହଣ କରନ୍ତୁ ।

**ଶୋଇବା ଅଭ୍ୟାସକୁ ବଦଳାନ୍ତୁ** : ଦିନକୁ ଅତିକମ୍‌ରେ ୭ରୁ ୮ ଘଣ୍ଟା ଶୁଅନ୍ତୁ । ଏହାଠାରୁ ଅଧିକ ଶୋଇବା ମଧ୍ୟ ଓଜନ ବଢିବାର ଅନ୍ୟ ଏକ ମାଧ୍ୟମ ହୋଇଥାଏ ।

ସକାଳ ସମୟରେ ପ୍ରାୟତଃ ଦୁଇରୁ ତିନି କିଲୋମିଟର ଦୈନନ୍ଦିନ ଚାଲିବା ଅଭ୍ୟାସ କରିବା ସହିତ କପାଳଭାତି, ଅନୁଲୋମ ବିଲୋମ, ମଣ୍ଡୁକାସନ, ସୂର୍ଯ୍ୟ ନମସ୍କାର ୫-୭ଥର, ଏପରି ବହୁତ ଆସନ ଓ ପ୍ରାଣାୟମ କରିବା ଫଳରେ ନିଜର ଓଜନ କମାଇବା ସହଜ ସାଧ୍ୟ ହୋଇଥାଏ । ଜଗିଙ୍ଗ, ମିଶ୍ର ଦଣ୍ଡ, ୧୨ପ୍ରକାର ଦଣ୍ଡ ଓ ଆଠ ପ୍ରକାର ବୈଠକର ପୂର୍ଣ୍ଣ ଅଭ୍ୟାସ କରି ମେଦବହୁଳତାକୁ ଦୂର କରିପାରିବା ।

ଲାଉ

ଅମୃତଭଣ୍ଡା

ମେଥି

ତରଭୁଜ

ଟମାଟୋ

ସେଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସପୁରୀ

କାକୁଡି

ଗଜାମୃଗ

ଗଜାବୁଟ

ଅଦା

କଳାଅଙ୍ଗୁର

ଶୁଣ୍ଠି

ଦଲିଆ

ଭୃସଙ୍ଗପତ୍ର

ଇତ୍ୟାଦି ଯେ କୌଣସି ଖାଦ୍ୟ ସାମଗ୍ରୀ ସେବନ କରି ଓଜନ ହ୍ରାସ କରି ପାରିବେ ।

ବଜାରରେ ସୁଲଭ ଦରରେ ଓଜନ କମାଇବା ପାଇଁ ଔଷଧ ଓ କନିକା ମିଳୁଛି ତାହା ଶରୀରକୁ ପ୍ରଚୁର ମାତ୍ରାରେ କ୍ଷତି କରିଥାଏ । ଏଣୁ ସେଗୁଡିକ ସେବନ ପରିବର୍ତ୍ତେ ଉପରୋକ୍ତ ଲେଖାକୁ ଅନୁସରଣ କରି କାର୍ଯ୍ୟକାରୀ ନିଜକୁ ସୁସ୍ଥ ରଖିବା ଉଚିତ ।

ମଧୁସ୍ମିତା ସାହୁ

ବ୍ରହ୍ମା ନଗର ପ୍ରଥମ ଗଳି

ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ, ଓଡ଼ିଶା

ମୋ–୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad